# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୯/୨୦୨୬ (୧୬ ପୃଷ୍ଠା) Bhubaneswar, Monday, March 9 /2026 Page 16 ₹ 7.00

୫୨ଶ ଭାଗ ୧୦୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 103 ମୂଲ୍ୟ ₹୭/-






KP
GROUP
Quality Since 1965
ସଫଳ ଲୋକଙ୍କ ପ୍ରଥମ ପସନ୍ଦ
Safal
ପାନ ମସଲା
ପଲ୍ ପଲ୍ ସଫଲ୍
NEW PACK
CELEBRATING 60 YEARS
TM
Safal
PAN MASALA
No Tobacco, No Nicotine
•Not recommended for minors
•Chewing of pan masala is injurious to health

# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୯/୨୦୨୬ | Bhubaneswar, Monday, March 9 /2026 | ପୃଷ୍ଠା-୧




## ମୋଜ୍‌ତାବା ଖାମେନେଇ ନେଇପାରନ୍ତି ନେତୃତ୍ୱ

ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ପୁଅ ମୋଜ୍‌ତାବା ହୋସେନି ଖାମେନେଇ ନୂଆ ନେତା ହୋଇପାରନ୍ତି।

୦୮

୧୧

## ରସେଲ ଜିତିଲେ ଅଷ୍ଟ୍ରେଲିଆନ ଗ୍ରାଁପ୍ରି

ସିଜନ ଆରମ୍ଭ ଅଷ୍ଟ୍ରେଲିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍‌ ଜିତିଛନ୍ତି ମର୍ସିଡିଜ୍‌ର ଜର୍ଜ ରସେଲ ।





ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ବିଜୟୀ ହେବା ପରେ ଟି୨୦ ବିଶ୍ୱକପ ଟ୍ରଫି ସହ ଭାରତୀୟ ଦଳ ।

# ଇରାନ୍ ରାଷ୍ଟ୍ରପତି-ଆଇଆରଜିସି ଫାଟ

ମଧ୍ୟପ୍ରାଚ୍ୟ ଯୁଦ୍ଧ ରବିବାର ୯ମ ଦିନରେ ପହଞ୍ଚିଥିବାବେଳେ ଇରାନ୍ ରାଷ୍ଟ୍ରପତି ମସୌଦ ପେଜେଶ୍‌କିଆନ୍ ଓ ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ମଧ୍ୟରେ ଫାଟ ଦୃଶ୍ୟମାନ ହୋଇଛି। ଆମେରିକା-ଇସ୍ରାଏଲ୍‌ର ମିଳିତ ଆକ୍ରମଣରେ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ନିହତ ହେବା ପରେ ନୂଆ ନେତାଙ୍କୁ ଚୟନ କରାଯାଇପାରି ନ ଥିବାରୁ ସୃଷ୍ଟ ରାଜନୈତିକ ଶୂନ୍ୟସ୍ଥାନ ପୂରଣ ହୋଇ ପାରିନାହିଁ। ଉତ୍ତେଜନା ହ୍ରାସ ପାଇଁ ରାଷ୍ଟ୍ରପତି ପେଜେଶ୍‌କିଆନ୍ ପଡ଼ୋଶୀ ଉପସାଗରୀୟ ରାଷ୍ଟ୍ରଗୁଡ଼ିକୁ କ୍ଷମା ମାଗିଥିବାବେଳେ ଶତ୍ରୁପକ୍ଷଙ୍କୁ ଆଇଆର୍‌ଜିସି କଡ଼ା ଜବାବ ଦେଇଚାଲିଛି। ଏପରି କି ଉକ୍ତ ପଶ୍ଚିମ ଏସୀୟ ଇସ୍‌ଲାମିକ୍ ସାଧାରଣତନ୍ତ୍ରର ସାମରିକ ନେତୃତ୍ୱ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା ଧମକ ଦେବାକୁ ପଛାଉନାହାନ୍ତି। ଟ୍ରମ୍ପଙ୍କ ଦାବି ଓ ଚାପ ଆଗରେ ସେନା ଓ ଅର୍ଦ୍ଧସାମରିକ ବଳ ମୁଣ୍ଡ ନୁଆଁଇବାକୁ ରାଜି ନୁହେଁ। ତେଣୁ ସାମରିକ ବାହିନୀ ଉପରୁ ରାଷ୍ଟ୍ରପତି ନିଜ କର୍ତ୍ତୃତ୍ୱ ହରାଇଛନ୍ତି ବୋଲି କୁହାଯାଇପାରେ। ଇରାନ୍‌ର ରାଜନୈତିକ ବ୍ୟବସ୍ଥା ଓ ଶକ୍ତିଶାଳୀ ସାମରିକ ପ୍ରତିଷ୍ଠାନ ମଧ୍ୟରେ ଏକ ଗଭୀର ଢାଞ୍ଚାଗତ ସଂଘର୍ଷ ଜାରି ରହିଥିବା ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି।

### ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟ

ତେହରାନ୍/ ୱାଶିଂଟନ୍, ୮।୩ (ଗାର୍ଡିଆନ୍/ଏପି/ ରଏଟର୍ସ)

ଆମେରିକା ଓ ଇସ୍ରାଏଲ୍ ପକ୍ଷରୁ ଇରାନ୍‌ର ବିଭିନ୍ନ ଭାଗରେ ଆକାଶମାର୍ଗରୁ ମିଳିତ ଆକ୍ରମଣ ଜାରି ରହିଥିବାବେଳେ ଇରାନ୍‌ର ଶକ୍ତିଶାଳୀ ଅର୍ଦ୍ଧସାମରିକ ବଳ ଆଇଆର୍‌ଜିସି ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ସେନାଘାଟିଗୁଡ଼ିକୁ ଟାର୍ଗେଟ କରୁଛି। ଏହାକୁ ନେଇ ଇରାନ୍ ରାଷ୍ଟ୍ରପତି ମସୌଦ୍ ପେଜେଶ୍‌କିଆନ୍ ପଡ଼ୋଶୀ ଦେଶଗୁଡ଼ିକୁ ଶନିବାର କ୍ଷମା ମାଗିଥିଲେ। ସେ କହିଥିଲେ, ଉପସାଗରୀୟ ରାଷ୍ଟ୍ରଗୁଡ଼ିକ ନିଜ ଭୂଖଣ୍ଡକୁ ଇରାନ୍ ବିରୋଧରେ ବ୍ୟବହାର ପାଇଁ ସୁଯୋଗ ନ ଦେବା ପର୍ଯ୍ୟନ୍ତ ତେହରାନ୍ ସେମାନଙ୍କ ଉପରେ ଆକ୍ରମଣ କରିବନାହିଁ। ତାଙ୍କର ଏପରି ଆକସ୍ମିକ କ୍ଷମା ଯାଚନାକୁ ସାମରିକ ନେତାମାନେ ବିରୋଧ କରିଛନ୍ତି। ନୂଆ ସୁପ୍ରିମ ଲିଡର ଚୟନ ନ ହେବା ପର୍ଯ୍ୟନ୍ତ ରାଷ୍ଟ୍ରପତି ଇରାନ୍‌ର ରାଷ୍ଟ୍ରମୁଖ୍ୟ ଥିବାରୁ ଯଥାଶୀଘ୍ର ସମ୍ଭବ ଖାମେନେଇଙ୍କ ☞ପୃଷ୍ଠା-୨

# ଭାରତ ବିଶ୍ୱ ବିଜୟୀ

## ଟି୨୦ ବିଶ୍ୱକପ କ୍ରିକେଟ

- ନ୍ୟୁଜିଲାଣ୍ଡକୁ ୯୬ ରନରେ ହରାଇଲା
- ଟାଇଟଲ ବଜାୟ ରଖି ଇତିହାସ ରଚିଲା

ଅହମଦାବାଦ, ୮।୩

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଦେଶବାସୀଙ୍କୁ ଟି୨୦ ବିଶ୍ୱକପ ବିଜୟ ଭେଟି ଦେଇଛି ଟିମ୍ ଇଣ୍ଡିଆ। ଅହମଦାବାଦସ୍ଥିତ ବିଶ୍ୱର ସବୁଠାରୁ ବଡ଼ କ୍ରିକେଟ ଷ୍ଟାଡିୟମରେ ଲକ୍ଷାଧିକ ଦର୍ଶକଙ୍କ ସମ୍ମୁଖରେ ବିଶ୍ୱକପ ବିଜୟୀ ହୋଇ ଇତିହାସ ରଚିଛି ଭାରତ। ଏକାଧିକ ରେକର୍ଡ ସହ ବିଶ୍ୱର ପ୍ରଥମ ଦଳ ଭାବେ କ୍ରମାଗତ ଟି୨୦ କ୍ରିକେଟ ବିଶ୍ୱକପ ଟାଇଟଲ ହାସଲ କରିଛି ଭାରତୀୟ ଦଳ। ପୂର୍ବରୁ ୨୦୦୭ ଓ ୨୦୨୪ରେ ଭାରତ ଚାମ୍ପିୟନ ହୋଇଥିଲା। ମାତ୍ର ଏଥର ଘରୋଇ ମାଟିରେ ଚାମ୍ପିୟନ ହୋଇ ନୂଆ ଉଦାହରଣ ସୃଷ୍ଟି କରିଛି ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଦଳ। ରବିବାର ଅନୁଷ୍ଠିତ ଫାଇନାଲରେ ନ୍ୟୁଜିଲାଣ୍ଡକୁ ୯୬ ରନରେ ହରାଇ ଐତିହାସିକ ସଫଳତା ଲାଭ କରିଛି ଭାରତ। ସଞ୍ଜୁ ସାମସନ, ଅଭିଷେକ ଶର୍ମା ଓ ଇଶାନ କିଶନଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଭାରତ ୨୦ ଓଭରରେ ୫ ଉଇକେଟ ହରାଇ ୨୫୫ ରନ୍ କରିଥିଲା। କୌଣସି ଟି୨୦ ବିଶ୍ୱକପ ଫାଇନାଲରେ ଏହାଥିଲା ସର୍ବାଧିକ ସ୍କୋର। ତେବେ ଓଭରଅଲ୍ ଟି୨୦ ଅନ୍ତର୍ଜାତୀୟରେ ଏହା ତୃତୀୟ ସର୍ବାଧିକ। ୨୦୦୭ରେ କେନିଆ ବିପକ୍ଷରେ ଶ୍ରୀଲଙ୍କା ୨୬୦/୬ ଓ ୨୦୨୬ରେ ଜିମ୍ବାୱେ ବିପକ୍ଷରେ ଭାରତ ୨୫୬/୪ କରିଥିଲା। ୨୫୬ ରନ୍ ବିଜୟ ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇଥିବା ନ୍ୟୁଜିଲାଣ୍ଡ ୧୯ ଓଭରରେ ୧୫୯ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଫଳରେ ୨୦୨୧ ସଂସ୍କରଣ ପରି ଏଥର ମଧ୍ୟ ଏହି ବ୍ଲାକ୍‌କ୍ୟାପ ଦଳ ରନରଅପ୍‌ରେ ସନ୍ତୁଷ୍ଟ ହୋଇଛି। ଏଥିସହ ଟି୨୦ ବିଶ୍ୱକପରେ ୩ଥର ଚାମ୍ପିୟନ ହୋଇ ସର୍ବାଧିକ ସଫଳ ଦଳ ହୋଇଯାଇଛି ଟିମ୍ ଇଣ୍ଡିଆ।

କୌଣସି ଟି୨୦ କ୍ରିକେଟ ବିଶ୍ୱକପ୍‌ର ଫାଇନାଲରେ ସର୍ବାଧିକ ରନ ଚେଜ୍‌ର ଟାର୍ଗେଟ ପାଇଥିବା ନ୍ୟୁଜିଲାଣ୍ଡ ଆରମ୍ଭରୁ ଚାପର ବଶବର୍ତ୍ତୀ ☞ପୃଷ୍ଠା-୨



ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ
ସଞ୍ଜୁ ସାମ୍‌ସନ

### ରେକର୍ଡ୍‌ସ

- ପ୍ରଥମ ଦଳ ଭାବେ ତୃତୀୟ ବିଶ୍ୱକପ୍ ବିଜୟ
- ଟି୨୦ ବିଶ୍ୱକପ୍ ଫାଇନାଲରେ ସବୁଠୁ ବଡ଼ ବିଜୟ
- ୧୮ ବଲରେ ଅଭିଷେକଙ୍କ ଅର୍ଦ୍ଧଶତକ
- ଟପ୍-୩ ବ୍ୟାଟର ଅର୍ଦ୍ଧଶତକ କରିବା ପ୍ରଥମ ଘଟଣା
- ସଞ୍ଜୁ ସାମ୍‌ସନ୍ ଲଗାତର ୩ ମ୍ୟାଚ୍‌ରେ ଅର୍ଦ୍ଧଶତକ
- ଫାଇନାଲରେ ସର୍ବାଧିକ ସ୍କୋର
- ଫାଇନାଲରେ ସାମ୍‌ସନଙ୍କ ସର୍ବାଧିକ ସ୍କୋର



ପ୍ଲେୟର ଅଫ୍ ଦି ମ୍ୟାଚ୍
ଯଶପ୍ରୀତ ବୁମରା

# ଆଜିଠୁ ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ

## ୩୧ରେ ବ୍ୟୟମଞ୍ଜୁରୀ ବିଲ୍

ଭୁବନେଶ୍ୱର,୮।୩ (ରବିନାରାୟଣ ଜେନା)

ସପ୍ତଦଶ ବିଧାନସଭାର ଷଷ୍ଠ ତଥା ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ସୋମବାରଠାରୁ ଆରମ୍ଭ ହେବ। ଏହି ସମୟରେ ବିଭିନ୍ନ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ସହିତ ବ୍ୟୟମଞ୍ଜୁରୀ ବିଲ୍ ଆସିବ। ଏପ୍ରିଲ ୮ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଅଧିବେଶନ କାଳରେ ମାର୍ଚ୍ଚ ୩୧ରେ ୨୦୨୬-୨୭ ଆର୍ଥିକବର୍ଷ ଲାଗି ବ୍ୟୟ ମଞ୍ଜୁରୀ ବିଲ୍ ଆସିବ ବୋଲି ବିଧାନସଭା ପକ୍ଷରୁ ଜଣାଯାଇଛି।

ତଥ୍ୟ ଅନୁଯାୟୀ, ସୋମବାର ବିଭିନ୍ନ ବିଭାଗର ବିଧାନସଭା ସ୍ଥାୟୀ କମିଟିର ରିପୋର୍ଟ ଗୃହରେ ଉପସ୍ଥାପିତ ହେବ। ୧୦ରୁ ଗୃହ ସରଗରମ ରହିବ। ୧୦ରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଖର୍ଚ୍ଚଦାବି ଆଲୋଚନା ହେବାକୁ ରହିଛି। ରାଜ୍ୟରେ ଚାଷୀଙ୍କ ଧାନ ମଣ୍ଡିରୁ ଉଠୁ ନ ଥିବାକୁ ନେଇ ବିରୋଧୀ ସରକାରଙ୍କୁ ଅକଳରେ ପକାଇବାକୁ ଅଣ୍ଟା ଭିଡ଼ିଛନ୍ତି। ଏହାପରେ ୧୧ରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତିର ଆଲୋଚନା ହେବ। ସେହିପରି ୧୨ରେ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହେବାକୁ ରହିଥିବାବେଳେ ୧୩ରେ ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହେବ।

ମାର୍ଚ୍ଚ ୧୪ ଏବଂ ୧୫ ତାରିଖ ସରକାରୀ ଛୁଟି ରହିଥିବାବେଳେ ୧୬ରେ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହେବାକୁ ରହିଛି। ତେବେ ରାଜ୍ୟରେ ଏବେ ୪ଟି ରାଜ୍ୟ ସଭା ଆସନ ଲାଗି ଶାସକ-ବିରୋଧୀ ବିଧାୟକଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଉକ୍ତଦିନ ☞ପୃଷ୍ଠା-୨


ଆଜିର ସମ୍ପାଦକୀୟ
ଅସୁନ୍ଦର ସ୍ଥିତି



SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

MANAGEMENT PROGRAMMES
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 66th Best in Management Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ଜଳବାୟୁ ପରିବର୍ତ୍ତନ: ମହିଳା ଅଧିକ ପ୍ରଭାବିତ

## ସହାୟତା ପାଇଁ ପାଣ୍ଠି ପର୍ଯ୍ୟାପ୍ତ ନୁହେଁ: ୟୁଏନ୍‌ଜିସିଏନ୍‌ଆଇ

ନୂଆଦିଲ୍ଲୀ,୮।୩(ପି.ଟି.)

ଜଳବାୟୁ ପରିବର୍ତ୍ତନ ମହିଳାମାନଙ୍କ ଉପରେ ଗମ୍ଭୀର ପ୍ରଭାବ ପକାଉଛି। ପ୍ରଭାବିତ ମହିଳାମାନଙ୍କୁ ସହାୟତା ପାଇଁ ଯେଉଁ ପାଣ୍ଠି ବ୍ୟବସ୍ଥା କରାଯାଉଛି, ତାହା ଆବଶ୍ୟକତାର ଏକ ଛୋଟ ଭାଗ ବୋଲି ୟୁନାଇଟେଡ୍ ନେଶନ୍ସ ଗ୍ଲୋବାଲ କମ୍ପାକ୍ଟ ନେଟ୍‌ୱର୍କ ଇଣ୍ଡିଆ (ୟୁଏନ୍‌ଜିସିଏନ୍‌ଆଇ)ର ଅଧ୍ୟକ୍ଷ ବୈଶାଳୀ ନିଗମ ସିହ୍ନା ପିଟିଆଇକୁ ଏକ ସାକ୍ଷାତ୍‌କାର ଦେଇ କହିଛନ୍ତି।

ଜଳବାୟୁଜନିତ ବିପର୍ଯ୍ୟୟ ପରିଚାଳନା ଏବଂ ମହିଳାଙ୍କ ଜୀବନ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଧାର୍ଯ୍ୟ ନିବେଶ ଜରିଆରେ ହ୍ରାସ କରାଇବାରେ ସେମାନଙ୍କ ଭୂମିକାକୁ ସ୍ୱୀକୃତି ଦେବାର ଆବଶ୍ୟକତା ଉପରେ ସିହ୍ନା ଗୁରୁତ୍ୱାରୋପ କରିଛନ୍ତି। ଜଳବାୟୁ ଜନିତ ବିପର୍ଯ୍ୟୟ ବେଳେ ମହିଳାମାନେ ଉଲ୍ଲେଖନୀୟ ଭାବେ ଅଧିକ ପ୍ରଭାବିତ ହୋଇଥାନ୍ତି।



ଜଳବାୟୁଜନିତ ପ୍ରଭାବକୁ ପ୍ରଶମିତ କଲାବେଳେ ମହିଳାମାନଙ୍କୁ ସୁରକ୍ଷା ଓ ସହାୟତା ଦେବା ଗୁରୁତ୍ୱପୂର୍ଣ୍ଣ। ତେବେ ଏନେଇ ଯେତିକି ପୁଞ୍ଜି ଆସୁଛି, ତାହା ଆବଶ୍ୟକତାର ପ୍ରାୟ ୧୦ ପ୍ରତିଶତ ବୋଲି ସିହ୍ନା କହିଛନ୍ତି।

୨୦୨୫ର ଜାତିସଂଘ ମହିଳା ରିପୋର୍ଟରେ ସତର୍କ କରିଦିଆଯାଇଥିଲା ଯେ, ଜଳବାୟୁ ପରିବର୍ତ୍ତନର ସବୁଠୁ ଖରାପ ସ୍ଥିତିକୁ ବିଚାର କଲେ ୨୦୫୦ ସୁଦ୍ଧା ସାରା ବିଶ୍ୱରେ ୧୫୮.୩ ନିୟୁତ ଅଧିକ ମହିଳା ଓ ବାଳିକା ଅତ୍ୟନ୍ତ ଦାରିଦ୍ର୍ୟ ମଧ୍ୟରେ ରହିପାରନ୍ତି। ଗ୍ରାମାଞ୍ଚଳରେ କୃଷିକ୍ଷେତ୍ରରେ କାମ କରିବା କିମ୍ବା ଅନୁରୂପ କାର୍ଯ୍ୟରେ ନିୟୋଜିତ ଅଧିକାଂଶ ମହିଳାଙ୍କୁ ସ୍ୱୀକୃତି ଓ ପାରିଶ୍ରମିକ ମିଳି ନ ଥାଏ। ସେମାନେ ଅତ୍ୟଧିକ ରୌଦ୍ରଦାକରେ ପ୍ରତ୍ୟକ୍ଷଭାବେ ପ୍ରଭାବିତ ହୋଇଥାନ୍ତି। ବିଶେଷ କରି ରାଜସ୍ଥାନ ଓ ଗୁଜରାଟରେ ଏଭଳି ସମସ୍ୟାର ସମ୍ମୁଖୀନ ହେଉଥିବା ମହିଳାମାନଙ୍କ ମାନସିକ ସ୍ୱାସ୍ଥ୍ୟ, ଜୀବିକା ଓ ଜୀବନଧାରଣର ବିଭିନ୍ନ ଦିଗ ପ୍ରଭାବିତ ହୋଇଥାଏ। ତଳସ୍ତରରେ ମହିଳାମାନେ ସମ୍ମୁଖୀନ ହେଉଥିବା ବାସ୍ତବ ଚ୍ୟାଲେଞ୍ଜ ସମ୍ପର୍କରେ ୟୁଏନ୍‌ଜିସିଏନ୍‌ଆଇ ଅଧ୍ୟକ୍ଷ କହିଛନ୍ତି, ପୁନଃନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ପ୍ରମିଳା ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ସମାରୋହ, ସ୍ଥାନ: ନେତାଜୀ କ୍ଲବ୍ ବଡ଼ଗଡ଼, ସମୟ: ସନ୍ଧ୍ୟା ୬ଟା।
- ବାଦି ପାଲା ମହୋତ୍ସବ, ସ୍ଥାନ: ଭୁବନେଶ୍ୱର ମହାନଗର ନିଗମର ୪ ନଂ ୱାର୍ଡର ବଗୁଆରୀ ଗ୍ରାମର ଭଗବତ ବାସୁଦେବ ପୀଠସ୍ଥଳୀ, ସମୟ: ସନ୍ଧ୍ୟା ୭ଟା।
- ନାଟ୍ୟ ସଂସ୍ଥା ଅନନ୍ୟା ପକ୍ଷରୁ ନାଟକ ଉତ୍ସବ ଉପଲକ୍ଷେ ନାଟକ 'ସମ୍ପର୍କ' ପ୍ରଦର୍ଶନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।
- ଦୋଳ ଯାତ୍ରା ଉପଲକ୍ଷେ ଫି ସେଲ ଅପେରା ପାର୍ଟିର ନାଟକ ପରିବେଷଣ, ସ୍ଥାନ: ଭୁବନେଶ୍ୱର ମହାନଗର ନିଗମର ୪ନଂ ୱାର୍ଡ ଜୟପୁର ମେଳନ ପଡିଆ, ସମୟ: ରାତି ୧୧ଟା।

## କଟକ

- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କିଶନନଗର ତହସିଲ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ରନ୍ଧନ ଗ୍ୟାସ୍ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ଶ୍ରୀରାଧାକୃଷ୍ଣ ପଞ୍ଚକୁଣ୍ଡୀୟ ମହାଯଜ୍ଞ, ସ୍ଥାନ: ଧୋବଗଡିଆ ମେଳନ ପଡିଆ, ସମୟ: ଦିବସ ବ୍ୟାପୀ।
- ଅନୁସୂଚିତ ଜାତି ଓ ଜନଜାତି ଜାଗରଣ ସମାବେଶ, ସ୍ଥାନ :ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖ, ବାଲେଶ୍ୱର, ସମୟ :ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ :ବ୍ଲକ କାର୍ଯ୍ୟାଳୟ, ଜଳେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ : ବ୍ଲକ କାର୍ଯ୍ୟାଳୟ ପରିସର, ସିମୁଳିଆ, ସମୟ : ପୂର୍ବାହ୍ନ ୧୦ଟା।
- ରାମ ନବମୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ : ଡାକବଙ୍ଗଳା ପରିସର, ବସ୍ତା, ସମୟ : ଅପରାହ୍ନ ୫ଟା।
- ବାଲେଶ୍ୱର ପ୍ରିମିୟର ଲିଗର ପଞ୍ଚମ ଦିବସ, ସ୍ଥାନ : ପରମିଟ ପଡିଆ, ବାଲେଶ୍ୱର, ସମୟ : ସନ୍ଧ୍ୟା ୬ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ୍ ସଭାଗୃହ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଟିଲୋ କପ୍‌ର ୪ର୍ଥ ଦିନର ପ୍ରଥମ ମ୍ୟାଚ୍, ସ୍ଥାନ: ଟିଲୋ ହନୁମାନ ଜୀଉ ଷ୍ଟାଡିୟମ୍, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ଚନ୍ଦ୍ରଭାନୁପୁର ପଡ଼ିଆ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ମା' ସନ୍ତୋଷୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା, ବିଗ୍ରହ ସ୍ଥାପନ, କଳସ ଶୋଭାଯାତ୍ରା, ଯଜ୍ଞ, ସ୍ଥାନ : ଡ଼ଅଁର, ହାଟଡିହୀ, ସମୟ: ପ୍ରାତଃ ୫ଟା।
- ନାଇଟ ମ୍ୟାଚ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବାଲିବରେଇ, ହାଟଡିହୀ, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟମ ପ୍ରହର ନଗର ପରିକ୍ରମା ଏବଂ ନାମ ସଂକୀର୍ତ୍ତନ, ସ୍ଥାନ:ନୂଆଗାଁ, ହାଟଡିହୀ, ସମୟ: ଅପରାହ୍ନ ୩ଟା।
- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ,ସ୍ଥାନ: ଗଣେଶ ମଣ୍ଡପ, ବଡ଼ବିଲ,ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ରାଇରଙ୍ଗପୁର,ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- ଗ୍ରାମ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଦିଗପହଣ୍ଡି ବ୍ଲକକଇଠଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି, ସ୍ଥାନ: ମୋଟାବାଡ଼ି ପଞ୍ଚାୟତ କାର୍ଯ୍ୟାଳୟ, ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କାମାକ୍ଷାନଗର ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତର୍ଜାତିକ ମହିଳା ଦିବସ, ସ୍ଥାନ: ସିନର୍ଜି କଲେଜ ପରିସର, ସମୟ: ପୂର୍ବାହ୍ନ ସାଢେ ୧୦ଟା।

## ଅନୁଗୋଳ

- ଏମ୍‌ଆର୍‌ସିସି ନାଇଟ ଚ୍ୟାଲେଞ୍ଜ କପ୍ ଦ୍ୱିତୀୟ ଦିବସରେ କ୍ରିକେଟ ମ୍ୟାଚ, ସ୍ଥାନ : ରାମେଶ୍ୱର ପାଟଣା କ୍ରିକେଟ ପଡିଆ, ଆଠମଲ୍ଲିକ, ସମୟ: ରାତି ୮ ଟା।

## ଜଗତ୍‌ସିଂହପୁର

- ଆଦିବାସୀ ମହୋତ୍ସବ ଉଦଘାଟନ କାର୍ଯ୍ୟକ୍ରମ,ସ୍ଥାନ: ଗଲ୍ଫ ପଡିଆ, ପାରାଦୀପ, ସମୟ: ସକାଳ ୭ଟା।
- ନୀଳାଚଳ ସାରସ୍ୱତ ସଂଗଠନ ପକ୍ଷରୁ ସତ୍‌ସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ନିଗମାନନ୍ଦ ଆଶ୍ରମ, ନୁଆବଜାର, ପାରାଦୀପ, ସମୟ: ସକାଳ ୮ ଟା।
- ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ସର୍ବଭାରତୀୟ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଓ ସମାବେଶ, ସ୍ଥାନ: ଶ୍ରୀରାମ ମନ୍ଦିର, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାସୁଦେବ ପୀଠ, କୋଟିଲା, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।
- ମଧୁସାଗର ମହୋତ୍ସବ, ସ୍ଥାନ: ବାଲିଆ, ଭାଗବତପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଜାରକା ମେଳଣ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଜାରକା ମହୋତ୍ସବ ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଆରୁହା ମେଳଣ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକର ଆରୁହା ହାଟ ପଡ଼ିଆ,ସମୟ: ଅପରାହ୍ନ ୨ଟା।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଭୋର ୫ଟା।
- ବନଦୁର୍ଗାଙ୍କ ୩ୟ ବାର୍ଷିକ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଂଘାପଡା, ସମୟ: ସକାଳ ୮ଟା।
- ଅଷ୍ଟ ପ୍ରହର ଓ ନାମଯଜ୍ଞ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସୋହମ ଆଶ୍ରମ ବଳରାମପ୍ରସାଦ, ସମୟ: ସକାଳ ୮ଟା।
- ୨୮ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ୨ୟ ଦିବସରେ ଏକେ କ୍ଲବ ଖୋର୍ଦ୍ଧାର ପାଇକତିଗିରିଆ ବନାମ ବିର୍ସା ୟୁଥ୍ କ୍ଲବ ମଞ୍ଚେଶ୍ୱର, ସ୍ଥାନ: ଖଣ୍ଡପଡା ବ୍ଲକର ବାଇଗୁଣିଆ ହାଇସ୍କୁଲ ଖେଳ ପଡିଆ, ସମୟ: ଅପରାହ୍ନ ୩.୩୦ଟା।
- ପଞ୍ଚୁଦୋଳ ଯାତ୍ରା ମହୋତ୍ସବର ୨ୟ ଦବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ବନମାଳିପୁର ସୋମନାଥ ମନ୍ଦିର ପଞ୍ଚୁଦୋଳ ପଡିଆ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ବ୍ଲକ୍‌ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ମୁନିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଝରିଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରୀଷ୍ମ ପ୍ରବାହ ପ୍ରସ୍ତୁତି ବୈଠକ, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ବୈଠକ ଗୃହ, ସମୟ:ପୂର୍ବାହ୍ନ ୧୧ଟା।

## କୋରାପୁଟ

- ପଞ୍ଚାୟତସ୍ତରୀୟ ଜନଶୁଣାଣି ସଚେତନ ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପାକଝୋଲା, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: କୁଲାରସିଂ ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସର, ସୁନାବେଡା, ସମୟ: ପୂର୍ବାହ୍ନ ୧୧ଟା।
- ଠାକୁରାଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଗୁମର ପଞ୍ଚାୟତ ହରଦୁଲି, କୋଟପାଡ଼, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ହୀରାକୁଦ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଦ୍ୱିତୀୟ ବାଇସନ ଫେଷ୍ଟ କାର୍ଯ୍ୟକ୍ରମ, ସ୍ଥାନ: ଡେବ୍ରିଗଡ ଅଭୟାରଣ୍ୟ, ସମୟ : ୯ଟା।
- ୬୯ତମ ସର୍ବଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ରେଳବାଇ ଷ୍ଟାଡିୟମ, ସମୟ : ସକାଳ ୯ଟା।

## ବଲାଙ୍ଗୀର

- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସୁନ୍ଦରଗଡ଼

- ଜିଲାପଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଲାଠିକଟା ବ୍ଲକ କାର୍ଯ୍ୟାଳୟ, ସମୟ:୧୦ଟା୩୦ମିନିଟ।

## ବରଗଡ଼

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ରାଇସଲପଦର, ଗାଇସିଲେଟ, ସମୟ:ସକାଳ ୮ଟା।
- ଜିଲାପାଳଙ୍କ ମିଳିତ ଜନ ଶୁଣାଣି, ସ୍ଥାନ: ପାଇକମାଳ ବ୍ଲକ ମିଟିଂ ହଲ, ସମୟ: ସକାଳ ୯ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଧର୍ମଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବାଇପାସ ରାସ୍ତା ନିର୍ମାଣ ଉପରେ ସଚେତନ ନାଗରିକ କମିଟିର ବୈଠକ,ସ୍ଥାନ: ଜୁନାଗଡ଼ ଟାଉନ ହଲ,ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୈହିକ ସୁସ୍ଥତା ମନୋବଳ ବୃଦ୍ଧି ସହ କାର୍ଯ୍ୟଦକ୍ଷତାରୁ ପ୍ରଶଂସିତ ହେବେ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦେବା ସକାଶେ ପଡୋଶୀଙ୍କ ସହଯାତ୍ରୀ ହୋଇପାରନ୍ତି। ସାଧାରଣ କଥାକୁ ନେଇ ଭାବାନ୍ତର ସୃଷ୍ଟି ହୋଇପାରେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ବନ୍ଧୁସମ୍ପର୍କ ତଥା ପ୍ରତିଯୋଗିତାରେ ସଫଳତା ହାସଲ କରିପାରନ୍ତି।

**ବୃଷ** ଆର୍ଥିକ ଉନ୍ନତି, ଲୋକସମ୍ପର୍କ ବୃଦ୍ଧି, ଆନୁଷ୍ଠାନିକ କାମରେ ଦକ୍ଷତାଜନିତ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଦୁଃସାହସିକ କାମରେ ପ୍ରବେଶ କରି ଅନୁତାପ କରିବେ। ପରକଥାକୁ ବିଶ୍ୱାସ କରି ନିଜ ଲୋକଙ୍କୁ ସନ୍ଦେହ କରିପାରନ୍ତି। କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଲାଗି ରହିଥିବା ବିବାଦୀୟ ଘଟଣା ପୂର୍ବପରି ଅମୀମାଂସିତ ରହିବ।

**ମିଥୁନ** ଆଜି ଦିନଟିରେ ଶିକ୍ଷା, ପରୀକ୍ଷା, ରଚନାତ୍ମକ କାର୍ଯ୍ୟ, କଳା, ସଙ୍ଗୀତାଦି କ୍ଷେତ୍ରରେ ସଫଳତା ହାସଲ କରିବେ। କୌଣସି ବନ୍ଧୁଙ୍କ ପ୍ରତିବାଦର ସ୍ୱର ଆପଣଙ୍କ କାମକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଅର୍ଥନୈତିକ ଅଭିବୃଦ୍ଧି ସହ ଗଣଯୋଗାଯୋଗ, ଗବେଷଣା, ଅନୁସନ୍ଧାନରେ ଲକ୍ଷ୍ୟହାସଲ କରିବେ।

**କର୍କଟ** ବିଭିନ୍ନ ପ୍ରତିବନ୍ଧକ କାରଣରୁ ମାନସିକ ସ୍ଥିତି ଭଲ ରହିବନାହିଁ। ବନ୍ଧୁଙ୍କ ପରାମର୍ଶ, ଆଲୋଚନାରେ ସମର୍ଥନ, ଆନୁଷ୍ଠାନିକ କାମରେ ସହଯୋଗ ଲାଭ କରି ଖୁସି ରହିବେ। ଦୀର୍ଘଦିନର ସମସ୍ୟାର ଅନ୍ତ ଘଟାଇ କର୍ମକ୍ଷେତ୍ରରେ ସ୍ଥିରତା ଫେରିଆସିବ। ପାରିବାରିକ, ପ୍ରକାଶନ, ଯାନବାହନ, ନିର୍ମାଣ ଓ ଯାତ୍ରାରେ ଲକ୍ଷ୍ୟପୂରଣ ହୋଇଯିବ।

**ସିଂହ** ଦୀର୍ଘଦିନାନ୍ତେ ଆରୋଗ୍ୟଲାଭ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଏବଂ କାର୍ଯ୍ୟସିଦ୍ଧିର ପ୍ରାକ୍ ସୂଚନା ପାଇ ଖୁସି ହେବେ। କର୍ମକ୍ଷେତ୍ରରେ ସମସ୍ୟା ସୁଧୁରିଯିବା କାରଣରୁ ଆନନ୍ଦ ଅନୁଭବ କରିବେ। ଘରୋଇ ସମସ୍ୟାର ସମାଧାନ ଦିଗରେ ବନ୍ଧୁଙ୍କ ସହଯୋଗ ଲୋଡିପାରନ୍ତି। ମାଙ୍ଗଳିକ କାର୍ଯ୍ୟ, ନୂତନ ଗୃହାରମ୍ଭ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**କନ୍ୟା** ଉପରିସ୍ଥଙ୍କ ଅନୁକମ୍ପାରୁ କାର୍ଯ୍ୟସିଦ୍ଧି, ଅର୍ଥଲାଭ,ବନ୍ଧୁଙ୍କ ସହାନୁଭୂତି ଓ ବିବାଦୀୟ ଘଟଣାର ସମାଧାନ ଘଟିବ। ଘରେ ସକାଳୁ ସକାଳୁ ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି ସେଥିରେ ଅବଶ୍ୟ କୃତକାର୍ଯ୍ୟ ହୋଇପାରିବେ। କର୍ମକ୍ଷେତ୍ରରେ ଥିବା ସମୟରେ କୌଣସି ବ୍ୟକ୍ତିଙ୍କ ନିକଟରୁ କୌଣସି ବିସ୍ମୟଜନକ ଖବର ପାଇପାରନ୍ତି।

**ତୁଳା** ଆଜି ନୂତନ ବନ୍ଧୁ ସମ୍ପର୍କ ଓ ସ୍ଥଗିତ କର୍ମାରମ୍ଭ ଓ ଅର୍ଥନୈତିକ ସ୍ଥିତି ପାଇଁ ପରିସ୍ଥିତି ଅନୁକୂଳ ରହିବ। ଶିଳ୍ପ, ବାଣିଜ୍ୟ, ପରିବହନ, ପର୍ଯ୍ୟଟନାଦି କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହେବ। ସାଙ୍ଗସାଥୀଙ୍କ ସହ ଭ୍ରମଣ ସକାଶେ ମନ ବଳାଇ ପାରନ୍ତି। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଅପପ୍ରଚାର ସମ୍ବନ୍ଧୀୟ ଶୁଣାକଥାକୁ ବିଶ୍ୱାସ କଲେ ଅପଦସ୍ଥ ହେବେ।

**ବିଛା** ଆଜିର ଗ୍ରହସ୍ଥିତି ପ୍ରତ୍ୟୁଷ ଯାତ୍ରା, ବନ୍ଧୁଙ୍କ ସହ ଆଲୋଚନା ପାଇଁ ସୁଯୋଗ ସୃଷ୍ଟି କରିବ। ଶୁଭଚିନ୍ତକଙ୍କ ଦ୍ୱାରା ଦ୍ରବ୍ୟଲାଭ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରିବେ। ଛୋଟ କଥାକୁ କେନ୍ଦ୍ରକରି ପାରିବାରିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଧର୍ମକାର୍ଯ୍ୟ ପାଇଁ ପ୍ରସ୍ତୁତି, ଯାନ୍ତ୍ରିକ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି।

**ଧନୁ** କର୍ମକ୍ଷେତ୍ରର ସ୍ଥଗିତ କାର୍ଯ୍ୟ, ସଭାସମିତି, ପ୍ରଶାସନିକ କାର୍ଯ୍ୟ, ସାମ୍ବାଦିକତା ଓ ଏଜେନ୍‌ସିପ୍ ପାଇଁ ଆଜି କୌଣସି ଅସୁବିଧା ହେବନାହିଁ। ଶାରୀରିକ ଅବସ୍ଥାରେ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। ଲୋକପ୍ରିୟତା କାରଣରୁ ବିପକ୍ଷବ୍ୟକ୍ତି ଭ୍ରୁକୁଞ୍ଚନ କରିପାରନ୍ତି। ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରନ୍ତି।

**ମକର** ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ମନ ବ୍ୟାକୁଳିତ ରହିବ। କାର୍ଯ୍ୟକ୍ଷେତ୍ରରେ ସଙ୍କଟଜନକ ପରିସ୍ଥିତି ମାନସିକ ଅସ୍ଥିରତାର କାରଣ ହୋଇପାରେ। ମନୋରଞ୍ଜନ ଜିନିଷ କ୍ରୟ ସକାଶେ ମନସ୍ଥ କରିବେ। ଧାତୁ ଅଳଙ୍କାର ସମ୍ବନ୍ଧୀୟ ଦ୍ରବ୍ୟଲାଭ ସାଙ୍ଗକୁ ନିର୍ମାଣ, ମାଲିମକଦ୍ଦମା, ଜମିଜମା କାରବାର ଧିମେଇ ରହିପାରେ।

**କୁମ୍ଭ** କର୍ମକ୍ଷେତ୍ରରେ ବିବାଦର ସମାଧାନ ସାଙ୍ଗକୁ ବନ୍ଧୁଙ୍କ ସହାନୁଭୂତି ସହ ସମର୍ଥନ ଲାଭ କରି ସ୍ଥଗିତ କାର୍ଯ୍ୟ କରିପାରନ୍ତି। ଉଚ୍ଚଶିକ୍ଷା ଓ ବିଦେଶ ଯାତ୍ରା କ୍ଷେତ୍ରରେ ବାଲ୍ୟବନ୍ଧୁ ମାର୍ଗଦର୍ଶକ ସାଜିବେ। ପ୍ରତିବନ୍ଧକ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିଯିବ। ବୈଷୟିକ ଅଭିବୃଦ୍ଧି, ପାରିବାରିକ ଶାନ୍ତି, ଧର୍ମକାର୍ଯ୍ୟ କ୍ଷେତ୍ରରେ ସହାୟକ ହୋଇପାରିବ।

**ମୀନ** ଆପଣଙ୍କ ଚିନ୍ତାଧାରା ମନ୍ଦ ନ ହେଲେ ମଧ୍ୟ ପ୍ରକାଶଭଙ୍ଗୀର କଠୋରତା ବନ୍ଧୁଙ୍କ ଦୁଃଖର କାରଣ ହେବ। ବନ୍ଧୁଙ୍କ ସାହାଯ୍ୟ, ସହଯୋଗର ଆଶା ନୈରାଶ୍ୟଜନକ ନ ହେଲେ ମଧ ପୂର୍ଣ୍ଣମାତ୍ରାରେ ପାଇବା କଷ୍ଟକର ହେବ। ସୁସ୍ଥ ଦେଖାଗଲେ ମଧ ଅନ୍ତର୍ନିହିତ ରୋଗ ପ୍ରତି ସଜାଗ ନ ରହିଲେ ଅସୁବିଧାରେ ପଡିବେ।

ଆଜି ମାର୍ଚ୍ଚ ୯ ତାରିଖ, ରାଜ୍ୟଗୋଷ୍ଠୀ ଦିବସ, ଚୈତ୍ର କୃଷ୍ଣ ଷଷ୍ଠୀ ସୋମବାର। ରାଶିନକ୍ଷତ୍ର-ବିଶାଖା/ତୁଳା, ଦିବା ଘ ୦୯/୩୦ ମି. ଗତେ, ବିଛାଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୦୬।୦୩ ଗତେ, ଘ.୦୭।୩୨ ମଧ୍ୟେ, ଘ.୧୦।୪୬ ଗତେ, ଘ.୦୧।୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭।୩୨ ଗତେ, ଘ.୦୯।୦୦ ମଧ୍ୟେ ରାହୁ କାଳ।

# ବାଙ୍କେଶ୍ୱରୀରେ ପିକ୍‌ଅପ୍ ଭ୍ୟାନ, ତପ୍ତପାଣି ଘାଟିରେ ଅଟୋ ଓଲଟି ୧୯ ଆହତ

ଦିଗପହଣ୍ଡି,୮।୩(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବାଙ୍କେଶ୍ୱରୀ ଘାଟି ରାସ୍ତାରେ ଓ ତପ୍ତପାଣି ଘାଟିରେ ରବିବାର ଏକ ପିକ୍‌ଅପ୍ ଭ୍ୟାନ ଓ ଅଟୋ ଓଲଟି ୧୯ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସମସ୍ତ ଗୁରୁତରଙ୍କୁ ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଉଭୟ ଦୁର୍ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରିଛି।

ଖବରରୁ ଜଣାପଡିଛି, ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ ପିଲିକାଡ଼ିଅ ଗ୍ରାମ ନିକଟ କେରାଣ୍ଡି ମାଳ ପାହାଡ଼ ବାଙ୍କେଶ୍ୱରୀ ଘାଟି ରାସ୍ତାରେ ରବିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଏକ ପିକ୍‌ଅପ୍ ଭ୍ୟାନ (ନଂ.ଓଆର୦୭ ଟି -୪୧୫୭) ରାସ୍ତାକଡକୁ ଓଲଟି ପଡ଼ିଛି। ଫଳରେ ୧୨ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେହିପରି ଗଞ୍ଜାମ-ଗଜପତି ସୀମାନ୍ତ ତପ୍ତପାଣି ଘାଟିରେ ରବିବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ଏକ ଯାତ୍ରୀବାହୀ ଅଟୋ ଓଲଟି ପଡ଼ିଛି। ଫଳରେ ୭ ଜଣ ଗୁରୁତର ଆହତ ହୋଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅରଜିଲା ଧନ ପରକୁ ଦେଇ
ଗରଜି ମରୁଛୁ ଯାହା
ଦରଜ ନ ମେଣ୍ଟି ହଇରାଣ ହେଲୁ
ଦରଜ ହେଲାଣି ବାହା ।**

ଟଙ୍କା ଯାଏ ସିଧା ଆସେ ବଙ୍କା। ଟଙ୍କା ପଇସା ଅନ୍ୟକୁ ଉଧାର ଦେଲେ ତାହା ଠିକ୍ ସମୟରେ ଫେରି ପାଇବାର କୌଣସି ନିଶ୍ଚିତତା ନ ଥାଏ। ନେବା ଲୋକ ଆଜି ଦେବା କାଲି ଦେବା କହି ଦିନ ଗଡ଼ାଇ ଚାଲୁଥିବାବେଳେ ତାଙ୍କ ପଛରେ ଗୋଡ଼େଇ ଗୋଡ଼େଇ ନିରାଶା ଭୋଗିବା ସାର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅପରାଜିତା
ଭଲ କଥା କିଆଁ ଲାଗିଲା ପିତା।**

ଭଲ ବା ଉଚିତ କଥା କେତେକଙ୍କୁ ଆଦୌ ଠିକ୍ ଲାଗି ନ ଥାଏ। କଥାଟା ଯେତେ ସଠିକ୍ ବା ନ୍ୟାୟସଙ୍ଗତ ହୋଇଥିଲେ ମଧ ଲୋକେ ତାହାକୁ ସହଜରେ ଗ୍ରହଣ କରି ନ ପାରି ମୁହଁ ଖଟା କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ଭାରତ ବିଶ୍ୱ ବିଜୟୀ...

ହୋଇଥିଲା। ଫଳରେ ୩୧ ରନରେ ପ୍ରଥମ ଏବଂ ୭୨ ରନ ମଧ୍ୟରେ ୫ ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲିଯାଇଥିଲା। ଫର୍ମରେ ଥିବା ଫିନ୍ ଆଲେନ (୯), ରାଚିନ ରବୀନ୍ଦ୍ର (୧), ଗ୍ଲେନ୍ ଫିଲିପ୍ସ (୫) ଓ ମାର୍କ ଚାପମାନ (୩) ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିବାବେଳେ ଅର୍ଦ୍ଧଶତକ ହାସଲକାରୀ ଟିମ୍ ସିଫର୍ଟ ୨୬ ବଲ୍‌ରୁ ୫୨ ରନ କରି ପ୍ୟାଭିଲିୟନ ଫେରିଥିଲେ। ଡାରିଲ ମିଚେଲ ମଧ୍ୟ ମାତ୍ର ୧୭ ରନ କରି ଅକ୍ଷର ପଟେଲଙ୍କ ତୃତୀୟ ଶିକାର ହୋଇଥିଲେ। ୧୬ତମ ଓଭରରେ କ୍ରମାଗତ ୨ଟି ବଲ୍‌ରେ ଜେମ୍ସ ନିଶାମ ଓ ମ୍ୟାଟ୍ ହେନରିଙ୍କୁ ଆଉଟ କରି ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିଥିଲେ ବୁମ୍‌ରା। ସେ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ଅକ୍ଷର ପଟେଲ ୩ଟି ଏବଂ ହାର୍ଦ୍ଦିକ ପାଣ୍ଡ୍ୟା, ବରୁଣ ଚକ୍ରବର୍ତ୍ତୀ ଓ ଅଭିଷେକ ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ଭାରତକୁ ଫିଲ୍ଡିଂ ଦେଇଥିଲେ ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନର। ଭାରତ ପକ୍ଷରୁ ବିସ୍ଫୋରକ ଆରମ୍ଭ କରିଥିଲେ ଇନ୍‌ଫର୍ମ ସଞ୍ଜୁ ସାମ୍‌ସନ ଓ ଅଭିଷେକ ଶର୍ମା। ଟୁର୍ଣ୍ଣାମେଣ୍ଟର ପୂର୍ବ ମ୍ୟାଚଗୁଡ଼ିକରେ ଖରାପ ପ୍ରଦର୍ଶନ କରି ସମାଲୋଚନାର ଶରବ୍ୟ ହୋଇଥିବା ଅଭିଷେକ କିନ୍ତୁ ଫାଇନାଲରେ ଦେଇଥିଲେ ଦୃଢ଼ ଜବାବ। ସେ ମାତ୍ର ୧୮ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିଲେ। କୌଣସି ଟି୨୦ ବିଶ୍ୱକପ ନକ୍‌ଆଉଟ ଗେମ୍‌ରେ ଏହାଥିଲା ଦ୍ରୁତତମ ଅର୍ଦ୍ଧଶତକ। ପୂର୍ବ ୨ଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଧୂଆଁଧାର ବ୍ୟାଟିଂକରି ଭାରତ ବିଜୟରେ ହିରୋ ସାଜିଥିବା ସଞ୍ଜୁ ସାମ୍‌ସନ ଓ ଅଭିଷେକ ଓପନିଂ ଯୋଡ଼ିରେ ୪୩ ବଲ୍‌ରୁ ୯୮ ରନ୍‌ର ଭାଗୀଦାରି ଗଢ଼ି ଦଳର ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ପାୱାରପ୍ଲେ ୬ ଓଭରରେ ଭାରତ କୌଣସି ଉଇକେଟ ନ ହରାଇ ୯୨ ରନ ସଂଗ୍ରହ କରିନେଇଥିଲା, ଯାହାକି ଟି୨୦ ବିଶ୍ୱକପରେ ଯୁଗ୍ମ ସର୍ବାଧିକ ସ୍କୋର। ପୂର୍ବରୁ ୨୦୨୪ରେ ବ୍ରିଜ୍‌ଟାଉନ୍‌ଠାରେ ଆଫଗାନିସ୍ତାନ ବିପକ୍ଷରେ ୱେଷ୍ଟଇଣ୍ଡିଜ ୧ ଉଇକେଟ ହରାଇ ୯୨ ରନ ସଂଗ୍ରହ କରିଥିଲା। ଏଠାରେ ୨୧ ବଲ୍‌ରୁ ୫୨ (୬ ଚୌକା, ୩ ଛକା) ରନ କରି ଅଭିଷେକ ଆଉଟ୍ ହେବାରୁ ଯୋଡ଼ି ଭାଙ୍ଗିଥିଲା। ୮ମ ଓଭରର ପ୍ରଥମ ବଲ୍‌ରେ ଅଭିଷେକଙ୍କୁ ଆଉଟ୍ କରି ନ୍ୟୁଜିଲାଣ୍ଡକୁ ରାଚିନ ରବୀନ୍ଦ୍ର ଯଦିଓ ବ୍ରେକ୍‌ଥ୍ରୁ ଦେଇଥିଲେ, ତେବେ ସାମ୍‌ସନ ଓ ଇଶାନ କିଶନ ଦ୍ୱିତୀୟ ଉଇକେଟରେ ଶତକୀୟ ଭାଗୀଦାରି ଗଢ଼ି ଦଳକୁ ବୃହତ୍ ସ୍କୋର ଆଡ଼କୁ ନେଇଯାଇଥିଲେ। ଦୁହେଁ ମାତ୍ର ୪୮ ବଲ୍‌ରୁ ୧୦୫ ରନ ସଂଗ୍ରହ କରିଥିଲେ। କ୍ରମାଗତ ତୃତୀୟ ମ୍ୟାଚରେ ଶତକ ହାସଲରୁ ବଞ୍ଚିତ ହୋଇଥିବା ସାମ୍‌ସନ ୪୬ ବଲ୍‌ରୁ ୫ ଚୌକା ଓ ୮ ଛକା ସହାୟତାରେ ୮୯ ରନ୍ କରି ପ୍ୟାଭିଲିୟନ ଫେରିଥିଲେ। କିଶନ ଖେଳିଥିଲେ ଦ୍ରୁତ ଅର୍ଦ୍ଧଶତକୀୟ ଇନିଂସ। ସେ ମାତ୍ର ୨୫ ବଲ୍‌ରୁ ୫୪ (୪ ଚୌକା, ୪ ଛକା) ରନ୍ କରିଥିଲେ। ମିଡିଲ ଅର୍ଡରରେ ହାର୍ଦ୍ଦିକ ପାଣ୍ଡ୍ୟା (୧୮) ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ (୦) ଯଦିଓ ଫେଲ୍ ମାରିଥିଲେ ତେବେ ଶେଷ ଭାଗରେ ଶିବମ୍ ଦୁବେ ମାତ୍ର ୮ ବଲ୍‌ରୁ ୩ ଚୌକା ଓ ୨ ଛକା ସହାୟତାରେ ୨୬ ରନ୍‌ରେ ଅପରାଜିତ ରହିବାରୁ ଭାରତ ସ୍କୋର ୨୫୦ ଅତିକ୍ରମ କରିଯାଇଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଜେମ୍ସ ନିଶାମ ୩ଟି ଏବଂ ମ୍ୟାଟ୍ ହେନରି ଓ ରାଚିନ ରବୀନ୍ଦ୍ର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ଇରାନ୍ ରାଷ୍ଟ୍ରପତି...

ପୁଅ ମୋଜତବା ଅଲୀ ଖାମେନେଇଙ୍କୁ ସର୍ବୋଚ୍ଚ ନେତା ନିଯୁକ୍ତ କରାଯିବା ଉପରେ ଆଇଆର୍‌ଜିସି ଗୁରୁତ୍ୱ ଦେଉଛି। ଏହା ପଛରେ ଆଇଆର୍‌ଜିସିର ଉଦ୍ଦେଶ୍ୟ ହେଉଛି ରାଷ୍ଟ୍ରପତିଙ୍କ କ୍ଷମତାର ପକ୍ଷଚ୍ଛେଦନ। କାରଣ ଆଇଆର୍‌ଜିସି ସିଧାସଳଖ ସୁପ୍ରିମ ଲିଡରଙ୍କ ନିକଟରେ ଉତ୍ତରଦାୟୀ, ରାଷ୍ଟ୍ରପତିଙ୍କୁ କୌଣସି ବିଷୟରେ ରିପୋର୍ଟ କରି ନ ଥାଏ। ପେଜେଶ୍‌କିଆନ୍‌ଙ୍କ ସଂଯମ କୂଟନୀତି ସତ୍ତ୍ୱେ କେତେକ ପଡ଼ୋଶୀ ରାଷ୍ଟ୍ର ଉପରେ ଆଇଆର୍‌ଜିସି ପକ୍ଷରୁ ମିଶାଇଲ ଓ ଡ୍ରୋନ୍ ଆକ୍ରମଣ କରାଯାଉଛି। ତେଣୁ ନିର୍ବାଚିତ ସରକାର ସେନାର ନେତୃତ୍ୱ ନେଇପାରିବ ନା ନାହିଁ ତାକୁ ନେଇ ସନ୍ଦେହ ଉପୁଜିଛି। ଇତିମଧ୍ୟରେ ଇରାନ୍‌ର ସୁରକ୍ଷା ମୁଖ୍ୟ ତଥା ଆଇଆର୍‌ଜିସିର ପୂର୍ବତନ କମାଣ୍ଡର ଅଲୀ ଲାରିଜାନି ରବିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା ଧମକ ଦେଇଛନ୍ତି। ସୁପ୍ରିମ ଲିଡରଙ୍କୁ ହତ୍ୟାର ପ୍ରତିଶୋଧ ନିଆଯିବ। ଇରାନ୍ ଟ୍ରମ୍ପଙ୍କୁ ଏକୁଟିଆ ଛାଡ଼ିଦେବ ନାହିଁ। ତାଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଲାରିଜାନି ଧମକ ଦେଇଛନ୍ତି। ଏତିକି ନୁହେଁ, ପଡ଼ୋଶୀ ଦେଶଗୁଡ଼ିକ ନିଜ ଭୂଖଣ୍ଡକୁ ଇରାନ୍ ବିରୋଧୀ ଯୁଦ୍ଧ ପାଇଁ ବ୍ୟବହାର କରିବାକୁ ଆମେରିକାକୁ ବାରଣ କରନ୍ତୁ। ଅନ୍ୟଥା ଇରାନ୍ ଯେଉଁ ସାମରିକ କାର୍ଯ୍ୟାନୁଷ୍ଠାନ ନେବ, ତାକୁ ସାମ୍ନା କରିବାକୁ ପ୍ରସ୍ତୁତ ରୁହନ୍ତୁ ବୋଲି ଖାମେନେଇଙ୍କ ଘନିଷ୍ଠ ସହଯୋଗୀ ଲାରିଜାନି Xରେ ଚେତାବନୀ ଦେଇଛନ୍ତି। ଆମେରିକା ଓ ଇସ୍ରାଏଲ୍ ଇସ୍‌ଲାମିକ୍ ରିପବ୍ଲିକ୍‌କୁ ବିଭାଜିତ କରି ସମ୍ପୃକ୍ତ ଅଞ୍ଚଳରେ ଅସ୍ଥିରତା ସୃଷ୍ଟି ପାଇଁ ଉଦ୍ୟମ ଚଳାଇଛନ୍ତି। ଇରାନ୍ ଭେନେଜୁଏଲା ନୁହେଁ ଯେ ଏଠି ୱାଶିଂଟନ୍ ଯାହା ପାରିବ ତାହା କରିବ ବୋଲି ଏକ ଟିଭି ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ ଲାରିଜାନି କହିଛନ୍ତି। ଅନ୍ୟପକ୍ଷେ ଟ୍ରମ୍ପ ଏଭଳି ଧମକକୁ ବେଖାତିର କରି କହିଛନ୍ତି, ଲାରିଜାନି କିଏ, ସେ ତାଙ୍କୁ ଜାଣନ୍ତି ନାହିଁ। ଇରାନ୍ ନିଃସର୍ତ୍ତ ଆତ୍ମସମର୍ପଣ ନ କରିବା ଯାଏ ତେହରାନ୍ ସହ କୌଣସି ଡିଲ୍ ହେବ ନାହିଁ ବୋଲି ଟ୍ରମ୍ପ ପୁଣି ଦୋହରାଇଛନ୍ତି।

ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ ଆରାଘଚିଙ୍କ କାର୍ଯ୍ୟକଳାପକୁ ଦେଖିଲେ ସେ ମଧ ଉତ୍ତେଜନା ହ୍ରାସ ପରିବର୍ତ୍ତେ ଯୁଦ୍ଧ ଜାରି ରଖିବା ଦିଗରେ ଅଧିକ ଆଗ୍ରହୀ ଥିବା ଭଳି ମନେହେଉଛି। ଆରାଘଚି ମଧ ରାଷ୍ଟ୍ରପତିଙ୍କ କ୍ଷମା ପ୍ରାର୍ଥନାକୁ ନାପସନ୍ଦ କରିଛନ୍ତି। ଏଭଳିସ୍ଥିତିରେ ଆରାଘଚି କ୍ଷମା ମାଗିବା ଟ୍ରମ୍ପଙ୍କ 'ସମ୍ପୂର୍ଣ୍ଣ ଆତ୍ମସମର୍ପଣ' ଦାବିକୁ ତ ପୂରଣ କରୁନାହିଁ, ଇରାନ୍‌ରେ ଆଭ୍ୟନ୍ତରୀଣ ମତଭେଦ ଓ ଫାଟକୁ ଆହୁରି ପଦାରେ ପକାଇଦେଇଛି। କଠୋରପନ୍ଥୀ ବିଦ୍ୱାନ୍ ତଥା ସାଂସଦ ହମିଦ୍ ରସାଇ ସୋସିଆଲ ମିଡିଆରେ ରାଷ୍ଟ୍ରପତିଙ୍କୁ ସମ୍ବୋଧିତ କରି କହିଛନ୍ତି, ଆପଣଙ୍କ ଆଭିମୁଖ୍ୟ ଦୁର୍ଭାଗ୍ୟଜନକ, ଦୁର୍ବଳ ଓ ଅଗ୍ରହଣୀୟ।

ଆଭ୍ୟନ୍ତରୀଣ କନ୍ଦଳ ଆହୁରି ଦର୍ଶାଉଛି ଯେ, ଇରାନ୍ ଭଳି ଇସ୍‌ଲାମୀୟ ଦେଶରେ ଜଣେ ବ୍ୟକ୍ତି ଯେତେ ଶକ୍ତିଶାଳୀ ହୁଅନ୍ତୁ ନା କାହିଁକି ଯୁଦ୍ଧବେଳେ ତାଙ୍କ କ୍ଷମତା ସଙ୍କୁଚିତ ହୋଇଯାଇଥାଏ ଏବଂ ସେନା ହାତରେ ହିଁ ସବୁ ଶକ୍ତି କେନ୍ଦ୍ରୀଭୂତ ହୋଇଥାଏ। ତେଣୁ ଆଇଆର୍‌ଜିସି ଏବଂ ଅନ୍ୟ କଠୋରପନ୍ଥୀ ନେତାମାନେ ବର୍ତ୍ତମାନ ମୋଜତବା ଅଲୀ ଖାମେନେଇଙ୍କୁ ନୂଆ ସୁପ୍ରିମ ଲିଡର କରିବାକୁ ଚାହୁଁଛନ୍ତି। ତେବେ ମତଭେଦ ଯୋଗୁ ୮୮ ଜଣିଆ ବିଶେଷଜ୍ଞ ପରିଷଦରେ ନୂଆ ନେତା ଚୟନ ନେଇ ସହମତି ପ୍ରକାଶ ପାଇପାରୁ ନାହିଁ। ଟ୍ରମ୍ପ ମଧ୍ୟ ପୂର୍ବରୁ ମୋଜତବାଙ୍କ ସମ୍ଭାବ୍ୟ ନିଯୁକ୍ତିକୁ ଅଗ୍ରାହ୍ୟ କରିସାରିଛନ୍ତି। ୱାଶିଂଟନ୍ ଇରାନ୍‌ରେ ନୂଆ ନେତାଙ୍କୁ ଅବସ୍ଥାପିତ କରିବ, ଯିଏକି ଦେଶକୁ ବିକାଶ ଦିଗରେ ଅଗ୍ରସର କରାଇବେ ବୋଲି ଟ୍ରମ୍ପ କହିସାରିଛନ୍ତି। ଏହି ଦୃଷ୍ଟିରୁ ମୋଜତବାଙ୍କ ବ୍ୟତୀତ ଅନ୍ୟ କାହାକୁ (ସମ୍ଭବତଃ ଜଣେ ନରମପନ୍ଥୀ ବା ସାଧାରଣ ଭାବମୂର୍ତ୍ତିର ବ୍ୟକ୍ତିଙ୍କୁ) ସୁପ୍ରିମ ଲିଡର ନିଯୁକ୍ତ କରାଗଲେ ଯୁଦ୍ଧର ରଣନୀତିରେ ପରିବର୍ତ୍ତନ ଆସିପାରେ ବୋଲି ମନେକରାଯାଉଛି।

## ଜଳବାୟୁ ପରିବର୍ତ୍ତନ: ...

ମହିଳାମାନଙ୍କୁ କାର୍ଯ୍ୟସ୍ଥଳରେ କାମ କରିବାକୁ ପଡ଼ିଥାଏ, ଯେଉଁଠି ସ୍ୱାସ୍ଥ୍ୟସେବା ଓ ଉପଯୁକ୍ତ ପରିମଳ ସୁବିଧା ଜରୁରୀ। ଦିଲ୍ଲୀରେ ଏଭଳି ସୁବିଧା ଉପଲବ୍ଧ ହେଉଥିବାବେଳେ ଗ୍ରାମାଞ୍ଚଳରେ ତାହା ବହୁ ଦୂରରେ ବୋଲି ସିହ୍ନା କହିଛନ୍ତି। ଏକ କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥାଗତ ଆଭିମୁଖ୍ୟ ଏବଂ ପ୍ରକଳ୍ପ କାର୍ଯ୍ୟକାରିତା ଯୋଜନା ଆବଶ୍ୟକ। ଯାହା ହୋଇଛି, ତାହାକୁ ଯଦି ମାପ କରାଯାଇ ନ ପାରେ, ତେବେ ହୋଇନାହିଁ ବୋଲି କୁହାଯିବ। ତେଣୁ କାର୍ଯ୍ୟକାରିତା ପାଇଁ ଯୋଜନା ଏବଂ ସମୟ ଧାର୍ଯ୍ୟ କରିବା ଜରୁରୀ ବୋଲି ସିହ୍ନା କହିଛନ୍ତି। ୨୦୧୫ରେ ଜାତିସଂଘ ଆଣିଥିବା ସ୍ଥାୟୀ ବିକାଶ ଲକ୍ଷ୍ୟ ୫ରେ ୨୦୩୦ ସୁଦ୍ଧା ବିଶ୍ୱବ୍ୟାପୀ ଲିଙ୍ଗଗତ ସମାନତା ଏବଂ ମହିଳା ଓ ବାଳିକାମାନଙ୍କୁ ସଶକ୍ତ ସୁନିଶ୍ଚିତ କରିବା ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ଲିଙ୍ଗଗତ ସମାନତା କେବଳ ଏକ ମୌଳିକ ମାନବାଧିକାର ନୁହେଁ, ବରଂ ଶାନ୍ତିପୂର୍ଣ୍ଣ, ସମୃଦ୍ଧ ଓ ସ୍ଥିର ବିଶ୍ୱପାଇଁ ଜରୁରୀ। ଆମେ ଏବେ ୨୦୨୬ରେ ପହଞ୍ଚିଲେଣି। ଦାରିଦ୍ୟ ଓ ନିରକ୍ଷରତା ରହିଥିବା ଭାରତ ଭଳି ଦେଶରେ ଅଧିକ ଝିଅଙ୍କୁ ଶିକ୍ଷିତ କରିବା ଏବଂ ବିଭିନ୍ନ କ୍ଷେତ୍ରରେ ସୁଯୋଗ ଦେବା ପାଇଁ ଏଆଇର ବ୍ୟବହାର କରାଯାଇପାରିବ ବୋଲି ସିହ୍ନା ବିଶ୍ୱାସ କରୁଥିବା କହିଛନ୍ତି। ତେବେ ଏହାର ନକାରାତ୍ମକ ପ୍ରଭାବ ଯେପରି ନ ପଡ଼େ ତାହା ସୁନିଶ୍ଚିତ କରିବାକୁ ହେବ।

## ଆଜିଠୁ ଦ୍ୱିତୀୟ ପର୍ଯ୍ୟାୟ ..

ଏହି ଦୁଇ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ରହିଥିବାବେଳେ ରାଜ୍ୟ ସଭା ନିର୍ବାଚନ ରହିଛି। ସେହିପରି ୧୭ରେ ଇସ୍ପାତ ଓ ଖଣି ଏବଂ ପରିବହନ, ୧୮ରେ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହେବାକୁ ରହିଥିବାବେଳେ ୧୯ରେ ଜଳସମ୍ପଦ, ୨୦ରେ ନିର୍ମାଣ, ୨୩ରେ କୃଷି ଓ କୃଷକ ସଶକ୍ତୀକରଣ ଏବଂ ସମବାୟ, ୨୪ରେ ରାଜସ୍ୱ ଓ ଶ୍ରମ, ୨୫ରେ ଗୃହ ଓ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ, ୨୬ରେ ଗୃହ ନିର୍ମାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହେବ। ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ସରକାରୀ ଛୁଟି ରହିଥିବାବେଳେ ୩୦ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ଏବଂ ୩୧ରେ ଆସନ୍ତା ଆର୍ଥିକବର୍ଷ ଲାଗି ବ୍ୟୟ ମଞ୍ଜୁରୀ ବିଲ୍ ଗୃହରେ ଆସିବ।

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୯/୨୦୨୬ | Bhubaneswar, Monday, March 9/2026 | ପୃଷ୍ଠା-୩



ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରବିବାର ପୁରୀଠାରେ ଆୟୋଜିତ ସୁଭଦ୍ରାର ଚତୁର୍ଥ କିସ୍ତି ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ବିଧାୟକ ଓ ଅଧିକାରୀମାନେ ବାଲ୍ୟ ବିବାହ ନିବାରଣ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

# 'ମହିଳାଙ୍କ ଆତ୍ମବିଶ୍ୱାସ, ପରିଶ୍ରମ ଓଡ଼ିଶାକୁ ସଶକ୍ତ କରିବ'

## ସୁଭଦ୍ରାର ଚତୁର୍ଥ କିସ୍ତି ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

### ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କ ଆକାଉଣ୍ଟକୁ ଗଲା ୫,୧୦୬ କୋଟି

ଭୁବନେଶ୍ୱର/ପୁରୀ, ୮।୩
(ସୁଚିସ୍ମିତା ସାହୁ/ ଅଜିତ କୁମାର ମହାନ୍ତି)

ଅନ୍ତର୍ଜାତୀୟ ମହିଳା ଦିବସରେ ରବିବାର ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ କରାଯାଇଛି। ମୋଟ ୧କୋଟି ୨ଲକ୍ଷ ୧୨ହଜାର ୬୬୫ ଜଣ ସୁଭଦ୍ରା ହିତାଧିକାରୀ ୫୧୦୬ କୋଟି ୩୩ ଲକ୍ଷ ୨୫ ହଜାର ଟଙ୍କାର ସହାୟତା ରାଶି ପାଇଛନ୍ତି। ଏଥିରେ ପୁରୀ ଜିଲାର ୪ ଲକ୍ଷ ୨୦ହଜାର ୮୫୪ ଜଣ ହିତାଧିକାରୀ ରହିଛନ୍ତି। ରବିବାର ପୁରୀ ତାଳବଣିଆଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଚତୁର୍ଥ କିସ୍ତିର ଶୁଭାରମ୍ଭ କରିବା ପରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସହାୟତା ରାଶି ପଠାଯାଇଛି।

ସୁଭଦ୍ରା ଭଉଣୀମାନଙ୍କୁ ଅନ୍ତର୍ଜାତୀୟ ମହିଳା ଦିବସର ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଲେ, ମାତ୍ର ଦେଢ଼ ବର୍ଷ ଭିତରେ ମା'ମାନଙ୍କ ପାଇଁ ସୁଭଦ୍ରା ଯୋଜନା ଏକ ଅଭୂତପୂର୍ବ ପରିବର୍ତ୍ତନର ବାର୍ତ୍ତାବହ ହୋଇପାରିଛି। ରାଜ୍ୟର ମହିଳାଙ୍କୁ ଆର୍ଥିକ ସ୍ୱାଧୀନତା ପ୍ରଦାନ କରି ସଶକ୍ତ କରିବା ସହ ସ୍ୱତନ୍ତ୍ର ପରିଚୟ ଦେଇଛି। ଏଥିସହିତ ସେମାନଙ୍କ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି

ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରତାର ସ୍ରୋତ ହୋଇପାରିଛି। ଅନୁଗୋଳ, ବଲାଙ୍ଗୀର, ବରଗଡ଼, ଭଦ୍ରକ ଓ କଟକ ଭଳି ଅନେକ ଜିଲାର ମହିଳାମାନେ ଏହି ସହାୟତା ରାଶିରେ ଛତୁ ଚାଷ, କୁକୁଡ଼ା ପାଳନ, ବାଉଁଶ ଆଦି ଛୋଟ ବ୍ୟବସାୟ ଆରମ୍ଭ କରିଛନ୍ତି। ଆଇଆଇଏମ୍ ସମ୍ବଲପୁରର ସର୍ଭେ ରିପୋର୍ଟ ଅନୁଯାୟୀ ୨୫.୫୨% ହିତାଧିକାରୀ ସୁଭଦ୍ରା ସହାୟତାରେ ବ୍ୟବସାୟ ଆରମ୍ଭ କରିଥିବା ବେଳେ ୩୫.୭ % ମହିଳା ଘରୋଇ ଆବଶ୍ୟକତା ପୂରଣରେ ବ୍ୟବହାର କରିଛନ୍ତି। ଏଥିସହ ଅନେକ ମହିଳା ଋଣ ପରିଶୋଧ, ସଞ୍ଚୟ ଓ ଦକ୍ଷତା ବୃଦ୍ଧିରେ ଏହି ଅର୍ଥ ବ୍ୟବହାର କରି ପରିବାର ମଧ୍ୟରେ ସ୍ୱୀକୃତି ଓ ସମ୍ମାନ ହାସଲ କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୧୭ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି ହୋଇଥିବା ବେଳେ ୨୦୪୭ ସୁଦ୍ଧା ୬୦ ଲକ୍ଷ 'ଲକ୍ଷପତି ଦିଦି' ଓ ୧୦ ଲକ୍ଷ 'ମିଲେନିୟର ଦିଦି' ସୃଷ୍ଟି ପାଇଁ ଲକ୍ଷ୍ୟ ରହିଛି। ମହିଳାଙ୍କ ଆତ୍ମବିଶ୍ୱାସ ଓ ପରିଶ୍ରମ ଦ୍ୱାରା ଏକ ସଶକ୍ତ, ସମୃଦ୍ଧ ଓଡ଼ିଶା ଗଠନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ଶନିବାର ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ କରାଯାଇଥିବା ଅସମ୍ମାନ ଘଟଣାକୁ ମୁଖ୍ୟମନ୍ତ୍ରୀ ଦୃଢ଼ ନିନ୍ଦା କରିବା ସହିତ ଏଭଳି ଅନାଦର କେବଳ ରାଷ୍ଟ୍ରପତିଙ୍କୁ ନୁହେଁ, ସାରା ଦେଶ ଓ ସାରା ନାରୀ ସମାଜ ପ୍ରତି ଅସମ୍ମାନ ବୋଲି କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁଭଦ୍ରା ସମୀକ୍ଷା ରିପୋର୍ଟ, ମହିଳା ଓ ଶିଶୁ ବିକାଶ ବିଭାଗର ଏକ କଫି ଟେବୁଲ ବୁକ୍ ଓ ବାଲ୍ୟ ବିବାହ ନିବାରଣ ପୁସ୍ତିକା ଉନ୍ମୋଚନ କରିଥିଲେ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମହିଳାମାନଙ୍କୁ ଶୁଭେଚ୍ଛା ଜଣାଇ କହିଲେ, ଭାରତବର୍ଷ ମହିଳାଙ୍କ ପାଇଁ ଯାହା ଭାବୁଛି ମା' ସୁଭଦ୍ରାଙ୍କ ଆଶୀର୍ବାଦରୁ ଓଡ଼ିଶାରେ ମହିଳାମାନେ ତା'ଠାରୁ ☞ପୃଷ୍ଠା-୯

# ପଶ୍ଚିମବଙ୍ଗ ସରକାରଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ରିପୋର୍ଟ ତଲବ

## ରାଷ୍ଟ୍ରପତିଙ୍କ ପ୍ରୋଟୋକଲ୍ ଉଲ୍ଲଂଘନ ଘଟଣା

ନୂଆଦିଲ୍ଲୀ,୮।୩

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପଶ୍ଚିମବଙ୍ଗ ଗସ୍ତ ବେଳେ ପ୍ରୋଟୋକଲ୍ ଉଲ୍ଲଂଘନ ଘଟଣାକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପଶ୍ଚିମବଙ୍ଗ ସରକାରଙ୍କୁ ରିପୋର୍ଟ ତଲବ କରାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ କେଉଁ କେଉଁ ଦିଗରେ ନୀତି ନିୟମ ପାଳନ କରାଯାଇ ନ ଥିଲା ଏବଂ ତାଙ୍କ ଗନ୍ତବ୍ୟସ୍ଥଳ ଓ ରୁଟ୍ ପରିଚାଳନାକୁ ନେଇ କିଭଳି ପ୍ରୋଟୋକଲ୍ ନିୟମ ଉଲ୍ଲଂଘନ ହୋଇଛି, ତାହାର ବିସ୍ତୃତ ରିପୋର୍ଟ ଦେବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଚିବ ଗୋପାଳ ମୋହନ ପଶ୍ଚିମବଙ୍ଗ ମୁଖ୍ୟ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣତଃ ରାଷ୍ଟ୍ରପତି, ଉପ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ସେମାନଙ୍କ ସୁରକ୍ଷା ଓ ପ୍ରୋଟୋକଲ୍‌କୁ ନେଇ 'ବ୍ଲୁ ବୁକ୍' ନାମରେ ଏକ ଗୋପନୀୟ ଦସ୍ତାବିଜ୍ ପ୍ରସ୍ତୁତ କରାଯାଇଥାଏ। ରାଷ୍ଟ୍ରପତିଙ୍କ ପଶ୍ଚିମବଙ୍ଗ ଗସ୍ତ ସମୟରେ ଏହି 'ବ୍ଲୁ ବୁକ୍' ନିୟମକୁ କିଭଳି ଉଲ୍ଲଂଘନ କରାଯାଇଛି ସେ ସମ୍ପର୍କରେ ରବିବାର ସନ୍ଧ୍ୟା ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଖବର ଲେଖାଯିବା ବେଳକୁ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ କୌଣସି ଉତ୍ତର ଦିଆଯାଇ ନ ଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ଉତ୍ତର ପଶ୍ଚିମବଙ୍ଗ ସିଲିଗୁଡ଼ି ନିକଟସ୍ଥ ଗୋସେଇପୁରରେ ଶନିବାର ଆୟୋଜିତ ସାନ୍ତାଳ ସମାଜର ଅନ୍ତର୍ଜାତୀୟ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯାଇଥିଲାବେଳେ ସେଠାରେ ତାଙ୍କୁ ସ୍ୱାଗତ କରିବାକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କିମ୍ବା ତାଙ୍କର କୌଣସି ମନ୍ତ୍ରୀ ଉପସ୍ଥିତ ନ ଥିଲେ। ପ୍ରୋଟୋକଲ୍ ଅନୁସାରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତିରେ ରାଜ୍ୟ ମୁଖ୍ୟ ସଚିବ କିମ୍ବା ପୋଲିସ୍ ମହାନିର୍ଦ୍ଦେଶକ ଉପସ୍ଥିତ ରହିବା କଥା। କିନ୍ତୁ ରାଷ୍ଟ୍ରପତିଙ୍କୁ ସିଲିଗୁଡ଼ି ମେୟର ସ୍ୱାଗତ କରିଥିଲେ। ସେହିପରି ସମ୍ମିଳନୀ ସ୍ଥଳ ପ୍ରଥମେ ସିଲିଗୁଡ଼ିର ବିଧାନନଗରରେ କରିବାକୁ ନିଷ୍ପତ୍ତି ହୋଇଥିଲା ବେଳେ ଶେଷ ମୁହୂର୍ତ୍ତରେ ଏହାକୁ ଗୋସେଇପୁରକୁ ସ୍ଥାନାନ୍ତର କରିଦିଆଯାଇଥିଲା। ଏହାଛଡ଼ା ରାଷ୍ଟ୍ରପତିଙ୍କ ବ୍ୟବହାର ଲାଗି ଉଦ୍ଦିଷ୍ଟ ଶୌଚାଳୟରେ ପାଣି ମଧ୍ୟ ଠିକ୍ ଭାବେ ଆସୁ ନଥିଲା। ଏହିସବୁ ତ୍ରୁଟିକୁ ଦୃଷ୍ଟିରେ ରଖି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଛନ୍ତି।

# ୧୨ରେ ହାଇପାୱାର କମିଟି ବୈଠକ

## ଫୋକସ୍‌ରେ ଗ୍ରାମ୍ୟ ଭିତ୍ତିଭୂମି ବିକାଶ

ଭୁବନେଶ୍ୱର,୮।୩(ରବିନାରାୟଣ ଜେନା)

ରାଜ୍ୟରେ ଗ୍ରାମାଞ୍ଚଳ ଭିତ୍ତିଭୂମି କିଭଳି ସୁଦୃଢ଼ ହେବ ଏବଂ ଲୋକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆସିବ ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଏହିକ୍ରମରେ ୨୦୨୫-୨୬ ଆର୍ଥିକବର୍ଷରେ ସରକାରଙ୍କ ପକ୍ଷରୁ ଗ୍ରାମ୍ୟ ଭିତ୍ତିଭୂମି ବାବଦରେ କେତେ ଅର୍ଥ ବ୍ୟୟବରାଦ ହୋଇଥିଲା ଏବଂ କେତେ ଅର୍ଥ କେଉଁ ପ୍ରକଳ୍ପରେ ଖର୍ଚ୍ଚ ହୋଇଛି ସେସବୁର ଚିକିନିଖି ସମୀକ୍ଷା କରାଯିବ। ଏହାସହିତ ୨୦୨୬-୨୭ ଆର୍ଥିକବର୍ଷ ଲାଗି କ'ଣ ସବୁ ନୂଆ ଯୋଜନା ରହିଛି ଏବଂ ଏହା କିଭଳି ଭାବେ ଶତପ୍ରତିଶତ କାର୍ଯ୍ୟାନ୍ୱୟନ ହୋଇପାରିବ ସେନେଇ ମାର୍ଚ୍ଚ ୧୨ରେ ଉଚ୍ଚ କ୍ଷମତାସମ୍ପନ୍ନ କମିଟି(ହାଇ ପାୱାର କମିଟି) ବୈଠକ ଅନୁଷ୍ଠିତ ହେବ।

ଏସଂକ୍ରାନ୍ତରେ ଯୋଜନା ଓ ସଂଯୋଜନ ବିଭାଗ ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ ସମ୍ପୃକ୍ତ ୯ଟି ବିଭାଗର ସଚିବ ଏବଂ 'ନାବାର୍ଡ' ଅଧ୍ୟକ୍ଷଙ୍କୁ ଶୁକ୍ରବାର ପତ୍ର ଲେଖି ଅବଗତ କରାଇଛନ୍ତି। ଶୁଭଶ୍ରୀ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି, ଗ୍ରାମୀଣ ଭିତ୍ତିଭୂମି ଉନ୍ନୟନ ପାଣ୍ଠି(ଆର୍‌ଆଇଡିଏଫ୍)ର ବିନିଯୋଗ ନେଇ ରାଜ୍ୟ ଉନ୍ନୟନ ଆୟୁକ୍ତ ଦେଓ ରଞ୍ଜନ କୁମାର ସିଂଙ୍କ ଅଧ୍ୟକ୍ଷତାରେ ହାଇପାୱାର କମିଟି ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ୨୦୨୫-୨୬ ଆର୍ଥିକବର୍ଷର ବଜେଟ ବ୍ୟବସ୍ଥା ସହିତ ପାଣ୍ଠି ବିନିଯୋଗ ସଂକ୍ରାନ୍ତରେ ସମୀକ୍ଷା ହେବ। ଏହାସହିତ ନାବାର୍ଡ ପକ୍ଷରୁ 'ଆର୍‌ଆଇଡିଏଫ୍'ରେ କେତେ ଅର୍ଥ ବ୍ୟବସ୍ଥା ହୋଇଥିଲା, କେଉଁ ସବୁ ପ୍ରକଳ୍ପରେ କେତେ ଅର୍ଥ ଖର୍ଚ୍ଚ ହୋଇଛି ତା'ର ସ୍ଥିତାବସ୍ଥା ସମୀକ୍ଷା କରାଯିବ। ଏପରି କି କେତେ ପ୍ରକଳ୍ପ ବାସ୍ତବରେ କାର୍ଯ୍ୟାନ୍ୱୟନ ହୋଇଛି ଏବଂ ଅପେକ୍ଷାରେ ରହିଛି ତାହା ମଧ୍ୟ ଆଲୋଚନା ହେବ। ଏହାବାଦ୍ ୨୦୨୬-୨୭ ଆର୍ଥିକବର୍ଷ ଲାଗି ନୂତନ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା ହେବ ବୋଲି ଅର୍ଥ, ପୂର୍ତ୍ତ, ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବଙ୍କ ସହିତ ପଞ୍ଚାୟତିରାଜ, କୃଷି, ଗ୍ରାମ୍ୟ ଉନ୍ନୟନ, ମତ୍ସ୍ୟ ଓ ପ୍ରାଣୀଧନ ବିକାଶ ସଚିବଙ୍କୁ ଅବଗତ କରାଇଛନ୍ତି।

# ଆଜି ମହାପ୍ରଭୁଙ୍କ ଖସାପଡ଼ା ନୀତି

## ସନ୍ଧ୍ୟା ୬ଟାରୁ ରାତି ୧୦ଟା ଯାଏ ଦର୍ଶନ ବନ୍ଦ

ପୁରୀ,୮।୩(ଅଜିତ୍ କୁମାର ମହାନ୍ତି)

ଚୈତ୍ର କୃଷ୍ଣ ଷଷ୍ଠୀ ତିଥି ସୋମବାର ଅବସରରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ନୀତି ସମ୍ପନ୍ନ କରିବେ। ଶ୍ରୀଜିଉଙ୍କ ମଧ୍ୟାହ୍ନ ଧୂପ, ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହେବା ପରେ ମଇଲମ ନୀତି ଅନୁଷ୍ଠିତ ହେବ। ପରେ ଜୟବିଜୟ ଦ୍ୱାର ବନ୍ଦ କରାଯିବ। ଏହାପରେ ଶ୍ରୀଦେବୀ, ଭୂଦେବୀ ଖଟଶେଯ ଘରକୁ ବିଜେ କରିବେ। ପରେ ମହାପ୍ରଭୁଙ୍କ ଖସାପଡା ନୀତି ନିମନ୍ତେ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରିବେ। ଏହି ସମୟରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିବ। ଖସାପଡ଼ା ନୀତି ସମ୍ପନ୍ନ ହୋଇ ଦଇତାପତି ଶ୍ରୀମନ୍ଦିରରୁ ବାହାରିବା ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ବଢ଼ିବ। ପରେ ମହାପ୍ରଭୁଙ୍କ ମଇଲମ ବେଶ ସନ୍ଧ୍ୟା ଆଳତି ବଢ଼ି ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବ। ଖସାପଡ଼ା ହେଉଛି ଏକ ଗୁପ୍ତ ନୀତି। ଏହି ନୀତି ନିମନ୍ତେ ସୋମବାର ସନ୍ଧ୍ୟା ୬ଟାରୁ ରାତି ୧୦ ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ହିନ୍ଦୁ ଯୁବତୀଙ୍କୁ ପ୍ରେମ ପ୍ରତାରଣା

## ମୁସଲମାନ ଯୁବକଙ୍କ ନାଁରେ ବଳାତ୍କାର ଅଭିଯୋଗ

- ହୋଟେଲରେ ବନ୍ଧକ ରଖି ଦେଉଥିଲେ ନିର୍ଯାତନା
- ନକଲି ପରିଚୟପତ୍ର, ଖଣ୍ଡା ଜବତ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୮।୩ (ତ୍ରିନାଥ ମହାନ୍ତି)

ଜଣେ ହିନ୍ଦୁ ଯୁବତୀଙ୍କୁ ଜନୈକ ମୁସଲମାନ ଯୁବକ ପ୍ରେମ ପ୍ରତାରଣା କରିଛନ୍ତି। ଯୁବକ ଜଣକ ମୁସଲମାନ ବୋଲି ନ ଜଣାଇ ଯୁବତୀଙ୍କୁ ପ୍ରଥମେ ପ୍ରେମରେ ଫସାଇଥିଲେ। ପରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ଧର୍ମ ପରିବର୍ତ୍ତନ କରିବାକୁ ବାଧ୍ୟ କରିଥିଲେ। ଏପରି କି ଯୁବକ ଜଣକ ଯୁବତୀଙ୍କୁ ରାଜଧାନୀ ଭୁବନେଶ୍ୱରର ଏକ ହୋଟେଲରେ ରଖି ନିର୍ଯାତନା ଦେବା ସହ ରାଜ୍ୟ ବାହାରକୁ ଚାଲାଣ କରିବାକୁ ଯୋଜନା କରିଥିଲେ। ଏଭଳି ସାଂଘାତିକ ଅଭିଯୋଗ ଆସିଛି ଶହୀଦନଗର ଥାନା ଅଞ୍ଚଳରୁ। ଖବର ପାଇବା ପରେ ପୋଲିସ ଉକ୍ତ ହୋଟେଲରେ ଚଢ଼ାଉ କରି ଯୁବତୀଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଇର୍ଫାନ ଅନ୍‌ସାରୀଙ୍କୁ ଗିରଫ କରିଛି। ଏଥିସହ ହୋଟେଲରୁ ଏକାଧିକ ନକଲି ପରିଚୟପତ୍ର, କର୍ଣ୍ଣାଟକ ନମ୍ବରର ଏକ କାରରୁ ଖଣ୍ଡା ଓ ଅନ୍ୟ ମାରଣାସ୍ତ୍ର ଜବତ କରାଯାଇଛି।

ପୋଲିସ ସୂଚନା ଅନୁସାରେ, ଅଭିଯୁକ୍ତ ଇର୍ଫାନ ଅନସାରୀଙ୍କ ଘର କର୍ଣ୍ଣାଟକରେ। ପୀଡ଼ିତା ଯୁବତୀଙ୍କ ଘର ଭଦ୍ରକରେ ହୋଇଥିବାବେଳେ ସେ ଚେନ୍ନାଇର ଏକ ହୋଟେଲରେ କାମ କରୁଥିବାବେଳେ ଇର୍ଫାନଙ୍କ ସହ ପରିଚିତ ହୋଇଥିଲେ। ଇର୍ଫାନ ପ୍ରକୃତ ପରିଚୟ ☞ପୃଷ୍ଠା-୯

# ପ୍ରବାସୀ ଓଡ଼ିଆମାନେ ଓଡ଼ିଶାର ସାଂସ୍କୃତିକ ରାଜଦୂତ: ମନ୍ତ୍ରୀ



ଉତ୍ସବରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟ ଅତିଥିମାନେ ପ୍ରବାସୀ ଓଡ଼ିଆଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## କୋଲକାତାରେ 'ଓଡ଼ିଶା ଉତ୍ସବ'

### ଓଡ଼ିଆ ସାହିତ୍ୟିକ, ପ୍ରବାସୀ ଓଡ଼ିଆ ଅନୁଷ୍ଠାନ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୮।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ କୋଲକାତାସ୍ଥିତ ନ୍ୟାଶନାଲ ଲାଇବ୍ରେରି ଅଡିଟୋରିୟମଠାରେ ରବିବାର ପ୍ରଥମ 'ଓଡ଼ିଶା ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଲେ, ପ୍ରବାସୀ ଓଡ଼ିଆ ଭଉଣୀ ଓ ଭାଇମାନେ ହେଉଛନ୍ତି ଓଡ଼ିଶାର ସାଂସ୍କୃତିକ ରାଜଦୂତ। ରାଜ୍ୟର ସମୃଦ୍ଧ କଳା, ସାହିତ୍ୟ, ଐତିହ୍ୟ ଏବଂ ସଂସ୍କୃତିର ବହୁଳ ପ୍ରଚାର ଓ ପ୍ରସାର ଦିଗରେ ସେମାନେ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସମସ୍ତ ପ୍ରବାସୀ ଓଡ଼ିଆ ମାତୃଶକ୍ତିଙ୍କୁ ମନ୍ତ୍ରୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଲେ, ଓଡ଼ିଆ ଘରର ପରମ୍ପରାକୁ ☞ପୃଷ୍ଠା-୯

# ବ୍ଲୁ ଫ୍ଲାଗ ବିଚ୍‌ରେ ଅଣ୍ଡାଦେଲା ଅଲିଭ୍ ରିଡ୍‌ଲେ

ପୁରୀ,୮।୩(ଅଜିତ୍ କୁମାର ମହାନ୍ତି)

ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ପ୍ରଥମଥର ପାଇଁ ଅଣ୍ଡାଦାନ କରିଛନ୍ତି ଅଲିଭ୍ ରିଡ୍‌ଲେ। ସେଠାରେ ପ୍ରାୟ ୧୧୪ଟି ଅଣ୍ଡା ରହିଥିଲା। ସମସ୍ତ ଅଣ୍ଡାକୁ ସୁରକ୍ଷିତ ଭାବେ ରବିବାର ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଇତିହାସରେ ପ୍ରଥମ ଘଟଣା ଜନଗହଳିପୂର୍ଣ୍ଣ ଜାଗାରେ କଇଁଛ ଅଣ୍ଡାଦାନ କରିଥିବା ଦେଖିବାକୁ ମିଳିଛି।



ସୂଚନାଯୋଗ୍ୟ, ଶନିବାର ରାତିରେ ଗୋଟିଏ ଅଲିଭ୍ ରିଡ୍‌ଲେ କଇଁଛ ବ୍ଲୁ ଫ୍ଲାଗ୍ ବିଚ୍ ନିକଟକୁ ଆସି ସୁରକ୍ଷିତ ଭାବେ ଅଣ୍ଡାଦାନ କରିଛି। ଏହି ଘଟଣାକୁ ବ୍ଲୁ ଫ୍ଲାଗ୍ ବିଚ୍‌ର କର୍ମଚାରୀ ଜାଣିବା ପରେ ବନବିଭାଗକୁ ସୂଚନା ଦେଇଥିଲେ। ଖବରପାଇ ବନବିଭାଗ କର୍ମଚାରୀ ବିଚ୍‌ରେ ପହଞ୍ଚି ସୁରକ୍ଷିତ ଭାବେ ଅଣ୍ଡାଗୁଡ଼ିକୁ ବାଲିରୁ ଉଦ୍ଧାର କରିଛନ୍ତି। ତେବେ ଦେବୀ ମୁହାଣରୁ ପୁରୀ ପର୍ଯ୍ୟନ୍ତ ୧୪ଟି କଇଁଛ ସୁରକ୍ଷା ଶିବିର ହୋଇଛି। ଯେଉଁଠି କଇଁଛମାନେ ସୁରକ୍ଷିତ ଅଣ୍ଡା ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ସେଠାରେ ଅଣ୍ଡାରୁ କଇଁଛ ବାହାରିବା ପରେ ସେମାନଙ୍କୁ ସୁରକ୍ଷିତ ଭାବେ ସମୁଦ୍ରରେ ଛାଡି ଦିଆଯାଏ।

ପ୍ରତିବର୍ଷ ଏହି ବିରଳ ପ୍ରଜାତିର କଇଁଛ ଅଣ୍ଡା ଦେଉଥିଲେ ମଧ୍ୟ ଅଣ୍ଡାଦାନ ହ୍ରାସ ପାଉଥିବା କୁହାଯାଉଛି। ତେବେ ବିରଳ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ପ୍ରତିବର୍ଷ ନଭେମ୍ବର ୧ରୁ ମେ ୩୧ ଯାଏ ପୁରୀ ସମୁଦ୍ର ଉପକୂଳରେ ମାଛଧରା କଟକଣା ଲାଗୁ କରାଯାଇଥାଏ। ସେମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ସମୟରେ ଦେବୀ ଓ କେଳୁଣି ନଦୀ ମୁହାଣରୁ ୭ କି.ମି. ଯାଏ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଏ ଓ ସମୁଦ୍ର କୂଳରୁ ୨୦ କି.ମି. ମଧ୍ୟରେ ଟ୍ରଲର ଚଳାଚଳ ସମ୍ପୂର୍ଣ୍ଣ ବାରଣ କରାଯାଇଥାଏ। ଅନେକ ସମୟରେ କେତେକ ଟ୍ରଲର ଚାଳକ ନିୟମ ଉଲ୍ଲଂଘନ କରି ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବାରୁ ବହୁ ଅଲିଭ୍ ରିଡ୍‌ଲେଙ୍କ ମୃତ୍ୟୁ ଘଟିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି। ଅପରପକ୍ଷରେ ବିରଳ ଅଲିଭ୍ ରିଡେଲ କଇଁଛ ସୁରକ୍ଷିତ ମଣୁଥିବା ଅଞ୍ଚଳରେ ଅଣ୍ଡାଦାନ କରିଥାନ୍ତି। ଯେହେତୁ ପ୍ରଥମଥର ପାଇଁ ବ୍ଲୁ ଫ୍ଲାଗ ବିଚ୍‌ରେ ଅଣ୍ଡାଦାନ କରିଛନ୍ତି, ତେବେ ଭବିଷ୍ୟତରେ ଏଠାରେ ଅଣ୍ଡାଦାନ କରିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।

ଯେଉଁ ଶକ୍ତି ସବୁ ସାଧନ କରିପାରିବ– ତାହା ଅଛି। କିନ୍ତୁ ତାହା ଆମ ଭିତରେ ଏକ ଗୁପ୍ତ କୋଠରି ଭିତରେ ଲୁଚିକରି ଅଛି। ଏବଂ ସେହି ରୁଦ୍ଧ ପ୍ରକୋଷ୍ଠର ଚାବି ଅଛି ଈଶ୍ୱରଙ୍କ ହାତରେ। ଆସ– ଈଶ୍ୱରଙ୍କୁ ଖୋଜି ପାଇବା ଓ ତାଙ୍କଠାରୁ ସେ ଚାବି ହାସଲ କରିବା। – ଶ୍ରୀଅରବିନ୍ଦ



# ଅସୁନ୍ଦର ସ୍ଥିତି

ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ଉପୁଜିଥିବା ଯୁଦ୍ଧ ଇତିମଧ୍ୟରେ ଏକ ସପ୍ତାହ ପୂରଣ କଲାଣି। ଏଭଳି ତୀବ୍ର ଆଧୁନିକ ଯୁଗର ଯୁଦ୍ଧରେ ଏହା ଦୀର୍ଘସମୟ ବୋଲି କୁହାଯାଉଛି, ବିଶେଷକରି ଯେହେତୁ ଆମେରିକା ସମ୍ପୃକ୍ତ ଅଛି। କେବଳ ଇରାନରେ ୧ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା କୁହାଯାଉଥିବା ବେଳେ ଯୁଦ୍ଧର ପ୍ରଭାବ ପଡ଼ୋଶୀ ଦେଶଗୁଡ଼ିକ ଉପରେ ପଡ଼ିଛି। ଏଥିଯୋଗୁ ତୈଳ କ୍ଷେତ୍ର ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ବିଶେଷକରି ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଦେଇ ତୈଳ ଯୋଗାଣରେ ବାଧା ଉପୁଜିଥିବାରୁ ଅନ୍ତର୍ଜାତୀୟ ସ୍ତରରେ ତୈଳ ଦର ଅସମ୍ଭାଳ ଭାବେ ବଢ଼ିଚାଲିଛି। ଯୁଦ୍ଧ ପୂର୍ବରୁ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୬୨ ଡଲାର ଥିବା ବେଳେ ଏହା ୯୨ ଡଲାର ଅତିକ୍ରମ କରିଯାଇଛି। ସପ୍ତାହକ ମଧ୍ୟରେ ଏହି ଦର ୧୫୦ ଡଲାରରେ ପହଞ୍ଚିଯିବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କଲେଣି। ଏହି ପରିପ୍ରେକ୍ଷୀରେ ଭାରତର ତୈଳ କ୍ରୟ ପ୍ରସଙ୍ଗ ଅନ୍ତର୍ଜାତୀୟ ଆଲୋଚନାର ବିଷୟବସ୍ତୁ ପାଲଟିଛି। ୬ ମାର୍ଚ୍ଚରେ ରୁଷୀୟ ତୈଳ କିଣିବା ଲାଗି ଭାରତକୁ ୩୦ ଦିନିଆ ଅନୁମତି ଦେଇ ଆମେରିକା ନିଜର ପ୍ରଭୁତ୍ୱ ବିସ୍ତାର କରିଛି। ବିଶ୍ୱର ତୈଳ ଯୋଗାଣ ପଥ ଅବରୋଧ କରିବାକୁ ଇରାନର ଉଦ୍ୟମ ଯୋଗୁ ସୃଷ୍ଟ ଚାପକୁ ଲାଘବ କରିବା ସକାଶେ ସାମୟିକ ଭାବେ ଏଭଳି ରିହାତି ଦିଆଯାଇଥିବା ଆମେରିକା ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ କହିବା ବେଳେ ଭାରତୀୟଙ୍କୁ ଭଲ ଅଭିନୟକାରୀ ଭାବେ ଅଭିହିତ କରିଛନ୍ତି। ତେବେ ଆମେରିକାର ସରକାରୀ ଅଧିକାରୀ କେତେ ଜଣ ଓ କେଉଁ ପ୍ରକାରର ଭାରତୀୟଙ୍କୁ ଭେଟିକରି ଏଭଳି ମନ୍ତବ୍ୟ ଦେଇଛନ୍ତି, ତାହା ପ୍ରଶ୍ନ କରାଯାଇପାରେ। କୌଣସି ଦେଶର ନେତା କିମ୍ବା ନାଗରିକଙ୍କୁ ଆକ୍ଟର ବା ଅଭିନୟକାରୀ କହିବା ଉଭୟ ତାଚ୍ଛଲ୍ୟ ବା ଅସମ୍ମାନକୁ ସୂଚାଉଛି। ଆମେରିକା କହିବାରୁ ରୁଷିଆରୁ ଭାରତ ତୈଳ ଆମଦାନୀ ବନ୍ଦ କରିଥିଲା। ଏବେ ସାମୟିକ ଅସୁବିଧା ଦେଖାଦେଇଥିବାରୁ ରୁଷୀୟ ତୈଳ କିଣିବାକୁ ଆମେରିକା ଅନୁମତି ଦେଇଛି ବୋଲି ବେସେଣ୍ଟ କହିଛନ୍ତି।

**ସମସ୍ୟା ବା କୌଣସି ପ୍ରସଙ୍ଗକୁ ନେଇ ଅସ୍ୱାଭାବିକତା ଦେଖାଦେଲେ ତାହାର ସମାଧାନ ସୂତ୍ର ତତ୍କ୍ଷଣାତ୍ ବାହାର କରାଯିବା କଥା। ଘା'କୁ ଲୁଚାଇ ଦେଲେ ପରବର୍ତ୍ତୀ ସମୟରେ ତାହା ସମ୍ପୃକ୍ତ ଅଙ୍ଗକୁ ନଷ୍ଟ କରିଦେଇଥାଏ। ଅନ୍ତର୍ଜାତୀୟ ହେଉ ବା ଜାତୀୟ କିମ୍ବା ଆଞ୍ଚଳିକ ସମସ୍ୟାକୁ ସମାନ ଭାବେ ଗୁରୁତ୍ୱ ଦିଆଯାଇ ସମୟୋଚିତ ପଦକ୍ଷେପ ନିଆଗଲେ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିପାରନ୍ତା**

ଏଠାରେ କୁହାଯାଇପାରେ, ଆମେ କେଉଁ ତେଲ ବ୍ୟବହାର କରିବୁ, କେଉଁ ସାବୁନ ଦେହରେ ଲଗାଇବୁ ବା କେଉଁ ଖାଦ୍ୟ ଖାଇବୁ ତାହାର ନିର୍ଦ୍ଧାରଣ ପଡ଼ୋଶୀ ଯଦି କରିବ, ତେବେ ଆମକୁ ଯେମିତି ବାଧିବ ସେହିଭଳି ଆମେରିକାର କଥା ପ୍ରତ୍ୟେକ ଭାରତୀୟଙ୍କୁ ମଧ୍ୟ ବାଧିବ। ଏଭଳି ସ୍ଥିତି ପୂର୍ବରୁ କେବେ ଦେଖାଯାଇ ନ ଥିଲା। କୂଟନୀତିକୁ ଭାରତ ସଫଳତାର ସହ ପ୍ରୟୋଗ କରିପାରୁ ନ ଥିବାରୁ ଆଜି ଅବସ୍ଥା ଏହି ସ୍ତରକୁ ଆସିଯାଇଛି। ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିଲେ ମଧ୍ୟ ଏପରି ଭାବେ ଅନ୍ୟ ଦେଶ ପାଖରେ ଆତ୍ମସମର୍ପଣ କରିଦେବା ଦେଶବାସୀଙ୍କୁ ବ୍ୟଥିତ କରିଛି। ସାମ୍ରାଜ୍ୟବାଦୀ ଶକ୍ତିକୁ ହଟେଇବା ଦିଗରେ ଅତୀତରେ ଅନେକ ମହାମନୀଷୀ ବହୁବିଧ ପଦକ୍ଷେପ ନେଇ ଦେଶକୁ ସ୍ୱାଧୀନ କରିଥିଲେ। ଏବକାର ସ୍ଥିତିରେ ଦାଣ୍ଡ ଆଭିମୁଖ୍ୟ ରଖିପାରୁ ନ ଥିବାରୁ ଅନ୍ତର୍ଜାତୀୟ ସ୍ତରରେ ଭାରତକୁ କଣ୍ଢେଇ ଭଳି ନଚାଇବାକୁ ପାଶ୍ଚାତ୍ୟ ରାଷ୍ଟ୍ର ସାହସ କରୁଛି ବୋଲି କୁହାଗଲାଣି।

ଭାରତର ବାହ୍ୟ ସ୍ଥିତି ଏଭଳି ଅବସ୍ଥାରେ ଥିବାବେଳେ ଆଭ୍ୟନ୍ତରୀଣ ଦୃଶ୍ୟପଟକୁ ଦେଖିଲେ ଏକ ଅସ୍ୱାଭାବିକ ଘଟଣା ନଜରକୁ ଆସିଛି। ୭ ମାର୍ଚ୍ଚରେ ପଶ୍ଚିମବଙ୍ଗର ଗୋସାଇପୁରକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗସ୍ତ କରି ଅନ୍ତର୍ଜାତୀୟ ସାନ୍ତାଳ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହି ସମୟରେ ସେ ଆୟୋଜିତ ସାନ୍ତାଳ ସମ୍ମିଳନୀକୁ ନେଇ ଅସନ୍ତୋଷ ବ୍ୟକ୍ତ କରି କହିଥିଲେ, ଏହା ପ୍ରଥମେ ବିଧାନନଗରରେ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। କେଉଁଥିପାଇଁ ତାହା ଗୋସାଇପୁରକୁ ସ୍ଥାନାନ୍ତର ହେଲା ସେଥିନେଇ ରାଷ୍ଟ୍ରପତି ପ୍ରଶ୍ନ ଉଠାଇଥିଲେ। ବିଧାନନଗରରେ ସମ୍ମିଳନୀ ଆୟୋଜିତ ହୋଇଥିଲେ ଅଧିକ ଲୋକ ହୋଇଥାଆନ୍ତେ। କାରଣ ଏହା ଏକ ବଡ଼ ଜାଗା ଥିଲା। ଗୋସାଇପୁରରେ ଏହା ହୋଇଥିବାରୁ ଅଧିକ ଲୋକ ଯୋଗ ଦେଇ ନାହାନ୍ତି ବୋଲି ରାଷ୍ଟ୍ରପତି କହିଥିଲେ। ରାଷ୍ଟ୍ରପତିଙ୍କ ଏଭଳି ମନ୍ତବ୍ୟ ପ୍ରଦାନ ଦେଶବାସୀଙ୍କୁ ଦୁଃଖିତ କରିଛି। ଯିଏ ଯେଉଁପଟୁ ଦେଖି ସାମାଜିକ ଗଣମାଧ୍ୟମରେ ଅନେକ ପ୍ରକାରର ଟିପ୍ପଣୀ ଦେବାର ସୁଯୋଗ ପାଇଯାଇଛନ୍ତି। ହୁଏତ ନିକଟରେ ହେବାକୁ ଥିବା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ରାଷ୍ଟ୍ରପତି ସେହି ରାଜ୍ୟକୁ ଗସ୍ତ କରିବାକୁ ଅସ୍ୱୀକାର କରିବାର ଥିଲା।

ଗୋଟିଏ କଥା ବାରମ୍ବାର ଦେଖାଯାଉଛି ଯେ, ଗତ କିଛି ବର୍ଷ ହେବ ଯେତେବେଳେ କେନ୍ଦ୍ର ସରକାରଙ୍କୁ କୌଣସି କ୍ଷେତ୍ରରେ ଅପ୍ରୀତିକର ସ୍ଥିତିର ସାମ୍ନା କରିବାକୁ ପଡୁଛି ସେତେବେଳେ ତାହାକୁ ଅଣଦେଖା କରାଯାଇ ଅନ୍ୟ ଏକ ପ୍ରସଙ୍ଗକୁ ଚିଆଁଇ ଦିଆଯାଉଛି। ଏକ ସୁଶାସନର ଏହା ଲକ୍ଷଣ ନୁହେଁ ବୋଲି କୁହାଯାଇପାରେ। ସମସ୍ୟା ବା କୌଣସି ପ୍ରସଙ୍ଗକୁ ନେଇ ଅସ୍ୱାଭାବିକତା ଦେଖାଦେଲେ ତାହାର ସମାଧାନ ସୂତ୍ର ତତ୍କ୍ଷଣାତ୍ ବାହାର କରାଯିବା କଥା। ଘା'କୁ ଲୁଚାଇ ଦେଲେ ପରବର୍ତ୍ତୀ ସମୟରେ ତାହା ସମ୍ପୃକ୍ତ ଅଙ୍ଗକୁ ନଷ୍ଟ କରିଦେଇଥାଏ। ଅନ୍ତର୍ଜାତୀୟ ହେଉ ବା ଜାତୀୟ କିମ୍ବା ଆଞ୍ଚଳିକ ସମସ୍ୟାକୁ ସମାନ ଭାବେ ଗୁରୁତ୍ୱ ଦିଆଯାଇ ସମୟୋଚିତ ପଦକ୍ଷେପ ନିଆଗଲେ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିପାରନ୍ତା।

# ପୁରସ୍କାର ଓ ପ୍ରବଞ୍ଚନା



ଡ. ପ୍ରଫୁଲ୍ଲ କୁମାର ସାହୁ

ଏହି ନିକଟରେ ଦିଲ୍ଲୀରେ ଉଦ୍‌ଯାପିତ ହୋଇଯାଇଛି ଏଆଇ କମ୍ପାକ୍ଟ ସମିଟ୍ ବା କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବ ସମ୍ପର୍କିତ ଶିଖର ସମ୍ମିଳନୀ। ବିଶ୍ୱର କୋଡ଼ିଏଟି ରାଷ୍ଟ୍ରର ଶାସନମୁଖ୍ୟ ତଥା ପାଞ୍ଚଶହରୁ ଊର୍ଦ୍ଧ୍ୱ ଏଆଇ ବିଶେଷଜ୍ଞଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ସମ୍ମିଳନୀ ଥିଲା ଭାରତ ପାଇଁ ଗୌରବର ବିଷୟ। ମାତ୍ର ଯେଉଁ ଘଟଣାଟି ଅମୃତ ଭାଣ୍ଡରେ ଟୋପାଏ ବିଷ ପରି ପରିସ୍ଥିତି ସୃଷ୍ଟି କରିଥିଲା, ତାହା ହେଉଛି ଚାଇନାରେ ନିର୍ମିତ ଏକ ଯନ୍ତ୍ର କୁକୁର (ରୋବୋ)କୁ ନିଜ ଉତ୍କର୍ଷ କେନ୍ଦ୍ର ଦ୍ୱାରା ନିର୍ମିତ ବୋଲି କହି ପ୍ରଦର୍ଶିତ କରିଥିଲା ଉତ୍ତର ପ୍ରଦେଶର ନଏଡାସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟ। ଚୋରି ଧରାପଡ଼ିବା ପରେ ନିଜର ଦୋଷ ସ୍ୱୀକାର କରିବା ପରିବର୍ତ୍ତେ ଗାଲୁଆଙ୍କ ବାରବାଟି ଚାଷ ନ୍ୟାୟରେ ସଫେଇ ଦେଇଥିବା ସେ ବିଶ୍ୱବିଦ୍ୟାଳୟର ନାମ ହେଉଛି 'ଗାଲଗୋଟିଆସ'। ପ୍ରଶ୍ନ ଉଠେ, ଗୋଟିଏ ଘରୋଇ ବିଶ୍ୱବିଦ୍ୟାଳୟର ଏତେବଡ଼ ସାହସ ହେଲା କେମିତି? ଏଥିରୁ ସ୍ପଷ୍ଟ ହୁଏ ଯେ ଧରାପଡି ଅପମାନିତ ହୋଇ ନ ଥିଲେ ତାର କୃତିତ୍ୱ ପାଇଁ ଅଜାଡ଼ି ହୋଇ ପଡିଥାନ୍ତା ଅଜସ୍ର ପ୍ରଶଂସା, ଯେମିତି ଚାଲିଛି ଆମ ଓଡ଼ିଆ ସାହିତ୍ୟରେ। ପ୍ରଶଂସାପତ୍ର ବାଣ୍ଟିବା ପାଇଁ ଏଠି ଗଢି ଉଠିଛି ଅନେକ ସାହିତ୍ୟ ଅନୁଷ୍ଠାନ। ମାତ୍ର ଅଯୋଗ୍ୟଙ୍କୁ ସମ୍ମାନିତ କରିବା ପ୍ରାୟତଃ ଅଧିକାଂଶ ଅନୁଷ୍ଠାନର ସମ୍ଭ୍ରାନ୍ତୀୟ ନୀତି।

ଆମ ରାଜ୍ୟରେ ସାରସ୍ୱତ ସଂଗଠନ କହିଲେ ଆଗେ ଆଖି ଆଗକୁ ଆସେ ଓଡ଼ିଶା ସାହିତ୍ୟ ଏକାଡେମୀ। ଏହା ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସର୍ବୋଚ୍ଚ ଅନୁଷ୍ଠାନ। କେବଳ ପୁରସ୍କାର ପ୍ରଦାନ ନୁହେଁ,ଏଥିସହିତ ନୂତନ ଲେଖକ ଲେଖିକା ସୃଷ୍ଟି କରିବା, ନୂତନ ପୁସ୍ତକ ସମ୍ପାଦନା କରିବା, ସୃଷ୍ଟି ସମୀକ୍ଷା କରିବା ଇତ୍ୟାଦି ମଧ୍ୟ ସାହିତ୍ୟ ଏକାଡେମୀର କାମ। ଓଡ଼ିଶା ସରକାରଙ୍କ ଦ୍ୱାରା ଏହା ଗଠନ (୧୯୫୭) ହେଲା ପରେ ବିଶିଷ୍ଟ ସାହିତ୍ୟିକ ମାୟାଧର ମାନସିଂହ କହିଥିଲେ– ସରକାର ତାଙ୍କ ବୃଦ୍ଧାଙ୍ଗୁଷ୍ଠି ତଳେ ଚାପି ରଖିଲା ଭଳି ଅନୁଷ୍ଠାନଟିଏ ଗଢିଦେଲେ, ଯେଉଁ କଟୁ ସତ୍ୟ ଆଜି କଠୋର ଭାବେ ଅନୁଭୂତ।

ସାହିତ୍ୟ ଏକାଡେମୀ ଗଠନ ହେବାର ଅର୍ଦ୍ଧଶତାବ୍ଦୀ ପୂର୍ବରୁ(୧୯୦୩) ଜନ୍ମ ନେଇସାରିଥିଲା ଓଡ଼ିଶାର ସର୍ବପୁରାତନ ସାରସ୍ୱତ ଅନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜ'। ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧି ଦିଗରେ ତା'ର ଅତୁଳନୀୟ ଅବଦାନ ପାଇଁ ତାହା ଓଡ଼ିଆ ଭାଷା ସାହିତ୍ୟର ଶ୍ରୀମନ୍ଦିର ଭାବରେ ପରିଚିତ। ଉତ୍କଳ ସାହିତ୍ୟ ସମାଜ ଜନ୍ମନେବା ପୂର୍ବରୁ ଓଡ଼ିଶାରେ ରାଜା ଓ ଜମିଦାରମାନେ ଥିଲେ ସାହିତ୍ୟର ପୃଷ୍ଠପୋଷକ। ବାମଣ୍ଡା ରାଜା ବାସୁଦେବ ସୁଢଳଦେବ, ମୟୂରଭଞ୍ଜ ରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ, ଖଡ଼ିଆଳ ରାଜା ବ୍ରଜରାଜ ସିଂହଦେଓ, ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ ଓ ପାରଳା ରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଭଳି ବହୁ କାବ୍ୟାନୁରାଗୀ ରାଜା ଥିଲେ ଏବଂ ସେମାନଙ୍କ ରାଜଦରବାରରେ ସମୁଚିତ ଆତିଥ୍ୟ ଓ ସମ୍ମାନ ପାଉଥିଲେ କବି, ଲେଖକ ଓ ପଣ୍ଡିତମାନେ।

ରାଜଦରବାର ବାହାରେ ମନ୍ଦିର, ଚଉପାଢି ଓ ଭାଗବତଟୁଙ୍ଗିରେ ବି ସାହିତ୍ୟ ଓ ସଂସ୍କୃତି ଚର୍ଚ୍ଚା ହେଉଥିଲା ଏବଂ ସେଥିରେ ଭାଗ ନେବାର ସୁଯୋଗ ପାଉଥିଲେ ସବୁବର୍ଗର ଲୋକ। ସାରସ୍ୱତ ସାଧକମାନେ ଥିଲେ ଋଷି ଚେତନାର ମଣିଷ। ବୈଚାରିକ ଦୃଷ୍ଟିଭଙ୍ଗୀକୁ ନେଇ ସେମାନେ ମଞ୍ଚରେ ବିତର୍କ କରୁଥିଲେ ମଧ୍ୟ ପରସ୍ପର ବାନ୍ଧି ହୋଇ ରହିଥିଲେ ସମ୍ପର୍କର ପରମ ସୌହାର୍ଦ୍ଦ୍ୟର ସୂତ୍ରରେ। ଯୋଗ୍ୟ ସ୍ରଷ୍ଟାଙ୍କୁ ଇଂରେଜ ସରକାର ଓ ରାଜା, ଜମିଦାରଙ୍କ ପକ୍ଷରୁ ଉପାଧି ଓ ସମ୍ବର୍ଦ୍ଧନା ମିଳୁଥିଲା, ଯାହା ସେମାନଙ୍କ ପାଇଁ ଥିଲା ଏକ ସାତ୍ତ୍ୱିକ ସ୍ୱୀକୃତି। ସବୁରି ଊର୍ଦ୍ଧ୍ୱରେ ଥିଲା ବିଦଗ୍ଧ ପାଠକ ଓ ଗୁଣଗ୍ରାହୀମାନଙ୍କ ଦ୍ୱାରା ପ୍ରଦତ୍ତ ଶାବ୍ଦିକ ଶିରସ୍ତ୍ରାଣ, ଯା'ର ଦୃଷ୍ଟାନ୍ତ ଫକୀରମୋହନଙ୍କ ବ୍ୟାସକବି ଓ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କାନ୍ତକବି ଉପାଧି। ସେତେବେଳେ ପୁରସ୍କାର ଦିଆଯାଉଥିଲା ଶ୍ରେଷ୍ଠତ୍ୱର ସମ୍ମାନାର୍ଥେ। ପୁରସ୍କାରର ପବିତ୍ରତା ବଜାୟ ରଖିବା ପାଇଁ ବିଶେଷଜ୍ଞମାନେ ନିରପେକ୍ଷ ରହି ସିଦ୍ଧାନ୍ତ ନେଉଥିଲେ, ଯେଉଁଥିପାଇଁ ତା'ର ବିଶ୍ୱସନୀୟତା ଥିଲା ସନ୍ଦେହର ଊର୍ଦ୍ଧ୍ୱରେ। ମାତ୍ର ସାହିତ୍ୟ ସଂଗଠନ ସହିତ ସାମନ୍ତମାନେ ଯୋଡିହେବା ପରେ କଳୁଷିତ ହେଲା ସାରସ୍ୱତ ବାତାବରଣ। ପୁରସ୍କାର ପାଇବା ନ ପାଇବାକୁ ନେଇ ଉଠିଲା ବିବାଦ। ଦିନେ ସାହିତ୍ୟରେ ସେବକ ହେବା ଥିଲା କାଠିକର ପାଠ। ସେଥିରେ ସ୍ୱୀକୃତି ପାଇବା ପୁଣି ଭାଗ୍ୟର କଥା। ଏବେ ଲେଖକ ହେବା ଓ ପୁରସ୍କାର ପାଇବା ଅତି ସାଧାରଣ କଥା। ଆଜିକାଲି କଲମଚାଷୀ ହାଉଯାଉ। ସେମାନଙ୍କୁ ପୁରସ୍କାର ଦେବା ପାଇଁ ଖୋଲିଛି ମାଳମାଳ ସାହିତ୍ୟ ସଂଗଠନ। ଗାଁରୁ ସହର ଯାଏ ସବୁଠି ଆୟୋଜନ ହେଉଛି ପୁସ୍ତକ ଲୋକାର୍ପଣ ଉତ୍ସବ। ଆଗେ ପାଠକଙ୍କ ତୁଳନାରେ ଲେଖକଙ୍କ ସଂଖ୍ୟା ଥିଲା ନଗଣ୍ୟ। ଆଜି ଶହେଜଣ ଲେଖକଙ୍କ ଭିତରେ ଦଶଜଣ ପାଠକ ମିଳିବେ କି ନାହିଁ ସନ୍ଦେହ। ପାଠକହୀନତା ସଙ୍କଟ ଭିତରୁ ମୁକୁଳିପାରୁନି ଓଡ଼ିଆ ସାହିତ୍ୟ। କ'ଣ ହୋଇପାରେ ଏହାର କାରଣ? ଓଡ଼ିଆ ସାହିତ୍ୟରେ ଆଉ ଭଲ ଲେଖକ ନାହାନ୍ତି ନା ସେମାନେ ଖୋଜି ପାଉନାହାନ୍ତି ଘଟଣା ଓ ଚରିତ୍ର?



ସାହିତ୍ୟ ସ୍ରଷ୍ଟା ମାନବାତ୍ମାର କାରିଗର। ସେମାନଙ୍କ ଅନ୍ତର୍ଲୋକରେ ଉଦ୍ଭାସିତ ସୃଜନଶୀଳ ଉଦୟ ହିଁ ସାହିତ୍ୟ। ତା'ର ସୃଷ୍ଟି ପଛରେ ଥାଏ ବିପୁଳ ଉପଲବ୍ଧି। ଘୃଣା ଓ ହିଂସା ଏବଂ ପ୍ରବଞ୍ଚନାରୁ ଉପଲବ୍ଧି ମିଳେନାହିଁ, ଉପଲବ୍ଧି ଥାଏ ସତ୍ୟରେ, ପ୍ରେମରେ ଓ ଭଲପାଇବାରେ। ଯେଉଁଠି ସାଧନା ନାହିଁ, ନିଷ୍ଠା ନାହିଁ, ମହତ ଲକ୍ଷ୍ୟ ନାହିଁ, ସେଠାରେ ସାହିତ୍ୟ କେବଳ ଆତ୍ମପ୍ରଚାର ଓ ଶସ୍ତା ଲୋକପ୍ରିୟତା ପାଇଁ ଏକ ଭେଳିକି। ନିଜ ଲେଖା ଉପରେ ନିଜେ ମୋହର ମାରି ବାହାବା ନେବାର ଆତ୍ମ ପ୍ରବଞ୍ଚନା। ନାନ୍ଦନିକ ଦୃଷ୍ଟିକୋଣ ନ ରହିଲେ ସର୍ଜନା ପାଲଟିଯାଏ ସାହିତ୍ୟର ଅପସୃଷ୍ଟି। ସାରସ୍ୱତ ଅଗଣାର ସେହି ଆବର୍ଜନାକୁ ନେଇ ବଢୁଛି ପୁରସ୍କାରପ୍ରାପ୍ତ ପୁସ୍ତକ ଓ ପାଠକପ୍ରିୟ ପୁସ୍ତକ ମଧ୍ୟରେ ଦୂରତା। ସାହିତ୍ୟ ପାଖରୁ ଦୂରେଇଯାଉଛି ପାଠକ।

ଆଗେ କେବଳ ରାଜଧାନୀରେ ଅନୁଷ୍ଠିତ ହେଉଥିଲା ପୁସ୍ତକ ମେଳା। ଏବେ ଛୋଟ ଛୋଟ ସହରରେ ପୁସ୍ତକ ମେଳା ହେଲାଣି ଏବଂ କେତେକ ସହରରେ ଏକାଧିକ ମେଳା ହେଉଛି ବାଦବୁଦିଆରେ। ହେଲେ ସବୁଠି ବହି ବଜାର ମାନ୍ଦା। ପୁଣି ଧର୍ମ, ବିଜ୍ଞାନ, ପାଠ୍ୟ ଓ ପ୍ରତିଯୋଗିତାମୂଳକ ପୁସ୍ତକ ତୁଳନାରେ ସବୁଠାରୁ କମ୍ ବିକ୍ରି ହେଉଛି ସାହିତ୍ୟ ବହି। ପାଠକ ନ ଥାଇ ଲେଖକଙ୍କୁ ମିଳୁଛି ପୁରସ୍କାର। ସେଥିପାଇଁ ସାହିତ୍ୟ ସଭା ସହିତ ଯୋଡି ହୋଇଯାଉଛି ସମ୍ବର୍ଦ୍ଧନା ପର୍ବ। ସେଠାରେ ସମ୍ବର୍ଦ୍ଧିତ ହେଉଛନ୍ତି ଅନେକ ଆତ୍ମଘୋଷିତ ବଡ଼ ଲେଖକ। ସେମାନଙ୍କୁ ଜଣାଥାଏ ପେଞ୍ଚପାଞ୍ଚ କରି ମଞ୍ଚଦଖଲ ଓ ପୁରସ୍କାର ହାତେଇବାର କଳା। ସାହିତ୍ୟ ଏକାଡେମୀ ଭଳି ବଡବଡ ସାହିତ୍ୟ ଅନୁଷ୍ଠାନରେ ବି ଚାଲିଛି ନିର୍ଦ୍ଦିଷ୍ଟ ମତାଦର୍ଶର ଭାଟ ବନ୍ଦନା। ତଥାକଥିତ ଅନେକ ମାତବର ସେହି ପ୍ରବଞ୍ଚନା ପାଲାର ପାଳିଆ। ପୁରସ୍କାର ମାନସିକତା ସାହିତ୍ୟ ସାଧନାର ଅନ୍ତରାୟ। ଯେଉଁଠି ପ୍ରତିଭା ଓ ଆତ୍ମବିଶ୍ୱାସର ଅଭାବ, ସେଇଠି ସୃଷ୍ଟି ହୁଏ ଅସାଧୁ ଉପାୟରେ ପୁରସ୍କାର ହାତେଇବାର ବିଚିତ୍ର ବିକଳପଣ। ଯେଉଁଠି ମଞ୍ଚବିକିଳିଆ ମତଲବୀ ମହାରଥିଙ୍କ ପ୍ରପଞ୍ଚପଣ, ସେଇଠି କମେ ମାନପତ୍ରର ମାନ। ଏମାନଙ୍କ ପ୍ରବଞ୍ଚନା ପାଇଁ ପୁରସ୍କାରରୁ ବଞ୍ଚିତ ହୁଅନ୍ତି ଅନେକ ଯୋଗ୍ୟ ଲେଖକ। ଏହି ପ୍ରବଞ୍ଚନାର କ୍ଷତରୁ ଯେଉଁ ରକ୍ତ କ୍ଷରଣ ହୁଏ, ତାହା ସାହିତ୍ୟ ପାଇଁ କ୍ଷତିକାରକ। ତା'ର ପୂର୍ଣ୍ଣଚ୍ଛେଦ ନ ପଡ଼ିବା ଯାଏ ତ୍ରାହି ତ୍ରାହି ଡାକୁଥିବ ବୃହତ୍ତର ପାଠକ ସମାଜ।

ଅସଲ ସ୍ରଷ୍ଟା ଆନୁଷ୍ଠାନିକ ପୁରସ୍କାର, ଉପଢୌକନ, ସମ୍ମାନ ଓ ସମ୍ବର୍ଦ୍ଧନାର ଔପଚାରିକତା ପାଖରେ ନ ଥାଏ, ସେ ଥାଏ ତା'ର ପାଠକ ପାଖରେ। ସେ ଗୋଠ ଗଢେନି କି ଭାଟ ବନ୍ଦନା କରେନି ସ୍ୱସିଦ୍ଧିର ଅଭିସନ୍ଧି ନେଇ। ସେ ନୀରବରେ ନିମଜ୍ଜି ରହିଥାଏ ତା'ର ପ୍ରଜାପତୀୟ କାର୍ଯ୍ୟରେ। ଲେଖକର ପରମାୟୁ ପୁରସ୍କାର ଉପରେ ନୁହେଁ, ନିର୍ଭର କରେ ପାଠକୀୟ ଆଦୃତି ଉପରେ। ଶକ୍ତିଶାଳୀ ଲେଖାରେ ଏମିତି ମନ୍ତ୍ରଶକ୍ତି ଥାଏ ଯେ ତାହା ହୃଦୟ ତନ୍ତ୍ରୀରେ ସୃଷ୍ଟି କରେ ଅପୂର୍ବ ଝଙ୍କାର। ଲେଖକୀୟ ଭାବସତ୍ତା ସହିତ ପାଠକୀୟ ଆତ୍ମସତ୍ତା ମିଶିଗଲେ ପ୍ରାପ୍ତିର ଯେଉଁ ଅନିର୍ବଚନୀୟ ଆନନ୍ଦ ମିଳେ ତାହା ହିଁ ଲେଖକର ସର୍ବଶ୍ରେଷ୍ଠ ସଫଳତା। ସେଭଳି ଲେଖକର ସିଂହାସନ ପାଠକଙ୍କ ହୃଦୟରେ, ଯାହା କେବେ ଜୁଟେ ନାହିଁ ଗାଲଗୋଟିଆ ବା ବୌଦ୍ଧିକ ଶଠମାନଙ୍କ ଭାଗ୍ୟରେ।

ଅବସରପ୍ରାପ୍ତ ଅଧ୍ୟକ୍ଷ, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ପିଲାଙ୍କ ସଂସ୍କାର



ହରେକୃଷ୍ଣ ଦାସ

ଗୋଟେ ଛୋଟ ଅଥଚ ଜନଗହଳିପୂର୍ଣ୍ଣ ଛକରେ ମୋର ଗାଡ଼ି ପାର୍କ କଲାବେଳେ ସେଠି ଥିବା ଗୋଟେ ସ୍କୁଟରର ପାଖାପାଖି ଚାଲି ଆସିଲା। ସ୍କୁଟର ଉପରେ ବସିଥିବା ଝିଅଟିଏ ଧକ୍କା ହୋଇଯିବା ଆଶଙ୍କାରେ ଡରିଯାଇ ଓହ୍ଲାଇ ପଡିଲା ବେଳକୁ ତଳେ ପଡ଼ିଗଲା। ଝିଅଟି ଉଠିପଡ଼ି ମତେ ଗାଳିଦେବା ଆରମ୍ଭ କରିଦେଲା। ସେ ତା' ଭାଇକୁ ଫୋନ କରି ଡକେଇଲା। ଅବିଳମ୍ବେ ତା'ର ଭାଇ ସହ ଦି'ଜଣ ଯୁବକ ପହଞ୍ଚିଯାଇ ମତେ ଦୁର୍ବ୍ୟବହାର କଲେ। କିଛି ସମୟ ପରେ ଝିଅଟି କହିଲା, ଏଭଳିଆ ଷ୍ଟାଣ୍ଡାର୍ଡ ନ ଥିବା ଲୋକଙ୍କ ସହ ପାଟିତୁଣ୍ଡ କଲେ ଆମର ଇଜ୍ଜତ ଯିବ। ଭଉଣୀ କଥା ମାନି ଭାଇ 'ତୋ କଥା ପରେ ବୁଝିବି' ଭଳି ସଂକ୍ଷିପ୍ତ ଧମକଟିଏ ଦେଇ ଚାଲିଗଲା।

ସେଇ ମୁହୂର୍ତ୍ତରୁ ସେ ସ୍ଥାନ ଛାଡ଼ି ଚାଲିଯିବାକୁ ଇଚ୍ଛା ହେଉଥିଲେ ବି ସେଇଠି ଅମର ଓ ତା'ପରିବାରବର୍ଗଙ୍କୁ ଅପେକ୍ଷା କରିବାକୁ ଆଗରୁ ସ୍ଥିର ହୋଇଥିବାରୁ ବାଧ୍ୟ ହୋଇ ଅଟକି ରହିଲି। ଅମର ଓ ତା' ବାପା ଶରତବାବୁ ଆସି ପହଞ୍ଚିବା ପରେ ଗୋଟେ ଅଚାନକ ଅସୁସ୍ଥତାର ବାହାନା କରି ଖସି ଆସିବାକୁ ଚେଷ୍ଟା କଲି। କିନ୍ତୁ ମୋ ବିନା ସେ ଆଦୌ ଯିବନି ଏବଂ କାର୍ଯ୍ୟକ୍ରମଟିକୁ ସ୍ଥଗିତ ରଖିବାକୁ ଅମର ଜିଦ୍ କରିବାରୁ ବାଧ୍ୟ ହୋଇ ସେମାନଙ୍କ ସହ ଯିବାକୁ ରାଜି ହେଲି।

ମୋ ପାଖରେ ପ୍ରାୟ ଦଶ ବାର ବର୍ଷ ତଳେ ଛାତ୍ର ଥିବା ଅମର ଦୀର୍ଘ ଦିନରୁ ପସନ୍ଦ କରିଥିବା ଝିଅକୁ ଦେଖି ଆଜି ବାହାଘର ସ୍ଥିର କରିବା କାର୍ଯ୍ୟରେ ମୋର ଭୂମିକାକୁ ସର୍ବାଧିକ ଗୁରୁତ୍ୱ ଦେଉଥାଏ। ଝିଅକୁ କେବଳ ମୁଁ ମୋ ବାଗରେ ପରଖି ସ୍ୱୀକୃତି ଦେଲେ ଯାଇ କଥା ଆଗେଇବ ବୋଲି ଅମର ଆଗରୁ ଜଣାଇଦେଇଥିବାରୁ ମତେ ଦେଖିବା ପାଇଁ ଝିଅ ଘର ଲୋକଙ୍କ ଭିତରେ ଖୁବ୍ ଉତ୍ସୁକତା ଥାଏ। ଝିଅ ଘରେ ଆମର ଯଥାଯଥ ଆତିଥ୍ୟ ପରେ ଝିଅଟି ଆମ ସାମ୍ନାକୁ ଆସିବାର ପର୍ବ। ସୁନ୍ଦର ଭାବେ ସଜେଇ ହୋଇ ଆସି ଆମକୁ ପ୍ରଣାମ କରି ଝିଅଟି ମୁହଁ ଉଠେଇ ଚାହିଁଲା ବେଳକୁ ମୋ ଉପରେ ନଜର ପଡିବା ମାତ୍ରେ ଚମକି ପଡ଼ିଲା। ଭୟରେ ହାତ ଥରିଉଠି ଦେହ ମୁହଁରେ ଝାଳ ଉକୁଟି ଉଠିଲା। ତା'ର ଏ ଅବସ୍ଥା ଦେଖି ଅମର ଓ ଅନ୍ୟମାନେ କ'ଣ ହେଇଛି ବୋଲି ଝିଅକୁ ପଚାରିବାରୁ ସେ 'ମୋର ଭୁଲ ହେଇଯାଇଛି। ମୁଁ ଆପଣଙ୍କୁ ଚିହ୍ନି ନ ଥିଲି, ମତେ କ୍ଷମା କରିଦିଅନ୍ତୁ' କହି କାନ୍ଦି ପକେଇଲା। ତା' କାନ୍ଦ ଶୁଣି ତା'ର ଭାଇ ଓ ଅନ୍ୟମାନେ ଧାଇଁ ଆସିଲେ। ମତେ ଦେଖି ଭାଇର ଅବସ୍ଥା ମଧ୍ୟ ଭଉଣୀପରି ହେଇଗଲା। 'ଆଇ ଆମ୍ ସରି' କହିଦେଇ ସେ ଚୁପ୍‌ଚାପ ଛିଡ଼ା ହେଇରହିଲା। ଘଟଣାଟି ଜଣେଇବାକୁ ଅମର ବାଧ୍ୟ କରିବାରୁ ଝିଅଟି ସମ୍ପୂର୍ଣ୍ଣ କାହାଣୀ ବର୍ଣ୍ଣନା କଲା। କଥା ଶେଷ ହେଲାବେଳକୁ ଅମର ରାଗରେ ଲାଲ ପଡ଼ିଯାଇଥାଏ। ଏମିତି ଗୋଟେ ଛୋଟ ଘଟଣାକୁ ଗୁରୁତ୍ୱ ନ ଦେବାକୁ ମୁଁ କହିବା ମାତ୍ରେ ଝିଅର ବାପା ତତ୍କ୍ଷଣାତ କହିଲେ, 'ଆଜ୍ଞା, ପିଲାମାନେ ତ ଭୁଲ କରିବେ। କିନ୍ତୁ ଆମେମାନେ ଏମିତି ଗୁରୁତ୍ୱହୀନ ଛୋଟଛୋଟ ଘଟଣାକୁ ଧରିବା ଉଚିତ ହେବନି।'



ଅମରର ବାପା କହିଲେ, 'ବୁଝିଲେ ଆଜ୍ଞା, ଜଣକର ଚରିତ୍ର ବିଷୟରେ ଜାଣିବା ପାଇଁ ଏମିତି ଛୋଟଛୋଟ ଘଟଣା ହିଁ ଯଥେଷ୍ଟ। ଆମର ବିଚାର, ଚରିତ୍ର ଆଉ ସଂସ୍କାର ଅନୁସାରେ ଆମ ପିଲା ବଢ଼ିଥାନ୍ତି। ଆପଣ ପିଲାଙ୍କୁ ରୋଜଗାରକ୍ଷମ କରିଦେଇଛନ୍ତି ସିନା, ସେମାନଙ୍କୁ ସଂସ୍କାର, ଶିଷ୍ଟାଚାର ଶିକ୍ଷା ଦେଇନାହାନ୍ତି। ଅନ୍ୟମାନଙ୍କୁ ସମ୍ମାନ ଦେବା କଥା ଆପଣ ସେମାନଙ୍କୁ ଶିଖେଇ ନାହାନ୍ତି। ନ ହେଲେ ନିଜଠାରୁ ଯଥେଷ୍ଟ ବୟସ୍କ ଜଣେ ବ୍ୟକ୍ତିଙ୍କୁ ସେମାନେ ଆଜି ଏମିତି ବ୍ୟବହାର କରି ନ ଥାନ୍ତେ। ଅବଶ୍ୟ ସେମାନଙ୍କ ଏ ବ୍ୟବହାର ପ୍ରତି ଆପଣଙ୍କ ଦୃଷ୍ଟିଭଙ୍ଗୀ ଜଣେଇଦେଉଛି ଯେ ସେମାନଙ୍କ ଏ ପ୍ରକାର ଚରିତ୍ର ଅତ୍ୟନ୍ତ ସ୍ୱାଭାବିକ, କାରଣ ଆପଣଙ୍କଠାରୁ ହିଁ ସେମାନେ ଏସବୁ ଆହରଣ କରିଛନ୍ତି। କିନ୍ତୁ ମନେରଖନ୍ତୁ, ଅନ୍ୟମାନଙ୍କୁ ଦୁର୍ବ୍ୟବହାର ଦେଖେଇବା ଯାହାର ଚରିତ୍ର, ସେ ଆତ୍ମୀୟସ୍ୱଜନଙ୍କୁ ମଧ୍ୟ ଛାଡ଼ିବନି। କାଲି ସେମାନେ ଆପଣଙ୍କୁ ମଧ୍ୟ ଏ ପ୍ରକାର ବ୍ୟବହାର ଦେଖେଇବେ।

ଅମର କହିଲା, 'ଆଉ ସମୟ ନଷ୍ଟ କରିବା ଉଚିତ ନୁହଁ। ଘରକୁ ଯିବା।'ଆମ ସହ ଯାଇଥିବା ଜଣେ ଭଦ୍ରଲୋକ ଫେରିବା ବାଟରେ କହିଲେ, 'ବୁଝିଲେ ଆଜ୍ଞା, ଏ ଝିଅର ଭାଇ ସହ ମୋ ଝିଅର ପ୍ରସ୍ତାବ ପକେଇବା କଥା ମୁଁ ଭାବୁଥିଲି। ହେଲେ ଏତେକାଣ୍ଡ ଜାଣିବା ପରେ ଯାହା ଟିକେ ମନ ଉଣା ହେଇଥିଲା, ପିଲାର ମାଆକୁ ଦେଖିଲା ପରେ ଆଦୌ ନ ଆଗେଇବାକୁ ସ୍ଥିର କଲି। ଛ' ମାସ ପାଇଁ ମୁଁ ତାଙ୍କର ସହକର୍ମୀ ଥିବାବେଳେ ତାଙ୍କୁ ଅନୁଧ୍ୟାନ କରିଛି। ଖୁବ୍ ଅହଙ୍କାରୀ ମହିଳା ଜଣେ। ଆମେ ଯିଏ ଯେତେ ବୟସ୍କ ହେଇଥିଲେ ବି ସେ କାହାରିକୁ ନମସ୍କାର କରନ୍ତିନି। ସମସ୍ତଙ୍କ ସହ ଝଗଡ଼ା। ତାଙ୍କ କଥାବାର୍ତ୍ତାରେ ଅନ୍ୟମାନଙ୍କ ପ୍ରତି ଅସମ୍ମାନ, ବେଖାତିର ଭାବ। ଏଭଳିଆ ମାଆର ପିଲାମାନେ ଆଉ କେମିତି ହେବେ! କୋଉ ପିଲା ଭଲ ପଡିବ କି ନାହିଁ ସେକଥା କହିହବନି, କିନ୍ତୁ ସବୁ ଜାଣିସାରିବା ପରେ ନ ଆଗେଇବାଟା ଠିକ୍ ହେଇଛି।'

ଅମର କହିଲା,'ସାର, ମୁଁ ଜାଣେ, ଆପଣ ସମସ୍ତଙ୍କୁ କ୍ଷମା କରିଦେବେ, କିନ୍ତୁ ଆପଣଙ୍କ ଏ ଅସମ୍ମାନ ପାଇଁ ମୁଁ ନିଜକୁ କେବେ କ୍ଷମା କରିପାରିବିନି।' କିଛି ଉତ୍ତର ନ ଦେଇ ମୁଁ କେବଳ ତା' ପିଠି ଥାପୁଡେଇ ଦେଇ ସେ ହୃଦୟରେ ସାଇତିଥିବା ସଂସ୍କାର କଥା ଭାବି ଖୁସି ହେଉଥିଲି। ଏବଂ ଏ ପ୍ରକାର ଘଟଣା ଯୋଗୁ ବାହାଘର ପରି ଜୀବନର ଗୋଟେ ଗୁରୁତ୍ୱପୂର୍ଣ୍ଣ ଘଟଣା ଏମିତି ମୋଡ଼ ନେଇଥିବାରୁ ଦୁଃଖ ଅନୁଭବ କରୁଥିଲି।

ଅଧ୍ୟାପକ, ଇଂଲିଶ୍ ବିଭାଗ, ନିଆଳି ମହାବିଦ୍ୟାଳୟ, ନିଆଳି, କଟକ
ମୋ: ୯୮୬୧୩୪୫୬୫୮

## ଏଇ ଭାରତରେ

ନିଜ ପାଇଁ ଖାଦ୍ୟ ସଂଗ୍ରହ କରିବାର କଷ୍ଟ ଅନୁଭବ କରିଥିବା ଜଣେ ମହିଳା ରମଜାନ ମାସରେ ଅନେକ ଅସହାୟ ପରିବାରକୁ ଖାଦ୍ୟ ଯୋଗାଉଛନ୍ତି। ଏହି ମହିଳା ହେଉଛନ୍ତି ଦିଲ୍ଲୀର ସୁମ୍ବୁଲ । ସେ ଆପ୍‌କେ ଫାଉଣ୍ଡେଶନ ଗଠନ କରି ନଏଡା, ଦିଲ୍ଲୀ ଏବଂ ବରେଲୀରେ ଖାଦ୍ୟ ଓ ରାଶନ କିଟ୍ ଲୋକଙ୍କୁ ଦେଉଛନ୍ତି। ୨୦୧୮ରେ ସୁମ୍ବୁଲ ନଏଡା ଆସିଥିଲେ। ସେତେବେଳେ ତାଙ୍କ ପାଖରେ ୭୫୦୦ ଟଙ୍କା ଥିଲା। ସେହି ଟଙ୍କାରେ ଚଳିବା କଷ୍ଟକର ହୋଇପଡ଼ିଲା। ଏପରି କି ପ୍ରାରମ୍ଭିକ ସ୍ତରରେ ନିଜ ପାଇଁ ଖାଦ୍ୟ ଯୋଗାଡ଼ କରିବା କଷ୍ଟକର ଥିଲା। ପରେ ସେ ନିଜ ସ୍ଥିତିକୁ ସୁଧାରିବା ସହ ୨୦୨୧ରେ ଆପ୍‌କେ ଫାଉଣ୍ଡେଶନ ଗଠନ କରି ସ୍ୱେଚ୍ଛାସେବୀଙ୍କୁ ଏଥିରେ ସାମିଲ କରି ଖାଦ୍ୟ ବାଣ୍ଟିବା ଆରମ୍ଭ କରିଥିଲେ। ଏବେ ୨୨ରୁ ୩୨ ବର୍ଷ ବୟସ ମଧ୍ୟରେ ୧୭ ଜଣ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକୁ ସଞ୍ଚାଳନ କରୁଛନ୍ତି। ସେମାନେ ସନ୍ଧ୍ୟା ସମୟରେ ଲୋକଙ୍କୁ ଖାଦ୍ୟ ଦେଉଛନ୍ତି। ପ୍ରଥମେ ରମଜାନ ମାସରେ ୩,୦୦୦ ଲୋକଙ୍କୁ ଖାଦ୍ୟ ବାଣ୍ଟୁଥିଲେ । ଏବେ ୪,୫୦୦ ଲୋକଙ୍କୁ ଦେଉଛନ୍ତି। ଏହା ବ୍ୟତୀତ ଅତି ଗରିବ ପରିବାର ପାଖରେ ୧୦୦ଟି ରାଶନ କିଟ୍ ପହଞ୍ଚାଉଛନ୍ତି। ଲୋକଙ୍କଠାରୁ ସଂଗୃହୀତ ଅର୍ଥରେ ଏହି ଖାଦ୍ୟ ବଣ୍ଟନ ଜାରି ରହିଛି।

## ୫୦ ବର୍ଷ ତଳର ଧରିତ୍ରୀ

୯ ମାର୍ଚ୍ଚ ୧୯୭୭

- ଜମ୍ମୁ ଓ କଶ୍ମୀରର ପୂର୍ବତନ ଉପମନ୍ତ୍ରୀ ଶ୍ରୀ ସାଗ୍ରା ସିଂହ ଜାତୀୟ ସମ୍ମିଳନୀରୁ ଇସ୍ତଫା ଦେଇ ଜନତା ଦଳରେ ଯୋଗଦେଇଛନ୍ତି।
- ବାଲେଶ୍ୱର ସିମୁଳିଆ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାନସଭା ସଭ୍ୟ ଶ୍ରୀ ଉଦ୍ଧବ ଚରଣ ଜେନାଙ୍କ କଂଗ୍ରେସ ଦଳରୁ ଇସ୍ତଫା ପ୍ରଦାନ।

## ଚିରନ୍ତନୀ

ମୁଁ ଯେ ବସିଛି ସିନ୍ଧୁ ଏ ପାରେ
ଯାହା ପଥ ଚାହିଁ
ସେପାରେ ଭ୍ରମଇ ସେ କି
ଅଧୀର ମୋ ପାଇଁ?
–(ବ୍ୟବଧାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | | | | 7 | |
| | 6 | | 2 | | 9 | | | |
| | 1 | | | | 4 | | | 8 |
| | | 2 | | | | | | |
| 8 | | | | | | 6 | | 7 |
| 3 | | | 7 | | | 5 | 1 | |
| | | | 9 | | | 1 | 3 | |
| | | | | 6 | | | | |
| | | | | 2 | 7 | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 4 | 2 | 8 | 5 | 1 | 9 | 3 |
| 9 | 1 | 5 | 7 | 3 | 4 | 6 | 2 | 8 |
| 8 | 3 | 2 | 9 | 6 | 1 | 4 | 7 | 5 |
| 7 | 5 | 8 | 6 | 1 | 9 | 2 | 3 | 4 |
| 2 | 9 | 3 | 4 | 7 | 8 | 5 | 1 | 6 |
| 1 | 4 | 6 | 5 | 2 | 3 | 7 | 8 | 9 |
| 5 | 8 | 1 | 3 | 4 | 7 | 9 | 6 | 2 |
| 4 | 6 | 7 | 8 | 9 | 2 | 3 | 5 | 1 |
| 3 | 2 | 9 | 1 | 5 | 6 | 8 | 4 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ତଥ୍ୟର ସୁରକ୍ଷା ଲୋଡ଼ା

ମହାଶୟ,

ଲୋକଙ୍କ ବ୍ୟକ୍ତିଗତ ତଥ୍ୟ(ଡାଟା) ପ୍ରସଙ୍ଗକୁ ନେଇ ହ୍ୱାଟ୍ସଆପ୍ ଏବଂ ମେଟା ପ୍ଲାଟ୍‌ଫର୍ମକୁ ସୁପ୍ରିମକୋର୍ଟଙ୍କ ତାଗିଦ୍ ସ୍ୱାଗତଯୋଗ୍ୟ। ଆମେରିକୀୟ କମ୍ପାନୀର ଭାରତୀୟଙ୍କ ଗୋପନୀୟ ତଥ୍ୟ ଶେୟାର ଓ ହେରଫେର ସମ୍ବିଧାନକୁ ଅବମାନନା ବୋଲି ମଧ୍ୟ ଅଭିହିତ କରାଯାଇଛି। ଭାରତ ଭଳି ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶରେ ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯିବା ଦରକାର। ଏହା ନ ହେଲେ ଲୋକେ ଅନ୍‌ଲାଇନ ଠକେଇର ଶିକାର ହେବା ସହ ବିଭିନ୍ନ ସମସ୍ୟା ଉପୁଜିବ। ତେବେ ବିଳମ୍ବରେ ହେଲେ ବି ଏଭଳି ପଦକ୍ଷେପ ନିଶ୍ଚିତ ରୂପେ ଜନସ୍ୱାର୍ଥ ସପକ୍ଷରେ ବୋଲି କୁହାଯାଇପାରେ।

– ଡି.ପି. ତ୍ରିପାଠୀ, ଶ୍ରୀନିବାସବିହାର, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସୁସ୍ଥ ମହିଳା ଏକ ମଜଭୁତ ସମାଜ ପାଇଁ ମୂଳଦୁଆ ପକାନ୍ତି

## ୩ଦିନିଆ ରାଜ୍ୟସ୍ତରୀୟ ମହିଳା ସଶକ୍ତୀକରଣ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୮।୩ (ସୁଚିସ୍ମିତା ସାହୁ)



କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମାରାଥନରେ ବାଚସ୍ପତି ସୁରମା ପାଢ଼ୀଙ୍କ ସହ କ୍ରୀଡ଼ା ବିଭାଗର ଅଧିକାରୀ, କ୍ରୀଡ଼ାବିତ୍ ଓ ବୃତ୍ତିଧାରୀ ମହିଳାମାନେ।

ମହିଳାଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ନେତୃତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ଆୟୋଜିତ ୩ଦିନିଆ ରାଜ୍ୟସ୍ତରୀୟ ମହିଳା ସଶକ୍ତୀକରଣ ଉତ୍ସବ ରବିବାର ଅନ୍ତର୍ଜାତୀୟ ମହିଳା ଦିବସରେ କଳିଙ୍ଗ ଷ୍ଟାଡିୟମଠାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଏକ ମାରାଥନ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଥିଲା। ମାରାଥାନର ଶୁଭାରମ୍ଭ କରି ବାଚସ୍ପତି ସୁରମା ପାଢ଼ୀ କହିଲେ, ମହିଳାଙ୍କ ଶାରୀରିକ ସକ୍ଷମତା ହିଁ ସାମାଜିକ ପରିବର୍ତ୍ତନର ପ୍ରକୃତ ମାଧ୍ୟମ। ଯୁବତୀଙ୍କ ଆତ୍ମବିଶ୍ୱାସ ଏବଂ ସଂକଳ୍ପ ଆମ ସାମୂହିକ ଭବିଷ୍ୟତର ଏକ ପ୍ରତିଛବି। ଯେତେବେଳେ ଜଣେ ମହିଳା ନିଜର ସ୍ୱାସ୍ଥ୍ୟ ଓ ଶାରୀରିକ ସୁସ୍ଥତାକୁ ପ୍ରାଥମିକତା ଦିଅନ୍ତି, ସେ ଏକ ମଜବୁତ ଏବଂ ସମାନତାଭିତ୍ତିକ ସମାଜ ପାଇଁ ମୂଳଦୁଆ ପକାନ୍ତି ବୋଲି ପାଢ଼ୀ କହିଛନ୍ତି।

ଉତ୍ସବର ପ୍ରଥମ ଦିନରେ ସମସ୍ତ ଜିଲାରେ ଗଣ ଯୋଗ ଶିବିର ଆୟୋଜିତ ହୋଇଥିଲା, ଯାହା ମହିଳାଙ୍କ ମାନସିକ ଏବଂ ଶାରୀରିକ ସୁସ୍ଥତା ପାଇଁ ଉଦ୍ଦିଷ୍ଟ ଥିଲା। ଦ୍ୱିତୀୟ ଦିନ (ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର) ଯୁବତୀମାନଙ୍କୁ ସୁରକ୍ଷିତ ଓ ଆତ୍ମବିଶ୍ୱାସର ସହ ଚାଲିବା ପାଇଁ ଆତ୍ମରକ୍ଷା କୌଶଳର ପ୍ରଶିକ୍ଷଣ ଦିଆଯାଇଥିଲା। ତୃତୀୟ ଦିନରେ ଅନୁଷ୍ଠିତ ମହିଳା ମାରାଥନରେ ଶତାଧିକ କ୍ରୀଡ଼ାବିତ ଏବଂ ବୃତ୍ତିଧାରୀ ମହିଳାମାନେ ସାମିଲ ହୋଇ ନାରୀର ପ୍ରଗତି, ଦେଶର ପ୍ରଗତି ବାର୍ତ୍ତା ନେଇ ଦୌଡ଼ିଥିଲେ। ଏହି ମାରାଥନ ପ୍ରତିଯୋଗିତାରେ ଦୀପ୍ତିରାଣୀ ସାହୁ ପ୍ରଥମ ହୋଇଥିବାବେଳେ ସୁନିତା ସାନ୍ତା ଦ୍ୱିତୀୟ ଏବଂ ମାମିନା ମୁର୍ମୁ ତୃତୀୟ ସ୍ଥାନରେ ରହିଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗର ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, କ୍ରୀଡ଼ା ନିର୍ଦ୍ଦେଶକ ଡ. ୟେଦୁଲା ବିଜୟ ଏବଂ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁଙ୍କ ସହ କ୍ରୀଡ଼ା ଓ ଯୁବସେବା ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରେଷ୍ଟୁରାଣ୍ଟ ମାଲିକଙ୍କ ଘରେ ଆଇଟି ରେଡ୍

## ପୁରୀ, କଟକ, ଭୁବନେଶ୍ୱରର ୬ ସ୍ଥାନରେ ଚଢ଼ାଉ

ଭୁବନେଶ୍ୱର,୮।୩(ତ୍ରିନାଥ ମହାନ୍ତି)

ଆୟକର ଫାଙ୍କିବା ଅଭିଯୋଗରେ ରବିବାର ରେଷ୍ଟୁରାଣ୍ଟ ମାଲିକ ଅଭୟ କୁମାର ନାୟକଙ୍କ ଘରେ ଆୟକର ବିଭାଗ ଚଢ଼ାଉ କରିଛି। ଅଭୟଙ୍କ ଘର ଓ ଅଫିସ୍ ସମେତ ଏକାଧିକ ସ୍ଥାନରେ ଚଢ଼ାଉ କରାଯାଇ ବିଭିନ୍ନ କାଗଜପତ୍ର ଯାଞ୍ଚ କରାଯାଇଛି। ପୁରୀ, କଟକ ଏବଂ ଭୁବନେଶ୍ୱରସ୍ଥିତ ୬ଟି ସ୍ଥାନରେ ଏହି ଚଢ଼ାଉ ହୋଇଥିବା ଜଣାପଡ଼ିଛି। ଅଭୟ ଗତ କିଛିବର୍ଷ ହେବ ଆୟକର ଦେଇ ନ ଥିବା ଅଭିଯୋଗ ହୋଇଥିଲା। ଏହି ଆଧାରରେ ରବିବାର ଆୟକର ବିଭାଗର୧୦ ଜଣିଆ ଟିମ୍ ଏକକାଳୀନ ଏହି ଚଢ଼ାଉ କରିଥିଲା। ତେବେ ଜବତ କାଗଜପତ୍ର ଯାଞ୍ଚ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।


GOVERNMENT OF ODISHA
OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA
E-mail : eerw_kuchinda@yahoo.com

OFFICE ORDER

No.25001/302/2526 : Due to no Bidder in Sl No. (01) S/R to Road from NH-6 to Khirdihi Road in the District of Sambalpur for the year 2025-26. Tender Bid ID / 21 / RWD / Kuchinda / 2025-26 is hereby Cancelled.

Sd./- Superintending Engineer, Rural Works Division, Kuchinda
OIPR-25001/25151/1/25-26/0020


# ଜୀବନରକ୍ଷା କୌଶଳ, ମେଶିନ୍ ଗନ୍ ଚାଳନା ଶିଖିଲେ ମହିଳା

## ନ୍ୟାୟ ସଂହିତା ପ୍ରଦର୍ଶନୀ

ଭୁବନେଶ୍ୱର,୮।୩(ତ୍ରିନାଥ ମହାନ୍ତି)



ଏସ୍‌ଓଜି ଷ୍ଟଲ୍‌ରେ ବନ୍ଧୁକ ଚାଳନା ନେଇ ଛାତ୍ରୀମାନଙ୍କୁ ବୁଝାଯାଉଛି।

ଭୁବନେଶ୍ୱରସ୍ଥିତ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ନ୍ୟାୟ ସଂହିତା ପ୍ରଦର୍ଶନୀ ନୂତନ ଆଇନ ବିଷୟରେ ଲୋକଙ୍କୁ ଅବଗତ ଓ ସଚେତନ କରୁଛି। ପ୍ରତିଦିନ ବହୁସଂଖ୍ୟାରେ ଛାତ୍ରୀଛାତ୍ର, ସାଧାରଣ ଲୋକ ଓ ବିଭିନ୍ନ ବୃତ୍ତିଧାରୀ ପ୍ରଦର୍ଶନୀ ବୁଲିବାକୁ ଆସୁଥିବାବେଳେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସରେ ଛାତ୍ରୀ ଓ ମହିଳାମାନେ ବନ୍ଧୁକ ଚାଳନା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏସ୍‌ଓଜି ଷ୍ଟଲ୍‌ରେ ଏକେ-୪୭ଠାରୁ ଆରମ୍ଭ କରି ମେଶିନ ଗନ୍ ଆଦି ଚାଳନା କିଭଳି ହୁଏ ତାହା ବୁଝାଯାଇଥିଲା। ସେମାନେ ମଧ୍ୟ ସମୟ ଆସିଲେ ବନ୍ଧୁକ ଧରି ଲଢ଼ିପାରିବେ ବୋଲି କହିଛନ୍ତି। ସେହିପରି ଓଡ୍ରାଫ୍ ଷ୍ଟଲ୍‌ରେ ମଧ୍ୟ ସାଧାରଣ ଲୋକ ଜୀବନରକ୍ଷା କୌଶଳ ଶିକ୍ଷା କରିଥିଲେ। ଦୁର୍ଘଟଣା କିମ୍ବା ଅନ୍ୟ ବିପତ୍ତି ସମୟରେ କିଭଳି ଲୋକଙ୍କୁ ଉଦ୍ଧାର କରିପାରିବ, ସେ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଅନ୍ୟପକ୍ଷରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସାଧାରଣ ଲୋକଙ୍କୁ ଭାରତର ନୂତନ ଆପରାଧିକ ଆଇନ ସମ୍ପର୍କରେ ସଚେତନ କରାଯାଉଛି। ନୂଆ ଆଇନରେ ରହିଥିବା ବ୍ୟବସ୍ଥା, ପୀଡ଼ିତଙ୍କ ଅଧିକାର, ବୈଜ୍ଞାନିକ ତଦନ୍ତ ପ୍ରକ୍ରିୟା ଓ ଶୀଘ୍ର ନ୍ୟାୟ ପ୍ରଦାନ ସମ୍ପର୍କରେ ଜୀବନ୍ତ ଓ ରୋଚକ ଭାବରେ ଉପସ୍ଥାପନ କରାଯାଉଛି। କଳାକାରଙ୍କ ଦ୍ୱାରା ଅପରାଧସ୍ଥଳରୁ ହାଇକୋର୍ଟ ପର୍ଯ୍ୟନ୍ତ ସମଗ୍ର ନ୍ୟାୟ ବ୍ୟବସ୍ଥାକୁ ଏକ ସମନ୍ୱିତ ଓ ଶିକ୍ଷାମୂଳକ ଶୈଳୀରେ ପ୍ରଦର୍ଶିତ କରାଯାଉଛି। ଗୃହ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ୧୦ଟି ଷ୍ଟଲ୍‌ରେ ଅପରାଧ ସ୍ଥଳ, ୧୧୨ ଜରୁରିକାଳୀନ ସହାୟତା, ଥାନାର କାର୍ଯ୍ୟ ପ୍ରଣାଳୀ, ହସ୍ପିଟାଲ ସମନ୍ୱୟ, ଫରେନ୍‌ସିକ ପ୍ରୟୋଗଶାଳା, ପବ୍ଲିକ ପ୍ରସିକ୍ୟୁଶନ, ଜିଲା ଅଦାଲତ, କାରାଗାର ଓ ହାଇକୋର୍ଟର କାର୍ଯ୍ୟଶୈଳୀ ସମ୍ପର୍କରେ ନାଟକ ମାଧ୍ୟମରେ ଜୀବନ୍ତ କରାଯାଉଛି। ଅପରାଧରୁ ଆରମ୍ଭ କରି ପୋଲିସ ତଦନ୍ତ ଓ ନ୍ୟାୟ ପ୍ରକ୍ରିୟା ପର୍ଯ୍ୟନ୍ତ ସମଗ୍ର ଘଟଣାକୁ ନାଟକ ମାଧ୍ୟମରେ ଉପସ୍ଥାପନ କରାଯାଉଥିବାରୁ ଦର୍ଶକମାନେ ସହଜରେ ନୂତନ ଆଇନର ବିଭିନ୍ନ ପ୍ରାସଙ୍ଗିକତା ବୁଝିପାରୁଛନ୍ତି। ଏହି ନାଟକ କାର୍ଯ୍ୟକ୍ରମ ପ୍ରଦର୍ଶନୀକୁ ଆସୁଥିବା ଦର୍ଶକଙ୍କ ମଧ୍ୟରେ ବେଶ୍ ଆକର୍ଷଣ ସୃଷ୍ଟି କରିଛି। ଓଡ଼ିଶା ପୋଲିସ ପକ୍ଷରୁ ଏଭଳି ସଚେତନତାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ନୂତନ ଆପରାଧିକ ଆଇନ ଓ ନ୍ୟାୟ ବ୍ୟବସ୍ଥା ଜନସାଧାରଣ ଓ ଛାତ୍ରୀଛାତ୍ରଙ୍କ ମହଲରେ ଆଦୃତ ହେଉଥିବା ପରିଲକ୍ଷିତ ହେଉଛି।


GOVERNMENT OF ODISHA
OFFICE OF THE SUPERINTENDING ENGINEER, GANJAM (R&B) DIVISION NO. I, BERHAMPUR
Phone / Fax : (0680) 2233683, e-mail : eernb1_bam@yahoo.com

No.34001/161/2526 "e" Procurement Notice

1st Corrigendum to Bid Identification No. SE R&B Divn. No.I Bam. 63/2025-26 Lr. No.3525 dtd.06.03.2026

| | |
|---|---|
| Name of work | : Building & Road works |
| No. of works | : 9 (Nine) Nos. |
| Estimated Cost | : Approximately Rs.5.29 Lakh to Rs. 43.19 Lakh |
| Period of Completion | : 1 (One) TO 4 (Four) calendar months |
| Date and time of Availability of bid document in the portal | : From 10.00 hours of 09.03.2026 to 16.00 hours of 16.03.2026 |
| Last date / time for receipt of bids in the portal | : Upto 16.00 hours of 16.03.2026 |
| Name and address of the Officer inviting Bid | : Superintending Engineer, Ganjam (R&B) Division No.I, Berhampur |

Further details can be seen from the e-Procurement portal https://tendersodisha.gov.in

Sd./- Superintending Engineer Ganjam (R&B) Division No.I Berhampur
OIPR-34001/34109/1/25-26/0029



No.34001/162/2526

GOVERNMENT OF ODISHA
OFFICE OF THE SUPERINTENDING ENGINEER, GANJAM (R&B) DIVISION NO. I, BERHAMPUR
Phone / Fax : (0680) 2233683, e-mail : sernb1.ganjam@yahoo.com

"e" Procurement Notice

Bid Identification No.SE R&B Divn. No.I Bam 67/2025-26 Lr. No.3488 dtd.05.03.2026

| | |
|---|---|
| Name of work | : EI Works |
| No. of works | : 11 (Eleven) Nos |
| Estimated Cost | : Approximately **Rs.03.96 to 14.75** Lakh |
| Period of Completion | : One to Twelve Calendar Months |
| Date and time of Availability of bid document in the portal | : From 10.00 hours of **10.03.2026** to 16.00 hours of **17.03.2026** |
| Last date / time for receipt of bids in the portal | : Upto 16.00 hours of 17.03.2026 |
| Name and address of the Officer inviting Bid | : Superintending Engineer, Ganjam (R&B) Division No.I, Berhampur |

Further details can be seen from the e-Procurement portal https://tendersodisha.gov.in

Sd./- Superintending Engineer Ganjam (R&B) Division No.I Berhampur
OIPR-34001/34109/1/25-26/0030


# ମହିଳାମାନେ ସମାଜ, ଅର୍ଥନୀତି ପରିବର୍ତ୍ତନର ଶକ୍ତି

## ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମିଳନୀର ଦ୍ୱିତୀୟ ଦିବସ

ଭୁବନେଶ୍ୱର,୮।୩ (ସୁଚିସ୍ମିତା ସାହୁ)



ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଜଣେ ସଫଳ ମହିଳାଙ୍କ ସହ କଥା ହେଉଛନ୍ତି।

ଅନ୍ତର୍ଜାତୀୟ ମହିଳା ଦିବସ ପରିପ୍ରେକ୍ଷୀରେ ମିଶନ ଶକ୍ତି ବିଭାଗ ପକ୍ଷରୁ କୋଣାର୍କଠାରେ ଚାଲିଥିବା ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମିଳନୀର ରବିବାର ଥିଲା ଦ୍ୱିତୀୟ ଦିବସ। ବରଗଡ଼, ରାୟଗଡ଼ା, ସମ୍ବଲପୁର ଏବଂ କୋରାପୁଟ ଜିଲାର ବିଭିନ୍ନ ମହାସଂଘର ୯୦ ଜଣ ସଭାପତି ଓ ସମ୍ପାଦିକା ଅଂଶଗ୍ରହଣ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ମହିଳାଙ୍କୁ ଉତ୍ସାହିତ କରିଥିଲେ। ମହିଳାଙ୍କୁ ସମ୍ବୋଧନ କରି ଉପମୁଖ୍ୟମନ୍ତ୍ରୀ କହିଲେ, ଆଜିର ମହିଳା କେବଳ ଘରେ ସୀମିତ ନୁହେଁ; ସେ ସମାଜ ଓ ଅର୍ଥନୀତିର ପରିବର୍ତ୍ତନର ଶକ୍ତି। ମିଶନ ଶକ୍ତି ମାଧ୍ୟମରେ ଓଡ଼ିଶାର ଲକ୍ଷ ଲକ୍ଷ ମହିଳା ଆତ୍ମନିର୍ଭରଶୀଳ ହୋଇ ନୂଆ ଇତିହାସ ଗଢ଼ୁଛନ୍ତି। 'ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମିଳନୀ' ମହିଳା ନେତୃତ୍ୱକୁ ଆହୁରି ସୁଦୃଢ଼ କରିବ। ଫଳରେ ସେମାନେ ଏସ୍‌ଏଚ୍‌ଜିରୁ ଏସ୍‌ଏମ୍‌ଇରେ ପରିଣତ ହୋଇ ସମାଜ ଓ ଗ୍ରାମୀଣ ଅର୍ଥନୀତିର ଉନ୍ନତିରେ ଅଗ୍ରଣୀ ଭୂମିକା ଗ୍ରହଣ କରିବେ ବୋଲି ପରିଡ଼ା ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇଥିବା ୪ଜିଲାର ଏସ୍‌ଏଚ୍‌ଜି ସଭାପତି ଓ ସମ୍ପାଦିକାଙ୍କୁ ନେତୃତ୍ୱ, ଦକ୍ଷତା ବିକାଶ, ଷ୍ଟାର୍ଟ-ଅପ୍ ସୁଯୋଗ ଏବଂ ଆର୍ଥିକ ସଶକ୍ତୀକରଣ ସମ୍ପର୍କିତ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ସମ୍ମିଳନୀରେ ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


ZILLA SWASTHYA SAMITI, DEOGARH
(Deptt. of Health & FW, Govt. of Odisha.)

No.764 (Tender Call Notice) Dt.06.03.2026

**No.10001/108/2526** : Sealed tenders are invited from the Agencies/ Individuals for hiring of Multi utility Commercial light diesel/petrol vehicles (SCORPIO, BOLERO, INNOVA, etc.) to be engaged as BPMU/DPMU vehicle at BPMU/DPMU level, O/o. The Chief District Medical & Public Health Officer -Cum- District Mission Director, (CDM&PHO-Cum- DMD) & O/o. The Superintendents of Block CHCs of Deogarh, Odisha, Pin-768108 on monthly/ daily hiring basis. The tender documents shall have to submit in one envelope containing two separate envelopes, one for technical bid & another for financial bid through speed post/register post/courier only on or before 06.04.2026 by 5.00PM to the office of CDM & PHO, DHH, Deogarh .The bid will open on the dt.07.04.2026 at 11.00AM in the presence of bidders or their authorized representative. The tender paper along with terms and conditions will be available in the website www.deogarh.gov.in & deposit the tender paper cost of Rs.2,000/- in shape of DD in favor of "ZSS/ Non- NRHM Funds Account, Deogarh Payable at Deogarh", which is not refundable. The authority reserves right to accept or reject any or all the tender without assigning any reason thereof. The envelope containing the tender document must be clearly superscribed as **"Tender for ..............................Vehicle, DPMU/BPMU, NHM Deogarh."**

Sd./- Dr Dhanurjay Mahanta
CDM & PHO cum-District Mission Director, Deogarh
OIPR-10001/10113/1/25-26/0001



ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com




@ ଅଜୟ



@ ବ୍ରହ୍ମାନନ୍ଦ



@ ଶିବପ୍ରସାଦ



@ ଶିବରାମ



@ ବାପୁଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୭ରୁ କନିଷ୍ଠ ଶିକ୍ଷକଙ୍କ ଅନିର୍ଦ୍ଦିଷ୍ଟ କାଳ ଆନ୍ଦୋଳନ

## ଘୋଷଣାର ୬ ମାସ ପରେ ବି କନିଷ୍ଠ ଶିକ୍ଷକ ନିୟମିତ ହେଲେନାହିଁ

ଭୁବନେଶ୍ୱର,୮।୩ (ସୁଚିସ୍ମିତା ସାହୁ)

ରାଜ୍ୟ ଶିକ୍ଷା କ୍ଷେତ୍ରରେ ଠିକା ବ୍ୟବସ୍ଥା ଉଚ୍ଛେଦ କରାଗଲା। ଏହାସହ କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ପଦକୁ ମଧ୍ୟ ନିୟମିତ କରାଗଲା। ଗତ ଅଗଷ୍ଟ ୨୨ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବାକୁ ଘୋଷଣା କରିଥିଲେ। ହେଲେ ୬ ମାସ ପରେ ମଧ୍ୟ ଘୋଷଣା କାର୍ଯ୍ୟକାରୀ କରାଯାଉ ନ ଥିବାରୁ କନିଷ୍ଠ ଶିକ୍ଷକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ୧୬ ତାରିଖ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁସାରେ ସରକାରୀ ନିର୍ଦ୍ଦେଶନାମା ପ୍ରକାଶ କରା ନ ଗଲେ କନିଷ୍ଠ ଶିକ୍ଷକମାନେ ଆସନ୍ତା ୧୭ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ରବିବାର ଏକ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ଶେଷଦେବ ଯଜ୍ଞକାମ ଦେଓ ସୂଚନା ଦେଇଛନ୍ତି। ସମ୍ମିଳନୀରେ ସଂଘର ଭୁବନେଶ୍ୱର ସଭାପତି କରୁଣାକର ବାରିକ, ବିରଞ୍ଚି ନାରାୟଣ ଜେନାଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି

ପୁରୀ,୮।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଭିତର କାଠ ନିକଟରେ ରକ୍ତଛିଟା ପଡ଼ିଥିବା ହେତୁ ରବିବାର ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ରକ୍ତଛିଟା ପଡ଼ିଥିବା ଦୃଷ୍ଟିଗୋଚର ହେବା ପରେ ଦର୍ଶନକୁ ବନ୍ଦ କରାଯାଇ ବଡ଼ ମହାସ୍ନାନ ନୀତି ଆରମ୍ଭ ହୋଇଥିଲା। ଧୂଆଧୋଇ ହୋଇ ଚୁନ ପାଣି ପଡ଼ିଥିଲା ୫ଟା ୩୦, ମଇଲମ ୫ଟା ୪୦, ସିଂହାସନ ଧୂଆ ୫ଟା ୫୫, ମହାସ୍ନାନ ପୂଜା ୬ଟା, ମହାସ୍ନାନ ପୂଜା ଶେଷ ୬ଟା ୧୦, ମଇଲମ ୬ଟା୧୫, ବେଶ ଶେଷ ୬ଟା୨୫ରେ ହୋଇଥିଲା। ନୀତି ସମ୍ପନ୍ନ ହେବାପରେ ପୁନର୍ବାର ଦର୍ଶନ ଆରମ୍ଭ ହୋଇଥିଲା।

# ଦାଦାବଟି: ଖୋର୍ଦ୍ଧା ଯୁବ କଂଗ୍ରେସ ସଭାପତି ଗୁଲ୍‌ଫାମ ଗିରଫ

## କମ୍ପାନୀ ଗାଡ଼ି ଅଟକାଇ ୧୦ ଲକ୍ଷ ମାଗୁଥିଲେ

ଭୁବନେଶ୍ୱର,୮।୩(ତ୍ରିନାଥ ମହାନ୍ତି)

କମ୍ପାନୀ ଗାଡ଼ି ଅଟକାଇ ବଟି ମାଗିବା ଅଭିଯୋଗରେ ଖୋର୍ଦ୍ଧା ଜିଲା ଯୁବ କଂଗ୍ରେସ ସଭାପତି ଏମ୍.ଡି. ଗୁଲ୍‌ଫାମଙ୍କୁ ଖଣ୍ଡଗିରି ପୋଲିସ ଗିରଫ କରିଛି। କୋଣାର୍କ ଏଣ୍ଟରପ୍ରାଇଜେସ୍‌ର ସିଆର୍‌ଏମ୍ କମ୍ ସାଇଟ୍ ସୁପରଭାଇଜର ହେମନ୍ତ କୁମାର ବେହେରାଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ପୋଲିସ କେସ୍ ନଂ.୧୮୭/୨୬ ରୁଜୁ କରି ତଦନ୍ତ କରିବା ପରେ ଏହି ପଦକ୍ଷେପ ଗ୍ରହଣ କରିଛି।

ପୋଲିସ ସୂଚନାନୁସାରେ, ହେମନ୍ତ ପ୍ରାୟ ୧ ବର୍ଷ ଧରି ଠିକାଦାର ମେସର୍ସ ବାଲା ସାଇ ଆର୍ଥମୁଭର୍ସମାଧ୍ୟମରେ ଡୁମୁଡୁମାରେ ଚାଲୁଥିବା ଓଡ଼ିଶା ସରକାରଙ୍କ ସୁଭଦ୍ରା ପ୍ରୋଜେକ୍ଟ ପାଇଁ ଆର୍‌ଏମ୍‌ସି ସାମଗ୍ରୀ ଯୋଗାଇ ଆସୁଛନ୍ତି। ଅଭିଯୁକ୍ତ ଗୁଲ୍‌ଫାମ ଜଣେ ଅଭ୍ୟାସଗତ ଅପରାଧୀ। ସେ କମ୍ପାନୀଠାରୁ ଚାନ୍ଦା ଆଦାୟ କରିବା ପାଇଁ ନିରନ୍ତର ଭୟଭୀତ କରୁଥିଲେ। ଏହି ଉଦ୍ଦେଶ୍ୟରେ ସେ ଓ ତାଙ୍କ ସହଯୋଗୀମାନେ କମ୍ପାନୀର ଗାଡ଼ି ଅଟକାଇ ଡ୍ରାଇଭର, ହେଲ୍ପର ଏବଂ ଅନ୍ୟ କର୍ମଚାରୀଙ୍କୁ ଦୁର୍ବ୍ୟବହାର ଓ ଧମକ ଦେଇ ଆର୍‌ଏମ୍‌ସି ସାମଗ୍ରୀ ଯୋଗାଣ ପ୍ରକ୍ରିୟାରେ ବାଧା ପହଞ୍ଚାଉଥିଲେ। ମାସେ ହେଲେ ଅଭିଯୁକ୍ତ ଗୁଲ୍‌ଫାମ୍ କମ୍ପାନୀ ଅଧିକାରୀ ଓ କର୍ମଚାରୀଙ୍କୁ ଚାନ୍ଦା ଦାବି କରୁଥିଲେ। ଦାବି ପୂରଣ ନ ହେଲେ ସାମଗ୍ରୀ ଯୋଗାଣ ବନ୍ଦ କରିଦେବାକୁ ଧମକ ଦେଉଥିଲେ। ବାରମ୍ବାର ହଇରାଣ, ନିର୍ଯାତନା, ଆକ୍ରମଣ ଓ ଧମକରେ ଭୟଭୀତ ହୋଇ କମ୍ପାନୀ ପକ୍ଷରୁ ବିଭିନ୍ନ ସମୟରେ ତାଙ୍କୁ ମୋଟ ୩୦ ହଜାର ଟଙ୍କା ଚାନ୍ଦା ଦିଆଯାଇଥିଲା। ଗତ ୫ ତାରିଖ ଅପରାହ୍ନ ପ୍ରାୟ ୨ଟାରେ କମ୍ପାନୀ ଡ୍ରାଇଭର ଦୀପକ ଦାସ ଡୁମୁଡୁମାସ୍ଥିତ କାର୍ଯ୍ୟସ୍ଥଳକୁ ଆର୍‌ଏମ୍‌ସି ସାମଗ୍ରୀ ନେଇ ଯାଉଥିବା ସମୟରେ ଅଭିଯୁକ୍ତ ଗୁଲ୍‌ଫାମ ଦୁଇଜଣ ସହଯୋଗୀଙ୍କ ସହିତ ଆସି କଂକ୍ରିଟଭର୍ତ୍ତି ଗାଡ଼ିକୁ ଜୋରଜବରଦସ୍ତ ଅଟକାଇଥିଲେ। ସେମାନେ ଦୁଇଟି ଟ୍ରାଞ୍ଜିଟ ମିକ୍ସର ଗାଡ଼ି ଓ ଗୋଟିଏ ମଲ୍ଟି ପମ୍ପ ଗାଡ଼ିର ଚାବି ବଳପୂର୍ବକ ଛଡ଼ାଇ ନିଜ କବ୍‌ଜାକୁ ନେଇଯାଇଥିଲେ। ଏଥିସହ ଅଭିଯୁକ୍ତମାନେ କମ୍ପାନୀ ଡ୍ରାଇଭର ଓ ଅନ୍ୟ କର୍ମଚାରୀଙ୍କୁ ୧୦ଲକ୍ଷ ଟଙ୍କା ଚାନ୍ଦା ଦାବି କରିବା ସହ ଆକ୍ରମଣ କରିଥିଲେ। ଦାବି ପୂରଣ ନ ହେଲେ ଯୋଗାଣ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା ସହିତ ହତ୍ୟା ଧମକ ଦେଇଥିଲେ। ତେବେ ଗିରଫ ଅଭିଯୁକ୍ତ ଗୁଲ୍‌ଫାମଙ୍କ ନାମରେ ପୂର୍ବରୁ ୮ଟି ମାମଲା ରହିଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି।


No.32001/177/25-26

GOVERNMENT OF ODISHA
OFFICE OF THE EXECUTIVE ENGINEER
Tel Irrigation Division, Sonepur
E-mail : eeteldivn2022@gmail.com

E-procurement Notice No - EE, TID, SNP - 19/2025-26

The **Executive Engineer, Tel Irrigation Division, Sonepur** on behalf of Governor of Odisha invites online **Percentage rate** tenders in **Double cover** system to be received in **online mode** only for the works as detailed below.

| | | |
|---|---|---|
| 1. | Name/Nature of the work | : Flood Protection Embankment Works |
| 2. | No. of Works | : 02 Nos. |
| 3. | Class of Contractor | : As mentioned in Col. No. 4 of NIT |
| 4. | Bid Identification No. | : EE, TID, SNP - 19/2025-26 |
| 5. | Approximate Estimated Cost | : From Rs.81.96 lakhs to Rs.83.04 lakhs (Excluding GST) |
| 6. | Period of Completion | : As per mentioned in Col No.7 of NIT |
| 7. | Date & time of availability of bid documents in the Portal | : **From 09.03.2026 (10.00 A.M.) to 18.03.2026 (05.30 P.M.)** |
| 8. | Last date/time for receipt of bids in the Portal | : **In portal - 18.03.2026 from 10.00 A.M. up to 05.30 P.M.** |
| 9. | Date of Opening of Bid | : **On Date 19.03.2026 (11.00 A.M. onwards in the Office of the undersigned)** |
| 10. | Name of the Officer inviting Bid | : **Executive Engineer, Tel Irrigation Division, Sonepur (Dist.-Subarnapur)** |

Further details can be seen from the e-Procurement portal https://tendersodisha.gov.in.

Sd./- Executive Engineer
Tel Irrigation Division, Sonepur
OIPR-32001/32362/1/25-26/0002

**ମାଙ୍କଡ଼ କାମୁଡ଼ାରେ ୪ ଗୁରୁତର**

କଳାପଥର,(ଗଙ୍ଗାଧର ସାହୁ): ବୋଲଗଡ଼ ବ୍ଲକ ଅଧୀନ ଧଳାପଥର ପଞ୍ଚାୟତର ଧଳାପଥର, କୋଦୁଅବେରେଣୀ, ଠଣାପଲ୍ଲୀ, ଶ୍ରୀରାମପୁର, ସାନନୟାପଲ୍ଲୀ ଆଦି ଗ୍ରାମର ମାଙ୍କଡ଼ ଉପଦ୍ରବ ବଢ଼ୁଛି। ରବିବାର ସକାଳେ ମାଙ୍କଡ଼ କାମୁଡ଼ାରେ ଶ୍ରୀରାମପୁରର ଅର୍ଚ୍ଚନା ପ୍ରଧାନ, କର୍ପୁର ଜେନା, ସ୍ନେହଲତା ଜେନା, ଗଗନ ସ୍ୱାଇଁ ପ୍ରମୁଖ ଗୁରୁତର ଆହତ ହୋଇ ସ୍ଥାନୀୟ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହୋଇ ଘରକୁ ଫେରିଛନ୍ତି। ସ୍ଥାନୀୟ ଜନସାଧାରଣ ଏବଂ ବନ ବିଭାଗ କର୍ମଚାରୀମାନେ ମାଙ୍କଡ଼ଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ।



**ସଂକ୍ଷେପରେ**

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାଲିପାଟଣା,୮।୩(ଅଭିମନ୍ୟୁ ନାୟକ): ବାଲିପାଟଣା ଥାନା ଅଧୀନ ଭାପୁର ଗ୍ରାମ ନିକଟ ଜଙ୍ଗଲରୁ ରବିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ଭାପୁର ଗ୍ରାମର ଆଲୋକ ଭୋଇ (୨୨)। ସୂଚନା ମୁତାବକ, ରବିବାର ସକାଳେ କୌଣସି କାରଣକୁ ନେଇ ଆଲୋକଙ୍କ ଘରେ ଅଶାନ୍ତି ଦେଖାଦେଇଥିଲା। ମଧ୍ୟାହ୍ନରେ ଆଲୋକ ଘରୁ ବାହାରି କେଉଁଆଡ଼େ ଯାଇଥିଲେ। କିଛି ସମୟ ପରେ ଗ୍ରାମ ନିକଟ ଜଙ୍ଗଲର ଏକ ଗଛରେ ଆଲୋକ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପରେ ପରିବାର ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

## ପୁତୁରା ମାଡ଼ରେ ଦାଦା ଆହତ, ଥାନାରେ ଅଭିଯୋଗ

ବାରଙ୍ଗ,୮।୩(ଲିଙ୍ଗରାଜ ରାଉତ): କୃଷ୍ଣଚନ୍ଦ୍ରପୁର ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଖାଇବାକୁ ମନାକରିବାରୁ ପୁତୁରା ମାଡ଼ରେ ଦାଦା ଆହତ ହୋଇ ଆଖି ହରାଇଛନ୍ତି। ଏନେଇ ଦାଦା ବାରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, କୃଷ୍ଣଚନ୍ଦ୍ରପୁର ଗ୍ରାମର ବିଜୟ ସାମଲ(୪୦)ଙ୍କ ବଡ଼ବାପା ବଂଶଧର ସାମଲଙ୍କର ଗତ ବୁଧବାର ଏକାଦଶ ଥିଲା। ସେହି ଦିନ ବିଜୟ ଅସୁସ୍ଥ ହୋଇପଡ଼ିବାରୁ ଭୋଜି ଖାଇବା ପାଇଁ ବାରଣ କରିଥିଲେ। ଏହି ସମୟରେ ବିଜୟଙ୍କର ବଡ଼ବାପା ପୁଅ ଅକ୍ଷୟ ବାରମ୍ବାର ଡାକିଥିଲେ ମଧ୍ୟ ବିଜୟ ଖାଇବା ପାଇଁ ମନା କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସମ୍ପୃକ୍ତ ବ୍ୟକ୍ତି ବିଜୟଙ୍କୁ ଆକ୍ରମଣ କରିବା ସହ ଡାହାଣ ପଟ ଆଖିକୁ ଆଘାତ କରିଥିଲେ। ପରେ ପରିବାର ଲୋକ ବିଜୟଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେଇଥିଲେ। ଚିକିତ୍ସାଧିନ ଅବସ୍ଥାରେ ବିଜୟଙ୍କର ଡାହାଣ ଆଖିଟି ନଷ୍ଟ ହୋଇଯାଇଥିବା ଡ. କହିଥିଲେ। ଏନେଇ ବିଜୟ ବାରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ଆଖିବୁଜିଲା ଜଙ୍ଗଲୀ କୁକୁର

ବାରଙ୍ଗ,୮।୩(ଲିଙ୍ଗରାଜ ରାଉତ): ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୨୨ନମ୍ବର ଖୁଆଡ଼ରେ ରହୁଥିବା ଏକ ୫ବର୍ଷର ଅଣ୍ଡିରା ଜଙ୍ଗଲୀ କୁକୁରର ଶନିବାର ମୃତ୍ୟୁ ଘଟିଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଜଣାପଡି ନ ଥିବା ବେଳେ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି କୁହାଯାଇଛି। ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୩ରେ ପହଞ୍ଚିଛି।

ଜଙ୍ଗଲୀ କୁକୁରଟି ତା ଖୁଆଡ ମଧ୍ୟରେ ବିଚରଣ କରୁଥିବା ବେଳେ ଶୁକ୍ରବାର ଦିନ ତଳେ ପଡିଯାଇଥିଲା। ଏହାପରେ ତାକୁ ଡାକ୍ତରଖାନାକୁ ଅଣାଯାଇ ତା'ର ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରାଯାଇଥିଲା। ଏହା ପରେ ତାକୁ ଡାକ୍ତରମାନଙ୍କ ନଜରବନ୍ଦିରେ ରଖାଯାଇ ଚିକିତ୍ସା ଆରମ୍ଭ ହେବ ସହ ସାଲାଇନ ଓ ଇଞ୍ଜେକଶନ ଦିଆଯାଇଥିଲା। କିନ୍ତୁ ଜଙ୍ଗଲୀ କୁକୁରକୁ ଡାକ୍ତରମାନେ ବଞ୍ଚାଇପାରି ନ ଥିଲେ।

# ମହିଳାଙ୍କ ଶକ୍ତି ସୁରକ୍ଷା ବଳୟରେ ପରିଣତ ହେଉ: ବାଚସ୍ପତି

## ବିଏମ୍‌ସି ପକ୍ଷରୁ ମହିଳା ଗଣଦୌଡ଼

ଭୁବନେଶ୍ୱର,୮।୩ (ସୁଚିସ୍ମିତା ସାହୁ)



ବାଚସ୍ପତି ସୁରମା ପାଢ଼ୀ, ମେୟର ସୁଲୋଚନା ଦାସଙ୍କ ସହ ଅନ୍ୟ ଅତିଥିମାନେ ପତାକା ଦେଖାଇ ଗଣଦୌଡ଼ର ଶୁଭାରମ୍ଭ କରୁଛନ୍ତି।

ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ 'ସମ୍ପୂର୍ଣ୍ଣା' ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ମାଷ୍ଟରକ୍ୟାଣ୍ଟିନ ଛକଠାରୁ ବିଏମ୍‌ସି ମୁଖ୍ୟାଳୟ ପର୍ଯ୍ୟନ୍ତ ମହିଳା ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ କହିଲେ, ମହିଳାମାନଙ୍କର ଶକ୍ତି ସୁରକ୍ଷା ବଳୟରେ ପରିଣତ ହେଉ। ସମସ୍ତେ ସୁରକ୍ଷିତ ରହି ବିକାଶର ମଙ୍ଗ ଧରନ୍ତୁ। ମେୟର ସୁଲୋଚନା ଦାସ କହିଲେ, ଭୁବନେଶ୍ୱରକୁ ସ୍ୱଚ୍ଛ ରଖିବାରେ ମହିଳାଙ୍କର ପ୍ରମୁଖ ଭୂମିକା ରହିଛି। ସେମାନଙ୍କର କଠୋର ପରିଶ୍ରମ ପାଇଁ ଭୁବନେଶ୍ୱର ସମଗ୍ର ଦେଶରେ ନବମ ସ୍ଥାନରେ ରହିଛି। ପରମ୍ପରା ଓ ସଂସ୍କୃତିଠାରୁ ଆରମ୍ଭ କରି ଆଧୁନିକତାର ଶୀର୍ଷ ପର୍ଯ୍ୟନ୍ତ ମହିଳାମାନେ ସ୍ୱଚ୍ଛତାର ମଙ୍ଗ ଧରିଛନ୍ତି। ଚଳିତ ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନେଶ୍ୱରକୁ ଏକ ନମ୍ବର ସହର ଭାବେ ପ୍ରତିଷ୍ଠିତ କରିବାକୁ ମେୟର ମହିଳାଙ୍କୁ ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମରେ ଡେପୁଟି ମେୟର ମଂଜୁଲତା କହଁର, କମିଶନର ଚଞ୍ଚଳ ରାଣାଙ୍କ ସମେତ ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା, ଅଧ୍ୟକ୍ଷ, କର୍ପୋରେଟର ମଞ୍ଚାସୀନ ଥିଲେ। ଗଣଦୌଡରେ ୬୦୦ରୁ ଅଧିକ ଏସ୍‌ଏଚ୍‌ଜି ମହିଳା, ସ୍ୱଚ୍ଛସାଥୀ, ସ୍ୱଚ୍ଛ କର୍ମୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀମାନେ ସାମିଲ ହୋଇଥିଲେ। ଅତିରିକ୍ତ କମିଶନର ରତ୍ନାକର ସାହୁ ଓ କୈଳାସ ଚନ୍ଦ୍ର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସନ୍ଧ୍ୟା ଅଧିବେଶନରେ ମୁଖ୍ୟ ଅତିଥିଭାବେ ମେୟର ସୁଲୋଚନା ଦାସ, ସମ୍ମାନିତ ଅତିଥି ଭାବେ ଡେପୁଟି ମେୟର ମଞ୍ଜୁଲତା କହ୍ନର, ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ମହିଳା ଫୁଟବଲ ତାରକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, କମିଶନର ଚଞ୍ଚଳ ରାଣା, ଆଇସିଏମ୍‌ଆର୍ ଡାଇରେକ୍ଟର ସଂଘମିତ୍ରା ପତି ପ୍ରମୁଖ ଉପସ୍ଥିତ ଥିଲେ। କଣ୍ଠଶିଳ୍ପୀ ଜୟଶ୍ରୀ ଧଳ, ଅସୀମା ପଣ୍ଡାଙ୍କ ସଙ୍ଗୀତରେ ଲୋକେ ଝୁମିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ମହିଳାଙ୍କୁ ସମ୍ମାନିତ କରାଯିବା ସହ ଗଣଦୌଡ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା।

# ଗଛଡାଳରେ ବସି କେବେ ସାହିତ୍ୟ ସାଧନା ହୁଏନି

## ୧୦ମ ବାର୍ଷିକ ସାହିତ୍ୟ ଉତ୍ସବରେ ୫ ସମ୍ମାନିତ

ଭୁବନେଶ୍ୱର,୮।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ସାହିତ୍ୟ ଏକାଡେମୀ ଓ କୋଣାର୍କ ଓଡ଼ିଶା ପରିବାର ଟ୍ରଷ୍ଟ ଆନୁକୂଲ୍ୟରେ ୧୦ମ ବାର୍ଷିକ ସାହିତ୍ୟ ଉତ୍ସବ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କବି ଫନୀ ମହାନ୍ତି ଯୋଗଦେଇ କହିଲେ, ଗଛଡାଳରେ ବସି ସାହିତ୍ୟ ସାଧନା ହୋଇପାରେନି। କେଉଁ ମୁହୂର୍ତ୍ତରେ ଡାଳ ଭାଙ୍ଗି ସାହିତ୍ୟ ଅସମ୍ପୂର୍ଣ୍ଣ ହୋଇ ରହିଯାଇପାରେ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ସାହିତ୍ୟିକ ଦାଶ ବେନହୁର୍ କହିଲେ, ପାରିବାରିକ ମୂଲ୍ୟବୋଧ, ସମ୍ବେଦନଶୀଳତା ଏବଂ ଭାବପ୍ରବଣତା ଆମ ସାହିତ୍ୟ ଓ ସଂସ୍କୃତିର ବିଶେଷତ୍ୱ। ତାହା ହିଁ ଆମକୁ ଏଯାଏ ସମୃଦ୍ଧ କରିଛି ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଜଳସମ୍ପଦ ବିଭାଗ ନିର୍ଦ୍ଦେଶକ ଅଶୋକ କୁମାର ବେହେରା, ଇଂ. ଯାମିନୀକାନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଖବରଦାତା ନବୀନ ଦାସଙ୍କୁ କୋଣାର୍କ ଓଡ଼ିଶା ସମ୍ମାନ, ଶଙ୍କର ପ୍ରସାଦ ବସୁ ମଲ୍ଲିକଙ୍କୁ କୋଣାର୍କ ଓଡ଼ିଶା ନାଟ୍ୟ ସମ୍ମାନ, ଜଗନ୍ନାଥ ତ୍ରିପାଠୀଙ୍କୁ କୋଣାର୍କ ଓଡ଼ିଶା କଳା ସମ୍ମାନ, ଜାନକୀ ବଲ୍ଲଭ ମହାପାତ୍ରଙ୍କୁ କୋଣାର୍କ ଓଡ଼ିଶା ସାହିତ୍ୟ ସମ୍ମାନ ଓ ନୃସିଂହ ଷଡ଼ଙ୍ଗୀଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ବାର୍ଷିକ ପତ୍ରିକା 'ମୁଖଶାଳା' ଉନ୍ମୋଚିତ ହୋଇଥିଲା। ଏଥିସହ ୧୦ ଜିଲ୍ଲାର କବିଙ୍କୁ ନେଇ କବିତା ଆସର ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ବିଚିତ୍ର ମହାପାତ୍ର ସ୍ୱାଗତ ଭାଷଣ ଓ ସଭାପତି କପିଳେଶ୍ୱର ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିଙ୍କ ଗହଣରେ ୫ ସମ୍ମାନିତ ବ୍ୟକ୍ତିତ୍ୱ।

# ମହିଳା କର୍ମଚାରୀ କିଟ୍ ଇକୋସିଷ୍ଟମର ମେରୁଦଣ୍ଡ




ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ଅନ୍ୟମାନେ।

## କିଟ୍, କିସ୍ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

ଭୁବନେଶ୍ୱର,୮।୩ (ସୁଚିସ୍ମିତା ସାହୁ)

କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ରବିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ କହିଲେ, କିଟ୍‌ର ଅଭିବୃଦ୍ଧିରେ ମହିଳା କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଚଳିତବର୍ଷ ଅନ୍ତର୍ଜାତୀୟ ମହିଳା ଦିବସର ବିଷୟବସ୍ତୁ 'ଗିଭ୍ ଟୁ ଗେନ୍' ଉପରେ ଗୁରୁତ୍ୱାରୋପ କରି କହିଲେ, ଅନ୍ୟମାନଙ୍କୁ ଦେବାର ଆନନ୍ଦ ଅତୁଳନୀୟ। ମହିଳା କର୍ମଚାରୀମାନେ କିଟ୍ ଇକୋସିଷ୍ଟମର ମେରୁଦଣ୍ଡ। କିଟ୍ ଶିକ୍ଷାନୁଷ୍ଠାନ ସମୂହରେ ପ୍ରାୟ ୫୦ ପ୍ରତିଶତ ମହିଳା କର୍ମଚାରୀ ରହିଥିବା ସେ କହିଥିଲେ। ଅଚ୍ୟୁତ ନିଜ ମାଆଙ୍କ ଉଦାହରଣ ଦେଇ କହିଲେ, ମା ଥିଲେ ତାଙ୍କର ସର୍ବଶ୍ରେଷ୍ଠ ପ୍ରେରଣା। ତାଙ୍କ ମା ବିଧବା ହେବା ପରେ କିପରି ସମ୍ମାନ ଓ ସାହସର ସହିତ ପ୍ରତିକୂଳ ପରିସ୍ଥିତିକୁ ସାମନା କରି ସମାଜରେ ନିଜକୁ ସୁଦୃଢ କରି ପାରିଥିଲେ ସେ ସମ୍ପର୍କରେ କହିଥିଲେ। ମହିଳାମାନେ ନିଜକୁ ସଶକ୍ତ କରିବା ସହ ପରସ୍ପରକୁ ସମର୍ଥନ ଓ ଉତ୍ସାହିତ କରନ୍ତୁ। ପିତାମାତାଙ୍କ ଆଶୀର୍ବାଦ ଅମୂଲ୍ୟ। ପ୍ରତ୍ୟେକ ବ୍ୟକ୍ତି ନିଜ ପିତାମାତାଙ୍କ ସହିତ ସମୟ ବିତାଇବା ଏବଂ ସେମାନଙ୍କ ଯତ୍ନ ନେବାକୁ ସେ ଅନୁରୋଧ କରିଥିଲେ। କିଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଥିଲେ। କିଟ୍ ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ପ୍ରଫେସର ପଦ୍ମକଳି ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍କୁଟିକୁ ଧକ୍କା ଦେଲା କାର୍: ୧ ମୃତ

ବାରଙ୍ଗ,୮।୩(ଲିଙ୍ଗରାଜ ରାଉତ)

ବାରଙ୍ଗ ମେଡିକାଲ ଛକ ନିକଟରେ ଶନିବାର ରାତିରେ ଏକ କାର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦାଢ଼ାପାଟଣା ଗ୍ରାମର ସୁଶାନ୍ତ ମହାରଣା।

ଉକ୍ତ ଗ୍ରାମର ଗୋବିନ୍ଦ ମହାରଣାଙ୍କ ଏକମାତ୍ର ପୁଅ ସୁଶାନ୍ତ ମହାରଣା ଚନ୍ଦକା ବନ ବିଭାଗରେ ଚାକିରି କରନ୍ତି। ସେ ଶନିବାର ରାତିରେ ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ନନ୍ଦନକାନନ - ବାରଙ୍ଗ ରାସ୍ତା ମେଡିକାଲ ଛକ ନିକଟରେ ଏକ ନାଲି ରଙ୍ଗର କାର ତାଙ୍କ ସ୍କୁଟିକୁ ଧକ୍କା ଦେଇ ଦ୍ରୁତଗତିରେ ପଳାଇ ଯାଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ପୋଲିସ ସୁଶାନ୍ତଙ୍କୁ ଚିକିତ୍ସା ପାଇଁ କଟକ ମେଡିକାଲକୁ ନେଇଥିବା ବେଳେ ବିଳମ୍ବିତ ରାତିରେ ଡାକ୍ତର ମୃତ ଘୋଷଣା କରିଥିଲେ। କେନ୍ଦ୍ର ଗୃହମନ୍ତ୍ରୀଙ୍କ ଗସ୍ତ ପାଇଁ ରାସ୍ତାରୁ ହମ୍ପସ ହଟାଯିବା ପରେ ଗାଡ଼ିଗୁଡ଼ିକ ଦ୍ରୁତ ଗତିରେ ଯାତାୟାତ କରିବାରୁ ଏଭଳି ଅଘଟଣ ଘଟିଲା ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ ଆଣିଛନ୍ତି।

# ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଭୁବନେଶ୍ୱର,୮।୩ (ସୁଚିସ୍ମିତା ସାହୁ)

ଆଇଆର୍‌ସି ଭିଲେଜସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ମହାନଗର ସ୍ୱାସ୍ଥ୍ୟ ସମିତି, ଭୁବନେଶ୍ୱର ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। କର୍ପୋରେଟର ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ପୂର୍ବତନ ପ୍ରଶାସକ ଡା. ଅରବିନ୍ଦ ବେହେରା, ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଡା. ସେବା ମହାପାତ୍ର, ବୋଉ ଫାଉଣ୍ଡେଶନର ସଂସ୍ଥାପକ ଅତିଶ ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶିକା (ସହରୀ ସ୍ୱାସ୍ଥ୍ୟ) ଡା. ପୁଷ୍ପିତା ମହାନ୍ତି, ଏନ୍‌ଏଚ୍‌ଏମ୍ ଓଡ଼ିଶାର ଟିମ୍ ଲିଡର ଡା. ଦୀନବନ୍ଧୁ ସାହୁ ଓ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନର ରାଜ୍ୟ କାର୍ଯ୍ୟକ୍ରମ ପରିଚାଳକ ସୁକାନ୍ତ କୁମାର ମିଶ୍ର ଯୋଗଦେଇଥିଲେ। ଅତିଥିମାନେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ସଚେତନତା ଓ ସମୟୋପଯୋଗୀ ଚିକିତ୍ସା ସେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏପରି କାର୍ଯ୍ୟକ୍ରମ ବରିଷ୍ଠ ଲୋକଙ୍କ ସୁସ୍ଥ ଓ ସୁଖମୟ ଜୀବନ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ବୋଲି ସେମାନେ ଉଲ୍ଲେଖ କରିଥିଲେ। ଶିବିରରେ ୯୧ଜଣ ବୟୋଜ୍ୟେଷ୍ଠ ନାଗରିକଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ ଓ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା। ସ୍ୱାସ୍ଥ୍ୟ ଅଧିକାରୀ ଡା. ଗୁଲନାଜ ଉସ୍ମାନ ବୟୋଜ୍ୟେଷ୍ଠ ନାଗରିକମାନଙ୍କୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପ୍ରତି ମାସର ପ୍ରଥମ ଶନିବାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଆୟୋଜନ କରାଯାଉଛି।

# ମା'ମାନେ ନିଜ ସ୍ୱାସ୍ଥ୍ୟ, ଖାଦ୍ୟକୁ ନେଇ ସଚେତନ ହୁଅନ୍ତୁ

ଭୁବନେଶ୍ୱର,୮।୩ (ସୌମ୍ୟରଞ୍ଜନ ରାଉତ)

ବିଜେତ୍ରୀ ଫାଉଣ୍ଡେଶନ ପକ୍ଷରୁ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଣ୍ଡରା ଛକସ୍ଥିତ କିମ୍ବିରିଆ ମୁଣ୍ଡା ସାହିଠାରେ ପାଳିତ ହେଇଯାଇଛି। ମୁଖ୍ୟ ଅତିଥି ଭାବେ ଶିଶୁ ସୁରକ୍ଷା ଆୟୋଗର ସଭ୍ୟ ସୁଜାତା ନାୟକ ଯୋଗଦେଇ ଆଦର୍ଶ ସମାଜ ଗଠନରେ ମାମାନଙ୍କ ଭୂମିକା ଓ ଶିଶୁ ସୁରକ୍ଷାରେ ସେମାନଙ୍କର ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଡା. ସତ୍ୟସ୍ମିତା ଜେନା ଯୋଗଦେଇ ମା'ମାନଙ୍କ ସ୍ୱାସ୍ଥ୍ୟ ଓ ଖାଦ୍ୟ ଏବଂ ପିଲାଙ୍କ ସଂସ୍କାର ସମ୍ପର୍କରେ କହିଥିଲେ। ପରିବାରର ବିଶେଷକରି ମା'ମାନଙ୍କ ସ୍ୱାସ୍ଥ୍ୟ ଠିକ୍ ରହିଲେ ସମାଜ ସ୍ୱାସ୍ଥ୍ୟ ଠିକ୍ ରହିବ ବୋଲି କହିଥିଲେ। ଏହି ଅବସରରେ ଫାଉଣ୍ଡେଶନ ପକ୍ଷରୁ ସମସ୍ତ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ଫାଉଣ୍ଡେଶନର ନିର୍ଦ୍ଦେଶକ ପ୍ରେମାନନ୍ଦ ନାଥ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଅନ୍ୟତମ ନିର୍ଦ୍ଦେଶକ ଡ. ସୁଦର୍ଶନ ରାଜ ଧନ୍ୟବାଦ ଦେଇଥିଲେ।

## ଅନ୍ତର୍ଜାତୀୟ ମହିଳା ଦିବସ

ଭୁବନେଶ୍ୱର,୮।୩ (ସୌମ୍ୟରଞ୍ଜନ ରାଉତ)

ଅମୃତଧାରା ଟ୍ରଷ୍ଟ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ରବିବାର ଶିଖରଚଣ୍ଡୀଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନାରୀ ସଶକ୍ତୀକରଣ, ଲିଙ୍ଗ ସମାନତା ଏବଂ ମହିଳାଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ବିଷୟରେ ଚର୍ଚ୍ଚା କରାଯାଇଥିଲା। ପରେ ଯୁବତୀମାନଙ୍କୁ ସାନିଟାରି ପ୍ୟାଡ୍ ବିତରଣ କରାଯାଇଥିଲା। ଟ୍ରଷ୍ଟର ସଚିବ ଡା. ଧରିତ୍ରୀ ମହାକୁଡ଼ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ପି ଆଣ୍ଡ ଟି କଲୋନୀରେ ମହିଳା ଦିବସ



ଭୁବନେଶ୍ୱର,୮।୩ (ସୁଚିସ୍ମିତା ସାହୁ)

ବାଣୀବିହାର ପି ଆଣ୍ଡ୍ ଟି କଲୋନୀ ପକ୍ଷରୁ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। କଲୋନୀର ମହିଳାମାନେ ଏକତ୍ରିତ ହୋଇ କେକ୍ କାଟିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ମହିଳାଙ୍କ ସାମାଜିକ, ଆର୍ଥିକ, ସାଂସ୍କୃତିକ, ରାଜନୈତିକ ସହ ବିଭିନ୍ନ କ୍ଷେତ୍ରରେ ସଫଳତା ଓ ପାରଦର୍ଶିତାକୁ ପାଳନ କରିବା ହେଉଛି ଏହି ଦିନର ଉଦ୍ଦେଶ୍ୟ। ଏହାସହ ମହିଳାମାନେ କିପରି ଘରୁ ଗୋଡ଼ କାଢି ସମାଜର ଉନ୍ନତି ପାଇଁ ଆଗକୁ ଆସିପାରିବେ ସେନେଇ ଆଲୋଚନା ହୋଇଥିଲା।

# ୧୦ ମହିଳାଙ୍କୁ 'ସ୍ୱାଭିମାନ ଓଡ଼ିଆ ସମ୍ମାନ'

ଭୁବନେଶ୍ୱର,୮।୩(ସୌମ୍ୟରଞ୍ଜନ ରାଉତ)

ସ୍ୱାଭିମାନ ଓଡ଼ିଆ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ୱାଭିମାନ ଓଡ଼ିଆ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ରବିବାର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, ଏମ୍‌ଆଇଏମ୍‌ଟିର ନିର୍ଦ୍ଦେଶିକା ସୀମାଦ୍ରିତନୟା ଲେଙ୍କା, ଖବରଦାତା ପ୍ରଦୋଷ ପଟ୍ଟନାୟକ, ସିନେ ସମୀକ୍ଷକ ଦିଲୀପ ହାଲି, ଶିକ୍ଷାବିତ୍ ଡ. ସୌରେନ ମହାପାତ୍ର ଓ ସ୍ୱାଭିମାନ ଓଡ଼ିଆର ଅଧ୍ୟକ୍ଷା ଅରୁନ୍ଧତୀ ମଲିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ୧୦ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମାଜିକ କର୍ମୀ ପ୍ରୀତିନନ୍ଦା ରାଉତରାୟ, ଶିକ୍ଷାବିତ୍ ଡ. ବିନ୍ଦୁଶ୍ରୀ ମିଶ୍ର, କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର, ମହିଳା ସଂଗଠିକା ସଂଯୁକ୍ତା ଭୂତିଆ, ଖବର ପାଠିକା ଡ. ସ୍ନେହ ମିଶ୍ର, ପୁସ୍ତକାର ଛନ୍ଦା ମିଶ୍ର, ମାହାରୀ ନୃତ୍ୟଶିଳ୍ପୀ ରୂପଶ୍ରୀ ମହାପାତ୍ର, ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ଚିତ୍ରଶିଳ୍ପୀ ଲିପ୍ସା ନାୟକ ଏବଂ ଖବରଦାତା ବନ୍ଦନା ସେଠୀଙ୍କୁ ଅତିଥିମାନେ 'ସ୍ୱାଭିମାନ ଓଡ଼ିଆ ସମ୍ମାନ'ରେ ସମ୍ମାନିତ କରିଥିଲେ।



ଅତିଥିଙ୍କ ଗହଣରେ 'ସ୍ୱାଭିମାନ ଓଡ଼ିଆ ସମ୍ମାନ' ପାଇଥିବା ୧୦ ମହିଳା।

# ୪ ପ୍ରତିଷ୍ଠିତ ନାରୀ ନେତୃତ୍ୱ ସମ୍ମାନିତ

ବାଲିଅନ୍ତା,୮।୩(ନୀଳମାଧବ ସାହୁ)

## ମହିଳା ସଶକ୍ତୀକରଣ, ନେତୃତ୍ୱ ଉପରେ ପ୍ରଶିକ୍ଷଣ ଶିବିର

ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମହିଳା ସଶକ୍ତୀକରଣ ଓ ନେତୃତ୍ୱ ଉପରେ ଏକ ୨ ଦିନିଆ ପ୍ରଶିକ୍ଷଣ ଶିବିର 'ଫିୟରଲେସ ଲିଡରଶିପ ଆଣ୍ଡ ୟୁ' ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ରାଜ୍ୟର ବିଭିନ୍ନ ପ୍ରତିଷ୍ଠିତ ଅନୁଷ୍ଠାନର ୩୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇ ମହିଳା ସଶକ୍ତୀକରଣ, ନେତୃତ୍ୱ କୌଶଳ ଓ ବ୍ୟକ୍ତିତ୍ୱ ବିକାଶ ଉପରେ ପ୍ରଶିକ୍ଷଣ ନେବା ସହିତ ଆଲୋଚନାରେ ଭାଗ ନେଇଥିଲେ। ପ୍ରଥମ ଦିବସ ଆସ୍ଥାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ସମ୍ପାଦକ ଡ. ବଙ୍କିମ ମହାନ୍ତି ଓ ସେଣ୍ଟର ଫର୍ ହ୍ୟୁମାନ ଡେଭଲପ୍‌ମେଣ୍ଟ ଆଣ୍ଡ ନ୍ୟୁରୋ ଲିଙ୍ଗୁଇଷ୍ଟିକ ରିସର୍ଚ୍ଚ ପ୍ରାଇଭେଟ ଲିମିଟେଡ ପରିଚାଳନା ନିର୍ଦ୍ଦେଶକ ଡ. ମଙ୍ଗେଶ ଦାସ



ପ୍ରଶିକ୍ଷଣ ଶିବିରରେ ଅତିଥିମାନେ ଜଣେ ମହିଳା ନେତୃତ୍ୱଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଏହି ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରି ମହିଳା ସଶକ୍ତୀକରଣ ଓ ନେତୃତ୍ୱ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନ ପ୍ରଫେସର ଡ. ଶର୍ମିଳା ସୁବ୍ରମନିୟନ ଓ ଡ. ସ୍ୱାତି ପାଡୋସି ପ୍ରଶିକ୍ଷକ ଭାବରେ ଯୋଗଦେଇଥିଲେ। ଶନିବାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ ଲିମିଟେଡର ମାନବ ସମ୍ବଳ ନିର୍ଦ୍ଦେଶକ ସନ୍ଦୀପ ପଟ୍ଟନାୟକ ଓ ସମ୍ମାନିତ ଅତିଥିଭାବେ ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟ ଚେୟାରମ୍ୟାନ ରୋଟାରିୟାନ ବିଜୟ କୁମାର ପାତ୍ର ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶାର ୪ ଜଣ ପ୍ରତିଷ୍ଠିତ ନାରୀ ନେତୃତ୍ୱ ସାମାଜିକ କର୍ମୀ ନମ୍ରତା ଚଢା, ଓଏମ୍‌ସି ଇଡି ପି ଆଣ୍ଡ୍ ଏସିଏସଆର୍ ମୁଖ୍ୟ ତଲତ ଆଫିନ (ଓଏଏସ), ଇଷ୍ଟ ୟୁନାଇଟେଡ ବ୍ରେଓରିଜ ଲିମିଟେଡର ଏଚ୍‌ଆର ବିପି କମସ ସୋନି ମେହେଟା ଓ ପଦ୍ମାବତୀ ମଲ୍ଟିହସ୍ପିଟାଲର ଚିଫ୍ ଅପରେଟିଂ ଅଫିସର୍ ରାଜଶ୍ରୀ ଉପାଧ୍ୟାୟଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମକୁ ପ୍ର. ଜିନାଶିଷ ମହାନ୍ତି, ମନୋରଞ୍ଜନ ନାୟକ, ଅନନ୍ୟା ସ୍ୱାଇଁ, ଦିପନ କୁମାର ଜେନା ପ୍ରମୁଖ ପରିଚାଳନା କରିଥିଲେ। ପ୍ରଫେସର ସଞ୍ଜୀବ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

**୧୦ ମହିଳାଙ୍କୁ 'ସ୍ୱାଭିମାନ ଓଡ଼ିଆ ସମ୍ମାନ'**

ଭୁବନେଶ୍ୱର,(ସୌମ୍ୟରଞ୍ଜନ ରାଉତ): ସ୍ୱାଭିମାନ ଓଡ଼ିଆ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ୱାଭିମାନ ଓଡ଼ିଆ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ରବିବାର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, ଏମ୍‌ଆଇଏମ୍‌ଟିର ନିର୍ଦ୍ଦେଶିକା ସୀମାଦ୍ରିତନୟା ଲେଙ୍କା, ଖବରଦାତା ପ୍ରଦୋଷ ପଟ୍ଟନାୟକ, ସିନେ ସମୀକ୍ଷକ ଦିଲୀପ ହାଲି, ଶିକ୍ଷାବିତ୍ ଡ. ସୌରେନ ମହାପାତ୍ର ଓ ସ୍ୱାଭିମାନ ଓଡ଼ିଆର ଅଧକ୍ଷା ଅରୁନ୍ଧତୀ ମଲିକ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ୧୦ ମହିଳାଙ୍କୁ 'ସ୍ୱାଭିମାନ ଓଡ଼ିଆ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା।

# 'ମହିଳା ସଶକ୍ତୀକରଣକୁ ନୂଆ ଦିଗ ଦେଇଛି ସୁଭଦ୍ରା ଯୋଜନା'

**ଜିଲାସ୍ତରୀୟ ମହିଳା ଦିବସ, ସୁଭଦ୍ରା ଯୋଜନା ୪ର୍ଥ କିସ୍ତି ସମାରୋହ**



ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କଠାରୁ ଜଣେ ମହିଳା ପୁରସ୍କାର ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା,୮।୩(ପ୍ରଭାତ ପାଣିଗ୍ରାହୀ)

ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଜିଲା ସମାଜ କଲ୍ୟାଣ ବିଭାଗ ସହଯୋଗରେ ଖୋର୍ଦ୍ଧା ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ଏବଂ ସୁଭଦ୍ରା ଯୋଜନାର ୪ର୍ଥ କିସ୍ତି ପ୍ରଦାନ ସମାରୋହ ରବିବାର ସ୍ଥାନୀୟ ଜୟୀ ରାଜଗୁରୁ ଭବନ (ଟାଉନ ହଲ୍) ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅମ୍ରିତ୍ ଋତୁରାଜ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ ଯେ, ସୁଭଦ୍ରା ଯୋଜନା ମହିଳା ସଶକ୍ତୀକରଣକୁ ନୂଆ ଦିଗ ଦେଇଛି। ମହିଳାମାନଙ୍କ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ସହ ବିକଶିତ ଓଡ଼ିଶାର ଲକ୍ଷ୍ୟକୁ ସାକାର କରୁଛନ୍ତି ସରକାର। ମହିଳାମାନେ ସୁଭଦ୍ରା ଯୋଜନା ମାଧ୍ୟମରେ ଆର୍ଥିକ ସ୍ୱାଧୀନତା ପାଉଥିବା ବେଳେ ଲକ୍ଷପତି ଦିଦି ଅଭିଯାନ ଜରିଆରେ ନୂତନ ଉଦ୍ୟୋଗୀ ଭାବେ ଆତ୍ମପ୍ରକାଶ କରୁଛନ୍ତି। ଝିଅମାନଙ୍କ ଉଜ୍ଜଳ ଭବିଷ୍ୟତ ପାଇଁ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଶିକ୍ଷାକ୍ଷେତ୍ରରେ ଏକ ନୂତନ ବିପ୍ଳବ ଆଣିବାକୁ ଯାଉଥିବା ବେଳେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସାମାଜିକ ସୁରକ୍ଷାକୁ ସୁଦୃଢ଼ କରିବ। ସେହିପରି ମମତା ଓ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ଜରିଆରେ ମା' ଓ ଶିଶୁ କଲ୍ୟାଣକୁ ନିଶ୍ଚିତ କରାଯାଉଛି। ସୁଭଦ୍ରା ୱେଲନେସ ସେଣ୍ଟର ଓ ସୁଭଦ୍ରା ଶକ୍ତି ସମ୍ବାଦ ଭଳି ଅଭିନବ ପ୍ରୟାସ ମହିଳାଙ୍କ ସ୍ୱାସ୍ଥ୍ୟ ଓ ସଚେତନାକୁ ଆହୁରି ମଜବୁତ କରୁଛି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା କମିଶନର ସଦସ୍ୟା ଉର୍ମିଳା ମହାପାତ୍ର, ବିଧାୟକ ପ୍ରଶାନ୍ତ ଜଗଦେବ, ଜିଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀ ରାଣୀ ଗୁମାନସିଂହ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ମହିଳା କମିଶନର ସଦସ୍ୟା ମହାପାତ୍ର କହିଥିଲେ ଯେ, ସଶକ୍ତ ସମାଜ ଓ ସମୃଦ୍ଧ ଭାରତ ଗଠନ କରିବାରେ ମହିଳାଙ୍କ ତ୍ୟାଗ ଅତୁଳନୀୟ। ମହିଳାମାନେ ହେଉଛନ୍ତି ରାଷ୍ଟ୍ରନିର୍ମାତା। ନାରୀଶକ୍ତି ଜାଗ୍ରତ ହେଲେ ସମାଜ ଜାଗ୍ରତ ହେବ ବୋଲି କହିଥିଲେ। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)କୁ ବାଦ୍ ଦେଇ ଜିଲାର ୧୦ଟି ବ୍ଲକ ଏବଂ ୪ ପୌରାଞ୍ଚଳକୁ ମିଶାଇ ପ୍ରଥମ କିସ୍ତିରେ ୪,୪୨,୬୧୩, ଦ୍ୱିତୀୟ କିସ୍ତିରେ ୪,୬୭,୫୧୬, ୩ୟ କିସ୍ତିରେ ୪,୬୩,୭୨୧ ଜଣଙ୍କୁ ଦିଆଯାଇଥିବା ବେଳେ ୪ର୍ଥ କିସ୍ତିରେ ୭୬, ୭୮୩ଜଣ ହିତାଧିକାରୀଙ୍କୁ ଦିଆଯାଇଛି। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅତିରିକ୍ତ ଜିଲାପାଳ ବେଉରା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ମଞ୍ଚ ପରିଚାଳନା ଏବଂ ଗୀତାଞ୍ଜଳି ସାହୁ ମଞ୍ଚ ଉପସ୍ଥାପନା କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାଲିପାଟଣା,୮।୩ (ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା ଅଧୀନ ଭାପୁର ଗ୍ରାମ ନିକଟ ଜଙ୍ଗଲରୁ ରବିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ଭାପୁର ଗ୍ରାମର ଆଲୋକ ଭୋଇ (୨୨)। ତେବେ ମୃତ୍ୟୁର କାରଣ ଜଣାପଡି ନ ଥିବା ବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ରବିବାର ସକାଳେ କୌଣସି କାରଣକୁ ନେଇ ଆଲୋକଙ୍କ ଘରେ ଅଶାନ୍ତି ଦେଖାଦେଇଥିଲା। ମଧ୍ୟାହ୍ନରେ ଆଲୋକ ଘରୁ ବାହାରି କେଉଁଆଡ଼େ ଯାଇଥିଲେ। କିଛି ସମୟ ପରେ ଗ୍ରାମ ନିକଟ ଜଙ୍ଗଲର ଏକ ଗଛରେ ଆଲୋକ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପରେ ପରିବାର ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

**ସଂକ୍ଷେପରେ**

## ରାସ୍ତାରେ ଜଳିଗଲା ବ୍ୟାଟେରି ଚାଳିତ ସ୍କୁଟି



ବେଗୁନିଆ,୮।୩(ସନ୍ଧ୍ୟାରାଣୀ ମିଶ୍ର)

୪୮ନମ୍ବର ରାଜ୍ୟ ରାଜପଥର ସିମୋର-ବାଘମାରୀ ମଧ୍ୟରେ ରବିବାର ପୂର୍ବାହ୍ନରେ ଏକ ବ୍ୟାଟେରି ଚାଳିତ ସ୍କୁଟି ଜଳିଯାଇଛି। ତେବେ ସ୍କୁଟି ଚାଳକ ଜଣଙ୍କ ଅଘଟଣରୁ ରକ୍ଷା ପାଇଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଚାଳକ ଜଣଙ୍କ ନୟାଗଡ଼ ଜିଲା ଫତେଗଡ ଅଞ୍ଚଳର ବୋଲି ସ୍ଥାନୀୟ ଲୋକଙ୍କଠାରୁ ସୂଚନା ମିଳିଛି। ତେବେ ଏହି ଘଟଣା ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

## ମାଙ୍କଡ଼ କାମୁଡ଼ାରେ ୪ ଗୁରୁତର

କଳାପଥର,୮।୩(ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକ ଅଧୀନ ଧଳାପଥର ପଞ୍ଚାୟତ ଅଞ୍ଚଳରେ ମାଙ୍କଡ଼ଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ଧଳାପଥର, କୋଦୁଅବେରେଣୀ, ଠଣାପଲ୍ଲୀ, ଶ୍ରୀରାମପୁର, ସାନନୟାପଲ୍ଲୀ ଆଦି ଗ୍ରାମର ଲୋକଙ୍କ ବାରିରେ ଥିବା ପନିପରିବା ଖାଇବା ସହ ନଷ୍ଟ କରୁଛନ୍ତି। ରବିବାର ସକାଳେ ମାଙ୍କଡ଼ କାମୁଡ଼ାରେ ଶ୍ରୀରାମପୁରର ଅର୍ଚ୍ଚନା ପ୍ରଧାନ, କର୍ପୁର ଜେନା, ସ୍ନେହଲତା ଜେନା, ଗଗନ ସ୍ୱାଇଁ ପ୍ରମୁଖ ଗୁରୁତର ଆହତ ହୋଇ ସ୍ଥାନୀୟ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହୋଇ ଘରକୁ ଫେରିଛନ୍ତି। ସାମାଜିକ କର୍ମୀ ଦିଲୀପ ସାମନ୍ତରା, ଠଣାପଲ୍ଲୀ ଗ୍ରାମର ଧ୍ରୁବଚରଣ ମହାପାତ୍ର, ରାଜକିଶୋର ସାହୁଙ୍କ ସହିତ ସ୍ଥାନୀୟ ଜନସାଧାରଣ ଏବଂ ବନ ବିଭାଗ କର୍ମଚାରୀମାନେ ମାଙ୍କଡ଼ଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ।

## ୧୯ରେ ନୀଳକଣ୍ଠେଶ୍ୱରଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ବେଗୁନିଆ,୮।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ପୋଡ଼ାଡ଼ିହ ପଞ୍ଚାୟତ ଅନ୍ତର୍ଗତ ଦିନିଆରୀ (ନୀଳକଣ୍ଠପୁର) ଗ୍ରାମର ଆରାଧ୍ୟ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ୪ଦିନଧରି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଏହା ମହାଯଜ୍ଞ ଆସନ୍ତା ୧୯ତାରିଖରୁ ଆରମ୍ଭ ହୋଇ ୨୨ତାରିଖରେ ପୂର୍ଣ୍ଣାହୁତି ହେବ ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ କହିଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ଗାୟିକା ଉର୍ମିଳା ସାହୁ, ଗାୟିକା ଟିଙ୍କିନା ତ୍ରିପାଠୀଙ୍କ ଦ୍ୱାରା ଲୋକକଳା ପାଲା ପରିବେଷଣ ହେବା ସହିତ କାଳୀୟଦଳନ ଆଦି କାର୍ଯ୍ୟକ୍ରମ ହେବ ବୋଲି ସ୍ଥିର ହୋଇଛି।

## ପଞ୍ଚଦୋଳରେ ପରିବେଷଣ ହେବ ନାଟକ

ବେଗୁନିଆ,୮।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ପୋଡ଼ାଡ଼ିହ ପଞ୍ଚାୟତ ଅନ୍ତର୍ଗତ ତଳଗଡ଼ ଗ୍ରାମରେ ପଞ୍ଚଦୋଳ ଉପଲକ୍ଷେ ଶ୍ରୀଲୋକନାଥ ଦେବ ନାଟ୍ୟ ସଂସଦ ପକ୍ଷରୁ ଦୁଇଦିନ ଧରି ମୁକ୍ତମଞ୍ଚ ନାଟକ ପରିବେଷଣ ହେବ। ସୋମବାର 'ଅସତୀ ତୁଳସୀ ସତୀ ଚଉରା', 'ଏମିତି ବନ୍ଧନ ଯୋଡ଼ିଚି କିଏ' ନାଟକରେ ଗ୍ରାମ୍ୟ କଳାକାରମାନେ ଅଂଶଗ୍ରହଣ କରିବେ। ନାଟକର ନିର୍ଦ୍ଦେଶନା ଦେଇଛନ୍ତି ଡମ୍ବରୁଧର ବେହେରା, ରଜତ କୁମାର ପାଇକରାୟ ଓ ମୁନା ଘଡ଼େଇ। ଯାତ୍ରା ପରିଚାଳନା କମିଟିର ସଭାପତି ମନମୋହନ ସାମନ୍ତରାୟ ଏବଂ ବରିଷ୍ଠ ସଦସ୍ୟ ବ୍ରଜ କିଶୋର ସାମଲ ଏହି ସୂଚନା ଦେଇଛନ୍ତି।

## ଅନ୍ତର୍ଜାତୀୟ ମହିଳା ଦିବସ

ବୋଲଗଡ଼,୮।୩(ଦେବବ୍ରତ ହୋତା)

ବୋଲଗଡ଼ ସ୍ଥିତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି କାର୍ଯ୍ୟାଳୟ ପରିସରରେ ଭାରତୀୟ ମହିଳା ସମିତିର ଖୋର୍ଦ୍ଧା ଜିଲା ପରିଷଦ ଶାଖା ପକ୍ଷରୁ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ପରିଷଦ ସଦସ୍ୟା ବସନ୍ତ ମଞ୍ଜରୀ ପରମଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଆଶା କର୍ମୀ ସଂଘ ସଭାନେତ୍ରୀ ଗୀତାଞ୍ଜଳି ପ୍ରଧାନ, ରଞ୍ଜୁବାଳା ପ୍ରଧାନ ଏବଂ ପ୍ରତିମା ପାଟଶାଣୀ ଅତିଥିଭାବେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ। ସିପିଆଇର ଖୋର୍ଦ୍ଧା ଜିଲା ସମ୍ପାଦକ ଅମୀୟ ପଟ୍ଟନାୟକ, ଶିକ୍ଷକ ନେତା ଦିବାକର ପରମଗୁରୁ, ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ପୁରେନ୍ଦ୍ର ବେହେରା, ଦୁର୍ଯ୍ୟୋଧନ ସୁବୁଦ୍ଧି, ଦିଲୀପ ପାଟଶାଣୀ, ପ୍ରବୋଧ ପରମଗୁରୁ ପ୍ରମୁଖ ଯୋଗଦେଇ ମହିଳାଙ୍କ ସାମାଜିକ, ଅର୍ଥନୈତିକ, ରାଜନୈତିକ ଅଧିକାର ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

# ମାଲୁଦ ପଞ୍ଚଦୋଳ: ପୋତାହେଲା ଶୁଭଖୁଣ୍ଟି



ମାଲୁଦ ପଞ୍ଚଦୋଳ ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ ପାଇଁ ନିଆଯାଉଛି।

କୃଷ୍ଣପ୍ରସାଦ,୯।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ମାଲୁଦ ପଞ୍ଚଦୋଳ ଯାତ୍ରା ପାଇଁ ରବିବାର ଶୁଭଖୁଣ୍ଟି ପଡ଼ିଆରେ ପହଞ୍ଚିଥିଲା। ଶତାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ସୁସଜ୍ଜିତ ୭୦ଫୁଟ ଉଚ୍ଚର ଶୁଭଖୁଣ୍ଟିକୁ ଯାତ୍ରା ପଡ଼ିଆରେ ପୋତା(ସ୍ଥାପନା) ଯାଇଛି। ଉକ୍ତ ପଡ଼ିଆକୁ ମାଲୁଦ ଦଧିବାମନ ଦେବ ଏବଂ ବଜ୍ରକୋଟ ଗାଁ କୁଞ୍ଜେଶ୍ୱରଙ୍କ ପୀଠରୁ ଏହିଭଳି ଦୁଇଟି ଶୁଭଖଣ୍ଟି ଆସିଥାଏ। ୨୪ମୌଜା ପରିଚାଳନା କମିଟି ଦ୍ୱାରା ଯାତ୍ରା ପରିଚାଳନା କରାଯାଇଥାଏ। ମାଲୁଦ ଦଧିବାମନ ଦେବ ସମସ୍ତ ଠାକୁରଙ୍କୁ ନିମନ୍ତ୍ରଣ କରିଥାନ୍ତି। ଦଧିବାମନ ଦେବଙ୍କ ମାର୍ଫତଦାର ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଯାତ୍ରା ପରିଚାଳନା ହୋଇଥାଏ। ସୋମବାର ପ୍ରତ୍ୟୁଷରୁ ପଟୁଆରରେ ୨୩ଠାକୁର ସୁସଜ୍ଜିତ ବିମାନରେ ଆସି ନିଜ ଆସ୍ଥାନରେ ଅବସ୍ଥାନ କରିବେ। ସେଠାରେ ଠାକୁରଙ୍କୁ ୩ଦିନ ଧରି ଭୋଗ ଅର୍ପଣ କରାଯାଇଥାଏ। ଏହି ଉତ୍ସବ ବେଳେ ଦୁଇଟି ଗଣନାଟ୍ୟ ମନୋରଞ୍ଜନ ପରିବେଷଣ କରିଥାନ୍ତି। ଠାକୁରଙ୍କ ମେଳଣ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରା ନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। କମିଟି ପକ୍ଷରୁ ମଧ୍ୟ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି ବୋଲି ଅନୁଷ୍ଠାନର ସଭାପତି ସଂଗ୍ରାମ କେଶରୀ ପଟ୍ଟନାୟକ କହିଛନ୍ତି।

## ନାଟ୍ୟକଳା କ୍ଷେତ୍ରରେ ନାରୀର ଅବଦାନ ନେଇ ଆଲୋଚନା

ଭୁବନେଶ୍ୱର,୮।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ରବିବାର ସଂସ୍କୃତି ଭବନଠାରେ 'ନାଟ୍ୟକଳା କ୍ଷେତ୍ରରେ ନାରୀର ଭୂମିକା ଓ ଅବଦାନ' ଶୀର୍ଷକ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶକ ସୁଚିସ୍ମିତା ମନ୍ତ୍ରୀ, ବିଭାଗର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଡ. ଅନନ୍ୟା ପାଣିଗ୍ରାହୀ, ଲେଖିକା ନିତୁ ଦେବବ୍ରତ ଭଟ୍ଟାଚାର୍ଯ୍ୟ, ନାଟ୍ୟକାର ଡ. ସଂଘମିତ୍ରା ମିଶ୍ର, ନାଟ୍ୟ ନିର୍ଦ୍ଦେଶିକା ଡ. ସମିତା ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ପରେ ମହିଳାମାନେ ସ୍ୱରଚିତ କବିତା ପାଠ କରିଥିଲେ। ନାଟ୍ୟ ସମୀକ୍ଷକ ଡ. ପୁଷ୍ପଲତା ରଥ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଭୁବନେଶ୍ୱର,୮।୩ (ସୁଚିସ୍ମିତା ସାହୁ)

ଆଇଆର୍‌ସି ଭିଲେଜସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ମହାନଗର ସ୍ୱାସ୍ଥ୍ୟ ସମିତି, ଭୁବନେଶ୍ୱର ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। କର୍ପୋରେଟର ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ପୂର୍ବତନ ପ୍ରଶାସକ ଡା. ଅରବିନ୍ଦ ବେହେରା, ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଡା. ସେବା ମହାପାତ୍ର, ବୋଉ ଫାଉଣ୍ଡେଶନର ସଂସ୍ଥାପକ ଅତିଶ ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶିକା (ସହରୀ ସ୍ୱାସ୍ଥ୍ୟ) ଡା. ପୁଷ୍ପିତା ମହାନ୍ତି, ଏନ୍‌ଏଚ୍‌ଏମ୍ ଓଡ଼ିଶାର ଟିମ୍ ଲିଡର ଡା. ଦୀନବନ୍ଧୁ ସାହୁ ଓ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନର ରାଜ୍ୟ କାର୍ଯ୍ୟକ୍ରମ ପରିଚାଳକ ସୁକାନ୍ତ କୁମାର ମିଶ୍ର ଯୋଗଦେଇଥିଲେ। ଶିବିରରେ ୯୧ଜଣ ବୟୋଜ୍ୟେଷ୍ଠ ନାଗରିକଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ ଓ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା।

# ଏକାଠି ହେଲେ ୨୭ ଠାକୁର



ନିରାକାରପୁର,୮।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ରାମେଶ୍ୱର ପଞ୍ଚଦୋଳର ଜମାଣ ଉତ୍ସବ ରବବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚଦୋଳର ଥାନପତି ଭାବେ ରାମେଶ୍ୱର ଗ୍ରାମର ଶ୍ରୀରାମନିଧିଦେବ ଓ ଜଗତମୋହନ ଦେବଙ୍କୁ ସୁସଜ୍ଜିତ ବିମାନ ସହ ରୋଷଣିରେ ମେଳଣ ପଡ଼ିଆକୁ ଅଣାଯାଇଥିଲା। କେଳା କେଳୁଣି, ଶବର ଶବରୁଣୀ, ଶିବ ପାର୍ବତୀ, ଧୋବା ଧୋବଣି ଆଦି ପାରମ୍ପରିକ ନୃତ୍ୟ ସହ ଘୋଡା, ବାଘ, ଭାଲୁ ଆଦି ପଶୁନୃତ୍ୟ, ଘଣ୍ଟ, ବାଦ୍ୟ, ତୁରି ଓ ହରିବୋଲ ହୁଳହୁଳିରେ ଗାଁଦାଣ୍ଡ କମ୍ପିଥିଲା। ସେହିପରି ରଙ୍ଗବେରଙ୍ଗ ଆଲୋକମାଳାରେ ଦୋଳପଡ଼ିଆ ଝଲସି ଉଠିଥିଲା। ନିମନ୍ତ୍ରଣ ରକ୍ଷାକରି ମିରିଗଦୟଣୀ, ମଧୁବନ, ତାଳପଡ଼ା, ଚନ୍ଦନପୁର, ଖଜୁରିପଡ଼ା, ପଦ୍ମପୁର, ଯାଜପୁର, କୁନିଆସାମନ୍ତରାପୁର ଆଦି ଗ୍ରାମର ମୋଟ୍ ୨୭ ଦେବଦେବୀ ମେଳଣ ପଡ଼ିଆରେ ଆସିନ ହୋଇଛନ୍ତି। କ୍ରିୟାନୁଷ୍ଠାନ ପକ୍ଷରୁ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଅବିରତ ଖେଳ ଏକ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା। ମେଳଣ ପଡ଼ିଆରେ ଚଟପଟି ଖାଦ୍ୟଠାରୁ ଆରମ୍ଭ କରି ଘରକରଣା ସାମଗ୍ରୀର ଅସ୍ଥାୟୀ ଷ୍ଟଲ୍ ପଡ଼ି କିଣାବିକା ଜୋର ଧରିଛି।

# 'ସ୍ୱାଧୀନତା ସଂଗ୍ରାମରେ ମହିଳାଙ୍କ ବୀରତ୍ୱ ଅତୁଳନୀୟ'




ଖୋର୍ଦ୍ଧା,୮।୩(ପ୍ରଭାତ ପାଣିଗ୍ରାହୀ)

ଭାରତର ସ୍ୱାଧୀନତା ସଂଗ୍ରାମରେ ମହିଳାମାନଙ୍କ ବୀରତ୍ୱ ଓ ତ୍ୟାଗର ଗାଥା ବିଶ୍ୱରେ ଅଦ୍ୱିତୀୟ। ଦେଶର ରାଜନୈତିକ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ମହିଳାମାନଙ୍କର ଅବଦାନ ଅତୁଳନୀୟ। ବାଲ୍ୟବିବାହ ଓ ଯୌତୁକ ପ୍ରଥା ଆଦି ବନ୍ଦ ହେବା ଉଚିତ୍ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବରିଷ୍ଠ ନାଗରିକ ମଞ୍ଚ ମହିଳା ଶାଖା ପକ୍ଷରୁ ବିଶ୍ୱ ମହିଳା ଦିବସ କାର୍ଯ୍ୟକ୍ରମରେ ସୌଦାମିନୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ୱର୍ଣ୍ଣରେଣୁ ପଟ୍ଟନାୟକ, ଝରଣା ମିଶ୍ର, ଶାନ୍ତିଲତା ବଳିୟାରସିଂହ, ନମିତା ଦାସ, ବିନତୀ ମିଶ୍ର, ପ୍ରେମାଞ୍ଜଳି ଦେବୀ, କବିତା ରାଣୀ ମିଶ୍ର ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ବ୍ୟାସକବି ଫକୀର ମୋହନଙ୍କ ରଚିତ 'ରେବତୀ'ର ଜୀବନ ସଂଘର୍ଷ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସଂଘର୍ଷମୟ କାହାଣୀ, ମହିଳା ଶିକ୍ଷାର ପ୍ରଗତି ଦିଗରେ ସାବିତ୍ରୀ ବାଇ ଫୁଲେଙ୍କ ଅବଦାନ ସ୍ମରଣୀୟ ହୋଇରହିବ। ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସମ୍ପାଦକ ରାମଶଙ୍କର, ବିଧାନ ଚନ୍ଦ୍ର ମହାନ୍ତି, ଡା.ବାସୁଦେବ ପାତ୍ର, ହାଜି ନସିମ୍ ଉଦ୍ଦିନ୍ ଖାଁ, ଦେବପ୍ରସାଦ ମଜୁମଦାର ମହିଳା ଦିବସ ଅବସରରେ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ସନ୍ତୋଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଆରମ୍ଭରେ 'ବନ୍ଦେ ଉତ୍କଳ ଜନନୀ' ଏବଂ ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।

# ଉତ୍କଳୀୟ ସଂସ୍କୃତିରେ ମହିଳାଙ୍କ ସ୍ଥାନ ସ୍ୱତନ୍ତ୍ର




ଖୋର୍ଦ୍ଧା,୮।୩(ପ୍ରଭାତ ପାଣିଗ୍ରାହୀ)

ସାମାଜିକ ଅନୁଷ୍ଠାନ ଦିଶାନ୍ତ ପକ୍ଷରୁ ବିଶ୍ୱ ମହିଳା ଦିବସ ସ୍ଥାନୀୟ ଜେମାଦେଇ ସ୍ଥିତ ବହୁମୁଖୀ ହଲ୍‌ରେ ରବିବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ତଥା କାଉନ୍‌ସିଲର ଦିଲୀପ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ମୁଖ୍ୟ ଅତିଥି, ସଂସ୍କୃତି ଗବେଷକ ସମ୍ପିତ ପଟ୍ଟନାୟକ ମୁଖ୍ୟ ବକ୍ତା, ନାରୀନେତ୍ରୀ ସୁଲୋଚନା ପରିଡ଼ା ସମ୍ମାନିତ ଅତିଥିଭାବେ ଯୋଗଦେଇ ମହିଳା ସଶକ୍ତୀକରଣ, ଆର୍ଥିକ ସ୍ୱାବଲମ୍ବନ ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟ ବକ୍ତା ପଟ୍ଟନାୟକ କହିଥିଲେ ଯେ, ଉତ୍କଳୀୟ ସଂସ୍କୃତିରେ ମହିଳାମାନଙ୍କ ସ୍ୱତନ୍ତ୍ର ସ୍ଥାନ ରହିଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ଯୋଗଦେଇଥିଲେ।

# ସମାଜର ବିକାଶରେ ନାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଖୋର୍ଦ୍ଧା,୮।୩ (ପ୍ରଭାତ ପାଣିଗ୍ରାହୀ)

ସ୍ଥାନୀୟ ତୃପ୍ତିମୟୀ ମହିଳା ମଣ୍ଡଳ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ରବିବାର ନୂଆସାହିସ୍ଥିତ ଆଦର୍ଶ କ୍ଲବ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳା ମଣ୍ଡଳର ସଭାନେତ୍ରୀ ମାନସୀ ଦାସ ପୌରୋହିତ୍ୟ କରିଥିଲେ। ଗାୟକ ବସନ୍ତ କୁମାର ଦାସଙ୍କ ମଙ୍ଗଳା ଚରଣ ପାଠ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ସଭ୍ୟା କବିତା ରାଉତ ନାରୀ ସଚେତନତାଧର୍ମୀ ସଙ୍ଗୀତ ଗାନ କରିଥିଲେ। ଏଥିରେ ରସାୟନ ବିଜ୍ଞାନୀ ଡ.ହରିପ୍ରସାଦ ଦାସ ମୁଖ୍ୟ ଅତିଥି, ସୁସାହିତ୍ୟିକା ଡ.ପ୍ରତିମା ଷଡ଼ଙ୍ଗୀ ମୁଖ୍ୟ ବକ୍ତା, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ମହାପାତ୍ର, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ଏବଂ ପ୍ରଧାନଶିକ୍ଷକ ଦିବାକର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ସମାଜର ସର୍ବୋତ୍ତମ ବିକାଶରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଲାବଣ୍ୟ ସାହୁ, ପୁଷ୍ପାଞ୍ଜଳି ଦାସ, ପଲ୍ଲବୀ ଦାସ, ମିରନପ୍ରଭା ଦାସ, କଲ୍ୟାଣୀ ବରାଡ଼, ଲିଲି ଦାସଙ୍କ ସମେତ ବହୁ ମହିଳା ଉପସ୍ଥିତ ଥିଲେ। ସଭ୍ୟା ସବିତା ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଆତସବାଜି,ଆଲୋକରେ ଝଲସିଲା ମେଳଣ ପଡ଼ିଆ

# ହରିରାଜପୁର ପଞ୍ଚଦୋଳ ମେଳଣ ଆରମ୍ଭ



ଠାକୁରଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

ଜଟଣୀ,୮।୩(ରବୀନ୍ଦ୍ରନାଥ ମହାକୁଡ଼)

ଓଡ଼ିଶାର ପ୍ରସିଦ୍ଧ ହରିରାଜପୁର ପଞ୍ଚଦୋଳ ମେଳଣର ଜମାଣ ଉତ୍ସବ ରବିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳଣ ଆସନ୍ତା ୧୨ ତାରିଖରେ ଉଦ୍‌ଯାପନୀ ହେବାକୁ ଥିବା ବେଳେ ଗୋଧୂଳିଲଗ୍ନରେ ଖୁଣ୍ଟିଲାଗି ଠାକୁରଙ୍କୁ ନେଇ ଦିଅଁ ମେଳଣ ତଥା ହରିହର ଭେଟ କରାଯାଇ ମେଳଣ ସମାପନ ହେବ। ଜମାଣ ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବା ସହିତ ମେଳଣ ପଡ଼ିଆ ହରିବୋଲ ଏବଂ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା। ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିରରେ ସମସ୍ତ ଦେବନୀତି ସମାପାନ ପରେ ସୁସଜ୍ଜିତ ବିମାନରେ ପଶ୍ଚିମ ଦ୍ୱାରଦେଇ ବାହାରି ବିରାଟ ପଟୁଆରରେ ମେଳଣ ପଡ଼ିଆକୁ ଯାତ୍ରା କରିଥିଲେ। ମେଳଣର ସ୍ଥାନାଧିପତି ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ସହିତ ଗୋପାଳଜୀଉ ଓ ବାଳମୁକୁନ୍ଦ ଦେବଙ୍କ ସହ ବହୁ ଶ୍ରଦ୍ଧାଳୁଙ୍କ ଗହଣରେ ବାଜା ବାଣ ରୋଷଣୀ, ଘଣ୍ଟଘଣ୍ଟା, ଭଜନ କୀର୍ତ୍ତନ ସହିତ ମେଳଣ ପଡ଼ିଆ ଅଭିମୁଖେ ଯାତ୍ରା କରିଥିଲେ। ମେଳଣର ସ୍ଥାନାଧିପତି ପଶ୍ଚିମାଶମ୍ଭୁ ସୋମନାଥ ଦେବ ଖୁଣ୍ଟିଲାଗି ହୋଇଥିଲେ। ପରେ ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ଠାକୁରମାନେ ବିମାନରେ ଆସି ଖୁଣ୍ଟିଲାଗି ହୋଇଥିଲେ। ଆଖପାଖ ଅଞ୍ଚଳର ବିଭିନ୍ନ ଗ୍ରାମରୁ ୮୦ରୁ ଉର୍ଦ୍ଧ୍ୱ ଠାକୁର ବିମାନରେ ଆସି ଏହି ମେଳଣରେ ସାମିଲ ହୋଇଥିଲେ। ଶ୍ରଦ୍ଧାଳୁମାନେ ଆତଶବାଜିର ପ୍ରଦର୍ଶନ ଦେଖିବା ସହ ମିନାବଜାରରେ ଲାଗିଥିବା ବିଭିନ୍ନ ଦୋକାନରେ କିଣାକିଣି କରୁଥିବା ଦେଖିବାକୁ ମିଳିଥିଲା। ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ ଓ ଆଇନଶୃଙ୍ଖଳା ବ୍ୟବସ୍ଥା ପାଇଁ ଜିଲା ଓ ବ୍ଲକ ପ୍ରଶାସନ, ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

**୧୯୮୪ ମସିହା ମାଟ୍ରିକ୍ ବ୍ୟାଚ ବନ୍ଧୁମିଳନ**

କାକଟପୁର/ଅସ୍ତରଙ୍ଗ,(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)- ଅସ୍ତରଙ୍ଗ ପାରଜାହାନିଆ ପୀଠରେ ପାଟଳଦା ହାଇସ୍କୁଲର ୧୯୮୪ ମସିହା ରୟାଲ ସ୍କୁଲ ଗ୍ରୁପ ବ୍ୟାଚ୍‌ର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ପ୍ରଫୁଲ୍ଲ ବେହେରା ମଞ୍ଚ ପରିଚାଳନା କାର୍ଯ୍ୟ ତୁଲାଇଥିଲେ। ପାଟଳଦା ହାଇସ୍କୁଲର ପ୍ରତିଷ୍ଠାତା, ଗୁରୁ ଓ ଦେହାନ୍ତ ହୋଇଥିବା ସାଙ୍ଗମାନଙ୍କ ପାଇଁ ନୀରବ ପ୍ରାର୍ଥନା ପରେ ସାଙ୍ଗମାନେ ଏକତ୍ରିତ ହୋଇ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଦିବ୍ୟାଙ୍ଗଙ୍କୁ ଗ୍ରୀଷ୍ମ ଦିନ ପାଇଁ ଛତା ଓ ଗାମୁଛା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ବେହେରା, ପ୍ରୀତି ରାଉତରାୟ (ରୀନା), ଦୀପ୍ତିରେଖା ରଥ, ମନୋରମା କର, ପ୍ରମୋଦ ନାୟକ, ହେମନ୍ତ ବେହେରା, ଭାଗୀରଥି ପ୍ରଧାନଙ୍କ ସମେତ ଅନ୍ୟ ସହପାଠୀ ଅଂଶଗ୍ରହଣ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୮।୩।୨୦୨୬

| | |
|---|---|
| ୭,୦୪,୪୦୯ ଟଙ୍କା | |
| ସୁନା | ୫୦୦ ମିଲିଗ୍ରାମ୍ |
| ରୁପା | ୫୧.୫୦୦ ଗ୍ରାମ୍ |

# ସଖୀ ୱାନ୍ ଷ୍ଟପ୍ ସେଣ୍ଟର ଓ ସୁଭଦ୍ରା ଶକ୍ତି କେନ୍ଦ୍ର ଉଦ୍‌ଘାଟିତ

ପୁରୀ,୮।୩(ଅଜିତ୍ କୁମାର ମହାନ୍ତି)

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରବିବାର ଅପରାହ୍ଣରେ ଏସ୍‌ସିଏସ୍ କଲେଜ ନିକଟରେ ବ୍ଲକ ସୁଭଦ୍ରା ଶକ୍ତି କେନ୍ଦ୍ର ଓ ସଖୀ ୱାନ ଷ୍ଟପ ସେଣ୍ଟରକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଛନ୍ତି। ମହିଳାଙ୍କୁ ଆତ୍ମନିର୍ଭର କରିବା ଲକ୍ଷ୍ୟରେ ସେମାନଙ୍କୁ ପ୍ରଶିକ୍ଷଣ ଦେବା, ପାରସ୍ପରିକ ସହଯୋଗ ବଢ଼ାଇବା, ଆଲୋଚନା ବୈଠକ କରାଇବା, ସମ୍ମାନର ସହ ନିଜ କାର୍ଯ୍ୟକୁ ପରିଚାଳନା କରିବାରେ ବ୍ଲକ ସୁଭଦ୍ରା ଶକ୍ତି କେନ୍ଦ୍ର ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା ସୂଚନା ଦେଇଛନ୍ତି। ଭାରତ ସରକାର ପ୍ରଣୟନ କରିଥିବା 'ସଖୀ' ଯାହା ୱାନ୍ ଷ୍ଟପ୍ କ୍ରାଇସିସ୍ ସେଣ୍ଟର, ଯାହା ବ୍ୟକ୍ତିଗତ ଏବଂ ସାର୍ବଜନୀନ ସ୍ଥାନରେ, ପରିବାର, ସମ୍ପ୍ରଦାୟ ଏବଂ କର୍ମକ୍ଷେତ୍ରରେ ହିଂସା ଦ୍ୱାରା ପ୍ରଭାବିତ ମହିଳାଙ୍କୁ ସମର୍ଥନ କରିବା ପାଇଁ ଉଦ୍ଦିଷ୍ଟ।

ପୁରୀ ଜିଲାରେ ଏହା ୨୦୨୦ ମସିହାରୁ ନୀଳାଚଳ ସେବା ପ୍ରତିଷ୍ଠାନ, କଣାସ ଦ୍ୱାରା ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ କାର୍ଯ୍ୟ କରୁଥିଲା। ସରକାରଙ୍କ ପକ୍ଷରୁ ୬୦ ଲକ୍ଷ ଟଙ୍କା ଅନୁଦାନ ମିଳିବା ପରେ ଏହା ଏସ୍‌ସିଏସ୍ କଲେଜଠାରେ ନିଜସ୍ୱ ବିଲ୍ଡିଂ ଭାବେ ଆଜି ଉଦ୍‌ଘାଟିତ ହୋଇଛି। ଫେବୃଆରୀ ୭ ତାରିଖ ସୁଦ୍ଧା ୧୨୪୯ଟି ମାମଲା ସଖୀରେ ପଞ୍ଜୀକରଣ ହୋଇଛି। ଏହା ୨୪ ଘଣ୍ଟିଆ ସେବା ଦେଉଛି ଓ ହେଲ୍ପ ଲାଇନ ନମ୍ବର ୧୮୧ ସହ ଯୋଡ଼ି ହୋଇଛି ବୋଲି ସମାଜ କଲ୍ୟାଣ ଅଧିକାରୀ ଜଣାଇଥିଲେ। କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏଥିରେ ଉପଖଣ୍ଡ ସୂଚନା ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି, ସିଡିପିଓ, ସୁପରଭାଇଜର୍, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ପ୍ରମୁଖ ଯୋଗଦେଇଥିଲେ।




ଉଦ୍‌ଘାଟନୀ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟମାନେ ।

# ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ କଂଗ୍ରେସର ବିକ୍ଷୋଭ

ପୁରୀ,୮।୩(ଅଜିତ୍ କୁମାର ମହାନ୍ତି)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ପୁରୀ ଗସ୍ତକୁ ନେଇ ଜିଲା କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଥିଲା। କଂଗ୍ରେସ ପକ୍ଷରୁ କୁହାଯାଇଛି, ଜିଲା ତଥା ସହରର ୯୦ ଭାଗ ଜମି ମାଲିକାନା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରୁ ପ୍ରଜାଙ୍କ ନାମରେ ରେକର୍ଡଭୁକ୍ତ କରିବା ପାଇଁ ୨ମାସ ମଧ୍ୟରେ ଏକ ୟୁନିଫର୍ମ ପଲିସି ଆଣିବାକୁ କହିଥିବା ସରକାର ବିଫଳ ହୋଇଛନ୍ତି। ଶ୍ରୀମନ୍ଦିର ଦର୍ଶନ ପାଇଁ ବିଭିନ୍ନ ଅନୁଷ୍ଠାନର ଦାବି ସତ୍ତ୍ୱେ ପୁରୀ ସହର ତଥା ଶ୍ରୀକ୍ଷେତ୍ର ବାସିନ୍ଦାଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରିବାରେ ସରକାର ଫେଲ୍। ସରକାର ପୁରୀ ଜିଲାରେ ସୁଭଦ୍ରା ଯୋଜନା ଟଙ୍କା ବାଣ୍ଟିବା ପାଇଁ ସରକାରୀ ତହବିଲ୍‌ରୁ କୋଟି କୋଟି ଟଙ୍କା ରାଜସ୍ୱ ଖର୍ଚ୍ଚ କରି ଦଳୀୟ ପ୍ରଚାର କରିବା ବିରୋଧରେ କଂଗ୍ରେସ ବିରୋଧ ପ୍ରଦର୍ଶନ କରିଥିଲା। ଏହାକୁ ନେଇ ପୋଲିସ ପକ୍ଷରୁ କଂଗ୍ରେସ ନେତା ରଜତ ସାହୁ, ସ୍ୱାଧୀନ କୁମାର ପଣ୍ଡା, ଅମରେନ୍ଦ୍ର ପାଇକରାୟ, ମନୋଜ ବେହେରା, ରାମୋଜି ସାହାଣୀ, ସୂର୍ଯ୍ୟନାରାୟଣ ପଣ୍ଡା ଏବଂ ଅନେକ ଯୁବ କଂଗ୍ରେସ କର୍ମୀଙ୍କୁ ବିଭିନ୍ନ ଥାନାରେ ଅଟକ ରଖିଥିଲେ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରି ଜିଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶଙ୍କ ସହ ପୁରୀ ବିଧାନସଭା ଯୁବ କଂଗ୍ରେସ ସଭାପତି ମନୋଜ ମଣ୍ଡଳ, ଜିଲା ଛାତ୍ର କଂଗ୍ରେସ ସଭାପତି ଜଗଦୀଶ ରାଉତ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ସାହିଲ ମହାନ୍ତିଙ୍କ ନେତୃତ୍ୱରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଯୁବ କଂଗ୍ରେସ ସାଥୀ ବିରୋଧ କରିଥିଲେ।

# ନାରୀ ହିଁ ସୁସ୍ଥ ସମାଜ ଗଠନର ମୁଖ୍ୟ ଅସ୍ତ୍ର




ସମାରୋହରେ ମଞ୍ଚାସୀନ ଅତିଥି ବୃନ୍ଦ।

ନିମାପଡ଼ା,୮।୩(ବିଚିତ୍ରାନନ୍ଦ ସାହୁ)

ନାରୀ ହିଁ ସୁସ୍ଥ ସମାଜ ଗଠନର ମୁଖ୍ୟ ଅସ୍ତ୍ର ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ନିମାପଡ଼ା ବିଜେଡି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ନିମାପଡ଼ା ଟାଉନ୍ ହଲ ପଡିଆଠାରେ ଅନୁଷ୍ଠିତ ହୋଇଛି। ସମାରୋହରେ ଅତିଥିଭାବେ ବିଜେଡିର ବରିଷ୍ଠ ନେତା ସୁବ୍ରତ ଛାଟୋଇ, ପୁରୀ ଜିଲା ମହିଳା ବିଜେଡିର ସଭାନେତ୍ରୀ କସ୍ତୁରୀବାଳା ସ୍ୱାଇଁ, ନିମାପଡ଼ା ବ୍ଲକ ବିଜେଡି ସଭାପତି ଭାଗ୍ୟଧର ଖଟୋଇ, ନଗର ସଭାପତି ଧନୁର୍ଦ୍ଧର ଦାସ, ଗୋପ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ, ଯୁବନେତା ବିଜୟ ପଟ୍ଟନାୟକ, ସୁଜିତ ବେହେରା, ଜିଲାପରିଷଦ ସଭ୍ୟ ସସ୍ମିତା ନାୟକ, ପିପିଲି ଏନ୍‌ଏସି ଅଧକ୍ଷା ଭାଗ୍ୟବତୀ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ବିଭିନ୍ନ ନାରାଦେଇ ସହର ପରିକ୍ରମା କରିଥିଲା।

## ସଂକ୍ଷେପରେ

### ବ୍ରାଉନ୍ ସୁଗାର ଜବତ, ଅଭିଯୁକ୍ତ ଗିରଫ

ପୁରୀ,୮।୩(ଅଜିତ୍ କୁମାର ମହାନ୍ତି)

ବ୍ରାଉନ ସୁଗାର ବିକ୍ରି ଅଭିଯୋଗରେ ଟାଉନ୍ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ସମୁଦ୍ରକୂଳ ଥାନା ଅନ୍ତର୍ଗତ ଷ୍ଟେଶନ ରୋଡ୍ ଧୋବାଖାଲ ଅଞ୍ଚଳର ଏନ୍ ଜୟଦେବ ରେଡ୍ଡି (୩୧)। ପୋଲିସ ଅଭିଯୁକ୍ତଙ୍କ ଠାରୁ ୧୧.୨୮ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ଏନେଇ ପୋଲିସ କେସ୍ ନଂ ୫୭୭/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, କିଛିଦିନ ତଳେ ଗିରଫ ହୋଇଥିବା ଅବନୀ ରଞ୍ଜନ ନାୟକଙ୍କୁ ପଚରାଉଚରା ସମୟରେ ବ୍ରାଉନସୁଗାର ଯୋଗାଉଥିବା ମୁଖ୍ୟ ଅଭିଯୁକ୍ତ ଏନ୍ ଜୟଦେବ ରେଡ୍ଡିଙ୍କ ନାମ ଉଲ୍ଲେଖ କରିଥିଲେ। ଅଭିଯୁକ୍ତ ଜଣଙ୍କ ତାଳବଣିଆ ଗ୍ରାଉଣ୍ଡ ଠାରେ ଥିବା ବିଶେଷସୂତ୍ରରୁ ଖବରପାଇ ପୋଲିସ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଜଳିଗଲା ୨ ବଖରା

ସାକ୍ଷୀଗୋପାଳ,୮।୩
(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସତ୍ୟବାଦୀ ବ୍ଲକ ଗୁଆଳିଗୋରଡ଼ା ଗ୍ରାମର ରସାକର ସେଠୀଙ୍କ ଘରେ ରବିବାର ଆକସ୍ମିକ ଅଗ୍ନିକାଣ୍ଡ ଘଟି ୨ ବଖରା ସମେତ ଆସବାବପତ୍ର ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଖବରପାଇ ସତ୍ୟବାଦୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଇଛି।

### ଶାଶ୍ୱତ ବିଦ୍ୟାନିକେତନର ବାର୍ଷିକ ଉତ୍ସବ

କଣାସ,୮।୩(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ଶାଶ୍ୱତ ବିଦ୍ୟାନିକେତନର ବାର୍ଷିକ ଉତ୍ସବ ଶେଖର ପରିଡ଼ାଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପୂର୍ବତନ ଏମ୍‌ପି କବିପ୍ରସନ୍ନ ପାଟଶାଣୀ, ଜିଲା ପରିଷଦ ସଭ୍ୟ ଭୀମସେନ ପାଇକରାୟ, ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତୀ ରାଉତ, ତ୍ରିଲୋଚନପୁର ସରପଞ୍ଚ ବିଜୟିନୀ ପାତ୍ର, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ସାମାଜିକ କର୍ମୀ ବାବୁଲି ଦାସ, ରାଜକିଶୋର ମହାପାତ୍ର, ଶେଖର ବାରିକ, ପ୍ରଧାନଶିକ୍ଷକ ଦେବେନ୍ଦ୍ର ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

### ମହିଳା ଦିବସ ପାଳିତ

ପୁରୀ,୮।୩(ଅଜିତ୍ କୁମାର ମହାନ୍ତି)

ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ପୁରୀ ରୋଟାରୀ କ୍ଲବ ସଭା ଗୃହ ଠାରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, କୃଷ୍ଣଚନ୍ଦ୍ର ପଣ୍ଡା, ଗୌରହରି ପ୍ରଧାନ, ରବି ଶଙ୍କର ପ୍ରତିହାରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ସନ୍ଧ୍ୟାରାଣୀ ଭଞ୍ଜ, ବିନୋଦିନୀ ଦାସ, ଅରୁଣିମା ନନ୍ଦ, ରୋଜାଲିନ ନାୟକ, ପ୍ରିୟଙ୍କା ମହାନ୍ତି, ଲିପ୍ସା ମିଶ୍ର, ଯୋଗମାୟା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଦେଠିଆପଡ଼ା ମେଳଣ ଜମିଲା

କଣାସ,୮।୩(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ସିରେଇ ପଞ୍ଚାୟତର ଦେଠିଆପଡ଼ା ଗ୍ରାମରେ ରବିବାର ପ୍ରଭାତରୁ ଆରାଧ୍ୟ ଠାକୁର ବାଲୁଙ୍କେଶ୍ୱର ଦେବଙ୍କ ମିଳନ ଜମିଥିବା ଜଣାପଡ଼ିଛି। ଠାକୁର ବାଲୁଙ୍କେଶ୍ୱର ଦେବ, ବାବା ଗଡିଶ୍ୱର ଦେବ, ରାଧାକୃଷ୍ଣ ପୃଥକ ପୃଥକ ୩ଟି ସୁସଜ୍ଜିତ ବିମାନରେ ବସି ଗ୍ରାମ ପରିକ୍ରମା କରିବା ସମୟରେ ଘଣ୍ଟ, ଘଣ୍ଟା, ବାଦ୍ୟ, ଧ୍ୱନି ସହିତ ଘୋଡ଼ାନାଚ, ସଖି ନାଚ ମଧ୍ୟରେ ମେଳନ ପଡ଼ିଆକୁ ଆସି ନିଜ ନିଜ ଆସ୍ଥାନରେ ବସିଥିଲେ।

# ୩ଶହ ୟୁନିଟ ନିଶୁଳ୍କ ବିଜୁଳି ଯୋଗାଣ ଦାବି

**ଜିଲାସ୍ତରୀୟ ବିଦ୍ୟୁତ ଉପଭୋକ୍ତା ସମ୍ମିଳନୀ**

ଡେଲାଙ୍ଗ,୮।୩(ରଶ୍ମିରଞ୍ଜନ ପ୍ରଧାନ)

କୃଷି କ୍ଷେତ୍ରକୁ ମାଗଣା ଓ ଘରୋଇ ବିଜୁଳି ଉପଭୋକ୍ତାଙ୍କୁ ନିଶୁଳ୍କ ୩ ଶହ ୟୁନିଟ ବିଦ୍ୟୁତ ଯୋଗାଣ ଦାବି ନେଇ ଡେଲାଙ୍ଗ ବ୍ଲକର ରାମଚନ୍ଦ୍ରପୁରସ୍ଥିତ ବିଜୟ ମଣ୍ଡପ ପରିସରରେ ରବିବାର ବିଜୁଳି ଉପଭୋକ୍ତା ମହାସଂଘ ପକ୍ଷରୁ ପୁରୀ ଜିଲାସ୍ତରୀୟ ବିଦ୍ୟୁତ ଉପଭୋକ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସିପିଆଇଏମ୍‌ଏଲ ଜିଲା ସମ୍ପାଦକ ଅଶୋକ ପ୍ରଧାନଙ୍କ ଅଧକ୍ଷତାରେ ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ କୁମାର ଜେନା, ପୂର୍ବତନ ରାଜ୍ୟ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡି, ସିଆଇଏମ୍‌ଏଲ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ସିପିଏମ୍ ରାଜ୍ୟ କମିଟି ସଭ୍ୟ ଜନ୍ମେଶ୍ୱର ସାମନ୍ତରାୟ, ଫରୱାର୍ଡ ବ୍ଲକର ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସମତା କ୍ରାନ୍ତିର ପ୍ରଭାସ ସାମନ୍ତରା, ଆରଜେଡିର ହେମନ୍ତ କୁମାର, ସିଆଇଏମଏଲ ସର୍ବେଶ୍ୱର ଭାରତୀ, ରାମଚନ୍ଦ୍ର ମହାରଣା, ସୁନନ୍ଦ ଗଡ଼ନାୟକ, ଜାତୀୟ କଂଗ୍ରେସର ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ଡେଲାଙ୍ଗ ବ୍ଲକ କଂଗ୍ରସ ସଂଯୋଜକ ନିର୍ମଳ ପରିଡ଼ା ପ୍ରମୁଖ ଯୋଗଦେଇ ଓଡ଼ିଶା ସରକାରଙ୍କ ବିଦ୍ୟୁତ ନୀତିର ସମାଲୋଚନା କରିଥିଲେ।

ଓଡ଼ିଶା ବର୍ଷକୁ ପ୍ରାୟ ୨୫ହଜାର ମେଗାୱାଟ ବିଜୁଳି ଉତ୍ପାଦନ କରୁଥିବା ବେଳେ ନିଜସ୍ୱ ବ୍ୟବହାର ନିମନ୍ତେ ପ୍ରାୟ ୧୫ହଜାର ମେଗାୱାଟ ବିଜୁଳି ଖର୍ଚ୍ଚ ହେଉଛି। ବାର୍ଷିକ ପ୍ରାୟ ୧୦ ହଜାର ମେଗାୱାଟ ବଳକା ବିଜୁଳି ଓଡ଼ିଶା ଅନ୍ୟ ରାଜ୍ୟକୁ ବିକ୍ରି କରୁଛି। କିନ୍ତୁ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାବାସୀ ୟୁନିଟ୍ ପିଛା ଅଧିକ ଶୁଳ୍କ ପଇଠ କରୁଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜେନା ଆରୋପ କରିଥିଲେ। ଘରୋଇ ଉପଭୋକ୍ତାଙ୍କୁ ମାସିକ ୩୦୦ ୟୁନିଟ୍ ଓ କୃଷିକ୍ଷତ୍ରକୁ ମାଗଣା ବିଜୁଳି ସହିତ ସ୍ମାର୍ଟ ମିଟର ପ୍ରଚଳନକୁ ପ୍ରତ୍ୟାହାର ଓ ଅସ୍ଥାୟୀ ଚୁକ୍ତିଭିତ୍ତିକ ବିଦ୍ୟୁତ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାକୁ ଉପଭୋକ୍ତା ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଦାବିଗୁଡ଼ିକ ପୂରଣ କ୍ଷେତ୍ରରେ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଉପଭୋକ୍ତା ମହାସଂଘ ଜନଅସନ୍ତୋଷକୁ ଆୟୁଧ କରି ଦୁର୍ବାର ଗଣଆନ୍ଦୋଳନକୁ ଓହ୍ଲାଇବ ବୋଲି ସୂଚନା ଦିଆଯାଇଛି।

# ମୁକ୍ତ ମଞ୍ଚ ନାଟକ ପାଇଁ ପ୍ରସ୍ତୁତି ବୈଠକ

ଅସ୍ତରଙ୍ଗ,୮।୩(ମମତା ଜେନା)

କାକଟପୁର ବ୍ଲକ ଅନ୍ତର୍ଗତ ଜଳେଶ୍ୱରପଡ଼ା ପଞ୍ଚାୟତ ଶୁକପୋଖରୀ ସତ୍ୟନାରାୟଣ ୟୁଥ୍ କ୍ଲବର ୩୬ତମ ବାର୍ଷିକ ଉତ୍ସବ, ୨୬ତମ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ସଭାପତି ବିଷ୍ଣୁ ଚରଣ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୧ ତାରିଖ ମୁକ୍ତମଞ୍ଚ ନାଟକର ଉଦ୍‌ଘାଟନ ହେବ। ରାଜ୍ୟର ବିଭିନ୍ନ ଯାତ୍ରା ଅନୁଷ୍ଠାନ, ନାମୀଦାମୀ କଳାକାରମାନେ ଏହି ପ୍ରତିଯୋଗିତାରେ ଭାଗନେବାକୁ ଯାଉଛନ୍ତି। ପ୍ରଥମ ରଜନୀରେ ନାଟକ (କଟି କଟି ଡବଲ କଟି), ଦ୍ୱିତୀୟରେ (କିଏ କାନ୍ଦି ନାହିଁ ହାତ ଟେକ), ତୃତୀୟରେ (ସ୍ୱାମୀ ପାଇଁ ପଛେ ନର୍କକୁ ଯିବି), ଚତୁର୍ଥରେ (ବାପାଙ୍କ ଗପ କହିଲେ ପାପ) ଓ ଉଦ୍‌ଯାପନୀ ରଜନୀରେ (ହା କୃଷ୍ଣ ବୋଲି ଯାଉ ମୋ ଜୀବ) ନାଟକ ମଞ୍ଚସ୍ଥ କରାଯିବ। ଆୟୋଜିତ ନାଟକ ପ୍ରତିଯୋଗିତାରେ ବିଚାରକ ଭାବେ ବରିଷ୍ଠ ବିଚାରକ ପ୍ରତାପ କୁମାର ରାଉତ ଓ ରାଜଗୁରୁ ବିଜୟ ଦାଶ ଯୋଗ ଦେବେ। ପ୍ରତି ରାତିରେ ଆମ ପ୍ରତିଭା ଓ ବିଚିତ୍ରାନନ୍ଦ ସାହୁ ସ୍ମାରକୀ (ସୁନା ବୋହୂ) ପ୍ରତିଯୋଗିତା ଅନୁଷ୍ଠିତ ହେବ।

# କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ

ନିମାପଡ଼ା,୮।୩(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ କଂଗ୍ରେସ ଦଳ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଓ ବନ୍ଧୁମିଳନ ସମାରୋହ ଖେଲାର ହରିଶିପୁର କସ୍ତୁରୀ କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ବରିଷ୍ଠ କଂଗ୍ରେସ ନେତା ମଙ୍ଗି ଖାଁ ଅଧକ୍ଷତା କରି ଏହି ସମାରୋହର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିଭାବେ ଦଳର ବରିଷ୍ଠ ନେତା ସିଦ୍ଧାର୍ଥ ରାଉତରାୟ, ରାମଚନ୍ଦ୍ର ଜେନା, ରେଣୁ ମାଝୀ, ବିଦ୍ୟାଧର ମହାରଣା, ରବୀନ୍ଦ୍ର ପଣ୍ଡା, ଇଜାଜ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମାରୋହରେ ବିଭିନ୍ନ ପଞ୍ଚାୟତରୁ ଶତାଧିକ କର୍ମୀ ଯୋଗଦେଇ ନିମାପଡ଼ାରେ କଂଗ୍ରେସ ଦଳର ଜଣେ ଦକ୍ଷ ଲଢ଼ୁଆ ସ୍ଥାୟୀ ନେତୃତ୍ୱ ଆବଶ୍ୟକ ବୋଲି ବହୁ କର୍ମୀ ମତପ୍ରକାଶ କରି ଅତିଥିଙ୍କ ନିକଟରେ ଦାବି କରିଥିଲେ। ରାଜ୍ୟରେ ଭାଜପା ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି।

# ପୂର୍ତ୍ତ ବିଭାଗର ନିମ୍ନମାନର ଗାର୍ଡୱାଲ ନିର୍ମାଣ

କାକଟପୁର/ଅସ୍ତରଙ୍ଗ,୮।୩
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ନିମାପଡ଼ାରୁ ଅସ୍ତରଙ୍ଗ ମୁଖ୍ୟରାସ୍ତା ପାର୍ଶ୍ୱରେ ଅଥବା ନିମାପଡ଼ାରୁ ପାଖାପାଖି ୨୮ କି.ମି. ଓ ଅସ୍ତରଙ୍ଗରୁ ୪ କି.ମି. ରାସ୍ତା ନିମାପଡ଼ା ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଏହି ରାସ୍ତା ଜୀଉନ୍ତି ଓ ମଲାମାଛ ମଧ୍ୟବର୍ତ୍ତୀ ରାସ୍ତାପାର୍ଶ୍ୱରେ ଗାର୍ଡୱାଲ୍ ନିର୍ମାଣ କରାଯାଉଥିବା ବେଳେ କାମ ଅତ୍ୟନ୍ତ ନିମ୍ନମାନର କରାଯାଉଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି।

ଜୀଉନ୍ତିରୁ ମଲାମାଛ ରାସ୍ତା ପାର୍ଶ୍ୱରେ କଂକ୍ରିଟ ଗାର୍ଡ ୱାଲ୍ ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦ କରାଯାଇଛି। ଏଥିରେ ଭଲ ମେଟାଲ ସହ ବାଲି ଓ ସିମେଣ୍ଟ ବ୍ୟବହାର ପାଇଁ ଚୁକ୍ତିନାମା ଠିକାଦାର କରିଥିବା ବେଳେ ଅତ୍ୟନ୍ତ ନିମ୍ନମାନର ମେଟାଲ ଓ ବାଲି ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି। ଏହି ୩ଟି ଗାର୍ଡୱାଲ କାର୍ଯ୍ୟ ଶେଷ ହୋଇ ନ ଥିବାବେଳେ ଏହା ୩୦ରୁ ୩୩ମିଟର ମଧ୍ୟରେ ପ୍ରତ୍ୟେକ ରହିଛି। ଏହା ତଳସ୍ତର ଖୋଳା ୫ ଫୁଟ, ବାଲି ୬ ଇଞ୍ଚ, ମେଟାଲ ପିସିସି ୬ ଇଞ୍ଚ, ୧୨ ଶହ ମୋଟେଇରୁ ୪ଶହ ମୋଟେଇ ପର୍ଯ୍ୟନ୍ତ କ୍ରଶର ମେଟାଲ୍ ସହ ଉଚ୍ଚ ୧.୫ମିଟର ରହିବା ନିୟମ ରହିଥିବା ବେଳେ କିନ୍ତୁ ଉକ୍ତ ଠିକାଦାର ମନମାନି କରି କାର୍ଯ୍ୟ ସାରିବାକୁ ପ୍ରୟାସ ଜାରି ରଖିଛନ୍ତି। ଉପଯୁକ୍ତ ଭାଗ ମାପରେ କାର୍ଯ୍ୟ ହେଉନାହିଁ ବୋଲି ବରିଷ୍ଠ ସାମ୍ବାଦିକ ବିଜୟ ବେହେରା ଅଭିଯୋଗ କରିବା ସହ ଏକ୍ସ ମାଧ୍ୟମରେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। କାର୍ଯ୍ୟସ୍ଥଳରେ ଯନ୍ତ୍ରୀ ମଧ ରହୁ ନ ଥିବା ଅଭିଯୋଗ ହୋଇଛି। ଉକ୍ତ ଗାର୍ଡୱାଲ୍ ନିମ୍ନମାନର ନିର୍ମାଣ ସମ୍ପର୍କରେ ପୂର୍ତ୍ତବିଭାଗ ଯନ୍ତ୍ରୀ ଜ୍ୟୋତିଶ୍ରୀ ସେନାପତି କହିଛନ୍ତି, ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ଉପରେ ଦୃଷ୍ଟି ଦେବେ। ବୁଦ୍ଧିଜୀବୀ ଦାବି କରିଛନ୍ତି, ପୂର୍ତ୍ତ ବିଭାଗ ଆବଶ୍ୟକସ୍ଥଳେ ଗାର୍ଡୱାଲ ନ କରି ଏହି କାର୍ଯ୍ୟ କରୁଥିବା ବେଳେ ବିଭାଗୀୟ ଉଚ୍ଚସ୍ତରୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନିର୍ମାଣ କାର୍ଯ୍ୟର ମାନ ପରୀକ୍ଷଣ କଲେ ସତ୍ୟାସତ୍ୟ ସାମ୍ନାକୁ ଆସିବ।




# ନିଗମାନନ୍ଦ ମହିଳା କଲେଜରେ ମହିଳା ଦିବସ

ଚାରିଛକ,୮।୩(ଶିଶିର କୁମାର ସ୍ୱାଇଁ)

ଚାରିଛକ ନିକଟ ଗଡ଼ଇଟାପୋଖରୀସ୍ଥିତ ଆଶ୍ରମ ବାଳିକା ବିଦ୍ୟାଳୟ ପରିସରରେ 'ନ୍ତର୍ଜାତୀୟ ମହିଳା ଦିବସ' ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୂର୍ଯ୍ୟ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅଧକ୍ଷ ଡ. ଅଶୋକ କୁମାର ବିଶ୍ୱାଳ ଯୋଗଦେଇ ବିକଶିତ ଭାରତ ଏବଂ ସମୃଦ୍ଧ ଓଡ଼ିଶା ସଂକଳ୍ପର ମୂଳ ଆଧାର ହେଉଛି 'ନାରୀ ଶକ୍ତି'। ଶିକ୍ଷା ବିଭାଗ ମୁଖ୍ୟ ଡ. ଶ୍ରୀଲେଖା ନାୟକ ଦିବସ ପାଳନର ଆଭିମୁଖ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରିଣୀ କାନନବାଳା ନନ୍ଦ ଏବଂ ଗୋପବନ୍ଧୁ ମେମୋରିଆଲ ଟ୍ରଷ୍ଟର ସଭାପତି ଅର୍ଜ୍ଜୁନ ପାତ୍ର, ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରୀଡ଼ା ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥିମାନେ ।

ଗୋପ,୮।୩(ଭାରତୀ ଭୂଷଣ ଉପାଧ୍ୟାୟ)

ମହଲପଡ଼ା ପଞ୍ଚାୟତ ଅନ୍ତର୍ଗତ ଓରେଇ ମା' ଜାଗେଶ୍ୱରୀ ବିଦ୍ୟାପୀଠର କ୍ରୀଡ଼ା ଶିକ୍ଷକ ଜୟନ୍ତ କୁମାର ରାୟଙ୍କୁ ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଓଷ୍ଟାର ବ୍ଲକ ସଭାପତି ମହେନ୍ଦ୍ର କୁମାର ପାଢ଼ୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ପ୍ରଶାସକ ପ୍ରଭାତ କୁମାର ତରାଇ, ମୁଖ୍ୟବକ୍ତା ଭାବେ ବରିଷ୍ଠ ପ୍ରଶାସକ ଦିଲୀପ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଓଷ୍ଟାର ଜିଲା ସଭାପତି ବିଭୁଦତ୍ତ ନାୟକ, ପ୍ରଧାନଶିକ୍ଷୟିତ୍ରୀ ମିତାଲି ମଧୁସ୍ମିତା ମିଶ୍ର, ମହଲପଡ଼ା ସରପଞ୍ଚ ଶୀର୍ଷରଞ୍ଜନ ନାୟକ, ସମିତିସଭ୍ୟ ବିଜୟ କୁମାର ନାୟକ, ଗାନ୍ଧୀବାଦୀ ଶିକ୍ଷକ ନେତା ରାମକୃଷ୍ଣ ମହାନ୍ତି, ପ୍ରଧାନଶିକ୍ଷକ ନୀହାର ପ୍ରସାଦ ଲେଙ୍କା, ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ କ୍ରୀଡ଼ା ଶିକ୍ଷକ ରାୟ ଜଣେ ଭଲ ଶିକ୍ଷକ ନ ଥିଲେ, ଭଲ ମଣିଷଟିଏ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଗ୍ରାମବାସୀ ଓ ଛାତ୍ରୀଛାତ୍ରଙ୍କ ସହିତ ଜିଲା ଓ ବ୍ଲକ ଅଞ୍ଚଳର ଶତାଧିକ କ୍ରୀଡ଼ା ଶିକ୍ଷକ, ଶିକ୍ଷୟିତ୍ରୀ ଏକ ବିରାଟ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ବୁଲାଇ ଆଣି ତାଙ୍କ ବାସଭବନରେ ଛାଡ଼ିଥିଲେ।

# ହରିରାଜପୁର ପଞ୍ଚଦୋଳ ମେଳଣ ଆରମ୍ଭ

**ଆତସବାଜି, ଆଲୋକରେ ଝଲସିଲା ମେଳଣ ପଡ଼ିଆ**

ଡେଲାଙ୍ଗ,୮।୩(ରଶ୍ମିରଞ୍ଜନ ପ୍ରଧାନ)

ଓଡ଼ିଶାର ପ୍ରସିଦ୍ଧ ହରିରାଜପୁର ପଞ୍ଚଦୋଳ ମେଳଣର ଜମାଣ ଉତ୍ସବ ରବିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳଣ ଆସନ୍ତା ୧୨ ତାରିଖରେ ଉଦ୍‌ଯାପନୀ ହେବାକୁ ଥିବା ବେଳେ ଗୋଧୂଳିଲଗ୍ନରେ ଝୁଣ୍ଟିଲାଗି ଠାକୁରଙ୍କୁ ନେଇ ଦିଅଁ ମେଳଣ ତଥା ହରିହର ଭେଟ କରାଯାଇ ମେଳଣ ସମାପନ ହେବ। ଜମାଣ ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବା ସହିତ ମେଳଣ ପଡ଼ିଆ ହରିବୋଲ ଏବଂ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା। ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିରରେ ସମସ୍ତ ଦେବନୀତି ସମାପାନ ପରେ ସୁସଜ୍ଜିତ ବିମାନରେ ପଶ୍ଚିମ ଦ୍ୱାରଦେଇ ବାହାରି ବିରାଟ ପଟୁଆରରେ ମେଳଣ ପଡ଼ିଆକୁ ଯାତ୍ରା କରିଥିଲେ। ମେଳଣର ସ୍ଥାନାଧିପତି ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ସହିତ ଗୋପାଳଜୀଉ ଓ ବାଳମୁକୁନ୍ଦ ଦେବଙ୍କ ସହ ବହୁ ଶ୍ରଦ୍ଧାଳୁଙ୍କ ଗହଣରେ ବାଜା ବାଣ ରୋଷଣୀ, ଘଣ୍ଟଘଣ୍ଟା, ଭଜନ କୀର୍ତ୍ତନ ସହିତ ମେଳଣ ପଡ଼ିଆ ଅଭିମୁଖେ ଯାତ୍ରା କରିଥିଲେ। ମେଳଣର ସ୍ଥାନାଧିପତି ପଶ୍ଚିମାଶମ୍ଭୁ ସୋମନାଥ ଦେବ ଝୁଣ୍ଟିଲାଗି ହୋଇଥିଲେ। ପରେ ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ଠାକୁରମାନେ ବିମାନରେ ଆସି ଝୁଣ୍ଟିଲାଗି ହୋଇଥିଲେ। ଆଖପାଖ ଅଞ୍ଚଳର ବିଭିନ୍ନ ଗ୍ରାମରୁ ୮୦ରୁ ଉର୍ଦ୍ଧ୍ୱ ଠାକୁର ବିମାନରେ ଆସି ଏହି ମେଳଣରେ ସାମିଲ ହୋଇଥିଲେ। ଶ୍ରଦ୍ଧାଳୁମାନେ ଆତଶବାଜିର ପ୍ରଦର୍ଶନ ଦେଖିବା ସହ ମିନାବଜାରରେ ଲାଗିଥିବା ବିଭିନ୍ନ ଦୋକାନରେ କିଣାକିଣି କରୁଥିବା ଦେଖିବାକୁ ମିଳିଥିଲା। ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ ଓ ଆଇନଶୃଙ୍ଖଳା ବ୍ୟବସ୍ଥା ପାଇଁ ଜଲା ଓ ବ୍ଲକ ପ୍ରଶାସନ, ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

# ରାଷ୍ଟ୍ରୀୟ ଯୁବନେତୃତ୍ୱ ସମ୍ମିଳନ ଉଦ୍‌ଯାପିତ

ପୁରୀ,୮।୩(ଅଜିତ୍ କୁମାର ମହାନ୍ତି)

ଭଗବାନ ପ୍ରକାଶ ଇନଷ୍ଟିଚ୍ୟୁଟ୍ ଅଫ ନଲେଜ ଆକ୍ସନ ଆଣ୍ଡ ଲିଡରଶିପ ପ୍ରମୋଶନ ସଂଗଠନ ଦ୍ୱାରା ଆୟୋଜିତ ରାଷ୍ଟ୍ରୀୟ ଯୁବ ନେତୃତ୍ୱ ସମ୍ମିଳନୀ ରବିବାରି ଉଦଯାପିତ ହୋଇଛି। ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ ପ୍ରାୟ ୧୫୦ ଯୁବ ନେତୃତ୍ୱ ଯୋଗ ଦେଇଥିଲେ। ବିକଳ୍ପର ଯୁଗ୍ମ ମ୍ୟାନେଜିଙ୍ଗ ଟ୍ରଷ୍ଟି ତଥା ଏନ୍‌ଏଚଆରସିର କୋର୍ କମିଟି ମେମ୍ବର ମନୋଜ ଜେନାଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଏଫ୍‌ଏମ ୟୁନିଭର୍ସିଟିର ପୂର୍ବତନ କୁଳପତି ଡ. କୁମରବର ଦାସ ଯୋଗଦେଇ ଆଜିର ଯୁବକଙ୍କୁ ଚାକିରି କରିବାର ମାନସିକତା ଛାଡ଼ି ଉଦ୍ୟୋଗୀ ମନୋଭାବ ନେଇ ନିଜସ୍ୱ ସଂସ୍ଥା ଗଢ଼ି ଦେଶର ଉନ୍ନତିରେ ଯୋଗଦାନ ପାଇଁ ପରାମର୍ଶ ଦେଇଥିଲେ।




ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ ।

ସମ୍ମାନିତ ଅତିଥି ଭାବେ ପୂର୍ବତନ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ମିହିର ରଞ୍ଜନ ସେଠୀ, ମହିଳା ଆତ୍ମନିର୍ଭର ଅଭିଯାନର ଅଧକ୍ଷା ଡ. ରୀନା ରାଉତରାୟ, କିଟ୍ ବିଶ୍ୱବିଦ୍ୟାଳୟ ଏନ୍‌ଏସଏସର ସଂଯୋଜକ ଡ. ସ୍ମୃତିରଞ୍ଜନ ଦାସ, ଶିଳ୍ପୋଦ୍ୟୋଗୀ ହିମାଂଶୁ ପାଣିଗ୍ରାହୀ ଯୋଗ ଦେଇଥିଲେ। ଏନ୍‌ଏସଏସ ପରାମର୍ଶଦାତା ପ୍ରଫେସର ଡ. ରଘୁନାଥ ମଣ୍ଡଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିକଳ୍ପର ପ୍ରତିଷ୍ଠାତା ତଥା ନିର୍ବାଚନ କମିଶନଙ୍କ ପୂର୍ବତନ ପରାମର୍ଶଦାତା ଡ. ଭଗବାନ ପ୍ରକାଶ ଅସୁସ୍ଥତା ଯୋଗୁ ଦିଲ୍ଲୀରୁ ଅଭାସି ମାଧ୍ୟମରେ ଯୁବ ନେତୃତ୍ୱଙ୍କୁ ଆଗାମୀ ଦିନରେ ବିକଶିତ, ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ନୀତିବାନ ଭାବେ ସଂକଳ୍ପିତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

ସମ୍ମିଳନୀରେ ଯୁବ ନେତୃତ୍ୱଙ୍କୁ ଆଗାମୀ ଦିନରେ ଆସୁଥିବା ଆହ୍ୱାନ ଓ ସୁଯୋଗ, ଦକ୍ଷତା ବିକାଶ, ଉଦ୍ୟମିତା, ସରକାରୀ ଯୋଜନା, ସମସ୍ୟା ସମାଧାନ, ଯୁକ୍ତିଯୁକ୍ତ ବିଚାରଧାରା, ସାମ୍ବିଧାନିକ ମୂଲ୍ୟବୋଧ, ସାମାଜିକ ସଦ୍‌ଭାବନା, ସୂଚନା ଅଧିକାର ଆଇନର ଉପଯୋଗିତା ଆଦି ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ର ନିର୍ମାଣ ପ୍ରସଙ୍ଗ ଉପରେ ବିଭିନ୍ନ ପର୍ଯ୍ୟାୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରତିଦିନ ସନ୍ଧ୍ୟାରେ ଯୁବ ନେତୃତ୍ୱଙ୍କ ପକ୍ଷରୁ ବିଭିନ୍ନ ରାଜ୍ୟର ଲୋକ ନୃତ୍ୟ, ସଙ୍ଗୀତ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ମହିଳାମାନେ ନିଜ ଅଧିକାର ପ୍ରତି ସଚେତନ ହେବା ଜରୁରୀ**

କଟକ,(ଶିଲ୍ପା ପ୍ରିୟଦର୍ଶିନୀ): କଟକ ନଗର କଂଗ୍ରେସ କମିଟି ପକ୍ଷରୁ ରବିବାର ସେଲ୍ଟର ଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ କହିଛନ୍ତି ଯେ, ସମାଜ ଗଠନରେ ମହିଳାମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମହିଳାମାନେ ସ୍ୱାବଲମ୍ବୀ ହେବା ସହ ନିଜ ଅଧିକାର ପ୍ରତି ସଚେତନ ରହିବା ଆବଶ୍ୟକ। ପ୍ରତ୍ୟେକ ମହିଳା ଦୃଢ଼ ମନୋବଳ ଓ ଉଦ୍ୟମ ଦ୍ୱାରା ସଫଳତା ପାଇପାରିବେ ବୋଲି ସେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ କର୍ପୋରେଟର ଭାନୁ ସେନାପତି, ଲିଜାରାଣୀ ରାଉତ ଓ ସ୍ୱର୍ଣ୍ଣପ୍ରଭା ପଶାୟତଙ୍କ ସମେତ ବହୁ ମହିଳା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବ୍ୟଙ୍ଗଗଳ୍ପ ପୁସ୍ତକ 'ଆପଣଙ୍କର ବିଶ୍ୱସ୍ତ' ଉନ୍ମୋଚିତ

କଟକ,୮।୩(କାର୍ତ୍ତିକ ସାହୁ)

ପୁସ୍ତକ ପ୍ରକାଶନ ସଂସ୍ଥା 'ସ୍ୱାବଲମ୍ବନ' ଦ୍ୱାରା ପ୍ରକାଶିତ ତଥା ବ୍ୟଙ୍ଗଗାଳ୍ପିକ ରାଧାଶ୍ୟାମ ରାଉଳଙ୍କ ରଚିତ ପୁସ୍ତକ 'ଆପଣଙ୍କର ବିଶ୍ୱସ୍ତ' ଶ୍ରୀରାମଚନ୍ଦ୍ର ଭବନରେ ଉନ୍ମୋଚିତ ହୋଇଯାଇଛି। ଡ. ବିଜୟାନନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଡ. ରାଜାରାମ ଶତପଥୀ ଯୋଗଦେଇ କହିଲେ, ମଣିଷକୁ ସୁସ୍ଥ ଓ ସତେଜ ରଖିବାର ମହୌଷଧି ହିଁ ବ୍ୟଙ୍ଗ। ବ୍ୟଙ୍ଗସାହିତ୍ୟର ଆବେଦନ ଅନନ୍ୟ, ମହିମା ଅବର୍ଣ୍ଣନୀୟ। ସମ୍ମାନିତ ଅତିଥି ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଉନ୍ମୋଚିତ ପୁସ୍ତକର ଯଥାର୍ଥତା ପ୍ରତିପାଦନ କରି ପାଠକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି କହିଥିଲେ। ମୁଖ୍ୟବକ୍ତା ଡ. ଜ୍ଞାନୀ ଦେବାଶିଷ ମିଶ୍ର ବ୍ୟଙ୍ଗ ଏକ ଶୁଦ୍ଧ ଓ ଶାଳୀନ ରଚନା, ଏହା ନିଚ୍ଛକ ସହାନୁଭୂତି, ସ୍ୱାଭିମାନ ଓ ସମ୍ବେଦନଶୀଳତାର ପ୍ରତୀକ ବୋଲି କହିଥିଲେ। ଡ. ନିରୋଦ କୁମାର ମନ୍ତ୍ରୀ ପୁସ୍ତକଟିର ସମୀକ୍ଷା କରିଥିଲେ। କବୟିତ୍ରୀ ବିଶ୍ୱମିତ୍ରା ମିଶ୍ର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ, ସରୋଜ କୁମାର ସାମଲ ଅତିଥି ପରିଚୟ ଏବଂ ପ୍ରକାଶକ ସନ୍ତୋଷ କୁମାର ବାରିକ ଧନ୍ୟବାଦ ଦେଇଥିଲେ।

### ୧୫ ମହିଳା ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

କଟକ,୮।୩(କୁମାରଶ୍ରୀ)

ଆଇନ ସେବା ସଂସ୍ଥା ଲିସା ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ରବିବାର ସିଡିଏ ସେକ୍ଟର-୬ ସ୍ଥିତ ଜୟପ୍ରକାଶ ନାରାୟଣ ପାର୍କରେ ପାଳିତ ହୋଇଯାଇଛି। ସଙ୍ଗଠନର ଆବାହକ ଆଇନଜୀବୀ ଗଦାଧର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ କର୍ପୋରେଟର ସଂଯୁକ୍ତା ସାହୁ ଅତିଥି ଭାବେ ଯୋଗଦେଇ ମହିଳମାନେ କିପରି ସ୍ୱାବଲମ୍ବୀ ହେବେ ଏବଂ ସୁରକ୍ଷିତ ଜୀବନ ବଞ୍ଚିବେ ସେ ଦିଗରେ ଆଲୋକପାତ କରିଥିଲେ। ସଙ୍ଗଠନର କର୍ମକର୍ତ୍ତା ଚିତ୍ତରଞ୍ଜନ ମହାରଣା ଏବଂ ଭାନୁଶ୍ରୀ ମହାରଣାଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା। କଟକ ମହାନଗର ନିଗମର ଗୋଷ୍ଠୀ ସଙ୍ଗଠିକା ଲକ୍ଷ୍ମୀପ୍ରିୟା ଜେନା, ଜଳସାଥୀ ବବି ବାରିକ, ଆଶାକର୍ମୀ ନିର୍ଝରିଣୀ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏହିଅବସରରେ ୧୫ଜଣ ମହିଳା ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ ଶତାଧିକ ଲୋକ

କଟକ,୮।୩(ଶିଲ୍ପା ପ୍ରିୟଦର୍ଶିନୀ)

କଟକ କ୍ଲବ ଓ ଶାନ୍ତି ହସ୍ପିଟାଲ ଆନୁକୂଲ୍ୟରେ ତଥା ଆଇଏମ୍ଏ ଓଡ଼ିଶା ଏବଂ ଏସ୍‌ସିବି ମେଡିକାଲ ସହଯୋଗରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବ ପରିସରରେ ଆୟୋଜିତ ଏହି ଶିବିରରେ ୫୦ ଜଣ ଡାକ୍ତର ଯୋଗଦେଇ ମଧୁମେହ, ଥାଏରଏଡ୍, ଯକୃତ ଆଦି ବିଭିନ୍ନ ପରୀକ୍ଷା ଓ ଟିକାକରଣ କରିଥିଲେ। ଶିବିରକୁ କ୍ଲବ ସଭାପତି ଶ୍ରୀଜୟ ପଟ୍ଟନାୟକ ଓ ସମ୍ପାଦକ ଶୁଭେନ୍ଦୁ ମୋହନ ପଟ୍ଟନାୟକ ପରିଚାଳନା କରିଥିଲେ। ଡା. ଜୟନ୍ତ କୁମାର ପଣ୍ଡା, ଡା. ନିରଞ୍ଜନ ତ୍ରିପାଠୀ, ଡା. ଅନଙ୍ଗ ଦ୍ୱିବେଦୀ, ଡା. ସତ୍ୟନାରାୟଣ ରାଉତରାୟ, ଡା. ନିର୍ମଳ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# 'ମହିଳାମାନେ ସମାଜର ମୂଳ ଶକ୍ତି'

କଟକ,୮।୩(କାର୍ତ୍ତିକ ସାହୁ)


ବିଧାୟିକା ସୋଫିଆ ଫିର୍ଦ୍ଦୋସ ଜଣେ ମହିଳା ଟ୍ରାଫିକ କର୍ମଚାରୀଙ୍କୁ ସମ୍ମାନିତ କରୁଛନ୍ତି।

କଟକ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ଓ ସୁଭଦ୍ରା ଚତୁର୍ଥ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ନେତାଜୀ ସଂସ୍କୃତି ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ କହିଲେ, ମହିଳାମାନେ ସମାଜର ମୂଳ ଶକ୍ତି। ସେମାନଙ୍କ ଆର୍ଥିକ ସଶକ୍ତୀକରଣ ହେଉଛି ରାଜ୍ୟର ସାମଗ୍ରିକ ଉନ୍ନତିର ମୂଳ ଆଧାର। ସୁଭଦ୍ରା ଯୋଜନାର ଆର୍ଥିକ ସହାୟତାକୁ ସଠିକ ଓ ଉତ୍ପାଦନଶୀଳ କାର୍ଯ୍ୟରେ ବ୍ୟୟ କରି ମହିଳାମାନେ ସ୍ୱାବଲମ୍ବୀ ହେବାକୁ ବିଧାୟିକା ଆହ୍ୱାନ ଦେଇଥିଲେ।

ଏହି ଅବସରରେ ପୁରୀରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସୁଭଦ୍ରା ଚତୁର୍ଥ କିସ୍ତି ଅର୍ଥ ହସ୍ତାନ୍ତର ଶୁଭାରମ୍ଭ କାର୍ଯ୍ୟକ୍ରମକୁ ଆଭାସି ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳାମାନେ ଏହି କାର୍ଯ୍ୟକ୍ରମ ଦେଖିଥିଲେ। ଜିଲାସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଓ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ସମାଜର ବିଭିନ୍ନ କ୍ଷେତ୍ରରେ ନିଷ୍ଠାର ସହ ଉଲ୍ଲେଖନୀୟ ସେବା ପ୍ରଦାନ କରିଥିବା ଅଙ୍ଗନବାଡ଼ି କର୍ମୀ, ଅଙ୍ଗନବାଡ଼ି ସହାୟିକା, ଆଶା କର୍ମୀ, ସିଡିପିଓ, ଶିକ୍ଷୟିତ୍ରୀ ଓ ଟ୍ରାଫିକ କନଷ୍ଟେବଲମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଡ. ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଲେ, ମହିଳାମାନେ ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଶାସନ, କ୍ରୀଡ଼ା ଓ ସାମାଜିକ କ୍ଷେତ୍ର ସହ ସମସ୍ତ ବିଭାଗରେ ନିଜର ଦକ୍ଷତା ଓ କ୍ଷମତାର ଉଜ୍ଜ୍ୱଳ ପ୍ରତିଛବି ପ୍ରଦର୍ଶନ କରୁଛନ୍ତି। ଜିଲା ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତି ମହିଳା ସଶକ୍ତୀକରଣ ଓ ସମାଜ ଗଠନରେ ସେମାନଙ୍କ ଅବଦାନ ଉଲ୍ଲେଖନୀୟ ବୋଲି କହିଥିଲେ। ଜିଲା ଉନ୍ନୟନ ଅଧିକାରୀ ନୁରୀ ପରବିନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସଖି ୱାନ ଷ୍ଟପ୍ ସେଣ୍ଟରର ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚିତ ହୋଇଥିଲା।

## ଜଳକ୍ରୀଡ଼ାବିତ୍‌ଙ୍କ ଦ୍ୱାରା ମହାନଦୀ ସଫେଇ


ବନ୍ଦେ ମହାନଦୀ ଅଭିଯାନ ଆନୁକୂଲ୍ୟରେ ଆୟୋଜିତ ସଫେଇ କାର୍ଯ୍ୟକ୍ରମରେ ସାମିଲ ଥିବା ଜଳକ୍ରୀଡ଼ାବିତ୍।

କଟକ,୮।୩(କୁମାରଶ୍ରୀ)

ଓଡ଼ିଶା ୟାଚିଂ ସଂଘ ଏବଂ କଟକ ମହାନଗର ନିଗମ(ସିଏମ୍‌ସି)ର ମିଳିତ ଆନୁକୂଲ୍ୟରେ ବନ୍ଦେ ମହାନଦୀ ଅଭିଯାନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ରବିବାର ଜଳକ୍ରୀଡ଼ାବିତ୍‌ମାନଙ୍କ ଦ୍ୱାରା ମହାନଦୀ ସଫେଇ କରାଯାଇଥିଲା। ନଦୀରୁ ପ୍ଲାଷ୍ଟିକ ସାମଗ୍ରୀ, ପଲିଥିନ, ବ୍ୟାଗ୍ ଆଦି ଆବର୍ଜନା ସଂଗ୍ରହ କରାଯାଇ ସିଏମ୍‌ସିକୁ ହସ୍ତାନ୍ତର କରାଯାଇଥିଲା। ମହାନଦୀ ସଂରକ୍ଷଣ, ପରିବେଶ ସଚେତନତା ବାର୍ତ୍ତା ନେଇ ଏଭଳି ଅଭିଯାନ ଜାରି ରହିଛି। ସିଏମ୍‌ସି ମେୟର ସୁବାସ ସିଂ ଏବଂ କମିଶନର କିରଣଦୀପ କୌର ସହୋତା ଅତିଥି ଭାବେ ଯୋଗଦେଇ ଅନ୍ତର୍ଜାତୀୟ ନାବିକ ଲିନାରାଣୀ ଗଙ୍ଗଦେବ, ସ୍ୱର୍ଣ୍ଣପଦକ ବିଜୟୀ ପାରା ନାବିକ ମୋନାଲି ସ୍ୱାଇଁ, ସ୍କୁବା ଡାଇଭର ଭବ୍ୟଶ୍ରୀ କରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ୟାଚିଂ ସଂଘ ପ୍ରତିଷ୍ଠାତା ଡ. ସବୀର ବକ୍ସ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

## ଗଣଗୌର ମେଳାରେ ଆକର୍ଷଣ ସାଜିଲା ପାରମ୍ପରିକ ବେଶଭୂଷା


'ମାତୃଶକ୍ତି କଟକ ମାରୱାଡ଼ି ସମାଜ' ଏବଂ 'ଓ ମାଇଁ ଗିଫ୍ଟ' ଦ୍ୱାରା ଆୟୋଜିତ ଗଣଗୌର ମେଳାରେ ପାରମ୍ପରିକ ବେଶଭୂଷା ପ୍ରଦର୍ଶନ କରାଯାଉଛି।

କଟକ,୮।୩(କାର୍ତ୍ତିକ ସାହୁ)

'ମାତୃଶକ୍ତି କଟକ ମାରୱାଡ଼ି ସମାଜ' ଏବଂ 'ଓ ମାଇଁ ଗିଫ୍ଟ' ଦ୍ୱାରା ଆୟୋଜିତ ଗଣଗୌର ମେଳାରେ ପାରମ୍ପରିକ ବେଶଭୂଷା ମୁଖ୍ୟ ଆକର୍ଷଣ ସାଜିଲା। ଶନିବାର ଗଣଗୌର ମା'ଙ୍କ ଉପରେ ଆଧାରିତ ପ୍ରଦର୍ଶନୀରେ ୧୪ଜଣ ମହିଳା ଅଂଶଗ୍ରହଣ କରିଥିଲେ। ଶିଶୁମାନେ ମଧ୍ୟ ସମସ୍ତଙ୍କ ହୃଦୟ ଜିତିଥିଲେ। ସମ୍ପତ୍ତି ମୋଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଦର୍ଶନୀରେ ୪୨ଟି ଷ୍ଟଲ ହୋଇଥିଲା। ପାରମ୍ପରିକ ପୋଷାକ, ହସ୍ତନିର୍ମିତ ସାମଗ୍ରୀ, ବିଶେଷ କଲେକ୍ସନ ଏବଂ ଲାଇଫଷ୍ଟାଇଲ ସମ୍ବନ୍ଧୀୟ ବିଭିନ୍ନ ସାମଗ୍ରୀର ଆକର୍ଷଣୀୟ ଶୃଙ୍ଖଳା ପ୍ରଦର୍ଶିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଓ ବିଶିଷ୍ଟ ଅତିଥି ଭାବେ କଟକ ମାରୱାଡ଼ି ସମାଜର ଅଧ୍ୟକ୍ଷ ସଞ୍ଜୟ ଶର୍ମା ଯୋଗଦେଇଥିଲେ। ବିଜୟ ଖଣ୍ଡେଲୱାଲ, ପବନ ଜାଜୋଡ଼ିଆ, ସୁରେଶ କମାନୀ, ପବନ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗୀତା କରଣାନୀ, ସୁନୀତା ଖେମ୍‌କା, ପଲ୍ଲବୀ ସୁଲତାନିଆ, ନୀଲା ଝୁନ୍‌ଝୁନ୍‌ୱାଲା, ନୀଲମ ଶାହା, ରଶ୍ମିମିଓଲ, ୟଶ କନ୍ଦୋଇ, କଳ୍ପନା ଜୈନ, କୃଷ୍ଣ ହରଲାଲକା, ଅଲକା ସିଂଘୀ ପ୍ରମୁଖ ସହଯୋଗ କରିଥିଲେ।

## ଫାର୍ମାସି ଶିକ୍ଷାର ଜନକ ଏମ୍.ଏଲ୍. ସ୍କ୍ରୋଫଙ୍କୁ ଶ୍ରଦ୍ଧାଞ୍ଜଳି

କଣ୍ଟାପଡ଼ା,୮।୩(ସୁରନାରାୟଣ ସାହୁ)

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଦେଉଳି (ସୁନ୍ଦରଗ୍ରାମ)ସ୍ଥିତ ଦଧୀଚି ଫାର୍ମାସୀ କଲେଜରେ ରବିବାର ଜାତୀୟ ଫାର୍ମାସି ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ରଜତ କୁମାର କର ଭାରତର ଫାର୍ମାସି ଶିକ୍ଷାର ଜନକ ମହାଦେବ ଲାଲ ସ୍କ୍ରୋଫଙ୍କ ୧୨୪ତମ ଜନ୍ମବାର୍ଷିକୀ ଉପଲକ୍ଷେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ। ଫାର୍ମାସି ଶିକ୍ଷା କ୍ଷେତ୍ରରେ ସ୍କ୍ରୋଫଙ୍କ ଅବଦାନ ଅତୁଳନୀୟ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପାଧ୍ୟକ୍ଷ ଡ. ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ। ପ୍ରଶାନ୍ତ କୁମାର ବିଶ୍ୱାଳ, ସତ୍ୟ ରଞ୍ଜନ ଦଳାଇ, ଚନ୍ଦ୍ରକାନ୍ତ ଦାସ, ପ୍ରଭାତ ରଞ୍ଜନ ଗୁରୁ, ଚିତ୍ତରଞ୍ଜନ ମହାନ୍ତି ଏବଂ ଉପେନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## 'ମହିଳାମାନେ ଆର୍ଥିକ ଭାବେ ସଶକ୍ତ ହେବା ଜରୁରୀ'

କଟକ,୮।୩(କାର୍ତ୍ତିକ ସାହୁ)

ବର୍ତ୍ତମାନର ଯୁଗରେ ମହିଳାମାନେ ଆର୍ଥିକ ଭାବରେ ସଶକ୍ତ ହେବା ଜରୁରୀ ବୋଲି ଆକାଶବାଣୀ କଟକ କେନ୍ଦ୍ରର ମୁଖ୍ୟ ଭିଏମ୍ ରତ୍ନପ୍ରସାଦ କହିଛନ୍ତି। କେନ୍ଦ୍ର ପକ୍ଷରୁ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରତ୍ନପ୍ରସାଦ ଯୋଗଦେଇ କହିଛନ୍ତି, ବିକଶିତ ଭାରତ ଗଠନ ଦିଗରେ ମହିଳାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କର୍ମସଂସ୍ଥାନରେ ମଧ୍ୟ ମହିଳାଙ୍କ ଭୂମିକା ଅତୁଳନୀୟ। ଇଞ୍ଜିନିୟରିଂ ବିଭାଗର ସହାୟକ ନିର୍ଦ୍ଦେଶକ ମନୋଜ ପତି ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀ ସିକନ୍ଦର ସୋଏ ମହିଳାମାନେ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ। ଯାନ୍ତ୍ରିକ ବିଭାଗର ସଂଜୁଲତା ନାୟକ ସ୍ୱାଗତ ଭାଷଣ ଓ ଆଞ୍ଚଳିକ ସମ୍ବାଦ ବିଭାଗର ସମାଚାର ସମ୍ପାଦକ ଇତିଶ୍ରୀ ସିଂ ରାଠୋର ଚଳିତ ବର୍ଷର ପ୍ରସଙ୍ଗ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମ ବିଭାଗର ପ୍ରଜ୍ଞା ପାରମିତା ସାହୁ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ଉଦ୍‌ଘୋଷିକା ସଦ୍ୟସ୍ମିତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସେଣ୍ଟ ଜାଭିୟର୍ସ ସ୍କୁଲରେ ଅନ୍ତର୍ଜାତୀୟ ମହିଳା ଦିବସ

କଟକ,୮।୩(କାର୍ତ୍ତିକ ସାହୁ)

ଯେଉଁ ସମାଜ ମହିଳାଙ୍କୁ ଯେତେ ସମ୍ମାନ ଦେଇ ଶିଖିଛି ସେହି ସମାଜ ସେତେ ଗୌରାବାନ୍ୱିତ ବୋଲି କଟକ ମିଶନ ରୋଡ଼ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସରେ ବକ୍ତାମାନେ କହିଛନ୍ତି। ମୁଖ୍ୟ ଅତିଥି ରୂପେ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସୂଚନା କମିଶନର କଳ୍ପନା ପଟ୍ଟନାୟକ, ନ୍ତର୍ଜାତୀୟ ଟାଇକୋଣ୍ଡୋ କୋଚ ଓ ରେଫରି ସୁଦିପ୍ତା ନନ୍ଦ, ସେଣ୍ଟ ଜାଭିୟର୍ସ ପରିଆର ପ୍ରଧାନ ଅଧ୍ୟାପିକା ପି.ଏସ୍. ପ୍ରିୟଦର୍ଶିନୀ, କର୍ପୋରେଟର ଲିଜା ରାଉତ ପ୍ରମୁଖ ଯୋଗଦେଇଥିଲେ। ସେଣ୍ଟ ଜାଭିୟର୍ସ ଏଜୁକେଶନାଲ ଟ୍ରଷ୍ଟର ଅଧ୍ୟକ୍ଷ ଡ. ପ୍ରଭୁଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉପାଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି ଓ ସହକାରୀ ନିର୍ଦ୍ଦେଶିକା ଆୟେଶା ଦାସ, ଇନ୍ଦିରା ଶୁଭଦର୍ଶିନୀ ପ୍ରସାଦ ଏବଂ ଆରତି ଦାସ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରୂପା ମିଶ୍ରଙ୍କ ସୃଜନାତ୍ମକ ଶୈଳୀରେ ଶିକ୍ଷୟିତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ।

## ଖୁବ୍‌ଶୀଘ୍ର ଖୋଲିବ ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର

କଟକ,୮।୩(କାର୍ତ୍ତିକ ସାହୁ)

'ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର ଦି ଭିଲେଜ ଷ୍ଟୋର' ଖୁବଶୀଘ୍ର କଟକ ନେତାଜୀ ବସ୍ ଟର୍ମିନାଲରେ ଖୋଲିବ। ଗ୍ରାମୀଣ ଉଦ୍ୟମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ, କାରିଗର ଏବଂ ସ୍ଥାନୀୟ ଉତ୍ପାଦକଙ୍କ ଦ୍ୱାରା ତିଆରି ଗୁଣାତ୍ମକ ସାମଗ୍ରୀଗୁଡିକର ପ୍ରଚାର ଓ ବିପଣନ କରିବା ପାଇଁ ଏହା ଏକ ବିଶେଷ ପ୍ଲାଟଫର୍ମ ଭାବେ କାମ କରିବ। ଏ ନେଇ ଜିଲାପରିଷଦର ନୂତନ ସମ୍ମିଳନୀ କକ୍ଷରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର ମାଧ୍ୟମରେ ଗ୍ରାମୀଣ ଉତ୍ପାଦକମାନେ ନିଜର ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ କରି ଉପଯୁକ୍ତ ମୂଲ୍ୟ ପାଇପାରିବେ। ଏହି ବଜାରରେ ହସ୍ତତନ୍ତ ଉତ୍ପାଦ, ବାଉଁଶ ଓ ବେତ ଶିଳ୍ପ, ଡୋକରା, ଟେରାକୋଟା ପଦାର୍ଥ, ଶଙ୍ଖ, ଶିଙ୍ଗ ଓ କାଠ ଶିଳ୍ପ, ପଟ୍ଟଚିତ୍ର ଚିତ୍ରକଳା ଓ ବିଭିନ୍ନ ପ୍ରକାରର ଝୋଟ ତିଆରି ସାମଗ୍ରୀ ଉପଲବ୍ଧ ହେବ। ଖାଦ୍ୟ ଓ କୃଷି ଉତ୍ପାଦ. ମସଲା ଓ ମିଲେଟ ଆଧାରିତ ଖାଦ୍ୟ ପଦାର୍ଥ ମଧ୍ୟ ମିଳିବ ବୋଲି ଓର୍‌ମାସ୍‌ର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ କହିଛନ୍ତି। ଏହି ଅବସରରେ ପ୍ରମିଳା ରାଉତଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଥିଲା।

## 'ସ୍ୱୟଂ ସହାୟକ ଗୋଷ୍ଠୀ ସହ ମହିଳା ବିଜେଡି ରହିଛି'

କଟକ,୮।୩(ଶିଳ୍ପା ପ୍ରିୟଦର୍ଶିନୀ)

ସିଏମ୍‌ସି ୱାର୍ଡ ନଂ-୧୭ ପଟାପୋଲସ୍ଥିତ କଳିଙ୍ଗ ତେଲୁଗୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ରବିବାର ବିଜୁ ମହିଳା ଜନତା ଦଳ ବାରବାଟୀ-କଟକ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ମେୟର ସୁବାସ ସିଂ, କଟକ ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ, କଟକ ଜିଲା ମହିଳା ବିଜେଡି ସଭାପତି ଅନିତା ବେହେରା, ଆଇନଜୀବୀ ଭାରତୀ ଦାସ, ଡ. ସଙ୍ଗୀତା ଦାସ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ ଯେ, ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସହାୟତା ପ୍ରଦାନ କରି ନାରୀଙ୍କୁ ସଶକ୍ତ ଓ ଆର୍ଥିକ ନିର୍ଭରତାମୁକ୍ତ କରିବାରେ ପୂର୍ବ ବିଜେଡି ସରକାର ସହାୟକ ହୋଇଥିଲେ। କିନ୍ତୁ ବର୍ତ୍ତମାନର ସରକାର ଏହି ସହାୟତାକୁ ବନ୍ଦ କରିବାରେ ଲାଗିଛନ୍ତି। ତେବେ ବାରବାଟୀ-କଟକ ବିଜୁ ମହିଳା ଜନତା ଦଳର କର୍ମୀମାନେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସହ ରହିଛନ୍ତି। ସଭାରେ ଏ. ଶ୍ରୀଦେବୀ, ଦୀପ୍ତିମୟୀ ମୂଳିଆ, ମୋନାଲିସା ଦାସ ଓ ପୁଷ୍ପିତା ମହାନ୍ତି ପ୍ରମୁଖ କର୍ପୋରେଟରମାନେ ଉପସ୍ଥିତ ଥିଲେ।

## ସମାନ ଅଧିକାର ପାଉନାହାନ୍ତି ମହିଳା


କାର୍ଯ୍ୟକ୍ରମରେ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ସହ ତେରାପନ୍ଥୀ ମହିଳା ମଣ୍ଡଳର ସଦସ୍ୟା।

କଟକ,୮।୩(କାର୍ତ୍ତିକ ସାହୁ)

କଟକ ଅଖିଳ ଭାରତୀୟ ତେରାପନ୍ଥୀ ମହିଳା ମଣ୍ଡଳ ପକ୍ଷରୁ କାଠଗଡ଼ା ସାହିସ୍ଥିତ ତେରାପନ୍ଥ ଭବନରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଚଳିତବର୍ଷ ପ୍ରେମଲତା ସିଂଘୀ, ସାଧ୍ୱୀ କଲ୍ୟାଣ ପ୍ରଜ୍ଞାଜୀ ଏବଂ ମୁମୁକ୍ଷୁ କୋମଳ ସେଠିଆଙ୍କୁ ସମ୍ମାନିତ କରାଯାଇଥିଲା। 'ଗୃହଲକ୍ଷ୍ମୀ ସ୍ୱାଭିମାନ ଅଭିଯାନ' ଆଲୋଚନାରେ ବକ୍ତାମାନେ କହିଥିଲେ, ମହିଳାମାନେ ସମସ୍ତ କ୍ଷେତ୍ରରେ ନିଜ କ୍ଷମତା ପ୍ରମାଣ କରୁଥିଲେ ମଧ୍ୟ ସମାନ ଅଧିକାର ପାଉନାହାନ୍ତି ଏବଂ ଅନେକ ସମୟରେ ଘରୋଇ ହିଂସାର ଶିକାର ହେଉଛନ୍ତି। ମୁଖ୍ୟ ଅତିଥି ଭାବେ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ ମହିଳାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷା ସୁନୀତା ବେଙ୍ଗାନୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସଦସ୍ୟା ଇନ୍ଦିରା ଡୁଗିଆ ନିଜ ମତପ୍ରକାଶ କରିଥିଲେ। ୧୫ଟି ସେବା ସଂସ୍ଥା ଯୋଗଦେଇଥିଲେ। ଉପାଧ୍ୟକ୍ଷା ବିନୋଦ ନାହଟା ପ୍ରେରଣା ସମ୍ମାନର ଘୋଷଣା କରିଥିବାବେଳେ ଉଷା ଚୌଧୁରୀ, ରିଙ୍କୁ ପାରଖ ଓ ମଞ୍ଜୁ ଚୌଧୁରୀ ପରିଚୟପତ୍ର ପ୍ରଦାନ କରିଥିଲେ। ଜ୍ୟୋତି ବେଦ ଧନ୍ୟବାଦ ଦେଇଥିଲେ।

## ପୁନରୁଦ୍ଧାର ହେଉନି ପେଟାନାଳ: ସୁଭାଷ ସଙ୍ଗଠନର ଅଭିନବ ପ୍ରତିବାଦ

କଟକ,୮।୩(କୁମାରଶ୍ରୀ)




ପେଟାନାଳର ପୁନରୁଦ୍ଧାର ହୋଇପାରୁ ନ ଥିବାରୁ ସିଡିଏବାସୀ ହନ୍ତସନ୍ତ ହେଉଛନ୍ତି। ସରକାର ପରିବର୍ତ୍ତନ ହେଉଥିଲେ ମଧ୍ୟ ପେଟାନାଳର ଭାଗ୍ୟ ବଦଳୁ ନାହିଁ। ଏହି ପ୍ରସଙ୍ଗରେ ରବିବାର ସୁଭାଷ ସଙ୍ଗଠନ ପକ୍ଷରୁ ଅଭିନବ ଢଙ୍ଗରେ ପ୍ରତିବାଦ କରାଯାଇଥିଲା। ସଙ୍ଗଠନ ସମ୍ପାଦକ ସୁରେଶ ମହାନ୍ତି ପେଟାନାଳର ନର୍ଦ୍ଦମା ପାଣିରେ ପଶି ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କୁ ଜବାବ ମାଗିଥିଲେ। ୭ବର୍ଷ ଭିତରେ ବାରବାଟୀ-କଟକ ନିର୍ବାଚନମଣ୍ଡଳୀରେ କ'ଣ ବିକାଶ କରିଛନ୍ତି ତାହାର ହିସାବ ଦିଅନ୍ତୁ ବୋଲି ସୁରେଶ ପ୍ରଶ୍ନ ଉଠାଇଥିଲେ। କାର୍ଯ୍ୟକ୍ରମରେ ସନ୍ତୋଷ ମହାନ୍ତି, ସୁରେଶ ଭୂୟାଁ, ଅଜିତ ଦାଶ, ବିଜୟ ଦାଶ, ଭବାନୀ ମହାପାତ୍ର, ରାମଚନ୍ଦ୍ର ରଣା ଏବଂ ରାକେଶ ରାୟ ପ୍ରମୁଖ ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ରାଷ୍ଟ୍ର ନିର୍ମାଣରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଡ୍ରିମ୍‌ସରେ ଅନ୍ତର୍ଜାତୀୟ ମହିଳା ଦିବସ**

କଟକ,୮।୩(କାର୍ତ୍ତିକ ସାହୁ)

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟର ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ସୁସ୍ଥ ସମାଜ ଓ ରାଷ୍ଟ୍ର ନିର୍ମାଣରେ ମହିଳାମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଡ୍ରିମ୍‌ସ ମେଡିକାଲ କଲେଜର 'ଡିନ୍' ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ, ଡା. ଶର୍ମିଷ୍ଠା ସ୍ୱାଇଁ, ଡା. ପ୍ରତିମା କୁମାରୀ ସାହୁ ମହିଳା ଦିବସର ଅନୁଚିନ୍ତା ସମ୍ପର୍କରେ କହିଥିଲେ। ଡା. ପ୍ରଜ୍ଞଦା ରୁଚାଯୋଶୀ ଏବଂ ଅଧ୍ୟାପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୫ତମ ରାଜ୍ୟ ଆମ୍ବିକନ୍ ସମ୍ମିଳନୀରେ ଯୋଗଦେଇଥିବା ବିଭିନ୍ନ ମେଡିକାଲ କଲେଜର ପ୍ରତିନିଧିମାନେ ଏଥିରେ ଉପସ୍ଥିତ ଥିଲେ।


ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଓ ଅନ୍ୟମାନେ।

## ସମାଜକୁ ସମୃଦ୍ଧ କରେ ମହିଳା ସଶକ୍ତୀକରଣ

କଟକ,୮।୩(କାର୍ତ୍ତିକ ସାହୁ)



ବେଲ୍‌ଭିଉ ଛକଠାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ଆୟୋଜିତ ମାନବ ଶୃଙ୍ଖଳ।

ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ଜୁଡିସିଆଲ ଏକାଡେମୀ ନିକଟ ବେଲ୍‌ଭିଉ ଛକଠାରେ ଏକ ମାନବ ଶୃଙ୍ଖଳ ମାଧ୍ୟମରେ ମହିଳା ସଶକ୍ତୀକରଣକୁ ସମର୍ଥନ କରାଯାଇଛି। ଏହା ମାଧ୍ୟମରେ ସମଗ୍ର ମାନବସମାଜକୁ ଦର୍ଶାଯାଇଛି ଯେ, ମହିଳା ସଶକ୍ତୀକରଣ ସହିତ ସହଭାଗିତା ସମାଜକୁ ସମୃଦ୍ଧ କରିଥାଏ। ଏଥିରେ ମହିଳାଙ୍କ ଆଇନଗତ ସୁରକ୍ଷା ଓ ନ୍ୟାଯ୍ୟ ଅଧିକାର ସାବ୍ୟସ୍ତ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଆହ୍ୱାନ କରାଯାଇଛି।

ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ମାନସ ରଞ୍ଜନ ପାଠକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଆଇନସେବା କମିଟି ଅଧ୍ୟକ୍ଷ ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି କୃଷ୍ଣ ରାମ ମହାପାତ୍ରଙ୍କ ସମେତ ଅନ୍ୟ ବିଚାରପତିବୃନ୍ଦ ସସ୍ତ୍ରୀକ ଯୋଗଦେଇ ମହିଳାଙ୍କ ସାମାଜିକ, ଅର୍ଥନୈତିକ ଏବଂ ଆଇନଗତ ଅଧିକାରକୁ ସାବ୍ୟସ୍ତ କରିପାରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରି, ଓଡ଼ିଶା ଜୁଡ଼ିସିଆଲ ଏକାଡେମୀ, ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ, କଟକ ଜିଲା ଦେୱାନୀ ଓ ଫୌଜଦାରି ଅଦାଲତ, ଜିଲା ଆଇନସେବା ପ୍ରାଧିକରଣ, କଟକ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାର ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଏବଂ ଆଇନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର ଜେନେରାଲ ଓ ରାଜ୍ୟ ଆଇନସେବା ପ୍ରାଧିକରଣର ସଦସ୍ୟ ସଚିବଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଛି।

## ସଂକ୍ଷେପରେ

### ରାଜଧାନୀରୁ ଡିପ୍ଲୋମା ଛାତ୍ର ନିଖୋଜ

**ଭୁବନେଶ୍ୱର,୮।୩(ତ୍ରିନାଥ ମହାନ୍ତି):** ମୈତ୍ରୀବିହାର ଥାନା ସାଲିଆସାହି, ଜନତାନଗରରୁ ଜଣେ ଡିପ୍ଲୋମା ଛାତ୍ର ଶିଶିର ଦାଶ ନିଖୋଜ ହୋଇଛନ୍ତି। ଏନେଇ ଛାତ୍ରଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଛାନ୍‌ଭିନ କରୁଛି। ଛାତ୍ରଙ୍କ ମୋବାଇଲ୍ ଫୋନରୁ ଶେଷ ଲୋକେସନ, ସିଡିଆର ଆନାଲିସିସ୍ କରୁଛି ପୋଲିସ। ଗତ ୨ ତାରିଖରୁ ଶିଶିର କଲେଜ ଯାଉଛି ଘରୁ ବାହାରି ଯାଇଥିଲେ। ହେଲେ ସେ ଆଉ ଘରକୁ ଫେରିନଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ପାଇନଥିଲେ। ଶିଶରଙ୍କ ମା' ପୁଅକୁ ଖୋଜି ଆଣିବା ପାଇଁ ପ୍ରତିଦିନ ଥାନାକୁ ଦୌଡୁଛନ୍ତି। ଏପରିକି କାନ୍ଦି କିନ୍ଦି ପୁଅକୁ ଖୋଜି ଆଣିବା ପାଇଁ ଥାନା ଅଧିକାରୀଙ୍କୁ ଆକୁଳ ନିବେଦନ କରୁଛନ୍ତି। ପୋଲିସ ତାଙ୍କୁ ଖୋଜିବା ପାଇଁ ମ୍ୟାନ୍ ମିସିଂ ସେଲ ଲାଗିପଡ଼ିଥିବା ପୋଲିସ କହିଛି।

### ଆଖିବୁଜିଲା ଜଙ୍ଗଲୀ କୁକୁର

**ବାରଙ୍ଗ,୮।୩(ଲିଙ୍ଗରାଜ ରାଉତ):** ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୨୨ନମ୍ବର ଖୁଆଡରେ ରହୁଥିବା ଏକ ୫ବର୍ଷର ଅଣ୍ଡିରା ଜଙ୍ଗଲୀ କୁକୁରର ଶନିବାର ମୃତ୍ୟୁ ଘଟିଛି। ତେବେ ମୃତ୍ୟୁ ପ୍ରକୃତ କାରଣ ଜଣାପଡି ନ ଥିବା ବେଳେ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି କୁହାଯାଇଛି। ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୩ରେ ପହଞ୍ଚିଛି।

### ପୁତୁରା ମାଡ଼ରେ ଦାଦା ଆହତ

**ବାରଙ୍ଗ,୮।୩(ଲିଙ୍ଗରାଜ ରାଉତ):** କୃଷ୍ଣଚନ୍ଦ୍ରପୁର ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଖାଇବାକୁ ମନାକରିବାରୁ ପୁତୁରାର ମାଡ଼ରେ ଦାଦା ଆହତ ହୋଇ ଆଖି ହରାଇଛନ୍ତି। ଏନେଇ ଦାଦା ବାରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, କୃଷ୍ଣଚନ୍ଦ୍ରପୁର ଗ୍ରାମର ବିଜୟ ସାମଲ(୪୦)ଙ୍କର ବଡ଼ବାପା ବଂଶଧର ସାମଲଙ୍କର ଗତ ବୁଧବାର ଦିନ ଏକାଦଶ ଥିଲା। ସେହି ଦିନ ବିଜୟ ଅସୁସ୍ଥ ହୋଇପଡ଼ିବାରୁ ଭୋଜି ଖାଇବା ପାଇଁ ବାରଣ କରିଥିଲେ। ଏହି ସମୟରେ ବିଜୟଙ୍କର ବଡ଼ବାପା ପୁଅ ଅକ୍ଷୟ ବାରମ୍ବାର ଡାକିଥିଲେ ମଧ୍ୟ ବିଜୟ ଖାଇବା ପାଇଁ ମନା କରିଥିଲେ।ଏଥିରେ ଉତ୍କ୍ଷିପ୍ତ ହୋଇ ଅକ୍ଷୟଙ୍କ ପୁଅ ବିଗନ ସାମଲ(୨୨)ବିଜୟଙ୍କୁ ଆକ୍ରମଣ କରିବା ସହ ଡାହାଣ ପଟ ଆଖିକୁ ଆଘାତ କରିଥିଲେ। ପରେ ପରିବାର ଲୋକ ବିଜୟଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେଇଥିଲେ। ଚିକିତ୍ସାଧିନ ଅବସ୍ଥାରେ ବିଜୟଙ୍କର ଡାହାଣ ଆଖିଟି ନଷ୍ଟ ହୋଇଯାଇଥିବା ଡ. କହିଥିଲେ। ଏନେଇ ବିଜୟ ବାରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

# ରାଜଧାନୀରୁ ନିଖୋଜ ୨ ନାବାଳିକା ରେଢ଼ାଖୋଲରୁ ଉଦ୍ଧାର

**ଭୁବନେଶ୍ୱର,୮।୩(ତ୍ରିନାଥ ମହାନ୍ତି):** ମୈତ୍ରୀବିହାର ଥାନା ସାଲିଆସାହିରୁ ନିଖୋଜ ୨ ନାବାଳିକା ସୁମିତ୍ରା ଦେହୁରୀ ଏବଂ ଶୁଭଶ୍ରୀ ନାୟକଙ୍କୁ କମିଶନରେଟ୍ ପୋଲିସ ରେଢାଖୋଲରୁ ଉଦ୍ଧାର କରିଛି। ଅପହରଣ ନୁହେଁ, ରୁଷିକି ସେମାନେ ଘରୁ ପଳାଇଥିଲେ। ସେମାନେ ପ୍ରଥମେ ଅଟୋରେ ରେଳଷ୍ଟେଶନ ଯାଇଥିଲେ। ସେଠାରୁ ଟ୍ରେନ୍‌ରେ ଯାଇ ରେଢ଼ାଖୋଲରେ ଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇ ରହିଥିଲେ। ଖବର ଓ ସିସିଟିଭି ଫୁଟେଜ ଆଧାରରେ ପୋଲିସ ଦୁଇ ନାବାଳିକାଙ୍କୁ ଉଦ୍ଧାର କରିଥିବା ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି। ରବିବାର ଦୁଇ ନାବାଳିକାଙ୍କୁ ସେମାନଙ୍କ ପରିବାର

### ଅପହରଣ ନୁହେଁ, ଘରୁ ରୁଷିକି ପଳାଇଥିଲେ: ସିପି

ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ପରିବାର ଲୋକେ ପିଲାଙ୍କୁ ପାଇବା ପରେ ଭାବବିହ୍ୱଳ ହୋଇ କାନ୍ଦି ପକାଇଛନ୍ତି। ସାଲିଆସାହି ଅଞ୍ଚଳର ସପ୍ତମ ଶ୍ରେଣୀରେ ପଢୁଥିବା ଦୁଇ ସାଙ୍ଗ ସୁମିତ୍ରା ଓ ଶୁଭଶ୍ରୀ ସ୍କୁଲ ଯିବାକୁ ଘରୁ ବାହାରି ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ କରିଥିଲା। ପୋଲିସ ଜୋର୍‌ଦାର ଛାନ୍‌ଭିନ୍ କରିବା ସହ ନିଖୋଜ ପିଲାଙ୍କ ସମ୍ପର୍କରେ ପୋଷ୍ଟର ମାରିଥିଲା। ଏଥିସହ ସେମାନଙ୍କ ସମ୍ପର୍କରେ ସୂଚନା ଦେଲେ ୨୫ ହଜାର ଟଙ୍କାର ପୁରସ୍କାର ମିଳିବ ବୋଲି ଘୋଷଣା କରାଯାଇଥିଲା। ସେହିପରି ଚାଇଲ୍ଡ ଲାଇନ ପକ୍ଷରୁ ମଧ୍ୟ ଏହି ଦୁଇ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରାଯାଇଥିଲା।

### ନିଖୋଜର ପ୍ରଥମ କିଛି ଘଣ୍ଟା 'ଗୋଲ୍‌ଡେନ ଆୱାର'

ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରଖିଥିବା ତଥ୍ୟ ଅନୁସାରେ, ରାଜ୍ୟରେ ୧୧,୩୩୭ ଜଣ ଶିଶୁ ନିଖୋଜ ହୋଇଥିବା ନେଇ ମାମଲା ପଞ୍ଜୀକୃତ ହୋଇଥିବା ବେଳେ ଏବେ ବି ଅନେକ ଶିଶୁଙ୍କ ପତ୍ତା ମିଳୁନାହିଁ। ପୋଲିସ ଓ ସିଡବ୍ଲ୍ୟୁସିକୁ ଏ ସଂକ୍ରାନ୍ତ ଅଭିଯୋଗକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ ଅବହେଳା କରାଯାଉଥିବା ଅଭିଯୋଗ ହେଉଛି। ହେଲେ କମିଶନରେଟ ପୋଲିସର ତତ୍ପରତା ପାଇଁ ୩ଜଣ ନିଖୋଜ ଶିଶୁଙ୍କୁ ଉଦ୍ଧାର କରାଯାଇପାରିଛି। ପିଲା ନିଖୋଜ ହେବା ପରେ ପ୍ରଥମ କିଛିଘଣ୍ଟା 'ଗୋଲ୍‌ଡେନ ଆୱାର'। ଯଦି ସେହି ସମୟରେ ପୋଲିସ ତତ୍ପରତା ଦେଖାଏ, ତେବେ ପିଲା ମିଳିବା ସହଜ ହୁଏ, ଯାହା ଏବେର ଘଟଣାରୁ ସ୍ପଷ୍ଟ ହୋଇଛି। ସୂଚନାଯୋଗ୍ୟ, କିଛିଦିନ ତଳେ ଧଉଳି ଅଞ୍ଚଳରୁ ନିଖୋଜ ହୋଇଥିବା ପ୍ରଦ୍ୟୁମ୍ନ ପ୍ରଧାନ ନାମକ ୧୨ ବର୍ଷୀୟ ନାବାଳକଙ୍କୁ ପୋଲିସ ଉଦ୍ଧାର କରିଥିଲା।

# 'ଛାତ୍ରୀଛାତ୍ର ଶୃଙ୍ଖଳିତ ହେଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ'




**ନିରାକାରପୁର,୮।୩(ମାନସ ଚନ୍ଦ୍ର ପଟ୍ଟନାୟକ)**

ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ଓ ଚରିତ୍ରବାନ ହେଲେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହେବ ବୋଲ ନିରାକାରପୁର ଷ୍ଟେଶନ ନିକଟ ଅରୋମିରା ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଆୟୋଜିତ ସଭାରେ ସ୍କୁଲ ଚେୟାରମ୍ୟାନ ଦେବୀ ପ୍ରସାଦ ପଟ୍ଟନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ପ୍ରତିଷ୍ଠାତା ରାମକୃଷ୍ଣ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଘରୋଇ କଲେଜ ଅଧ୍ୟକ୍ଷ ଡ.ଅବଦୁଲ କଲାମ, ମୁଖ୍ୟ ବକ୍ତା ଜିଲାପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ ଏବଂ ସମ୍ମାନିତ ଅତିଥିଭାବେ ସ୍କୁଲ ଅଧ୍ୟକ୍ଷା ରଞ୍ଜୁଲତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶିକ୍ଷୟିତ୍ରୀ ତପସ୍ୱିନୀ ବଳିୟାରସିଂହ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶ୍ରୀନିବାସ ରାଉତରାୟ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସଙ୍ଗୀତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥଲା। ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରଧାନ, ଇତିଶ୍ରୀ ରାଉତରାୟ, ମଧୁସ୍ମିତା ମିଶ୍ର, ଜ୍ୟୋତିର୍ମୟୀ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଅନ୍ତର୍ଜାତୀୟ ମହିଳା ଦିବସରେ ଯୋଗ, ପଦଯାତ୍ରା



**ଖୋର୍ଦ୍ଧା,୮।୩(ପ୍ରଭାତ ପାଣିଗ୍ରାହୀ)**

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବ୍ୟାପାର ବିଭାଗ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଯୋଗ ଏବଂ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥି, ଉପଜିଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ସାଧାରଣ ପରିଚାଳକ ଜିଲା ଶିଳ୍ପ କେନ୍ଦ୍ରର ସମୁଚିତା ମଲ୍ଲିକ, ବିଡିଓ ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ବିଭାସ ପାଣିଗ୍ରାହୀ, ଡେପୁଟି କଲେକ୍ଟର ସ୍ୱିଟି ସୋରେନ, ଶିଳ୍ପଉଦ୍ୟୋଗୀ ସୁମୋନା ଗୁହା ରାୟ, ଜିଲା ଯୋଗ ସମିତି ସଭାପତି ସୁଜାତା ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡାଙ୍କ ପରିଚାଳନାରେରେ ଅନୁଷ୍ଠିତ ଯୋଗ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବେଉରା କହିଥିଲେ ଯେ, ଦୈନନ୍ଦିନ ଜୀବନରେ ମହିଳାମାନଙ୍କ ପାଇଁ ଯୋଗର ଆବଶ୍ୟକତା ଅଛି । ଯୋଗ ଶରୀରକୁ ରୋଗ ମୁକ୍ତ କରିବା ସହ ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରାଇଥାଏ। ପ୍ରାୟ ୫୫୦ ମହିଳା ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର, କ୍ରୀଡ଼ାବିତ୍ ଯୋଗଦେଇଥଲେ। ପରେ ଆୟୋଜିତ ପଦଯାତ୍ରାକୁ ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଷ୍ଟାଡିୟମ ପରିସରରେ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ଏସ୍‌ପି ଅଫିସ, ଜିଲାପାଳଙ୍କ କାର୍ଯ୍ୟାଳୟ ଦେଇ ପୁଣି ଇନ୍‌ଡୋର ଷ୍ଟାଡିୟମରେ ପହଞ୍ଚିଥିଲା।

# 'ଗଛଡାଳରେ ବସି କେବେ ସାହିତ୍ୟ ସାଧନା ହୁଏନି'

**ଭୁବନେଶ୍ୱର,୮।୩ (ସୌମ୍ୟରଞ୍ଜନ ରାଉତ):** ଓଡ଼ିଶା ସାହିତ୍ୟ ଏକାଡେମୀ ଓ କୋଣାର୍କ ଓଡ଼ିଶା ପରିବାର ଟ୍ରଷ୍ଟ ଆନୁକୂଲ୍ୟରେ ୧୦ମ ବାର୍ଷିକ ସାହିତ୍ୟ ଉତ୍ସବ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କବି ଫନୀ ମହାନ୍ତି ଯୋଗଦେଇ କହିଲେ, ଗଛଡାଳରେ ବସି ସାହିତ୍ୟ ସାଧନା ହୋଇପାରେନି। କେଉଁ ମୁହୂର୍ତ୍ତରେ ଡାଳ ଭାଙ୍ଗି ସାହିତ୍ୟ ଅସମ୍ପୂର୍ଣ୍ଣ ହୋଇ ରହିଯାଇପାରେ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ସାହିତ୍ୟିକ ଦାଶ ବେନହୁର୍ କହିଲେ, ପାରିବାରିକ ମୂଲ୍ୟବୋଧ, ସମ୍ବେଦନଶୀଳତା ଏବଂ ଭାବପ୍ରବଣତା ଆମ ସାହିତ୍ୟ ଓ ସଂସ୍କୃତିର ବିଶେଷତ୍ୱ। ତାହା ହିଁ ଆମକୁ ଏଯାଏ ସମୃଦ୍ଧ କରିଛି ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଜଳସମ୍ପଦ ବିଭାଗ ନିର୍ଦ୍ଦେଶକ ଅଶୋକ ବେହେରା, ଇଂ. ଯାମିନୀକାନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଖବରଦାତା ନବୀନ ଦାସଙ୍କୁ କୋଣାର୍କ ଓଡ଼ିଶା ସମ୍ମାନ, ଶଙ୍କର ପ୍ରସାଦ ବସୁ ମଲ୍ଲିକଙ୍କୁ କୋଣାର୍କ ଓଡ଼ିଶା ନାଟ୍ୟ ସମ୍ମାନ, ଜଗନ୍ନାଥ ତ୍ରିପାଠୀଙ୍କୁ କୋଣାର୍କ ଓଡ଼ିଶା କଳା ସମ୍ମାନ, ଜାନକୀ ବଲ୍ଲଭ ମହାପାତ୍ରଙ୍କୁ କୋଣାର୍କ ଓଡ଼ିଶା ସାହିତ୍ୟ ସମ୍ମାନ ଓ ନୃସିଂହ ଷଡ଼ଙ୍ଗୀଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ମହିଳାଙ୍କ କର୍ତ୍ତବ୍ୟ, ତ୍ୟାଗ ସର୍ବଦା ବନ୍ଦନୀୟ

**ଜଟଣୀ,୮।୩(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ବ୍ଲକ ଅନ୍ତର୍ଗତ ତିରିମଲ ରାଣୀପୁରସ୍ଥିତ ବାପା ମା'ସେବାଶ୍ରମ ଠାରେ ଅନୁଷ୍ଠାନର ଅଧ୍ୟକ୍ଷା ଜ୍ୟୋତି ମହାରଣାଙ୍କ ସଭାପତିତ୍ୱରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଜଟଣୀ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ସଚ୍ଚିଦାନନ୍ଦ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଜଟଣୀ ପ୍ରେସ୍ କ୍ଲବ୍ ସଭାପତି ରବୀନ୍ଦ୍ର ନାଥ ମହାକୁଡ଼, ଧିରେନ ପ୍ରତିହାରୀ, ବୃନ୍ଦାବନ ସୁବୁଦ୍ଧି, ବିଷ୍ଣୁପ୍ରସାଦ ଦଳେଇ, ଭବାନୀ ଶଙ୍କର ସୁରଜିତ ଏବଂ ସେବାଶ୍ରମର ପ୍ରତିଷ୍ଠାତା ଗୌତମ ମହାରଣା ପ୍ରମୁଖ ଯୋଗଦେଇଥିଲେ। ମହିଳାଙ୍କୁ ଉଚିତ ସମ୍ମାନ ପ୍ରଦାନ କଲେ ସମାଜ ଶୃଙ୍ଖଳିତ ହୋଇ ରହିପାରିବ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁରେଶ ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ଧୀରେନ ଛୋଟରାୟ, ଗିରିଧାରୀ ମାହାନା, ଶ୍ରଦ୍ଧାଞ୍ଜଳି ମହାରଣା, ମୌସୁମୀ ଦାସ, ଜୁଲୁଲି ରାଉତ, ଜ୍ୟୋତିର୍ମୟୀ ସେନା ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଜଟଣୀ ଟ୍ରାଫିକ କଲୋନୀସ୍ଥିତ ଅବସରପ୍ରାପ୍ତ ରେଳୱେ ପେନସନର୍ସ ଆସୋସିଏଶନ ପକ୍ଷରୁ ମହିଳା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ମହିଳାମାନଙ୍କୁ ଗୋଲାପ ଦେଇ ସ୍ୱାଗତ କରାଯାଇଥିଲା। ସେହିପରି ଖୋର୍ଦ୍ଧାରୋଡ୍ ରେଳୱେ ଶ୍ରମିକ କଂଗ୍ରେସ ପକ୍ଷରୁ ସଙ୍ଗଠନର ଶାଖା ସମ୍ପାଦକ ଏଲ୍.ଡି. ମହାନ୍ତିଙ୍କ ନେତୃତ୍ୱରେ ଶାଖାର ମହିଳା କର୍ମକର୍ତ୍ତାମାନଙ୍କ ସହିତ ବିଭିନ୍ନ ବିଭାଗର କାର୍ଯ୍ୟସ୍ଥଳୀରେ ପହଞ୍ଚି ମହିଳା କର୍ମଚାରୀଙ୍କୁ ମିଠା ଖୁଆଇ ଉପହାର ଦେଇ ଉତ୍ସବ ପାଳନ କରିଥିଲେ।

# ଅଭିମନ୍ୟୁଙ୍କ ଭାଷା ଶୈଳୀ ଅସାଧାରଣ, ଅତୁଳନୀୟ

**ଭୁବନେଶ୍ୱର,୮।୩ (ସୌମ୍ୟରଞ୍ଜନ ରାଉତ)**

ଝରଣା ସାହିତ୍ୟ ସଂସଦ ପକ୍ଷରୁ ରବିବାର ବୁଦ୍ଧ ମନ୍ଦିରଠାରେ 'ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ମନୋଜ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଭାଷା ବିଜ୍ଞାନୀ ପଦ୍ମଶ୍ରୀ ଡ.ଦେବୀପ୍ରସନ୍ନ ପଟ୍ଟନାୟକ କହିଲେ, ଅଭିମନ୍ୟୁ ସାମନ୍ତସିଂହାରଙ୍କ ଭାଷା ଶୈଳୀ ଅସାଧାରଣ ଓ ଅତୁଳନୀୟ। ତାଙ୍କ ଅମ୍ଳାନ କୃତିର ତୁଳନା ନାହିଁ ବୋଲି କହିଥିଲେ। ଅନ୍ୟତମ ଅତିଥି ଶିକ୍ଷାବିତ୍ ପ୍ରଫେସର ଡ. ଶରତ ଚନ୍ଦ୍ର ରଥ କହିଲେ, ସାହିତ୍ୟ, ସଙ୍ଗୀତ ଓ ଆଧ୍ୟାତ୍ମିକତାର ତ୍ରିବେଣୀ ତୀର୍ଥ ହେଉଛି ବିଦଗ୍ଧ ଚିନ୍ତାମଣି। ଅନ୍ୟତମ ଅତିଥି ଭାବେ ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆର ଟ୍ରଷ୍ଟି ଡ. ସୌରେନ୍ଦ୍ର କୁମାର ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ଝରଣା ପତ୍ରିକାର ଦୋଳପୂର୍ଣ୍ଣିମା ସଂଖ୍ୟା ଉନ୍ମୋଚିତ ହୋଇଥିଲା। ଭାଷାବିତ୍ ଡ. ଦେବାଶିଷ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବିବିଜି ଜୁନିୟର କ୍ଲବ୍ ଚାମ୍ପିୟନ

**ବୋଲଗଡ଼,୮।୩(ଦେବବ୍ରତ ହୋତା)**




ଅତିଥିଙ୍କଠାରୁ ଚାମ୍ପିୟନ ଟିମ୍‌ର ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

ବୋଲଗଡ଼ ବ୍ଲକ ଗେଡିଆପଲ୍ଲୀ ପଞ୍ଚାୟତ ଶାମୁକାପାଟଣା ଖେଳପଡ଼ିଆରେ ଚାଲିଥିବା ୧୮ତମ ରାଜ୍ୟସ୍ତରୀୟ ମହାବୀର ଆଞ୍ଚଳିକ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ କୁମ୍ଭିଲୋର ବିବିଜି ଜୁନିୟର କ୍ଲବ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ବିବିଜି ଜୁନିୟର କ୍ଲବ ଏବଂ ପାଇକତିଗିରିଆର ଏଜେ ଫୁଟ୍‌ବଲ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୧-୦ ଗୋଲରେ ବିବିଜି ଜୁନିୟର କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ମ୍ୟାଚ କମିଶନର ଦୟାନ ଖାଁଙ୍କ ତତ୍ତ୍ୱାବଧାନରେ ରେଫରି ଚିତ୍ତରଞ୍ଜନ ଖୁଣ୍ଟିଆ ମ୍ୟାଚ୍ ପରିଚାଳନା କରିଥିଲେ। ଶିବ ଦେହୁରି ଏବଂ ଦାଶରଥି ଖୁଣ୍ଟିଆ ଲାଇନ୍ସରେ ସହଯୋଗ କରିଥିଲେ। ଗ୍ରାମ୍ୟ କମିଟି ସଭାପତି ଗଗନ ନାୟକଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ଦାଶରଥି ନାୟକଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥି, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ମୁଖ୍ୟ ବକ୍ତା, ବୋଲଗଡ଼ ଉପାଧ୍ୟକ୍ଷ ରମେଶ ସାହୁ, ସମିତିସଭ୍ୟ ରଞ୍ଜନ ପଣ୍ଡା, ଶିକ୍ଷୟିତ୍ରୀ ରତ୍ନପ୍ରଭା ସାହୁ, ଶିକ୍ଷାବିତ୍ ମଧୁସୂଦନ ସାହୁ, କୃଷକ ନେତା କାହ୍ନୁ ଚରଣ ବେହେରା, ସାମାଜିକ କର୍ମୀ ଭାଗବତ ମହାପାତ୍ର, ଅଜୟ ଜୟସିଂହ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ କପ୍ ସହ ୬ହଜାର ଟଙ୍କା ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ୪ହଜାର ଟଙ୍କା ପ୍ରଦାନ କରିଥିଲେ। ଶେଷରେ ସମ୍ପାଦକ ହେମନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

# ଡବ୍ଲ୍ୟୁ ଏକାଡେମୀ କଡ଼ବ ସେମିରେ

**ବୋଲଗଡ଼,୮।୩(ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକ ରାସୋଳ ଗ୍ରାମର ମା'ବାଉତି ଖେଳପଡ଼ିଆରେ ଚାଲିଥିବା ମା' ମଙ୍ଗଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରବିବାର କଡ଼ବର ଡବ୍ଲ୍ୟୁ ଏକାଡେମୀ ଏବଂ କେରଙ୍ଗର ମା'ମଙ୍ଗଳା କ୍ଲବ୍ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୧-୦ ଗୋଲରେ ଡବ୍ଲୁ ଏକାଡେମୀ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ରେଫରି ଭାବେ ଚିତ୍ତରଞ୍ଜନ ପରିଡା, ଲାଇନ୍ସ ମ୍ୟାନ ଭାବେ ରେଫରି ବୈକୁଣ୍ଠ ମହାପାତ୍ର ଓ ଲକ୍ଷ୍ମୀଧର ଚୌଧୁରୀ ମ୍ୟାଚ ପରିଚାଳନା କରିଥିଲେ। ରବୀନ୍ଦ୍ର କୁମାର ଖଟାଇ ରିଜର୍ଭ ରେଫରି ଭାବେ ଉପସ୍ଥିତ ଥିଲେ। ଶିକ୍ଷକ ଗଙ୍ଗାଧର ବେହେରା, ଗ୍ରାମ ସଭାପତି ପ୍ରଦୀପ ପାଲଟାସିଂହ, ରାମଚନ୍ଦ୍ର ମହଲା ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।


**OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION**
AT-MATIAGARH CHHAKA, PO- K. JASHIPUR, DIST-MAYURBHANJ, ODISHA-757091
Tel:-06797-295030, Email-dfo.similipalnorthwl@odisha.gov.in/ ddsimilipalnorth@gmail.com
OUR SIMILIPAL OUR PRIDE

**TENDER CALL NOTICE**

No.8001/131/2526: No.1102, Date: 06.03.2026

The Deputy Director, Similipal North WL Division, Jashipur on behalf of Governor of Odisha invites Percentage Rate bids to be received in offline mode for Supply and installation of Audio-Visual System for Conference Hall required for different location under Similipal North Wildlife Division, Jashipur.

| | | | |
|---|---|---|---|
| 1 | Nature of Work | :- | Supply and installation of Audio-Visual System for Conference Hall required for different location under Similipal North Wildlife Division,Jashipur |
| 2. | Cost of tender | :- | Rs.6000/- (Six Thousand) only |
| 3. | Time Period assigned for completion | :- | Till 31st March, 2026 |
| 4. | Date & time of availability of tender document | :- | Tender documents for Supply and installation of Audio-Visual System for Conference Hall required for different location under Similipal North Wildlife Division, Jashipur on payment of cost of Tender Document as mentioned above. The tender document cost which is non-refundable, should be deposited in shape of Demand Draft from any Nationalized Bank drawn in favour of the Deputy Director, Similipal North Wildlife Division, Jashipur, Mayurbhanj payable at Jashipur from 09.03.2026 (during office time) to 10.30 AM of 16.03.2026 |
| 5. | Receipt of bid documents | :- | Through Direct Deposit by hand/Registered post/Speed Post/Courier service to the Deputy Director, O/o the Deputy Director, Similipal North (WL) Division, At-Matiagarh Chhaka, P.O.-K.Jashipur, Dist-Mayurbhanj, Pin-757091 on or before 16.03.2026 by 11.00 AM. |
| 6. | Date & time of opening of technical bid | :- | Dt.16.03.2026 at 11.30 AM hours onwards |
| 7. | Receipt of bid Cost, bid security, documents | :- | Earnest Money Deposit (EMD) of Rs.50000/- (Rupees Fifty Thousand) Only shall be submitted alongwith Tender, EMD will be in the form of demand draft in favour of Deputy Director, Similipal North (WL) Division, Jashipur payable at Jashipur. The EMD will be refunded to the unsuccessful bidder. The EMD for the successful bidder will be released only after completion of the tender period. |
| 8. | The undersigned reserves the right to accept/reject any or all Tender without assigning any reason thereof. | | |
| 9. | Also view the tender notice and document in official webpage of Similipal Tiger Reserve (https://similipal.org/tender.php) | | |

OIPR-8001/8133/1/25-26/0015 Sd./-Deputy Director, Similipal (North) WL Division, Jashipur



**ପଞ୍ଚାୟତ ସମିତି, ଗୁମ୍ମା**
**OFFICE OF THE PANCHAYAT SAMITI, GUMMA, GAJAPATI**
E-Mail: ori-gumma@nic.in/bdogumma2020@gmail.com
Tel.06815-282620

No.738 Date:05.03.2026

**CORRIGENDUM**

No.19001/71/2526
Para No.12 of DTCN's published vide Tender Call Notice No.651 Dated 21.02.2026 is modified and may be read as per Annexure-1.

Sd./-
Block Development Officer,
Gumma, Gajapati

OIPR-19001/19347/1/25-26/0002



**OFFICE OF THE MUNICIPAL COUNCIL, TALCHER**
DIST- ANGUL, PIN- 759107
Phone No.(06760) 240259, E-Mail ID: e.o.talcher@gmail.com
No.930/ Dt.06.03.2026

**CORRIGENDUM**

Tender Notice No.813, Dt.23.02.2026
Tender Reference No.TCRM-14/2025-26
Tender Identification No.2026_ORULB_126211

**No.13001/521/2526:** As per tender identification No.2026_ORULB_126211 Sl.No.1 to 14 is hereby cancelled due to unavoidable circumstances.

Sd./- Executive Officer
Talcher Municipality

OIPR-13001/13077/1/25-26/0018



Government of Odisha
Forest, Environment and Climate Change Department, Odisha
ବାଲେଶ୍ୱର ବନ୍ୟଜୀବ ବନଖଣ୍ଡ, ବାଲେଶ୍ୱର
**OFFICE OF THE DIVISIONAL FOREST OFFICER BALASORE WILDLIFE DIVISION**
At/PO : KURUDA, Dist. : BALASORE, PIN - 756056, ODISHA
Control Room No. : 94376-91870, e-mail : dfo.balasorewl@odisha.gov.in
**Bid Identification No. DFO, BWD 05/2025-26, Dated. 2nd March, 2026**

**TENDER CALL NOTICE**

**No.8001/129/2526** : The Divisional Forest Officer, Balasore Wildlife Division invites sealed Quotation to be received only in **"OFF LINE"** mode in **Double Cover System** from eligible Firms/Vendors/Suppliers as mentioned below

| | | |
|---|---|---|
| **Nature of the Work** | Procurement of **Binocular (Nikon Monarch M7 10x42)/ White Flash Trap Camera/Mirror less camera with zoom lens with standard accessories** as in Annexure-I of Tender Document. | |
| Estimated Cost | Depending upon funds availability | |
| Tender Paper Cost | Rs.1,000/- (One Thousand) only | |
| EMD | Earnest Money Deposit (EMD) of Rs.10,000/- (Rupees Ten Thousand) only (Refundable) | |
| Date & Time of availability of the bid document | 05.03.2026 to 12.03.2026 (11.00 A.M.) | |
| Bid Documents & other details can be obtained/ downloaded from | Website | **https://balasore.odisha.gov.in https://odishaforest.in/** |
| | Office | Can be obtained from the O/o the Divisional Forest Officer, Balasore Wildlife Division, Balasore |
| Last date & Time for receipt of bids | Up to 01.00 P.M. of 12.03.2026 | |
| Date & Time of Bid opening | 03.00 P.M. of 12.03.2026 | |
| Note : The undersigned reserves all the rights to accept or reject any or all tenders without assigning any reason thereof. | | |

Sd./- Divisional Forest Officer
Balasore Wildlife Division, Balasore

OIPR-8001/8036/1/25-26/0003



**ODISHA SPACE APPLICATIONS CENTRE (ORSAC)**
Dept. of Science & Technology, Govt. of Odisha
Bhubaneswar-751 023

No.28001/5/2526 Tender Notice No. 01/2026

**Empanelment of Eligible Firms to undertake DGPS & ETS Geospatial Survey in Odisha**

Odisha Space Applications Centre (ORSAC) invites sealed Application from reputed, established and reliable Firms for Empanelment to undertake DGPS/ ETS Geo-Spatial Survey in Odisha.
ORSAC reserves the right to accept/reject/ modify & cancel the full tender or part thereof at any time without assigning any reason thereof.
For details, please visit Website odisha.gov.in. & ORSAC Website orsac.odisha.gov.in or ORSAC office.

OIPR-28001/28007/1/25-26/0002 CHIEF EXECUTIVE



**GOVERNMENT OF ODISHA** No.25001/307/2526
**OFFICE OF THE EXECUTIVE ENGINEER RURAL WORKS DIVISION-II, SUNDARGARH**
E-Mail : rw_rourkela@yahoo.co.in

**TENDER CALL NOTICE**
**BID IDENTIFICATION NO. ONLINE-EERKL-32 of 2025-26**

1. Name of the work : Road and Bridges Works, 2. Total No. of works : 03 (Three) Nos, 3. Estimated Cost : Rs.7.19 Lakhs to 25.42 Lakhs, 4. Class of Contractor : "D" & "C" & "B" Class, 5. Period of Completion : 01 (One) Calendar Month, 6. Type of Tender : Single Cover, 7. Other details :

| Procurement Officer | Bid Identification No. | Availability of Tender on-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Executive Engineer, Rural Works Division-II, Sundargarh** | **Online - EERKL-32 of 2025-26** | **06.03.2026 from 10.00 A.M.** | **11.03.2026 upto 3.00 P.M.** |

Further details can be seen from the website www.tendersodisha.gov.in

Sd./- Executive Engineer
RW Division-II, Sundargarh

OIPR-25001/25193/1/25-26/0034



**MAA MANIKESHWARI UNIVERSITY**
ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ
माँ माणिकेश्वरी विश्वविद्यालय
(Erstwhile : Kalahandi University)
Manikya Vihar,Bhawanipatna,Kalahandi,Odisha
Website-kalahandiuniversity.ac.in
No.648/MMU, Dt.05.03.2026

**NOTICE**

**Corrigendum to Recruitment Notice No.526/MMU,Dtd.21.02.2026**

No.11001/50/2526: It is for information of all concerned that the following correction has been made in the Recruitment Notice of this University.
1. The UGC Notification dated should be read as 18th July, 2018 instead of 4th July, 2018.
2. The commencement of online application form will be notified soon in the University website.
Beside above, all other terms and conditions of the Recruitment Notice shall remain unchanged. The concerned candidates are advised to visit the website of the University at www.kalahandiuniversity.ac.in for any further information.

OIPR-11001/11182/1/25-26/0002 Sd./- REGISTRAR

**ଲେବାନନ୍‌ରେ ଆକ୍ରମଣ ମୃତ୍ୟୁସଂଖ୍ୟା ୩୯୪**

ଇସ୍ରାଏଲ୍ ଆକ୍ରମଣରେ ଲେବାନନ୍‌ରେ ରବିବାର ସୁଦ୍ଧା ମୃତ୍ୟୁସଂଖ୍ୟା ୩୯୪ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରେ ୮୩ ଜଣ ପିଲା ଅଛନ୍ତି। ଇରାନ ସମର୍ଥିତ ହେଜ୍‌ବୋଲ୍ଲା ଆତଙ୍କବାଦୀ ସଂଗଠନ ଉତ୍ତର ଇସ୍ରାଏଲ୍ ଉପରେ ରକେଟ ମାଡ଼ କରିବାରୁ ଇସ୍ରାଏଲ୍ ସପ୍ତାହେ ହେଲା ଲେବାନନ୍‌ରେ ଆକ୍ରମଣ ଜାରି ରଖିଛି।





କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର କେରଳମ୍‌ର ଇଡୁକ୍କିସ୍ଥିତ ମାରିଅନ୍ କଲେଜ ଛାତ୍ରୀଙ୍କ ସହ ଭୋଜନ କରି ଅନ୍ତର୍ଜାତୀୟ ମହିଳା ଦିବସ ପାଳୁଛନ୍ତି।

# ଆଜିଠୁ ୨ୟ ପର୍ଯ୍ୟାୟ ବଜେଟ ଅଧିବେଶନ

**ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ, ଇରାନ ଯୁଦ୍ଧକୁ ନେଇ ହେବ ବିତର୍କ**

ନୂଆଦିଲ୍ଲୀ,୮।୩(ପି.ଟି.)

ପାର୍ଲାମେଣ୍ଟ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ସୋମବାର ଆରମ୍ଭ ହେବାକୁ ଥିବାବେଳେ ପ୍ରଥମ ଦିନରୁ ଉଭୟ ଗୃହରେ ଝଡ଼ ସୃଷ୍ଟି ହେବା ନେଇ ଚର୍ଚ୍ଚା ହେଉଛି। ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ବହିଷ୍କାର କରିବା ପାଇଁ ବିରୋଧୀ ଆଣିଥିବା ପ୍ରସ୍ତାବ ଉପରେ ସୋମବାର ନିମ୍ନ ସଦନରେ ଆଲୋଚନା ହେବାକୁ ସ୍ଥିର ହୋଇଛି। ଏଥିସହିତ ପଶ୍ଚିମ ଏସିଆ ଯୁଦ୍ଧକୁ ବିତର୍କରେ ପ୍ରାଥମିକତା ଦିଆଯାଇପାରେ। କାରଣ ଇରାନ ପ୍ରତି କେନ୍ଦ୍ରର ଆଭିମୁଖ୍ୟକୁ ନେଇ ବିରୋଧୀ ସରକାରଙ୍କୁ ସମାଲୋଚନା କରିଆସୁଛନ୍ତି। ଏଥିସହିତ ରୁଷିଆରୁ ତୈଳ କିଣିବା ପାଇଁ ଆମେରିକା ଅନୁମତି ଦେବା ପ୍ରସଙ୍ଗ ମଧ୍ୟ ଆଲୋଚନାରେ ସ୍ଥାନ ପାଇବ ବୋଲି କୁହାଯାଉଛି। ପଶ୍ଚିମ ଏସିଆରେ ଉତ୍ତେଜନା ବୃଦ୍ଧିରୁ ଅଶୋଧିତ ତୈଳ ଯୋଗାଣରେ ପ୍ରତିବନ୍ଧକ ଆଦି ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇବ। ଏଥିସହିତ ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପରେ ପ୍ରକାଶ ପାଇଥିବା ଚୂଡ଼ାନ୍ତ ତାଲିକାରେ ପ୍ରାୟ ୬୦ ଲକ୍ଷ ଭୋଟରଙ୍କ ନାମ ନ ଥିବାରୁ ଏହାକୁ ନେଇ ମଧ୍ୟ ପାର୍ଲାମେଣ୍ଟରେ ସରଗରମ ଆଲୋଚନା ହୋଇପାରେ। ସେହିପରି ପଶ୍ଚିମବଙ୍ଗରେ ଶନିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ ବେଳେ ପ୍ରୋଟୋକଲ୍‌ର ଉଲ୍ଲଂଘନ ପ୍ରସଙ୍ଗ ଭାଜପା ଉଠାଇପାରେ।

# ନେପାଳ ନିର୍ବାଚନରେ ଆର୍‌ଏସ୍‌ପି ବିଜୟୀ

କାଠମାଣ୍ଡୁ,୮।୩

ରାପରରୁ ରାଜନେତା ବଳେନ୍ଦ୍ର ଶାହଙ୍କ ନେତୃତ୍ୱରେ ନବଗଠିତ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆର୍‌ଏସ୍‌ପି) ନେପାଳ ସାଧାରଣ ନିର୍ବାଚନରେ ବଡ଼ ବିଜୟ ହାସଲ କରିଛି। ୧୬୫ ଆସନରୁ ଆର୍‌ଏସ୍‌ପି ୧୧୭ରେ ବିଜୟୀ ହୋଇଥିବାବେଳେ ଅନ୍ୟ ୮ଟିରେ ଆଗରେ ରହିଥିବା ନିର୍ବାଚନ କମିଶନଙ୍କ ତଥ୍ୟରୁ ଜଣାପଡ଼ିଛି। ରବିବାର ଅପରାହ୍ନ ସୁଦ୍ଧା ୧୫୨ ଆସନର ଫଳାଫଳ ଘୋଷଣା କରଯାଇଛି। ୧୭ ଆସନରେ ଜିତି ନେପାଳୀ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ଥିବାବେଳେ ବହିଷ୍କୃତ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ (ୟୁନିଫାଏଡ୍ ମାର୍କ୍ସିଷ୍ଟ-ଲେନିନିଷ୍ଟ) ୭ ଆସନରେ ଜିତିବା ସହ ଅନ୍ୟ ୩ଟିରେ ଆଗରେ ରହିଛି। ନେପାଳ କମ୍ୟୁନିଷ୍ଟ ପାର୍ଟି ୭ ଏବଂ ଶ୍ରମ ସଂସ୍କୃତି ପାର୍ଟି ୨ ଆସନ ଜିତିଥିବାବେଳେ ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟି ଗୋଟିଏ ଆସନରେ ବିଜୟୀ ହୋଇଛି।

# ଅନୀଲ ଅମ୍ବାନୀଙ୍କ ବିରୋଧରେ ପୁଣି ମାମଲା

**୧୦୮୫ କୋଟିର ଠକେଇ**

ନୂଆଦିଲ୍ଲୀ,୮।୩

ରିଲାଏନ୍ସ ଗ୍ରୁପ୍ ମୁଖ୍ୟ ଅନୀଲ ଅମ୍ବାନୀଙ୍କ ସମସ୍ୟା କମିବାର ନାଁ ଧରୁ ନାହିଁ। ପୂର୍ବରୁ ଅର୍ଥ ହେରଫେର୍‌କୁ ନେଇ ତାଙ୍କ ବିରୋଧରେ ବହୁ ମାମଲା ରୁଜୁ ହେବା ସହିତ ଅନେକ ହଜାର କୋଟି ଟଙ୍କାର ସମ୍ପତ୍ତି ଜବତ ହୋଇସାରିଛି। ରବିବାର ସିବିଆଇ ଅନୀଲଙ୍କ ବିରୋଧରେ ବ୍ୟାଙ୍କ ଋଣ ଠକେଇ ଅଭିଯୋଗରେ ପୁଣି ଏକ ମାମଲା ରୁଜୁ କରିଛି। ଅନୀଲ ଏବଂ ତାଙ୍କ କମ୍ପାନୀର ବହୁ ଅଧିକାରୀ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରୁ ୨୦୧୩ରୁ ୨୦୧୭ ମଧ୍ୟରେ ୧୦୮୫ କୋଟି ଟଙ୍କାର ଋଣ ଉଠାଇ ପରିଶୋଧ କରି ନ ଥିଲାବେଳେ ପିଏନ୍‌ବି ମୁଖ୍ୟଙ୍କ ଅଭିଯୋଗକ୍ରମେ ସିବିଆଇ ମାମଲା ରୁଜୁ କରିଛି।

# ମୁସଲମାନ ମହିଳାଙ୍କୁ ପିଟି ହତ୍ୟା

ପାଟନା,୮।୩

ବିହାରର ମଧୁବନି ଜିଲାରେ ପବିତ୍ର ରମଜାନ ମାସରେ ଉପବାସ ରଖିଥିବା ଜଣେ ମୁସଲମାନ ମହିଳାଙ୍କୁ ଖୁଣ୍ଟରେ ବାନ୍ଧି ନିର୍ଘାତ ମାଡ଼ ମାରିବା ସହ ଜବରଦସ୍ତ ପରିସ୍ରା ପିଆଇଦିଆଯାଇଥିଲା। ଗାଁ ମୁଖିଆଙ୍କ ପୁଅ ନେତୃତ୍ୱରେ ହୋଇଥିବା ଆକ୍ରମଣରେ ଗୁରୁତର ମହିଳାଙ୍କର ମୃତ୍ୟୁ ଘଟିଛି। ମୃତକ ଘୋଘାରଡିହା ଅନ୍ତର୍ଗତ ଅମହି ଗ୍ରାମର ରୋଶନ ଖାତୁନ୍ ବୋଲି ଜଣାପଡ଼ିଛି। ପୋଲିସ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ଗତ ୨୮ ତାରିଖରେ ଖାତୁନ୍ ଏକ ବିବାଦର ସମାଧାନ ପାଇଁ ଗାଁ ମୁଖିଆ କୁମାରୀ ଦେବୀଙ୍କୁ ଭେଟିବାକୁ ଯାଇଥିଲେ। ମୁଖିଆଙ୍କ ପୁଅ ମନୁ ସିଂ ସହ ଅନ୍ୟମାନେ ତାଙ୍କୁ ମାଡ଼ମାରି ଗୁରୁତର କରିଥିଲେ। ପାଟନା ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ସ୍କୁଲ୍‌ପିଲାଙ୍କ ବିମାନଯାତ୍ରା ସ୍ୱପ୍ନ ପୂରଣ କଲେ ପ୍ରିନ୍ସିପାଲ

ଚେନ୍ନାଇ,୮।୩

ତାମିଲନାଡୁର ଏକ ସରକାରୀ ସ୍କୁଲ ପିଲାଙ୍କ ବିମାନରେ ଉଡ଼ିବା ସ୍ୱପ୍ନକୁ ପ୍ରିନ୍ସିପାଲ ପୂରଣ କରି ହୃଦୟ ଜିତିଛନ୍ତି। ଟେନ୍‌କାସି ଜିଲା କୋଣ୍ଡାନୁର ଗ୍ରାମର ସରକାରୀ ସ୍କୁଲ୍‌ର ପ୍ରିନ୍ସିପାଲ ମିଚାଏଲ୍ ରାଜ୍ ତାଙ୍କ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସ୍ୱତନ୍ତ୍ର ବିମାନଯାତ୍ରାର ଆୟୋଜନ କରିଥିଲେ, ଯାହାକି ସେମାନଙ୍କ ପାଇଁ ପ୍ରଥମ ବିମାନଯାତ୍ରା ଥିଲା। ରାଜ୍ ରାଇଟ୍ ବ୍ରଦର୍ସଙ୍କ ବିଷୟ ପଢ଼ାଉଥିଲାବେଳେ ପିଲାମାନଙ୍କୁ ସେମାନଙ୍କ ସ୍ୱପ୍ନ ସମ୍ପର୍କରେ ପଚାରିଥିଲେ। ବିମାନରେ ଉଡ଼ିବାକୁ ଚାହାନ୍ତି ବୋଲି ସେମାନେ କହିଥିଲେ। ଏହା ଜାଣିବା ପରେ ୨୦ ପିଲା ଓ ୮ ଶିକ୍ଷକଙ୍କ ପାଇଁ ମଦୁରାଇରୁ ଚେନ୍ନାଇ ଯିବା ଲାଗି ଇଣ୍ଡିଗୋ ଟିକେଟ ବୁକ୍ କରିଥିଲେ। ଯିଏ ୨୦ ଯାଏ ପଣିକିଆ ଆବୃତ୍ତି କରିପାରିବେ ତାଙ୍କୁ ଟିକେଟ ମିଳିବ ବୋଲି ପ୍ରିନ୍ସିପାଲ କହିଥିଲେ। ପ୍ରତିଯୋଗିତାରୁ ୨୦ ପିଲାଙ୍କୁ ଚୟନ କରାଯାଇ ସେମାନଙ୍କୁ ବିମାନଯାତ୍ରାରେ ନିଆଯାଇଥିଲା।

# ଇରାନ୍ ତୈଳ ଡିପୋକୁ ଟାର୍ଗେଟ

ତେହରାନ୍,୮।୩

ଆମେରିକା ଏବଂ ଇସ୍ରାଏଲ ଇରାନ ଉପରେ ଆକ୍ରମଣକୁ ପୁଣି ଜୋର୍‌ଦାର କରିଛନ୍ତି। ରବିବାର ସକାଳେ ତେହରାନ୍ ଏବଂ ଏହାର ଆଖପାଖ ଅଞ୍ଚଳରେ ରହିଥିବା ବହୁ ଗୁରୁତ୍ୱପୂର୍ଣ୍ଣ ତୈଳ ଡିପୋ ଉପରେ ଇସ୍ରାଏଲ ପକ୍ଷରୁ ବୋମାମାଡ଼ କରାଯାଇଛି। ଫଳରେ ଏକାଧିକ ତୈଳ ଡିପୋରେ ନିଆଁ ଲାଗିଯାଇ ସେଗୁଡିକ ଜଳୁଥିବା ବେଳେ ତେହରାନ୍ ଆକାଶ ନିଆଁ ପିଣ୍ଡୁଳାରେ ପରିଣତ ହୋଇଛି। ତୈଳ ଡିପୋଗୁଡିକରେ ନିଆଁ ଲିଭାଇବାକୁ ଉଦ୍ୟମ ଚାଲୁ ରହିଥିଲେ ହେଁ ଏବେ ବି ଅନେକ ଡିପୋରେ ନିଆଁ ଆୟତ୍ତ ହୋଇପାରି ନଥିବା କୁହାଯାଇଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ଇରାନକୁ ଚେତାବନୀ ଦେଇ ଆକ୍ରମଣ ଜୋର୍‌ଦାର କରିବାକୁ କହିଥିଲେ। ଉପସାଗରୀୟ ଅଞ୍ଚଳର ବିଭିନ୍ନ ଦେଶରେ ରହିଥିବା ଆମେରିକୀୟ ସାମରିକ ପ୍ରତିଷ୍ଠାନ ଉପରେ ଇରାନ ଆକ୍ରମଣ ଜାରି ରଖିଥିବାରୁ ଇରାନକୁ ଉଚିତ ଶିକ୍ଷା ଦେବାକୁ ଟ୍ରମ୍ପ ଚେତାବନୀ ଜାରି କରିବା ସହ ଏହାକୁ ନର୍କରେ ପରିଣତ କରିବାକୁ କହିଥିଲେ। ଏହି କ୍ରମରେ ରବିବାର ସକାଳୁ ଇସ୍ରାଏଲ ଏବଂ ଆମେରିକା ପକ୍ଷରୁ ତେହରାନ ସମେତ ଏହାର ଆଖପାଖ ଅଞ୍ଚଳରେ ଆକ୍ରମଣ ଜୋର୍‌ଦାର କରାଯାଇଛି। ଏହି ଘଟଣାରେ ୨ ଜଣ ଟ୍ୟାଙ୍କର ଡ୍ରାଇଭରଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ହୋଇଛି। ତେହରାନ୍ ଆକାଶରେ ନିଆଁ ପିଣ୍ଡୁଳା ଭର୍ତ୍ତି ହୋଇଯାଇଥିବା ବେଳେ ପ୍ରବଳ ଧୂଆଁ ସାରା ସହରକୁ ଆଚ୍ଛାଦିତ କରିଦେଇଛି। ବହୁ ପେଟ୍ରୋଲିୟମ ଡିପୋ ଏବଂ ପରିବହନ କେନ୍ଦ୍ରଗୁଡିକରେ ନିଆଁ ଲାଗିଯାଇଥିବାରୁ ପେଟ୍ରୋଲିୟମ ଯୋଗାଣ ବନ୍ଦ ହୋଇଯାଇଛି।



ଆମେରିକା-ଇସ୍ରାଏଲ୍‌ର ମିଳିତ ଆକ୍ରମଣରେ ତେହରାନ୍‌ସ୍ଥିତ ଶାହରନ୍ ତୈଳ ବିଶୋଧନାଗାର ଜଳିଯାଉଛି।

## ଇରାନକୁ ନର୍କରେ ପରିଣତ କରିବୁ

**ଆମେରିକା- ଇସ୍ରାଏଲର ପଣ**

ୱାଶିଂଟନ୍ ,୮।୩

ଇରାନ-ଆମେରିକା ଯୁଦ୍ଧ ୯ମ ଦିନରେ ପହଞ୍ଚିବା ସହ ଇରାନରେ ଧ୍ୱଂସର ବିଭୀଷିକା ଜାରି ରହିଛି। ଆମେରିକା ଏବଂ ଇସ୍ରାଏଲ ଇରାନ ଉପରେ ଆକ୍ରମଣକୁ ପୁଣି ଜୋର୍‌ଦାର କରିଛନ୍ତି। ସେପଟେ ଇରାନ ମଧ୍ୟ ଇସ୍ରାଏଲ ସମେତ ଆମେରିକାର ବିଭିନ୍ନ ଠିକଣା ଉପରେ ଆକ୍ରମଣ ଜାରି ରଖିଛି। ଏହାମଧ୍ୟରେ ଇରାନ ସରକାର ନୂଆ ନେତା ବାଛିବା ପ୍ରକ୍ରିୟା ରବିବାର ଶେଷ କରିଥିବା ଘୋଷଣା କରିଛନ୍ତି। କେବଳ ନାମ ଘୋଷଣା ବାକି ରହିଛି। ଇରାନ ନୂଆ ନେତା ବାଛିଲେ ମଧ୍ୟ କୌଣସି ସ୍ଥିତିରେ ବୁଝାମଣା ସମ୍ଭବ ନୁହେଁ। ବରଂ ଇରାନକୁ ଆମେ ନର୍କରେ ପରିଣତ କରିବାକୁ ସଙ୍କଳ୍ପବଦ୍ଧ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ବିଶେଷକରି ଇରାନର ମୃତ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ପୁତ୍ର ମୋଜ୍‌ତାବା ହୋସେନି ଖାମେନେଇଙ୍କୁ ନୂଆ ନେତା ଭାବେ ବଛାଯାଇଥିବା ସୁରାକ ପାଇବା ପରେ ଟ୍ରମ୍ପ ଆହୁରି କ୍ଷୁବ୍ଧ ହୋଇଛନ୍ତି। କାରଣ ଆୟାତୋଲ୍ଲା ଖାମେନେଇଙ୍କ ପରିବାରର କୌଣସି ସଦସ୍ୟଙ୍କୁ ଇରାନର ନେତା କରାଇ ଦେବାକୁ ଟ୍ରମ୍ପ ଚାହୁଁ ନାହାନ୍ତି। ସେପଟେ ଇସ୍ରାଏଲ ମଧ୍ୟ ନୂଆ ନେତାଙ୍କୁ ନେଇ ଇରାନକୁ ଧମକ ଦେଇଛି। ଇରାନ ଯାହାଙ୍କୁ ବି ନୂଆ ନେତା ଭାବେ ଚୟନ କରୁନା କାହିଁକି, ତାଙ୍କୁ ହତ୍ୟା କରାଯିବ ବୋଲି ଇସ୍ରାଏଲ ସେନା ଧମକ ଦେଇଛି।

## ମୋଜ୍‌ତାବା ଖାମେନେଇ ନେଇପାରନ୍ତି ନେତୃତ୍ୱ



ତେହରାନ୍ ,୮।୩

ଫେବୃଆରୀ ୨୮ରେ ଇରାନ ଉପରେ ଇସ୍ରାଏଲ-ଆମେରିକାର ମିଳିତ ଆକ୍ରମଣ ପରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ମୃତ୍ୟୁ ହୋଇଥିଲା। ଏହାମଧ୍ୟରେ ଇରାନ-ଆମେରିକା ଯୁଦ୍ଧକୁ ୯ ଦିନ ପୂରିଥିଲାବେଳେ ନୂଆ ନେତା ବାଛିବାକୁ ଇରାନ ସରକାର ଚୟନ ପ୍ରକ୍ରିୟା ଶେଷ କରିଛନ୍ତି। ଖୁବଶୀଘ୍ର ନୂଆ ନେତାଙ୍କ ନାମ ଘୋଷଣା କରାଯିବ ବୋଲି ଇରାନ ସଂସଦର ବରିଷ୍ଠ ସଦସ୍ୟ ଆୟାତୋଲ୍ଲା ମୋହଶିନ୍ ହାଇଦେରି କହିଛନ୍ତି। ଶତ୍ରୁପକ୍ଷକୁ ଠିକଣା ଜବାବ ଦେବା ଲାଗି ଆମେ ଉପଯୁକ୍ତ ନେତାଙ୍କୁ ବାଛିସାରିଛୁ ବୋଲି ସେ କହିଛନ୍ତି। ମୋଜ୍‌ତାବା ଖାମେନେଇଙ୍କୁ ସୁପ୍ରିମ୍ ଲିଡର ବଛାଯାଇଥିବାବେଳେ କେବଳ ଔପଚାରିକ ଘୋଷଣା ବାକି ରହିଛି।

# ଅଲ୍-ଫଲାହ ୟୁନିଭର୍ସିଟି ଅଧ୍ୟକ୍ଷଙ୍କୁ ଜାମିନ

**ହାଇକୋର୍ଟରେ ଚ୍ୟାଲେଞ୍ଜ କରିବ ଇଡି**

ନୂଆଦିଲ୍ଲୀ,୮।୩(ପି.ଟି.)

ମନିଲଣ୍ଡରିଂ ମାମଲାରେ ଅଭିଯୁକ୍ତ ଅଲ୍-ଫଲାହ ୟୁନିଭର୍ସିଟିର ଗ୍ରୁପ୍ ଅଧ୍ୟକ୍ଷ ଜାୱେଦ ସିଦ୍ଦିକିଙ୍କୁ ଦିଲ୍ଲୀର ଏକ ଅଦାଲତ ୨ ସପ୍ତାହ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଓଭାରି କ୍ୟାନ୍‌ସର ଚତୁର୍ଥ ପର୍ଯ୍ୟାୟରେ ପୀଡ଼ିତ ସ୍ତ୍ରୀଙ୍କ ଯତ୍ନ ନେବା ପାଇଁ ତାଙ୍କୁ ଜାମିନ ପ୍ରଦାନ କରାଯାଇଛି। ଅଦାଲତଙ୍କ ଅନ୍ତରୀଣ ଜାମିନ ଅନୁମତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବ ବୋଲି କହିଛି। ମାମଲାର ତଦନ୍ତ ଜାରି ରହିଥିବାରୁ ସିଦ୍ଦିକି ଜାମିନରେ



ଜାୱେଦ ସିଦ୍ଦିକି

ବାହାରିଲେ ତଦନ୍ତକୁ ପ୍ରଭାବିତ କରିପାରନ୍ତି ବୋଲି ଇଡିର ଜଣେ ଅଧିକାରୀ କହିଛନ୍ତି। ଗତବର୍ଷ ନଭେମ୍ବର ୧୦ରେ ଲାଲ୍‌କିଲ୍ଲା ନିକଟରେ ଆତ୍ମଘାତୀ ବିସ୍ଫୋରଣ ଘଟଣାରେ ସମ୍ପୃକ୍ତ ହ୍ୱାଇଟ୍ କଲାର ଆତଙ୍କବାଦ ସହ ଅଲ୍-ଫଲାହ ୟୁନିଭର୍ସିଟିର ସମ୍ପୃକ୍ତି ରହିଥିଲା। ଏହାର ଅଧ୍ୟକ୍ଷଙ୍କ ବିରୋଧରେ ୟୁଏପିଏରେ ମଧ୍ୟ ଏତଲା ଦାଏର ହୋଇଥିଲା। ବିଶ୍ୱବିଦ୍ୟାଳୟରୁ ସଂଗୃହୀତ ଦେୟକୁ ବେଆଇନ ଭାବେ ଅନ୍ୟତ୍ର ବିନିଯୋଗ କରୁଥିବା ନେଇ ସିଦ୍ଦିକୀଙ୍କ ନାମରେ ଇଡି ମନିଲଣ୍ଡରିଂ ମାମଲା ରୁଜୁ କରିବା ସହ ନଭେମ୍ବର ମାସରେ ଗିରଫ କରି ଜେଲ ପଠାଇଥିଲା। ଅତିରିକ୍ତ ଦୌରାଜଜ୍ ସୀତଲ ଚୌଧୁରୀ ପ୍ରଧାନ ତାଙ୍କୁ ଅନ୍ତରୀଣ ଜାମିନ ମଞ୍ଜୁର କରିଛନ୍ତି।

# ଜେଡିୟୁରେ ନୀତୀଶଙ୍କ ପୁଅ

ପାଟନା,୮।୩

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପୁଅ ନିଶାନ୍ତ କୁମାର ରବିବାର ପାଟନାସ୍ଥିତ ଦଳୀୟ ମୁଖ୍ୟାଳୟରେ ଆନୁଷ୍ଠାନିକ ଭାବେ ସଂଯୁକ୍ତ ଜନତା ଦଳ (ଜେଡିୟୁ)ରେ ସାମିଲ ହୋଇଛନ୍ତି। ସାର୍ବଜନିକ ଜୀବନଠାରୁ ଦୂରେଇ ରହିଥିବା ନିଶାନ୍ତ ବିହାର ରାଜନୀତିରେ ପ୍ରବେଶ କରିଛନ୍ତି। ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ କରିଥିବା ନିଶାନ୍ତ ଜେଡିୟୁ ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୟ ଝା'ଙ୍କଠାରୁ ଦଳୀୟ ସଭ୍ୟପଦ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ



ନିଶାନ୍ତ କୁମାର

କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂ, ବିହାର ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ଚୌଧରୀଙ୍କ ସମେତ ବରିଷ୍ଠ ନେତା ଉପସ୍ଥିତ ଥିଲେ।

# ସ୍ୱେରେଜ୍‌ରେ ପଶିଲା ତେଲ

ତେହରାନ୍ ,୮।୩

ତେହରାନ୍ ଏବଂ ଏହାର ଆଖପାଖ ଅଞ୍ଚଳର ପ୍ରମୁଖ ପେଟ୍ରୋଲିୟମ ଡିପୋ ଉପରେ ରବିବାର ହୋଇଥିବା ଆକ୍ରମଣ ଯୋଗୁ ଭୟଙ୍କର ପରିସ୍ଥିତି ଉପୁଜିଛି। ଗୋଟିଏ ପଟେ ନିଆଁ ଲାଗି ତୈଳ ଡିପୋଗୁଡିକରେ ସ୍ଥିତି ଗମ୍ଭୀର ହୋଇପଡ଼ିଥିଲାବେଳେ କ୍ଷତିଗ୍ରସ୍ତ ଡିପୋରୁ ତେଲ ନିର୍ଗତ ହୋଇ ପାନୀୟ ଜଳ ଏବଂ ସ୍ୱେରେଜ୍‌ରେ ମିଶିଥିବା କୁହାଯାଇଛି। ଏହାକୁ ନେଇ ତେହରାନ୍ ସହରରେ ପାନୀୟଜଳ ସଙ୍କଟ ଉତ୍କଟ ହେବା ସହ ଡ୍ରେନେଜ୍ ବ୍ୟବସ୍ଥା ବାଧାପ୍ରାପ୍ତ ହେବା ଆଶଙ୍କା ଦେଖାଯାଇଛି।

# ନୂଆଦିଲ୍ଲୀରେ ୨ ମେଟ୍ରୋ କରିଡର ଉଦ୍‌ଘାଟିତ

ନୂଆଦିଲ୍ଲୀ,୮।୩(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦେଶର ପ୍ରଥମ ରିଙ୍ଗ୍ ମେଟ୍ରୋ ସମେତ ନୂଆଦିଲ୍ଲୀରେ ୨ ମେଟ୍ରୋ କରିଡରର ଉଦ୍‌ଘାଟନ କରିଛନ୍ତି। ଏଥିସହିତ ଆଉ ୩ଟି ମେଟ୍ରୋ ଲାଇନ୍ ପାଇଁ ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି, ଯାହା ଜାତୀୟ ରାଜଧାନୀର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ସିଧାସଳଖ ଯୋଡ଼ିବ। ଏଥିସହିତ କେନ୍ଦ୍ର ସରକାରଙ୍କ ଜେନେରାଲ ପୁଲ୍ ରେସିଡେନ୍ସିଆଲ୍ ଆକୋମୋଡେଶନ (ଜିପିଆର୍‌ଏ) ପୁନର୍ବିକାଶ ଯୋଜନାରେ ୧୫,୨୦୦ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ସମସ୍ତ ପ୍ରକଳ୍ପର ମୋଟ ବ୍ୟୟ ୩୩,୫୦୦ କୋଟି ଟଙ୍କା। ୨ ନୂଆ ମେଟ୍ରୋ କରିଡର ହେଲା ୧୨.୩ କି.ମି ଦୀର୍ଘ ମଜଲିସ୍ ପାର୍କ-ମୌଜପୁର ବାବରପୁର (ପିଙ୍କ୍ ଲାଇନ୍) କରିଡର ଏବଂ ୯.୯ କି.ମି ଦୀର୍ଘ ଦୀପାଳି ଚୌକ-ମଜଲିସ୍ ପାର୍କ (ମାଜେଣ୍ଟା ଲାଇନ୍) କରିଡର। ଏହାଦ୍ୱାରା ବୁରାରି, ଜଗତପୁର-ୱାଜିରାବାଦ, ଖଜୁରି ଖାସ୍, ଭଜନପୁରା, ଯମୁନା ବିହାର, ମଧୁବନ ଚୌକ, ହାଇଦରପୁର ବାଡଲି ମୋର, ଭାଲସ୍ୱା ଏବଂ ମଜଲିସ୍ ପାର୍କ ଆଦି ଦିଲ୍ଲୀର ବିଭିନ୍ନ ଅଞ୍ଚଳ ଉପକୃତ ହେବ। ସେହିପରି ଶିଳାନ୍ୟାସ ହୋଇଥିବା ୩ ନୂଆ କରିଡର ଆର୍‌କେ ଆଶ୍ରମ ମାର୍ଗରୁ ଇନ୍ଦ୍ରପ୍ରସ୍ଥ, ଏରୋସିଟିରୁ ଇନ୍ଦିରା ଗାନ୍ଧୀ ବିମାନବନ୍ଦର ଟର୍ମିନାଲ-୧ ଏବଂ ତୋଗଲକବାଦରୁ କାଳିନ୍ଦୀକୁଞ୍ଜକୁ ସଂଯୋଗ କରିବ।

# ଡାର୍କୱେବ୍ ଡ୍ରଗ୍ସ ନେଟ୍‌ୱର୍କର ପର୍ଦ୍ଦାଫାଶ

**୫ କୋଟି ଟଙ୍କାର ଡ୍ରଗ୍ସ ଜବତ**

ନୂଆଦିଲ୍ଲୀ,୮।୩(ପି.ଟି.)

ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ରବିବାର ଏକ ଡାର୍କୱେବ୍ ଭିତ୍ତିକ ନିଶାଦ୍ରବ୍ୟ ଚୋରାକାରବାର ନେଟ୍‌ୱର୍କର ପର୍ଦ୍ଦାଫାଶ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ବହୁ ପରିମାଣର ନିଷିଦ୍ଧ ନିଶାଦ୍ରବ୍ୟ ଜବତ କରିଛି, ଯାହାର ମୂଲ୍ୟ ଅନ୍ତର୍ଜାତୀୟ ବଜାରରେ ୫ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ସାଧାରଣତଃ ରେଭ୍ ପାର୍ଟିଗୁଡ଼ିକରେ ଏହି ଡ୍ରଗ୍ସ ବ୍ୟବହୃତ ହୋଇଥାଏ। ଗତବର୍ଷ ଜାନୁଆରୀରୁ ଏହି ନେଟ୍‌ୱର୍କ ଜରିଆରେ ଦେଶର ବିଭିନ୍ନ ସହରକୁ ୧,୦୦୦ରୁ ଊର୍ଦ୍ଧ୍ୱ ଥର ଡ୍ରଗ୍ସ ପଠାଯାଇଛି। 'ଟିମ୍ କଲ୍‌କୀ' କୋଡ୍ ନାମରେ ଏହି ନେଟ୍‌ୱର୍କ ଚାଲିଥିଲା ଏବଂ ଅପରାଧ ବା ବେଆଇନ ଡ୍ରଗ୍ସ ଅର୍ଥ ଲୁଚାଇବା ପାଇଁ କ୍ରିପ୍ଟୋ କରେନ୍ସି ବ୍ୟବହାର କରାଯାଉଥିଲା ବୋଲି ଏନ୍‌ସିବି କହିଛି।

ଏନ୍‌ସିବି ମୋଟ ୨,୩୩୮ ଏଲ୍‌ଏସ୍‌ଡି ବ୍ଲୋଟ୍, ୧୬୦ ଏମ୍‌ଡିଏମ୍‌ଏ ପିଲ୍, ୭୩ ଗ୍ରାମ୍ ଚରସ୍, ୩.୬୪ ଗ୍ରାମ ଆମ୍ଫେଟାମାଇନ୍ ଏବଂ ୩.୬ କେ.ଜି. ତରଳ ଏମ୍‌ଡିଏମ୍‌ଏକୁ ୧୩ଟି ପାର୍ସଲରୁ ଜବତ କରିଛି। ଏହା ବ୍ୟତୀତ ୨ଟି ପାର୍ସଲ ନେଦରଲାଣ୍ଡସ୍‌ରୁ ଆସିଥିବା ଜଣାପଡ଼ିଛି। ନିଶାଦ୍ରବ୍ୟ ଚୋରାଚାଲାଣକାରୀମାନେ ଡାର୍କନେଟ୍ ମାର୍କେଟ ଏବଂ ଏନ୍‌କ୍ରିପ୍ଟେଡ୍ ଯୋଗାଯୋଗ ପ୍ଲାଟ୍‌ଫର୍ମକୁ ଅଧିକ ବ୍ୟବହାର କରୁଥିବା ଏଥିରୁ ସ୍ପଷ୍ଟ ହୋଇଛି। ନିଶାଦ୍ରବ୍ୟ ଅପରାଧର ୨ ଅଭ୍ୟାସଗତ ଅପରାଧୀ ଅନୁରାଗ ଠାକୁର ଏବଂ ବିକାଶ ରାଠିଙ୍କୁ ଗିରଫ କରାଯାଇଛି। ଏମାନେ ନେଦରଲାଣ୍ଡସ୍, ପୋଲାଣ୍ଡ, ଜର୍ମାନୀର ଅନ୍ତର୍ଜାତୀୟ ଡାର୍କନେଟ୍ ଭେଣ୍ଡରଙ୍କଠାରୁ ଏଲ୍‌ଏସ୍‌ଡି ଏବଂ ଏମ୍‌ଡିଏମ୍‌ଏ ଆଣୁଥିଲେ ବୋଲି ଏନ୍‌ସିବି କହିଛି। ଡାର୍କୱେବ୍ ଫୋରମ ଡ୍ରେଡ୍ ଏବଂ ସେସନ୍ ମେସେଜିଂ ଆପ୍ଲିକେଶନ ଭଳି ଏନ୍‌କ୍ରିପ୍ଟେଡ୍ ପ୍ଲାଟ୍‌ଫର୍ମ ଜରିଆରେ ସେମାନେ ଭାରତୀୟ ଗ୍ରାହକଙ୍କଠାରୁ ଅର୍ଡର ସଂଗ୍ରହ କରୁଥିଲେ।



ଏନ୍‌ସିବି ଦ୍ୱାରା ଜବତ ହୋଇଥିବା ଡ୍ରଗ୍ସ।

# ଆନ୍ତଃରାଜ୍ୟ ଅନ୍‌ଲାଇନ ବେଟିଂ ର୍‌ୟାକେଟ୍ ଠାବ, ୪ ଗିରଫ

**ମାଲକାନଗିରି,୮।୩ (ଦୁର୍ଯ୍ୟୋଧନ ପାତ୍ର)**


ମାଲକାନଗିରି ଏସ୍‌ପି ସୂଚନା ଦେଉଛନ୍ତି।

ମାଲକାନଗିରି ପୋଲିସ ଆନ୍ତଃରାଜ୍ୟ ଅନଲାଇନ ବେଟିଂ ର୍ୟାକେଟ ଠାବ କରିବା ସହ ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିଛି। ରାୟପୁରର ୨ ଅଭିଯୁକ୍ତ ଓ କୋରାପୁଟ ଜିଲାର ୨ଜଣଙ୍କୁ ଗିରଫ କରିବା ସହ ଅଧିକ ତଦନ୍ତ କରାଯାଉଥିବା ମାଲକାନଗିରି ଏସ୍.ପି. ବିନୋଦ ପାଟିଲ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଅଭିଯୁକ୍ତମାନେ ବେଆଇନ ବେଟିଂ ପ୍ଲାଟଫର୍ମ ପରିଚାଳନା କରିବା ସହ ଅତ୍ୟାଧୁନିକ ସଙ୍ଗଠିତ ନେଟୱାର୍କ ମାଧ୍ୟମରେ ଏକାଧିକ ଲୋକଙ୍କ ଆକାଉଣ୍ଟ ଡିଜିଟାଲ ପେମେଣ୍ଟ ଚ୍ୟାନେଲ ଜରିଆରେ କାରବାର କରୁଥିଲେ। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୪ଟି ମୋବାଇଲ ଫୋନ୍, ୨ ଲାପଟପ୍, ୫ଟି ବିଭିନ୍ନ ବ୍ୟାଙ୍କ ପାସବୁକ୍, ୩ଟି ବ୍ୟାଙ୍କ ଚେକବୁକ୍ ଜବତ କରାଯାଇଛି ବୋଲି ଏସ୍‌ପି ପାଟିଲ କହିଛନ୍ତି।

ଓଡ଼ିଶା ପୋଲିସ ଦ୍ୱାରା ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଅପରେଶନ ସାଇବର କବଚ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ମାଲକାନଗିରି ପୋଲିସର ସ୍ୱତନ୍ତ୍ର ଅଭିଯାନ ସମୟରେ ଏପର୍ଯ୍ୟନ୍ତ ୧୪୨ଟି ଆକାଉଣ୍ଟ ଯାଞ୍ଚ କରାଯାଇଛି। ଏହାର ତଦନ୍ତ କରିବା ପରେ କୋଟପାଡ଼ ଅଞ୍ଚଳର ମଧ୍ୟସ୍ଥମାନେ ନିରୀହ ଜନସାଧାରଣଙ୍କ ଆକାଉଣ୍ଟରେ ଏମ୍‌ଜିଏନ୍‌ଆରଇଜିଏସ୍ ପେମେଣ୍ଟର ମଥ୍ୟା ପ୍ରତିଶ୍ରୁତି ଦେଇ କିଛି ଆକାଉଣ୍ଟ ଖୋଲିଛନ୍ତି। ଏଥିସହ ବହୁ ବ୍ୟାଙ୍କ ଆକାଉଣ୍ଟ, ପାସ୍‌ବୁକ ଓ ମୋବାଇଲ ନମ୍ବରଗୁଡ଼ିକୁ ସଂଗ୍ରହ କରାଯାଇ ରାୟପୁରରେ କାର୍ଯ୍ୟ କରୁଥିବା ନେଟୱାର୍କକୁ ପଠାଯାଇଥିଲା। ରାଜ୍ୟ ସାରା ଦେୟ ଏବଂ ଅବୈଧ ବେଟିଂ ସମନ୍ୱୟ କରିବା ପାଇଁ ଅଭିଯୁକ୍ତମାନେ ଏକାଧିକ ହ୍ୱାଟ୍ସଆପ୍ ଗ୍ରୁପ କରିଥିଲେ। ଏ ପର୍ଯ୍ୟନ୍ତ ୧ କୋଟିରୁ ଅଧିକ ହିସାବରେ ୧୫ ଲକ୍ଷ ପର୍ଯ୍ୟନ୍ତ ଦୈନିକ କାରବାର ଚିହ୍ନଟ କରାଯାଇଛି। ଏହି ଠକ ନେଟୱାର୍କଗୁଡ଼ିକୁ ଠାବ କରି ରାୟପୁରରୁ ୨ଜଣ ଓ କୋରାପୁଟ ଜିଲାର ୨ଜଣଙ୍କୁ ଗିରଫ କରିବା ସହ ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ପି ପାଟିଲ ସୂଚନା ଦେଇଛନ୍ତି। ଅପରେଶନ ସମୟରେ ଡିଜିଟାଲ ଡିଭାଇସ ଏବଂ ଆର୍ଥିକ ଡକୁମେଣ୍ଟଗୁଡ଼ିକ ମଧ୍ୟ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ସହଯୋଗୀମାନଙ୍କୁ ଗିରଫ କରାଯିବା ପାଇଁ ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ପି କହିଛନ୍ତି।

# ୪ ଶିକାରୀ ଗିରଫ, ୨ ଦେଶୀ ବନ୍ଧୁକ ଜବତ

**ବାରିପଦା,୮।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**


ଗିରଫ ଶିକାରୀ।

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଅଞ୍ଚଳରୁ ୪ ଶିକାରୀଙ୍କୁ ବନ ବିଭାଗ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ଦୁଇଟି ଦେଶୀ ବନ୍ଧୁକ ସହ ଶିକାର ସରଞ୍ଜାମ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ବଡ଼ସାହି ଥାନା ଅଧୀନ ଚନ୍ଦନଚତୁରୀ ଗ୍ରାମର ସୁନୀଲ ଭକ୍ତା (୨୫), ସହଦେବ ମଲିକ (୨୦), ରାମଚନ୍ଦ୍ର ହାଁସଦା (୨୫) ଓ ଧୀରେନ୍ଦ୍ର ମଲିକ (୨୪)। ଏ ନେଇ ବିଭାଗ ପକ୍ଷରୁ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି।

ସୂଚନାଯୋଗ୍ୟ, ଗତ ୫ ତାରିଖ ରାତି ୧୦ଟା ପାଖାପାଖି ସମୟରେ ଶିକାରୀମାନେ ଡୁକୁରା ରେଞ୍ଜ ଅଞ୍ଚଳରେ ପ୍ରବେଶ କରିଥିଲେ। ଏଆଇ କ୍ୟାମେରାରେ ଅଭିଯୁକ୍ତମାନଙ୍କ ଫଟୋ ଆସିବା ପରେ ବନ ବିଭାଗର ଏକ ଟିମ୍ ଚଢ଼ାଉ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ସହଦେବ ଓ ସୁନୀଲଙ୍କଠାରୁ ଦୁଇଟି ଦେଶୀ ବନ୍ଧୁକ ଜବତ ହୋଇଥିବାରୁ ଆର୍ମ୍ସ ଆକ୍ଟ ଅନୁଯାୟୀ ଅନ୍ୟ ଏକ ମାମଲା ରୁଜୁ କରାଯିବ ବୋଲି ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କହିଛନ୍ତି।

# ବାପାଙ୍କ ବେକ କାଟିଲେ ପୋଷ୍ୟପୁଅ

**ଦିଗପହଣ୍ଡି,୮।୩(ଅଶେଷ ନାଥ ମିଶ୍ର)**

ପାରିବାରିକ ବିବାଦରୁ ପୋଷ୍ୟପୁଅ ବ୍ଲେଡ୍‌ରେ ବାପାଙ୍କ ବେକ କାଟିବାକୁ ପଛେଇନାହିଁ। ଏପରି ଅଭାବନୀୟ ଘଟଣା ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମରେ ରବିବାର ଅପରାହ୍ନ ପ୍ରାୟ ୧ଟାରେ ଘଟିଛି। ଖବର ଲେଖା ହେବାଯାଏ ଥାନାରେ କୌଣସି ଏତଲା ହୋଇ ନ ଥିବା ବେଳେ ଖବର ପାଇ ପୋଲିସ ପ୍ରାଥମିକ ତଦନ୍ତ ସାରି ଫେରିଛି। ଗୁରୁତର ଆହତ ସୀମାଞ୍ଚଳ ସାହୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଖବରରୁ ଜଣାପଡ଼ିଛି, ଭୀଷ୍ମଗିରି ଗ୍ରାମର ସୀମାଞ୍ଚଳ ନିଃସନ୍ତାନ ଥିବାରୁ ଜକର ଗ୍ରାମରେ ରହୁଥିବା ତାଙ୍କ ସଢୁଙ୍କ ପୁଅ କୁନା ସାହୁଙ୍କୁ ପୋଷ୍ୟପୁଅ ଭାବେ ଆଣି ଘରେ ରଖିଥିଲେ। କୌଣସି କାରଣରୁ କୁନା ଏବଂ ସୀମାଞ୍ଚଳଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଠାକୁରାଣୀ ଛକରେ ରହୁଥିବା ସୀମାଞ୍ଚଳଙ୍କ ପାଖରେ କୁନା ସକାଳେ ପହଞ୍ଚିଥିଲେ। ସେଠାରେ ବାପାପୁଅଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ କୁନା ଏକ ଅପରେଶନ ବ୍ଲେଡରେ ସୀମାଞ୍ଚଳଙ୍କ ବେକକୁ କାଟି ଦେଇଥିଲେ। ଫଳରେ ସୀମାଞ୍ଚଳ ଗୁରୁତର ହୋଇ ପଡ଼ିଥିଲେ। ପଡ଼ୋଶୀମାନେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସୀମାଞ୍ଚଳ ଚିକିତ୍ସାଧୀନ ଅଛନ୍ତି। ଖବରପାଇ ଦିଗପହଣ୍ଡି ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ କରି ଫେରିଛି। ଘଟଣା ପରେ କୁନା ଫେରାର ହୋଇଯାଇଛନ୍ତି।

# ସେନାରେ ଚାକିରି କରାଇ ଦେବା ନାଁରେ ଠକେଇ

**ଗୋପାଳପୁର,୮।୩(ନବୀନ ରାଜ ଆଚାରୀ)**

ସୈନ୍ୟ ବାହିନୀରେ ଚାକିରି କରାଇଦେବା ନାଁରେ ସେନା ଡ୍ରାଇଭର ଲକ୍ଷାଧିକ ଟଙ୍କା ହଡ଼ପ କରିଥିବା ନେଇ ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ, ଏହି ଥାନା ଅଧୀନ ପୁରୁଣା କମଳାପୁର ଗ୍ରାମର ନାରାୟଣ ସାହୁ କିରାନା ଦୋକାନ କରିଥିଲେ। ୨୦୨୩ରେ ଗୋପାଳପୁର ମିଲିଟାରୀ ଷ୍ଟେଶନରେ ୧୩୧ ଏୟାର ଡିଫେନ୍ସ ରେଜିମେଣ୍ଟର ୟୁନିଟରେ କାର୍ଯ୍ୟରତ ସେନା ଡ୍ରାଇଭର ତାମିଲନାଡୁ ରାଜ୍ୟର ସୁରେଶ ଏସ୍. ଦୋକାନକୁ ଆସି ନାରାୟଣଙ୍କ ସହିତ ପରିଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ନାରାୟଣଙ୍କ ପୁଅଙ୍କୁ ଦେଖି ବଡ଼ ଅଧିକାରୀମାନଙ୍କର ଗାଡି ଚଲାଉଛି, ଚିହ୍ନା ଅଛନ୍ତି, ସେନା ବିଭାଗରେ ଏଲଡିସି ଚାକିରି କରାଇ ଦେବି କହିଥିଲେ। ଏଥିପାଇଁ ସେ ୩ ଲକ୍ଷ ୫୦ ହଜାର ଟଙ୍କା ମାଗିଥିଲେ। ପରେ ସୁରେଶଙ୍କୁ ନାରାୟଣ ଗତ ୨୦୨୩ –୨୦୨୪ ମଧ୍ୟରେ ୩ ଥର ଫୋନ ପେ ଓ ଗୋଟିଏ ଥର ବ୍ୟାଙ୍କ ଖାତାକୁ ୩ ଲକ୍ଷ ୧୦ ହଜାର ଟଙ୍କା ପଠାଇଥିଲେ। ପରବର୍ତ୍ତୀ ସମୟରେ ନାରାୟଣଙ୍କ ପୁଅର ଚାକିରି ହୋଇ ନ ଥିଲା। ଚାକିରି ହୋଇପାରିଲା ନାହିଁ, ନେଇଥିବା ଟଙ୍କା ଫେରସ୍ତ କରିବା ପାଇଁ ସୁରେଶଙ୍କୁ ନାରାୟଣ କହିଥିଲେ। ହେଲେ ସେ ଟଙ୍କା ଫେରସ୍ତ କରି ନ ଥିଲେ। ଗତ ଡିସେମ୍ବରରେ ସୁରେଶ ଫୋନ ବନ୍ଦ କରିଦେଇଥିବାରୁ ଯୋଗାଯୋଗ ହୋଇପାରି ନ ଥିଲା। ଘଟଣା ନେଇ ମିଲିଟାରି ଇନ୍‌ଟେଲଜେନ୍ସ ଗୋପାଳପୁର ଖବର ପାଇଥିଲା। ପରେ ନାରାୟଣଙ୍କୁ ଗୋପାଳପୁର ଥାନାରେ ଅଭିଯୋଗ କରିବା ପାଇଁ କୁହାଯାଇଥିଲା। ନାରାୟଣ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। କେସ୍ ନଂ. ୧୨୮/୨୬ରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ୮. ୭ କ୍ୱିଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

**କଣ୍ଟେନରରେ ରାଜସ୍ଥାନକୁ ଚାଲାଣ ହେଉଥିଲା ଗଞ୍ଜେଇ**

**କୋରୁକୋଣ୍ଡା,୮।୩ (ଶିବଦତ୍ତ ସାହୁ)**


ଜବତ ଗଞ୍ଜେଇ ସହ ଗିରଫ ୨ ଅଭିଯୁକ୍ତ।

ଏକ କଣ୍ଟେନରର ସ୍ୱତନ୍ତ୍ର ଡିକିରେ ରାଜସ୍ଥାନକୁ ଗଞ୍ଜେଇ ଚାଲାଣ ହେଉଥିବାବେଳେ ମାଲକାନଗିରି ଜିଲା ଓର୍କେଲ ପୋଲିସ ହାବୁଡ଼ରେ ପଡ଼ିଛି। ଓର୍କେଲ ଥାନା ଅଧୀନ ନୂଆଗୁଡ଼ା ଗ୍ରାମ ନିକଟରେ ରବିବାର ସକାଳେ ଉକ୍ତ କଣ୍ଟେନରକୁ ଅଟକାଇ ପୋଲିସ ସେଥିରୁ ୮ କୁଇଣ୍ଟାଲ ୭୦ କେ.ଜି. ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚୋରାଚାଲାଣ ମାମଲାରେ ଗାଡ଼ି ଡ୍ରାଇଭର ଏବଂ ହେଲପରଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ରାଜସ୍ଥାନ ଚୁରୁ ଜିଲାର ମନୋଜ କୁମାର ଏବଂ ସିକର ଜିଲାର ହେମରାଜ ବୋଲି ଜଣାପଡ଼ିଛି। ଏ ନେଇ ଓର୍କେଲ ଥାନାରେ କେସ୍ ନମ୍ବର ୬୬/୨୬ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

ମିଳିଥିବା ସୂଚନା ଅନୁଯାୟୀ, ରବିବାର ସକାଳେ ଏକ କଣ୍ଟେନର (ନଂ.ଆର– ଜେ ୧–୪ଜିଆର– ୮୩୬୮) ଯୋଗେ ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ ହେଉଥିବା ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କୁ ଏକ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ହରପ୍ରିୟା ଶବରଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ନୂଆଗୁଡ଼ା ଗ୍ରାମ ନିକଟରେ ସକାଳ ୧୦ଟାରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଚିତ୍ରକୋଣ୍ଡା ପଟୁ ନୂଆଗୁଡ଼ା ଗ୍ରାମ ରାସ୍ତା ଦେଇ ବାଲିମେଳା ଛକ ଅଭିମୁଖେ ଆସୁଥିବା ଏକ କଣ୍ଟେନରକୁ ଅଟକାଇ ଯାଞ୍ଚ କରିବାରୁ ଗାଡ଼ି ଭିତରେ ତିଆରି କରାଯାଇଥିବା ଏକ ସ୍ୱତନ୍ତ୍ର ଡିକି ଭିତରେ ପ୍ରାୟ ୨୯ଟି ଜରି ବସ୍ତାରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ପୋଲିସ ଉକ୍ତ ଗାଡ଼ି ସହ ଗଞ୍ଜେଇକୁ ଜବତ କରିବା ସହିତ ଗାଡ଼ି ଚାଳକ ଏବଂ ହେଲପରଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ମାଜିଷ୍ଟ୍ରେଟ ଭାବେ ଚିତ୍ରକୋଣ୍ଡା ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ଭତ୍ରାଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରାଯିବା ପରେ ଜବତ କରାଯାଇଥିଲା। ଜବତ ହୋଇଥିବା ଗଞ୍ଜେଇ ମୋଟ ୮ କୁଇଣ୍ଟାଲ ୭୦ କିଲୋ ଥିବା ଜଣାପଡ଼ିଛି। ଏହି ଘଟଣାର ତଦନ୍ତ ଏସ୍‌ଆଇ ଅଜିତ ସିଂ ବରିହା ଜାରି ରଖିଛନ୍ତି ବୋଲି ଥାନା ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି କଣ୍ଟେନର କିଛି ସାମଗ୍ରୀ ଆଣି ଆନ୍ଧ୍ରପ୍ରଦେଶର ଚୁନି ଅଞ୍ଚଳରେ ଅନଲୋଡ଼ କରି ନୂଆଗୁଡ଼ା ଗାଁ ନିକଟରୁ ଗଞ୍ଜେଇ ଲୋଡ଼ କରି ରାଜସ୍ଥାନ ଅଭିମୁଖେ ଯାଉଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି।

## ତୃତୀୟ ପୃଷ୍ଠାରୁ

### 'ମହିଳାଙ୍କ...

ବହୁତ ଆଗରେ ଅଛନ୍ତି। ଓଡ଼ିଶାରେ ସୁଭଦ୍ରା ଯୋଜନା ମହିଳା ସଶକ୍ତୀକରଣକୁ ପ୍ରମାଣିତ କରିଛି। ଏଚ୍‌ପିଭି ଭାଇରସ୍ ଟିକା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ ରାଜ୍ୟର ସମସ୍ତ ୧୪ ରୁ ୧୫ ବର୍ଷ ଝିଅମାନଙ୍କୁ ଏହି ଟିକା ଦେବା ପାଇଁ ସେ ସୁଭଦ୍ରା ମା'ମାନଙ୍କୁ ଅନୁରୋଧ କରିଛନ୍ତି। ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ଯୋଗଦେଇ ଓଡ଼ିଶାରେ ମହିଳା ସଶକ୍ତୀକରଣ ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ଅଦ୍ୱିତୀୟ ବୋଲି କହିଛନ୍ତି। ଉତ୍ସବରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗର ଶାସନ ସଚିବ ମୃଣାଳିନୀ ଦର୍ଶୱାଲ ସ୍ୱାଗତ ଭାଷଣ ଓ ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

### ହିନ୍ଦୁ ଯୁବତୀଙ୍କୁ...

ଲୁଚାଇ ନିଜ ନାଁ ଜୟରାମ ଶର୍ମା ଓ ହିନ୍ଦୁ ବୋଲି କହି ସମ୍ପର୍କ ବଢ଼ାଇଥିଲେ। ଏପରିକି ବାରମ୍ବାର ଯୁବତୀ ଜଣକ କାମ କରୁଥିବା ଉକ୍ତ ହୋଟେଲରେ ରହି ତାଙ୍କୁ ପ୍ରେମ ଜାଲରେ ଫସାଇଥିଲେ। ଶେଷରେ ବିବାହର ପ୍ରଲୋଭନ ଦେଖାଇ ବାରମ୍ବାର ଶାରୀରିକ ସମ୍ପର୍କ ମଧ୍ୟ ରଖିଥିଲେ। କିଛିଦିନ ତଳେ ଅଭିଯୁକ୍ତ ଉକ୍ତ ଯୁବତୀଙ୍କୁ ପୁରୀ ବୁଲାଇ ଆଣି ହୋଟେଲରେ ରହିଥିଲେ। ଏହି ସମୟରେ ଯୁବତୀ ଜଣକ ତାଙ୍କର ଅସଲି ପରିଚୟ ଜାଣିବାକୁ ପାଇଥିଲେ। ଜୟରାମ ମୁସଲିମ୍ ଓ ତାଙ୍କର ପ୍ରକୃତ ନାମ ଇର୍ଫାନ ବୋଲି ଜାଣିବା ପରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଇର୍ଫାନ ତାଙ୍କୁ ପ୍ରବଳ ମାଡ଼ ମାରିଥିଲେ। କୌଶଳକ୍ରମେ ଯୁବତୀ ଜଣକ ହୋଟେଲରୁ ବାହାରକୁ ଆସି ପୁରୀ ସମୁଦ୍ରକୂଳ ଥାନାରେ ଅଭିଯୋଗ କରିଥିଲେ। ହେଲେ ସେଠାରେ ଇର୍ଫାନ ଭୁଲ୍ ମାଗିବା ସହ ଯୁବତୀଙ୍କୁ ବୁଝାଶୁଝା କରି ଭୁବନେଶ୍ୱର ନେଇଆସିଥିଲେ। ଶହୀଦନଗର ଥାନା ଅଞ୍ଚଳରେ ଥିବା ଏକ ହୋଟେଲରେ ଦୁହେଁ ରହିଥିଲେ। ସେଠାରେ ପୁଣି ଇର୍ଫାନଙ୍କର ଏକାଧିକ ପରିଚୟପତ୍ର ଦେଖିବା ପରେ ବଚସା ହୋଇଥିଲା। ସେ ଖସି ଆସିବାକୁ ଚେଷ୍ଟା କରିଥିଲେ ମଧ୍ୟ ଇର୍ଫାନ ଜବରଦସ୍ତି ହୋଟେଲ ଭିତରେ ବନ୍ଧକ ରଖି ମାରପିଟ୍ କରୁଥିଲେ। ଏପରିକି ଧର୍ମ ପରିବର୍ତ୍ତନ କରିବାକୁ ବାଧ କରିବା ସହ କର୍ଣାଟକ ନେଇଯିବାକୁ ଉଦ୍ୟମ କରିଥିଲେ। ଧର୍ମ ପରିବର୍ତ୍ତନ କରିବାକୁ ଯୁବତୀ ମନା କରିବାରୁ ତାଙ୍କୁ ପୁଣି ମାଡ଼ ମାରିବା ସହ ଅକଥନୀୟ ନିର୍ଯାତନା ଦେଉଥିଲେ। ଯୁବତୀ ଜଣକ ଫୋନ୍ କରି ଶହୀଦନଗର ଥାନାକୁ ଜଣାଇଥିଲେ। ଯୁବତୀଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ମାମଲା ନଂ.୧୩୩/୨୬ ରୁଜୁ କରି ଇର୍ଫାନଙ୍କୁ ଗିରଫ କରିଛି। ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା, ଧର୍ମ ପରିବର୍ତ୍ତନ କରିବାକୁ ବାଧ କରିବା ଏବଂ ନିର୍ଯାତନା ଦେବା ଭଳି ସଙ୍ଗିନ ଦଫା ଲଗାଇ ଇର୍ଫାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଇର୍ଫାନ୍ କେବଳ ଏହି ଜଣେ ଯୁବତୀ ନା ଆଗରୁ ଆଉକାହାକୁ ଲଭ୍ ଜିହାଦରେ ଫସାଇଛନ୍ତି, ସେନେଇ ପୋଲିସ ଖୋଳତାଡ଼ କରୁଛି।

### ପ୍ରବାସୀ ଓଡ଼ିଆମାନେ...

ଉଜ୍ଜୀବିତ କରି ରଖିବା ସହ ଏହାକୁ ବିଶ୍ୱବିଦିତ କରିବା ଦିଗରେ ଆମ ମାତୃଶକ୍ତିର ଭୂମିକା ଅଗ୍ରଗଣ୍ୟ। ବିକଶିତ ଓଡ଼ିଶା–୨୦୩୬ ନିର୍ମାଣରେ ପ୍ରବାସୀ ଓଡ଼ିଆଙ୍କ ଯୋଗଦାନ ଏକାନ୍ତକାମ୍ୟ ବୋଲି ସେ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ଓଡ଼ିଆ ସାହିତ୍ୟିକ ଓ ପ୍ରବାସୀ ଓଡ଼ିଆ ଅନୁଷ୍ଠାନଗୁଡ଼ିକୁ ସମ୍ବର୍ଦ୍ଧିତ କରିଥିଲେ।

ଉତ୍ସବରେ ଓଡ଼ିଶାର ଲୋକକଳା, ସମୃଦ୍ଧ ଐତିହ୍ୟ ଓ ପରମ୍ପରା, ପାରମ୍ପରିକ ଖାଦ୍ୟ, ହସ୍ତତନ୍ତ, ହସ୍ତଶିଳ୍ପ ସାମଗ୍ରୀ ଆଦି ପ୍ରଦର୍ଶିତ କରାଯାଇଥିଲା। ଏଥିସହ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ, ସାହିଯାତ, ଛଉ, ଘୁମୁରା, ଢେମସା, ପଶୁମୁଖା, ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ର ଶେଖର ହୋତା, ଉତ୍କଳୀୟ ମିଳିତ ମଞ୍ଚର ସଭାପତି ରବି ନାରାୟଣ ମହାପାତ୍ର, ସାଧାରଣ ସମ୍ପାଦକ ବିଜୟ କୁମାର ବାରିକ, ଅଧ୍ୟକ୍ଷ କ୍ଷୀରୋଦ କୁମାର ଧଳ, ବିଭିନ୍ନ ପ୍ରବାସୀ ଓଡ଼ିଆ ସମାଜର ସଦସ୍ୟାମାନେ ଉପସ୍ଥିତ ଥିଲେ। ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପ୍ରୀତିଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟ ଖବର

# ନବୋଦୟ ବିଦ୍ୟାଳୟର ୩ ନିଲମ୍ବିତ

**କୋଲାବ ଜଳଭଣ୍ଡାରରେ ବୁଡ଼ି ୩ ଛାତ୍ର ମୃତ ଘଟଣା**

**କୋରାପୁଟ, ୮।୩(ଅମିତାଭ ବେହେରା)**


ଜିଲା ପ୍ରଶାସନର ୪ ଜଣିଆ ଟିମ୍ ନବୋଦୟ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

କୋରାପୁଟ କୋଲାବ ଜଳଭଣ୍ଡାରରେ ନବୋଦୟ ବିଦ୍ୟାଳୟର ୩ ଛାତ୍ର ବୁଡ଼ି ମୃତ ଘଟଣାରେ ନବୋଦୟ ସଂସ୍ଥା ଆଞ୍ଚଳିକ କେନ୍ଦ୍ର ପକ୍ଷରୁ ବିଦ୍ୟାଳୟର ୨ ଶିକ୍ଷକ ଓ ଜଣେ କେୟାର ଟେକରଙ୍କୁ ରବିବାର ନିଲମ୍ବିତ କରାଯାଇଥିବା ଜଣାପଡ଼ିଛି। ତଦନ୍ତ ପାଇଁ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିର୍ଦ୍ଦେଶ କ୍ରମେ ଜିଲା ପ୍ରଶାସନର ଚାରିଜଣିଆ ଟିମ୍ କୋରାପୁଟ ନବୋଦୟ ବିଦ୍ୟାଳୟକୁ ପରିଦର୍ଶନ କରିଛନ୍ତି। କୋରାପୁଟ ତହସିଲଦାର

**ଜିଲା ପ୍ରଶାସନର ୪ ଜଣିଆ ଟିମ୍‌ର ବିଦ୍ୟାଳୟରେ ତଦନ୍ତ**

ସୟଦ ସବୀର ସାହାଙ୍କ ନେତୃତ୍ୱରେ ଏସ୍‌ଡିପିଓ ସଞ୍ଜୟ କୁମାର ମଣ୍ଡଳ, ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ଜିଲା ଶିକ୍ଷାଧିକାରୀ କରୁଣାକର ଭୁଏ ପ୍ରମୁଖ ବିଦ୍ୟାଳୟକୁ ଯାଇ ଘଟଣା ସମ୍ପର୍କରେ ଶିକ୍ଷକ, ଅଧକ୍ଷା, କେୟାର ଟେକର ଓ ଅନ୍ୟମାନଙ୍କୁ ପଚାରି ବୁଝିଛନ୍ତି। ଟିମ୍ ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବ। ରବିବାର ୩ ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ତହସିଲଦାର ସାହା ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ଶନିବାର ମାଟ୍ରିକ୍ ପରୀକ୍ଷା ସରିବା ପରେ ନବୋଦୟ ବିଦ୍ୟାଳୟର ୧୦ ଛାତ୍ର ନିକଟରେ ଥିବା କୋଲାବ ଜଳଭଣ୍ଡାରକୁ ଗାଧୋଇବାକୁ ଯାଇଥିଲେ। ୫ ଛାତ୍ର ଗାଧୋଉଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣ ପାଣିରେ ବୁଡ଼ିଯାଇଥିଲେ। ଅନ୍ୟ ୨ ଛାତ୍ର ପହଁରି ପାଣିରୁ ବାହାରି ଆସିଥିଲେ। ଗ୍ରାମବାସୀଙ୍କ ସହାୟତାରେ ୩ ମୃତଦେହ ଜବତ କରି କୋରାପୁଟ ମେଡିକାଲକୁ ପଠାଯାଇଥିଲା।

# ଶ୍ରୀପଦ୍ମକେଶର ମନ୍ଦିରର ଶିଖର ଭାଙ୍ଗି ଧ୍ୱଜପଦ୍ମ ନେଇଯାଇଥିଲା କେଶୋ ଦାସମାରୁ

**ଡ. ସୁରେନ୍ଦ୍ର କୁମାର ମିଶ୍ର**




ବ୍ୟକ୍ତିଗତ ଭାବରେ ଓଡ଼ିଶାର ଗୌରବମୟ ସ୍ମାରକୀକୁ ସଫଳ କରିବା ପାଇଁ ଯେଉଁମାନେ ଜୀବନର ୧୬ବର୍ଷ ଅତିବାହିତ କରିଥିଲେ, ସେମାନଙ୍କୁ ଆମେ ଭୁଲିଯାଇଛେ। ସେମାନଙ୍କ ଇତିହାସକୁ ହଜେଇଦେଇଛେ। ସେଥିପାଇଁ ବାହାର ଲୋକ ଆମକୁ ଆଙ୍ଗୁଠି ଦେଖେଇବାକୁ ପଛେଇଲେ ନାହିଁ। ଜଣେ ସ୍ମରଣୀୟ ପୁରୁଷ ଆମର ନରସିଂହ ଉଦ୍‌ଗାତା। ମନେହୁଏ ହୀରାଖଣ୍ଡ (ସମ୍ବଲପୁର) ସାମ୍ରାଜ୍ୟର ରାଜଗୁରୁ କିମ୍ବା ରାଜପୁରୋହିତ ଥିଲେ। ଦୁଇବର୍ଷ ଧରି ସମଗ୍ର ଭାରତବର୍ଷର ୧୨ଟି ତୀର୍ଥରୁ ପବିତ୍ର ଜଳ ସଂଗ୍ରହ କରି କୋଣାର୍କରେ ପହଞ୍ଚାଇଥିଲେ। ରାସ୍ତାଘାଟ, ଖରାବର୍ଷା, ହବିଷାନ୍ନ ଭକ୍ଷଣ... ଭାବିପାରୁଛେ ଆମେ ! କି ନିଷ୍ଠା, କି ମନୋବଳ, କି ତ୍ୟାଗ !!

ଜାଣିଲେ ଓଡ଼ିଆଙ୍କ ମିଳିତ ସହଯୋଗର ଗାଥା। ଲକ୍ଷ୍ୟ ଗୋଟିଏ। ନିର୍ମାଣ ହେବ ବିଶ୍ୱର ବିସ୍ମୟ ଶ୍ରୀପଦ୍ମକେଶର ମନ୍ଦିର। ଗୋଟିକ ପରେ ଗୋଟିଏ କାମ ହେବାପରେ ସତରେ ହୃଦୟ ତାଙ୍କର ପୁଲକିତ ହୋଇଥିବ। ସେମାନେ ତା'ପରେ ପ୍ରବେଶ କରିଥିବେ ମନ୍ଦିର ନିର୍ମାଣର ଶେଷଦୃଶ୍ୟରେ। ଶେଷଦୃଶ୍ୟ ଥିଲା ପ୍ରତିଷ୍ଠାର ଦୃଶ୍ୟ। ପ୍ରତିଷ୍ଠା ପର୍ବର ସୂତ୍ରଧର ଥିଲେ ଆଚାର୍ଯ୍ୟ ଭୁବନେଶ୍ୱର ରାଜଗୁରୁ। ବ୍ରହ୍ମାବରଣ ହେଲେ ବିଶ୍ୱନାଥ ରାଜଗୁରୁ ମହାପାତ୍ର। ନ୍ୟାସାଚାର୍ଯ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେଲେ ପଣ୍ଡିତ ନାରାୟଣ ଆଚାର୍ଯ୍ୟ। ବେଦାଚାର୍ଯ୍ୟ, ରଙ୍ଗନାୟକାଚାର୍ଯ୍ୟ, ଅଗ୍ନିଧର, ଅଥର୍ବୀ ଭାବରେ ବରଣ ହୋଇଥିଲେ। ଏମାନେ ସମସ୍ତେ ଓଡ଼ିଶାର। ଆମେ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଛୁ। ବିଭିନ୍ନ ବ୍ରାହ୍ମଣ ଶାସନ ଗାଁରୁ ଏମାନେ ଆସିଥିଲେ। ବ୍ରାହ୍ମଣ ଶାସନ ଭୋଇବଂଶ କାଳରେ ବସିଲା ବୋଲି ଲେଖିବା ପୂର୍ବରୁ ଦଣ୍ଡେ ଅଟକିବାକୁ ପଡ଼ିବ ଆମକୁ। ଶିକ୍ଷା ବିକାଶରେ ଆମେ ପଛୁଆ ଥିଲେ ବୋଲି ଯେଉଁମାନେ ହାତକାଟି ଲେଖିଲେ, ସେମାନଙ୍କୁ ଉତ୍ତର ଦେବାକୁ ହେବ।

ସମସ୍ତ କାର୍ଯ୍ୟର ପ୍ରସ୍ତୁତି ସରିଥିଲା। ପ୍ରତିଷ୍ଠା କାର୍ଯ୍ୟର ଦ୍ରବ୍ୟ ଆସି ଭଣ୍ଡାରରେ ଥିଲା। ପୂର୍ବରୁ ସୂଚନା ଦେଇଥିଲୁ ଶୋଭାଯାତ୍ରାରେ ଯଜ୍ଞ ଉପକରଣ ଆସି ଅର୍କବଟ ତଳେ ରହିଥିଲା। କାର୍ଯ୍ୟାରମ୍ଭ 'କାଳ' ନିର୍ଦ୍ଦିଷ୍ଟ। ତଦନୁଯାୟୀ ପ୍ରତ୍ୟେକ ଓଁକାର ଉଚ୍ଚାରଣ ବିଧି ଅନୁଯାୟୀ ସମ୍ପନ୍ନ ହେଲା। ଚୁନରା ନାୟକ ଆରମ୍ଭ କଲେ ଧ୍ୱଜବନ୍ଧା ପର୍ବ। ଧ୍ୱଜ ମନ୍ଦିର ଉପରକୁ ଯାଇ ବନ୍ଧାହେଲା ବେଳକୁ ଗଜପତି, ରାଜମାତା କସ୍ତୁରିକା ମୋଦିନୀ ଓ ରାଜ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସେମାନେ ଧ୍ୱଜର ଅଗଫୁଲି ଧରି ମନ୍ଦିର ପ୍ରଦକ୍ଷିଣ କଲେ। ଆମେ ଜାଣୁ ଧ୍ୱଜ ସ୍ଥାପନ ବିଧି ଓଡ଼ିଶାରେ ନିଆରା। ଧ୍ୱଜ ବନ୍ଧାଯିବା ପରେ ଧ୍ୱଜର ଅଗ୍ରଭାଗ ମନ୍ଦିରର ତଳଭାଗକୁ ଛୁଇଁବ। ଶେଷଭାଗ ବା ଅଗ୍ରଭାଗ ପବିତ୍ର ଜଳରେ ସ୍ନାନହେବ। ଧ୍ୱଜପଦ୍ମରୁ ଧ୍ୱଜ କଢ଼ାଗଲା।


ଶରଧାବାଲିରେ ଦଣ୍ଡାୟମାନ ତିନି ରଥ। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

ପ୍ରତିଷ୍ଠା ଦୃଶ୍ୟର ପ୍ରଥମ ଆଧାର ଶ୍ରୀପଦ୍ମକେଶର ଦେଉଳ କର୍ମାଙ୍ଗୀ ପୁସ୍ତକ। ଦ୍ୱିତୀୟ ଆଧାର 'ତ୍ରିକାଳ ମହାମାୟା ଅର୍ଚ୍ଚନା ବିଧିଃ'। ପ୍ରତିଷ୍ଠା ଆରମ୍ଭରୁ ସମସ୍ତେ ଶରଣାଗତ ହେଲେ ଶ୍ରୀସୂର୍ଯ୍ୟ ଦେବଙ୍କର। ସେ ଶରଣାଗତ ଶ୍ଲୋକଟି ହେଲା–

ନମୋ ନମସ୍ତେଽସ୍ତୁ ସଦା ବିଭାବସୋ
ସର୍ବାତ୍ମନେ ସପ୍ତହୟାୟ ଭାନବେ।
ଅନନ୍ତ ଶକ୍ତି–ର୍ମଣିଭୂଷଣେନ
ଦଦସ୍ୱ ଭୁକ୍ତିଂ ମମ ମୁକ୍ତିମବ୍ୟୟାମ୍।

ନିବେଦନ ଥିଲା– ହେ ସୂର୍ଯ୍ୟଦେବ ! ଆପଣ ସର୍ବାତ୍ମା।
ଆପଣଙ୍କ ରଥରେ ସପ୍ତ ଅଶ୍ୱ ସଂଯୋଜିତ।
ଆପଣ– ପ୍ରକାଶଦୀପ୍ତ ଭାନୁଦେବ।
ଆପଣ – ମଣିମୟ ଆଭୂଷଣ ବିଭୂଷିତ।
ଆପଣ – ଅନନ୍ତ ଶକ୍ତିସମ୍ପନ୍ନ।
ଆପଣ– ଅକ୍ଷୟ ମୋକ୍ଷ ପ୍ରଦାନ କରନ୍ତୁ।
ଆପଣ– ସମସ୍ତ ବିଶ୍ୱର ଆଲୋକଦାତା।
ଆପଣ– ଅବ୍ୟୟ ମୁକ୍ତି ପ୍ରଦାତା।

ପ୍ରସଙ୍ଗ ଦୃଷ୍ଟିରୁ ଧ୍ୱଜପଦ୍ମର ସ୍ଥାନାନ୍ତର ବିଷୟ ଆମେ ଦେଖିବା। ମନ୍ଦିର ଶୀର୍ଷରେ ଏହା ସ୍ଥାନ ପାଇଥିଲା। ହାସିମ୍ ଖାଁ ୧୬୦୭ ମସିହାରେ ଓଡ଼ିଶାର ସୁବାଦାର ହୋଇ ଆସିଥିଲେ। ଦିଲ୍ଲୀର ବାଦଶାହା ଥିଲେ ଜାହାଙ୍ଗୀର। କେଶୋ ଦାସଙ୍କୁ ସେନାପତିରୁ ଜାଗିରଦାର କରି ଓଡ଼ିଶାକୁ ଲୁଣ୍ଠନ କରିବା ପାଇଁ ପଠାଇଥିଲେ ହାସିମ୍ ଖାଁ। ୧୬୧୦ ମସିହାରେ ସେ ଶ୍ରୀମନ୍ଦିର ଆକ୍ରମଣ କରିବା ପୂର୍ବରୁ ୧୬୦୯ରେ କୋଣାର୍କଠାରୁ ଉକ୍ତ ଧ୍ୱଜପଦ୍ମ ମନ୍ଦିରର ଶିଖର ଭାଙ୍ଗି ନେଇଯାଇଥିଲେ। ତାହା କେଉଁଠିକି ନେଲେ, କାହାକୁ ଦେଲେ ତା'ର ଖୋଜଖବର ଆମେ ନେଇନେ। କେଶୋ ଦାସର ଶ୍ରୀମନ୍ଦିର ଆକ୍ରମଣ ବିଷୟ ଆମେ ଶ୍ରୀମନ୍ଦିର ଲୁଣ୍ଠନର ଇତିହାସ ପୁସ୍ତକରେ କରିଛୁ। ଶରଧାବାଲିରେ ଗୁଣ୍ଡିଚା ଯାତ ବେଳେ ରଥ ଥିଲା। ନିଆଁ ଲଗେଇ ପୋଡ଼ିଦେବା ପରେ ଶ୍ରୀମନ୍ଦିର ଭିତରେ ପ୍ରବେଶ କରି ଚାରିଦ୍ୱାର ବନ୍ଦ କରିଦେଇଥିଲା। ପରେ ଗଜପତିଙ୍କ ସହିତ ସେ ଯେଉଁ ସନ୍ଧି କରିଥିଲା, ତାହା ଥିଲା ବିଶ୍ୱର ଲୋମହର୍ଷଣକାରୀ ସନ୍ଧି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନାରୀ ସଶକ୍ତୀକରଣକୁ ସ୍ୱତନ୍ତ୍ରତାର ରୂପ ମିଳିଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୮ ।୩(ରବିନାରାୟଣ ଜେନା)

ରାଜ୍ୟରେ ମହିଳାମାନଙ୍କ ବିକାଶ ପାଇଁ ଭାଜପା ସରକାର ପ୍ରତିଶ୍ରୁତିବଦ୍ଧ। ନାରୀଶକ୍ତି ସାମାଜିକ, ରାଜନୈତିକ, ଅର୍ଥନୈତିକ ବ୍ୟବସ୍ଥାର ଅଭିନ୍ନ ଅଙ୍ଗ। ଆଜିର ନାରୀ ଆଉ ଅବଳା ନୁହେଁ, ଚାଷ କ୍ଷେତ୍ରରୁ ଆରମ୍ଭ କରି ଶିକ୍ଷା, ଉଡାଜାହାଜ ଓ ରକେଟ ଚଳାଇବା ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ଆଗରେ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଓଡ଼ିଶାରେ ସବୁଦିଗରେ ନାରୀମାନଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ଭାଜପା ଶାସନରେ ମହିଳା ଉନ୍ନତି ପଥରେ ଅଗ୍ରସର ହେଉଛନ୍ତି। ନାରୀ ସଶକ୍ତୀକରଣକୁ ସ୍ୱତନ୍ତ୍ରତାର ରୂପ ଭାଜପା ସରକାର ଦେଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।



ମୋହନ ଚରଣ ମାଝୀ

ରାଜ୍ୟ ଭାଜପା କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ଅନ୍ତର୍ଜାତୀୟ ମହିଳା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୧୪ରେ ପ୍ରଧାନମନ୍ତ୍ରୀ ଦେଶର ଶାସନ ଭାର ସମ୍ଭାଳି ଥିଲେ। ଏହାପରେ ମହିଳା ସଶକ୍ତୀକରଣ ପାଇଁ ସେ ଅନେକ ଯୋଜନା ଆରମ୍ଭ କରିଛନ୍ତି। ସେ

## ଭାଜପାର ଅନ୍ତର୍ଜାତୀୟ ମହିଳା ଦିବସ

ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବାର ମାତ୍ର ୮ ମାସରେ ବେଟି ବଚାଓ,ବେଟି ପଢ଼ାଓ ଯୋଜନା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶା ସରକାର ମଧ୍ୟ ମହିଳାଙ୍କ ବିକାଶ ପାଇଁ ଗତ ୨ ବର୍ଷ ହେବ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମହିଳା ସଶକ୍ତୀକରଣ ପାଇଁ ରାଜ୍ୟ ସରକାର ସୁଭଦ୍ରା ଯୋଜନା ଲାଗୁ କରିଛନ୍ତି। ଏହି ଯୋଜନାର ୪ କିସ୍ତିରେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଛି। ଲକ୍ଷପତି ଦିଦି ବନେଇବାରେ ସାରା ଦେଶରେ ଓଡ଼ିଶା ଅଗ୍ରଣୀ ସ୍ଥାନରେ ରହିଛି। ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା ଏକତ୍ର ଭାବେ ଓଡ଼ିଶା ସରକାର କାର୍ଯ୍ୟକାରୀ କରିଛନ୍ତି। ଏହାଦ୍ୱାରା ଝିଅ ଜନ୍ମଠାରୁ ପାଠପଢ଼ା ପର୍ଯ୍ୟନ୍ତ ଚିନ୍ତା ଦୂର ହୋଇଛି। ଆର୍ଥିକ ଅନଗ୍ରସର ମହିଳାଙ୍କ ପାଇଁ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ' ଯୋଜନା ଆରମ୍ଭ କରାଯାଇଛି। କନ୍ୟାସନ୍ତାନ ଜନ୍ମକୁ ପ୍ରୋତ୍ସାହିତ କରିବା ପାଇଁ ସରକାର 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ' ଯୋଜନା ଆରମ୍ଭ କରିଛନ୍ତି। ମହିଳାମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ଦକ୍ଷତା ବିକାଶ ଉପରେ ଏବେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ମହିଳାମାନଙ୍କୁ ସଶକ୍ତ କରିବା ସହ ସେମାନଙ୍କ ଆର୍ଥିକ ସ୍ୱାଧୀନତା ତଥା ବିକାଶର ଧାରାକୁ ଦ୍ୱିଗୁଣିତ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟ ମହିଳାମୋର୍ଚ୍ଚା ସଭାନେତ୍ରୀ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ କହିଥିଲେ, ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମହିଳାଙ୍କ ସୁରକ୍ଷା ଓ ସମୃଦ୍ଧି ପାଇଁ ପ୍ରତିଶ୍ରୁତିବଦ୍ଧ। ନିର୍ବାଚନ ବେଳେ ମହିଳାଙ୍କ ଉନ୍ନତି ପାଇଁ ଭାଜପା ସରକାର ଯାହା ସବୁ ଘୋଷଣା କରିଥିଲା ତାହା ସବୁ ପୂରଣ କରିଛନ୍ତି। ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ସେମାନଙ୍କ ଆର୍ଥିକ ବିକାଶ ଲାଗି ଅନେକ ପଦକ୍ଷେପ ନେଇଛନ୍ତି। ଏହି ଅବସରରେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ୯ ଜଣ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ଉତ୍ତରୀୟ ଏବଂ ଫଳକ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସାମାଜିକ ଗଣମାଧ୍ୟମ ସଂଯୋଜକ ସୁଜାତା ପାଢ଼ୀ, ବିଶିଷ୍ଟ ମହିଳା ଧାବିକା ଦୂତି ଚାନ୍ଦ, ବିଶିଷ୍ଟ ଗାୟିକା ସୁସ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପାରେ ନେତୃତ୍ୱ ସଙ୍କଟ:ନବୀନ

## ବିଜେଡି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

ଭୁବନେଶ୍ୱର,୮ ।୩(ରବିନାରାୟଣ ଜେନା)

ରାଜ୍ୟରେ ନାରୀମାନଙ୍କ ଉପରେ ନିର୍ଯାତନା ବଢ଼ି ଚାଲିଥିବାବେଳେ ଶୁଣିବାକୁ କେହି ନାହାନ୍ତି। ରାଜ୍ୟରେ ଭାଜପା ସରକାରରେ ଏବେ ନେତୃତ୍ୱ ସଙ୍କଟ ସୃଷ୍ଟି ହୋଇଛି ବୋଲି ବିରୋଧୀଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଛନ୍ତି।

ଶଙ୍ଖ ଭବନରେ ରବିବାର ବିଜେଡି ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନବୀନ କ୍ଷୋଭ ପ୍ରକାଶ କରି କେତେଦିନ ଏମିତି ଚାଲିବ ବୋଲି ପ୍ରଶ୍ନ କରିଥିଲେ। ସେ କହିଥିଲେ, ବିଜେଡି ମା'ମାନଙ୍କ ସମ୍ପୂର୍ଣ୍ଣ ସଶକ୍ତୀକରଣରେ ବିଶ୍ୱାସ କରେ। ସମାଜର ବୃହତ୍ତର ବିକାଶରେ ମହିଳାଙ୍କ ଗୁରୁତ୍ୱକୁ ବିଜୁବାବୁ ଭଲ ଭାବରେ ବୁଝିଥିଲେ ଓ ସେ ଦିଗରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ ବୋଲି ନବୀନ କହିଛନ୍ତି।

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ରାଜ୍ୟସଭା ପ୍ରାର୍ଥୀ ଡ. ସଂତୃପ୍ତ ମିଶ୍ର, ପ୍ରମୁଖ ଉପସ୍ଥିତ ଥିଲେ।

## ମନେ ପଡ଼ନ୍ତି


### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**୰ପ୍ରମିଳା ଜେନା**

ଆବିର୍ଭାବ: ୧୪।୦୧।୧୯୬୪ ତିରୋଧାନ: ୧୪।୦୩।୨୦୨୫

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ:** ସ୍ୱାମୀ- ସୁର ଜେନା, ବଡ଼ ପୁଅ- ଅନିଲ୍ କୁମାର ଜେନା, ସାନ ପୁଅ- ସୁନିଲ୍ କୁମାର ଜେନା, ବଡ଼ ଝିଅ- ମଞ୍ଜୁଲତା ଜେନା, ସାନ ଝିଅ- ସଞ୍ଜୁଲତା ଗୋଚ୍ଛାୟତ୍, ବଡ଼ ବୋହୂ- ରଶ୍ମିରେଖା ଜେନା, ସାନ ବୋହୂ- ମିତାଲୀ ଜେନା, ବଡ଼ ଜ୍ୱାଇଁ- ସଂଗ୍ରାମ କୁମାର ଜେନା, ସାନ ଜ୍ୱାଇଁ- ସୂର୍ଯ୍ୟମଣି ଗୋଚ୍ଛାୟତ୍, ବଡ଼ ପୁଅର ଝିଅ- ଆଦ୍ୟାଶ୍ରୀ ଜେନା (ନାତୁଣୀ), ସାନ ପୁଅର ପୁଅ- ଲେଲିନ୍ ଜେନା (ନାତି), ବଡ଼ ଝିଅର ପୁଅ- ସାଇରାମ ଜେନା (ନାତି) (ବଡ଼), ସାନ ଝିଅର ଝିଅ- ପଦ୍ମିନୀ ଗୋଚ୍ଛାୟତ୍ (ବଡ଼ ନାତୁଣୀ), ପ୍ରିୟଦର୍ଶନୀ ଗୋଚ୍ଛାୟତ୍ (ସାନ ନାତୁଣୀ) ।

D-3526

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ ରବୀନ୍ଦ୍ର କୁମାର ମଙ୍ଗରାଜ**

ଖୋର୍ଦ୍ଧା
ଆବିର୍ଭାବ: ୦୧।୦୩।୧୯୬୫
ତିରୋଧାନ: ୦୨।୦୪।୨୦୨୧
ଚୈତ୍ର କୃଷ୍ଣପକ୍ଷ ଷଷ୍ଠୀ

ହୋଇନଥିଲା ତ ସମୟ ହେଲେ ଅସ୍ତ ତୁମେ ହୋଇଗଲ, ଆକାଶ କାନ୍ଦିଲା ମାଟି ବି ଭିଜିଲା ନିଦ୍ରାରେ ଶୋଇଗଲ। ସରିନାହିଁ ତୁମ କର୍ତ୍ତବ୍ୟର ସୂଚୀ ଆହୁରି ଅନେକ ବାକି, ସରି ତ ନଥିଲା ସ୍ୱପ୍ନଦେଖା ତୁମ, ପାଇଗଲା ସିନା ରାତି। କିପରି କରିବି ପୂର୍ଣ୍ଣ ତୁମ ସ୍ୱପ୍ନ ଦିଅ ମତେ ତୁମେ ଶକ୍ତି। ତୁମର ଆତ୍ମା ପରମାତ୍ମାରେ ଲୀନ ହେଉ ଏହା ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ପତ୍ନୀ, ପୁତ୍ର ଓ ପରିବାରବର୍ଗ

ଧ-୩୫୭୭


# ମହିଳାଙ୍କ ନ୍ୟାୟ ପାଇଁ ଲଢ଼େଇ ଜାରି ରହିବ:ଭକ୍ତ

ଭୁବନେଶ୍ୱର, ୮।୩ (ରବିନାରାୟଣ ଜେନା)

## କଂଗ୍ରେସର ଆନ୍ତର୍ଜାତିକ ମହିଳା ଦିବସ

ରାଜ୍ୟ ସରକାର ମହିଳାଙ୍କୁ ସୁରକ୍ଷିତ ରଖିବେ ଓ ସ୍ୱାବଲମ୍ବୀ କରିବେ ବୋଲି ନିର୍ବାଚନୀ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଲେ। କିନ୍ତୁ କ୍ଷମତା ହାସଲ ପରେ ସେସବୁ ଭୁଲି ଗଲେ। ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ପାଇଁ କଂଗ୍ରେସ ସବୁ ବେଳେ ସଂଗ୍ରାମ କରି ଆସିଛି ଓ ଆଗକୁ ମଧ୍ୟ ଲଢ଼େଇ ଜାରି ରଖିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ଭକ୍ତ କହିଥିଲେ, ଆଜିର ଦିନ ଆମମାନଙ୍କ ପାଇଁ ସଂକଳ୍ପର ଦିନ। କଂଗ୍ରେସ ପୀଡ଼ିତା, ନିଷ୍ପେଷିତା ଓ ଅବହେଳିତାଙ୍କ ଅଧିକାର ପାଇଁ ଦିନରାତି ସଂଗ୍ରାମ କରୁଛି। ସେ କହିଥିଲେ, ରାଜ୍ୟରେ ଦିନକୁ ୧୫ ମହିଳା ବଳାତ୍କାରରେ ଶିକାର ହେଉଛନ୍ତି। ଓଡ଼ିଶାରୁ ୬୦ ହଜାର ମହିଳା ଓ ଶିଶୁ ନିଖୋଜ ହୋଇଥିବା ସ୍ଥଳେ ସେମାନଙ୍କୁ ଖୋଜି ଆଣିବା ପାଇଁ ସରକାରଙ୍କର ପ୍ରୟାସ ନାହିଁ। ବିଧାନସଭାରେ କଂଗ୍ରେସ ସଦସ୍ୟମାନେ ମହିଳାଙ୍କ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବାରୁ ସେମାନଙ୍କୁ ଦୁର୍ବ୍ୟବହାର କରିବା ସହ ଗୃହ ଭିତରେ ପ୍ରବେଶ କରିବାର ଅଧିକାର ଛଡ଼ାଇ ନିଆଗଲା। ମହିଳାଙ୍କ ଅଧିକାର ପାଇଁ ପ୍ରଦେଶ କଂଗ୍ରେସ ପକ୍ଷରୁ ଯେଉଁ ବିଶାଳ ରାଲି କରାଗଲା, ସେଥିରେ ୫ ହଜାର କଂଗ୍ରେସ କର୍ମୀଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରାଗଲା। ଗାନ୍ଧୀମାର୍ଗରେ କଂଗ୍ରେସ କର୍ମୀଙ୍କୁ ପାଣି ମାଡ଼, ଠେଙ୍ଗାମାଡ଼ କରି ଲହୁ ଲୁହାଣ କରାଗଲା। ସରକାର ଆମ ଉପରେ ଯେତେ ଆକ୍ରମଣ କଲେ ବି ମହିଳାଙ୍କ ଅଧିକାର ପାଇଁ ଲଢ଼ିବୁ ବୋଲି ସେ କହିଥିଲେ। ଭକ୍ତ ଦେଶ ସ୍ୱାଧୀନତାରେ ଖାସ ଦେଇଥିବା ରାଣୀ ଲକ୍ଷ୍ମୀବାଈ, ସାବିତ୍ରୀ ବାଈ ଫୁଲେ, କସ୍ତୁରବା ଗାନ୍ଧୀ, ସରୋଜିନୀ ନାଇଡୁ, କ୍ୟାପ୍ଟେନ୍ ଲକ୍ଷ୍ମୀ ସେହେଗଲ, ଅରୁଣା ଆଶଫ ଅଲ୍ଲୀ, ମାଳତୀ ଚୌଧୁରୀଙ୍କଠାରୁ ଆରମ୍ଭ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କର ଅତୁଳନୀୟ ଅବଦାନ ସମ୍ପର୍କରେ ଅବତାରଣା କରିଥିଲେ। ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିକହିଥିଲେ।

ଶେଷରେ କଂଗ୍ରେସ ଭବନରୁ ରାଜମହଲ ଛକ ପର୍ଯ୍ୟନ୍ତ 'ମାର୍ଚ୍ଚ ଫର୍ ଜଷ୍ଟିସ୍' ରାଲି ବାହାରିଥିଲା। ଜୟଶ୍ରୀ ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ମହିଳା କଂଗ୍ରେସର ପୂର୍ବତନ ସଭାନେତ୍ରୀ ସସ୍ମିତା ବେହେରା ଓ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

# ଏପ୍ରିଲ ୮ରେ ମହମ୍ମଦ ମୋକିମଙ୍କ ନୂଆ ଦଳ

## ବିଜେଡି ସହ ହାତ ମିଳାଇବା କଂଗ୍ରେସ ପ୍ରତି ଘାତକ ହେବ

କଟକ,୮ ।୩(ଶିଳ୍ପା ପ୍ରିୟଦର୍ଶିନୀ)

ଆସନ୍ତା ଏପ୍ରିଲ ୮ତାରିଖରେ ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମଙ୍କ ନୂଆ ଦଳ 'ଓଡ଼ିଶା ଜନତା ଦଳ'ର ଶୁଭାରମ୍ଭ ହେବ। ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ହେବାକୁ ଥିବା ଏହି ଶୁଭାରମ୍ଭ ଉତ୍ସବରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଯୋଗଦେବେ ବୋଲି ରବିବାର କଟକସ୍ଥିତ ଆବାସିକ କାର୍ଯ୍ୟାଳୟରେ ମୋକିମ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ମାର୍ଚ୍ଚ ଶେଷ ସୁଦ୍ଧା ନୂଆ ଦଳ ଶୁଭାରମ୍ଭ ପାଇଁ କୁହାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ରବିବାର ଦଳୀୟ ପତାକା ଓ ଲେଖା ପ୍ରସ୍ତୁତ କରାଯାଇଛି। ଏପ୍ରିଲ ୮ରେ ଦଳର ଶୁଭାରମ୍ଭ ହେବ। ଲୋକଙ୍କର ଏହି ନୂଆ ଦଳ ପ୍ରତି ଆଗ୍ରହ ରହିଛି। ବେକାରି ସମସ୍ୟା, ଦୁର୍ନୀତି, ନିଶାକୁ ବିରୋଧ ଆଦି ବିଭିନ୍ନ ମୁଖ୍ୟ ପ୍ରସଙ୍ଗ ହେବ। ଏହି ଦଳ ଗଠନ ନେଇ ସବୁବର୍ଗର ଲୋକଙ୍କ ସହ ଆଲୋଚନା କରାଯାଇଛି। ମୁଖ୍ୟତଃ ଯୁବକମାନେ ଦଳର ନେତୃତ୍ୱ



ଇଂ. ମହମ୍ମଦ ମୋକିମ

ନେବେ। ବିଜେଡି ଧରାଶାୟୀ ହୋଇଗଲାଣି। ୨୪ବର୍ଷ ଶାସନ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକଙ୍କୁ ଭୁଆଁ ବୁଲାଇଛନ୍ତି। ନୂଆପଡ଼ା ଉପନିର୍ବାଚନରେ ବିଜେଡି ତୃତୀୟ ସ୍ଥାନରେ ରହିବା ପରେ ଏବେ ସ୍ଥିତି ଜାହିର ପାଇଁ ରାଜ୍ୟ ସଭା ନିର୍ବାଚନ ନେଇ ଚାଲ୍ ଚଳାଇଛି। ୨୪ବର୍ଷ ଧରି ବିଜେଡି କଂଗ୍ରେସକୁ ତଳିତଳାନ୍ତ କରିଛି। ଏବେ ସେହି ଦଳ ସହ ହାତ ମିଶାଇବା ଅନ୍‌ହୋଲି ଆଲାଏନ୍ସ ହେବ। ଏ ନେଇ ବହୁ ବିଧାୟକ ଅସନ୍ତୁଷ୍ଟ ରହିଛନ୍ତି। ଏପରି ନିଷ୍ପତ୍ତି କଂଗ୍ରେସ ଦଳ ପ୍ରତି ଘାତକ ହେବ। ସେହିପରି ରାଜ୍ୟ ସଭା ନିର୍ବାଚନରେ କଂଗ୍ରେସ ନିଜ ପ୍ରାର୍ଥୀ ଦେବା ସହ ନିଜ ଦମ୍‌ରେ ଲଢ଼ିଥିଲେ ଭଲ ହୋଇଥାନ୍ତା ବୋଲି ମୋକିମ କହିଛନ୍ତି।


# Classified Everyday
0674-2580101, 9692975378



REAL ESTATE
SALE

Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595. D-23



All types of physiotherapy and massage contact 9556924059 / 7656969134. D-3523

PlotsaleAIIMS Hospital, Bhubaneswar, Duplex near Retang Station. 9777433701. D-24

ଭୁବନେଶ୍ୱର KEC College ନିକଟରେ ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ contact 9178660666 ଧ-୩୫୭୪

30500sqft.Commercial Plot, Pipili Konark main road side Gharabari Boundary wall. ROR Ok. Mob- 9439583949. D-3543

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/- ରେ ତୁରନ୍ତ ବିକ୍ରି ହେବ। 9776974912. D-22

*BARIPADA* Lands for sale: in Heart of Town, Nil Litigation, Ancestral Lands belonging to reputed family contact: 9439006718 /9437001134. D-3498

ପାହାଳ, ତ୍ରିଶୁଳିଆ, ସୁନ୍ଦରପଦାଠାରେ ରିସେଲ ପ୍ଲଟ୍ କିଣି immediate ଘର କରନ୍ତୁ। 9439363944. D-3495

AFFIDAVIT

By virtue of an affidavit sworn before Notary Public, Borigumma, dated 21.02.2026, I, BHABANI AMANATYA (New name), Address: At- Khangarguda, P.O.- Kumuli, P.S.- B.Singhpur, Dist.- Koraput, Odisha-764057 declare that I have changed my name from TABHA AMANATIYA (Old name) to BHABANI AMANATYA (New name). Henceforth, I shall be known as BHABANI AMANATYA (New name) for all purposes.
BHABANI AMANATYA D-3581

By virtue of an affidavit sworn before The Notary Public, Borigumma, dated 18.02.2026, I, Khageswara Gouda, Address: At- Nuagaon, P.O.- Nuagaon, P.S.- Borigumma, Dist.- Koraput, Odisha- 764056 declare that I have changed the name of my Son from TANKESWARI GOUDA (Old name) to TUNA GOUDA (New name). Henceforth, She shall be known as TUNA GOUDA (New name) for all purposes. D-3577

By virtue of an affidavit sworn before Notary Public, Borigumma, dated 18.02.2026, I, NABADAN NAG (New name), Address: At- Semlaguda, P.O.- Mundaguda, P.S.- B.Singhpur, Dist.- Koraput, Odisha- 754057 declare that I have changed my name from NABADAN HARIJAN (Old name) to NABADAN NAG (New name). Henceforth, I shall be known as NABADAN NAG (New name) for all purposes.
Nabadan Nag D-3578

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Notary Public, Borigumma, dated 18.02.2026, I, MADAN GOUDA, Address: At- Bhatbaiguda, P.O.- Gujuniguda, P.S.- B.Singhpur, Dist.- Koraput, Odisha- 764056 declare that I have changed the name of my son from JUDESTI GOUDA (Old name) to JUDHISTHIR GOUDA (New name). Henceforth, he shall be known as JUDHISTHIR GOUDA (New name) for all purposes. D-3579

By virtue of an affidavit sworn before Notary Public, Borigumma, dated 07.03.2026, I, SOBHAMANI KUMAJHARIA (New name), Address: At- Mundaguda, P.O.- Semelaguda, P.S.- B.Singhpur, Dist.- Koraput, Odisha-764057 declare that I have changed my name from SUAMANI KUMAJHARIA (Old name) to SOBHAMANI KUMAJHARIA (New name). Henceforth, I shall be known as SOBHAMANI KUMAJHARIA (New name) for all purposes.
SOBHAMANI KUMAJHARIA D-3580

By virtue of an affidavit sworn before Executive Magistrate cum Tahasildar, Bhandaripokhari, No.- 368, dated- 19.02.2026, I, Sanjay Kumar Nayak, S/o.- Gouranga Charan Nayak, Address: At- Noulia, P.O.- Manjuri, P.S.- Bhandaripokhari, Dist.- Bhadrak, Odisha, PIN- 756222 declare that I have changed the name of my son from Jigansu Nayay to Jijnasu Nayak. Henceforth, he shall be known as Jijnasu Nayak for all purposes.
Sanjay Kumar Nayak D-3575

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## LEGAL NOTICE

Letter No.394, dated- 06.03.2026

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନଂ-୪,
ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା।
ଓ.ଏସ୍.ଏସ୍. ମୋକଦ୍ଦମା ନଂ-୧୮୧/୨୦୨୫

ନୋଟିସ୍

(ଦେୱାନୀ କାର୍ଯ୍ୟବିଧି ସଂହିତା ଆଦେଶ ନଂ-୫, ନିୟମ ନଂ-୨୦ ମୁତାବକ )

ଶ୍ରୀ ଅନନ୍ତ ଚରଣ ଟୁଡୁ ........ ବାଦୀ।

ବନାମ

ତହସିଲଦାର, ଭୁବନେଶ୍ୱର ଏବଂ ଓଗେର ........ପ୍ରତିବାଦୀ।

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:- ପ୍ରତିବାଦୀ ନଂ-୩: ବିଳାଶ ସାହୁ, ପିତା- ୰ମଦନ ସାହୁ। ପ୍ରତିବାଦୀ ନଂ-୪: ଗୌରୀ ସାହୁ, ପିତା- ୰ବାନାମ୍ବର ସାହୁ। ପ୍ରତିବାଦୀ ନଂ-୫: ଶୌରି ସାହୁ, ପିତା- ୰ବାନାମ୍ବର ସାହୁ। ପ୍ରତିବାଦୀ ନଂ-୬: ରଜନୀ ସାହୁ, ପିତା- ୰ଧୋବେଇ ସାହୁ। ପ୍ରତିବାଦୀ ନଂ-୭: ସାଧୁ ଚରଣ ସାମନ୍ତରାୟ, ପିତା- ୰ଦେବରାଜ ସାମନ୍ତରାୟ। ପ୍ରତିବାଦୀ ନଂ-୮: ହରେକୃଷ୍ଣ ପାହାଡସିଂ, ପିତା- ୰ପାଣ୍ଡୁ ପାହାଡସିଂ।

ପ୍ରତିବାଦୀ ନଂ-୩ ରୁ ୮ ମାନଙ୍କର ଠିକଣା: ସା- ଜୁଝଗଡ, ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୨୪।

ଏତଦ୍ଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ହାଲ୍ ଜମିଜମାର ଚୂଡାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନଂ-୪ରେ ଦାଖଲ କରିଛନ୍ତି। ପ୍ରତିବାଦୀମାନଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ୍ ଜାରି ହୋଇଥିଲା। କିନ୍ତୁ ଉକ୍ତ ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉକ୍ତ ମୋକଦ୍ଦମାର ଶୁଣାଣି ଆସନ୍ତା ତା.୧୩।୦୪।୨୦୨୬ରିଖ, ଦିବା ୧୧:୩୦ ଘଟିକା ସମୟରେ କରାଯିବ।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା (ନଂ-୩୫), ମୌଜା- ଭାଲୁଙ୍କା ସାବକ ଖାତା ନଂ-୪୭ (ସ୍ଥିତିବାନ୍), ସାବକ ପ୍ଲଟ୍ ନଂ-୧୮୧(ଅଂଶ), ଏହାର ସବ୍-ପ୍ଲଟ୍ ନଂ-୮୭(୫୯'x୪୦'=୨୩୬୦ ବର୍ଗଫୁଟ୍) ଓ ସବ୍-ପ୍ଲଟ୍ ନଂ-୮୮(୫୨'x୪୦'=୨୦୮୦ ବର୍ଗଫୁଟ୍), ବିକ୍ରୟ ଦଲିଲ୍‌ର ସଂଯୁକ୍ତ ନକ୍ସା ମୁତାବକ ରକବା- ଏ୦.୮୭୦ଡି. ସ୍ମ, ଏ୦.୫୮୦ଡି. ସ୍ମ, ଏ୦.୧୦୨ଡି.। ଏହାର ହାଲ୍ ବନ୍ଦୋବସ୍ତ (୨୦୧୩) ଖାତା ନଂ-୧୬୦(ସ୍ଥିତିବାନ୍), ପ୍ଲଟ୍ ନଂ-୨୦୧, ରକବା-ସ୍ମ ଏ୦.୫୭୫ଡି. (ଅଂଶ), କିସମ- ତଳା।

ଏଣୁ ଉପରୋକ୍ତ ମୋକଦ୍ଦମାରେ ପ୍ରତିବାଦୀମାନେ ନିଜେ କିମ୍ବା ତାଙ୍କର ଉତ୍ତରାଧିକାରୀ ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାର ବିଚାର କରାଯିବ।

ତାରିଖ: ୦୬।୦୩।୨୦୨୬
ଭୁବନେଶ୍ୱର

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା- କୋର୍ଟ ଅଫିସର

ଧ-୩୫୮୨



ଡ. କମଳାକାନ୍ତ ଜେନା

# ଯନ୍ତ୍ରଣା-ରଶ୍ମି

''ଏ.ଡି.ଏସ୍. ଆଣ୍ଟିନାରୁ ଅଦୃଶ୍ୟ ବିଦ୍ୟୁତ୍-ଚୁମ୍ବକୀୟ ତରଙ୍ଗ ବାହାରିଥାଏ। ଏହି ତରଙ୍ଗର ବାରମ୍ବାରତା (ଫ୍ରିକ୍ୱେନ୍ସି) ହେଉଛି ୯୫ ଗିଗାହର୍ଜ। ଅର୍ଥାତ୍ ଏକ ସେକେଣ୍ଡ ସମୟ ମଧ୍ୟରେ ୯୫,୦୦୦,୦୦୦,୦୦୦ ସଂଖ୍ୟକ ତରଙ୍ଗ ବ୍ୟକ୍ତିର ଶରୀରକୁ ସ୍ପର୍ଶ କରେ। ତରଙ୍ଗର ଅର୍ଥ ଶକ୍ତିର ପ୍ରବାହ। ଆମେ କଥା କହିଲେ ପ୍ରାୟ ୧୫୦ ହର୍ଜ ବାରମ୍ବାରତାର ଶକ୍ତିର ଶବ୍ଦ ବାହାରେ। ଯେଉଁ ତରଙ୍ଗର ବାରମ୍ବାରତା ଅଧିକ, ତାହାର ଶକ୍ତି ଅଧିକ। ଶବ୍ଦ ତୁଳନାରେ ଏ.ଡି.ଏସ୍. ତରଙ୍ଗର ଶକ୍ତି ୧୦,୦୦୦ ଗୁଣରୁ ଅଧିକ ହେବ। ଏ.ଡି.ଏସ୍.ରୁ ନିର୍ଗତ ଶକ୍ତିଶାଳୀ ବିଦ୍ୟୁତ୍-ଚୁମ୍ବକୀୟ ତରଙ୍ଗ ଯାଇ ବ୍ୟକ୍ତିର ଚର୍ମରେ ରହିଥିବା ଜଳକଣିକାଗୁଡ଼ିକୁ ଉତ୍ତେଜିତ କରାଏ।''



ଭିଙ୍ଗାରୁଜା, ଜଳାପୋଡ଼ା କିମ୍ବା ଅନ୍ୟାନ୍ୟ ବିଶୃଙ୍ଖଳା ସୃଷ୍ଟି କରିବା ଉଦ୍ଦେଶ୍ୟରେ ମାଡ଼ି ଆସୁଥିବା ଜନତାଙ୍କୁ ନିୟନ୍ତ୍ରଣ କରିବା ପାଇଁ ଆଜି ପ୍ରଶାସନ ନିକଟରେ ଯେଉଁ କେତୋଟି ଅତି ସାଧାରଣ ଉପାୟ ରହିଛି, ସେଗୁଡ଼ିକ ମଧ୍ୟରୁ ସୁରକ୍ଷାବଳ ସହାୟତାରେ ଜନତାଙ୍କ ଉପରେ ଲାଠିଚାର୍ଜ କରିବା, ଗୋଡ଼କୁ ଗୁଳିଚାଳନା କରିବା, ଦମକଳ ପାଇପ୍‌ରେ ଜନତାଙ୍କ ଉପରକୁ ପାଣି ପିଙ୍ଗିବା ଓ ଲୁହବୁହା ବାଷ୍ପର ପ୍ରୟୋଗ କରିବା ଇତ୍ୟାଦି ଅନ୍ୟତମ। ତେବେ ଯୁଗର ପରିବର୍ତ୍ତନ ଓ ବିଜ୍ଞାନର ଉନ୍ନତି ସହିତ କେତେକ ପଦ୍ଧତିରେ ପରିବର୍ତ୍ତନ ଆଣିବା ପାଇଁ ଏବେ ଗବେଷଣା ଜାରି ରହିଛି। ସେହି ଗବେଷଣାର ଫଳ ସ୍ୱରୂପ ବିନା ଆକ୍ରମଣରେ ଉତ୍ତ୍ୟକ୍ତ ଜନତାଙ୍କୁ ନିୟନ୍ତ୍ରଣ କରିବା ନିମନ୍ତେ ସଂପ୍ରତି ବିଜ୍ଞାନ ଏକ ଚମକପ୍ରଦ ଜ୍ଞାନକୌଶଳର ସନ୍ଧାନ ଦେଇଛି, ଯାହାର ନାମ 'ସକ୍ରିୟ ପ୍ରତିରୋଧ ପଦ୍ଧତି' ବା 'ଆକ୍ଟିଭ୍ ଡେନିଆଲ୍ ସିଷ୍ଟମ୍'। ସଂକ୍ଷେପରେ ଏହାକୁ 'ଏ.ଡି.ଏସ୍.' ବୋଲି କୁହାଯାଉଛି। ସାଧାରଣ ଲୋକଙ୍କ ପାଖରେ ଏହା 'ଯନ୍ତ୍ରଣା-ରଶ୍ମି' (ପେନ୍-ରେ) ନାମରେ ପରିଚିତ।

ଏ.ଡି.ଏସ୍. ତରଙ୍ଗ ପ୍ରେରକ ଯନ୍ତ୍ର (ୱେଭ୍ ଟ୍ରାନ୍ସମିଟର୍) ହୋଇଥିବାରୁ ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ସାମ୍ନାରୁ ଆସୁଥିବା ବ୍ୟକ୍ତି ଉପରକୁ ଛତା ଭଳି ଆଣ୍ଟିନାରୁ ତରଙ୍ଗ ପଠାଯାଏ। ଏହି ତରଙ୍ଗ ବ୍ୟକ୍ତିର ଶରୀରରେ ଯନ୍ତ୍ରଣା ସୃଷ୍ଟି କରେ। ଆମେରିକା ସୈନ୍ୟବାହିନୀର ଗବେଷଣାଗାର ପକ୍ଷରୁ ୧୯୮୦-୧୯୯୦ ଦଶକରେ ପ୍ରଥମେ ଏହି ଶସ୍ତ୍ରର ଜ୍ଞାନକୌଶଳ ବିଷୟରେ ଧାରଣା ଦିଆଯାଇଥିଲା। ପରେ ୨୦୦୬ ମସିହାରେ ପ୍ରତିରକ୍ଷା ବିଭାଗକୁ ଅସ୍ତ୍ରଶସ୍ତ୍ର ଯୋଗାଇ ଆସୁଥିବା ରେଥିୟନ୍ ସଂସ୍ଥା ଏହାକୁ ନିର୍ମାଣ କରିଥିଲା। ଏବେ ଏହାକୁ ଆଇନ ସୁରକ୍ଷା ସଂସ୍ଥା ଓ ସାମରିକ ସଂସ୍ଥା ଭଳି ଅନେକ ସଂସ୍ଥା ବ୍ୟବହାର କରିବା ଆରମ୍ଭ କରିଛନ୍ତି।

ଏ.ଡି.ଏସ୍. ଆଣ୍ଟିନାରୁ ଅଦୃଶ୍ୟ ବିଦ୍ୟୁତ-ଚୁମ୍ବକୀୟ ତରଙ୍ଗ ବାହାରିଥାଏ। ଏହି ତରଙ୍ଗର ବାରମ୍ବାରତା (ଫ୍ରିକ୍ୱେନ୍ସି) ହେଉଛି ୯୫ ଗିଗାହର୍ଜ। ଅର୍ଥାତ୍, ଏକ ସେକେଣ୍ଡ ସମୟ ମଧ୍ୟରେ ୯୫,୦୦୦,୦୦୦,୦୦୦ ସଂଖ୍ୟକ ତରଙ୍ଗ ବ୍ୟକ୍ତିର ଶରୀରକୁ ସ୍ପର୍ଶ କରେ। ତରଙ୍ଗର ଅର୍ଥ ଶକ୍ତିର ପ୍ରବାହ। ଆମେ କଥା କହିଲେ ପ୍ରାୟ ୧୫୦ ହର୍ଜ ବାରମ୍ବାରତାର ଶକ୍ତିର ଶବ୍ଦ ବାହାରେ। ଯେଉଁ ତରଙ୍ଗର ବାରମ୍ବାରତା ଅଧିକ, ତାହାର ଶକ୍ତି ଅଧିକ। ଶବ୍ଦ ତୁଳନାରେ ଏ.ଡି.ଏସ୍. ତରଙ୍ଗର ଶକ୍ତି ୧୦,୦୦୦ ଗୁଣରୁ ଅଧିକ ହେବ। ଏ.ଡି.ଏସ୍.ରୁ ନିର୍ଗତ ଶକ୍ତିଶାଳୀ ବିଦ୍ୟୁତ୍-ଚୁମ୍ବକୀୟ ତରଙ୍ଗ ଯାଇ ବ୍ୟକ୍ତିର ଚର୍ମରେ ରହିଥିବା ଜଳକଣିକାଗୁଡ଼ିକୁ ଉତ୍ତେଜିତ କରାଏ। ଫଳରେ ସେଗୁଡ଼ିକର ତାପମାତ୍ରା ବୃଦ୍ଧିପାଏ। ପ୍ରଥମେ ମୁହୂର୍ତ୍ତକ ପାଇଁ ବ୍ୟକ୍ତି ଜଣକ ଟାଣ ଖରାରେ ଛିଡ଼ା ହେଲା ଭଳି ଅନୁଭବ କରେ। କିନ୍ତୁ ଦୁଇ ସେକେଣ୍ଡ ସମୟ ମଧ୍ୟରେ ବ୍ୟକ୍ତିର ଶରୀରର ତାପମାତ୍ରା ବୃଦ୍ଧି ପାଇ ପ୍ରାୟ ୫୫ ଡିଗ୍ରୀ ସେଣ୍ଟିଗ୍ରେଡ୍‌ରେ ପହଞ୍ଚିଯାଏ। ସେତେବେଳେ ବ୍ୟକ୍ତି ନିଜକୁ ନିଆଁ ଭିତରେ ରହିଲା ପରି ଅନୁଭବ କରେ। ଆମ ଶରୀରର ସାଧାରଣ ତାପମାତ୍ରା ୩୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା କଥା। ତେଣୁ ୫୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରା ବ୍ୟକ୍ତିର ଶରୀର ପାଇଁ ଅସହ୍ୟ ହୋଇପଡ଼େ। ବ୍ୟକ୍ତି ଜଣକ ଅନୁଭବ କରେ, ସତେ ଯେମିତି ସେ ସୂର୍ଯ୍ୟର ନିକଟତର ହେଉଛି। ଶେଷରେ ଏତେ ତାତି ସହି ନ ପାରି ବାଧ୍ୟ ହୋଇ ଆଗକୁ ନଯାଇ ନିଜକୁ ରକ୍ଷା କରିବା ପାଇଁ ସେ ପଛକୁ ଫେରିଯାଏ।

ମାନବ ଶରୀର ଉପରେ ଏ.ଡି.ଏସ୍.ର କୌଣସି କୁପ୍ରଭାବ ପଡେ ନାହିଁ। କାରଣ ଏ.ଡି.ଏସ୍. ବ୍ୟବହାର କରୁଥିବା ତରଙ୍ଗ ମୋଟା କପଡ଼ା ଭିତର ଦେଇ ଗଳି ଯାଇ ପାରିବ, କିନ୍ତୁ ଚର୍ମର ଅତି ଭିତରକୁ ପ୍ରବେଶ କରିପାରିବ ନାହିଁ। ଏହା ଚର୍ମ ଭିତରକୁ ୧ ସେଣ୍ଟିମିଟରର ୨୫ ଭାଗରୁ ମାତ୍ର ୧ ଭାଗ ଗଭୀରତା ପର୍ଯ୍ୟନ୍ତ ପହଞ୍ଚିପାରିବ। କମ୍ ବାରମ୍ବାରତା ବିଶିଷ୍ଟ ତରଙ୍ଗ ହୋଇଥିଲେ ତାହା ଚର୍ମର ଅତି ଭିତରକୁ ପହଞ୍ଚି ପାରିଥାଆନ୍ତା। ଏ.ଡି.ଏସ୍.ଠାରୁ ୫୦୦ ମିଟର୍ ଦୂରତାରେ ରହିଥିବା ବ୍ୟକ୍ତିକୁ ଏହି ଶସ୍ତ୍ର ପ୍ରଭାବିତ କରିପାରିବ। ଜଣେ ଲୋକ ସେଇ ଦୂରତାର ବଳୟ ବାହାରକୁ ପଳେଇଗଲେ ତାହାର ତାତି ଯାଇଥିବା ଚର୍ମ ପୁଣି ସ୍ୱାଭାବିକ ଅବସ୍ଥାକୁ ଫେରି ଆସିବ। ତାକୁ ଆଉ ଯନ୍ତ୍ରଣା ଜଣାପଡ଼ିବ ନାହିଁ। ତେଣୁ ଏ.ଡି.ଏସ୍. ଦ୍ୱାରା ଶରୀର ଉପରେ ପ୍ରଭାବ ସାମୟିକ ଏବଂ ଦୀର୍ଘ ଦିନ ଧରି କୌଣସି କୁପ୍ରଭାବ ପଡେ ନାହିଁ। ଚଷମା ପିନ୍ଧୁଥିବା, ଆଖିରେ କଣ୍ଟାକ୍ଟ ଲେନ୍ସ ଲଗାଇଥିବା କିମ୍ବା ଶରୀରକୁ ଛୁଇଁଥିବା କୌଣସି ଧାତବ ଦ୍ରବ୍ୟ ରଖୁଥିବା ବ୍ୟକ୍ତି କ୍ଷେତ୍ରରେ ଏ.ଡି.ଏସ୍. ଶସ୍ତ୍ରରୁ ନିର୍ଗତ ବିଦ୍ୟୁତ୍-ଚୁମ୍ବକୀୟ ତରଙ୍ଗର ପ୍ରୟୋଗ କ୍ଷତିକାରକ ହୋଇପାରେ। କାରଣ, ଶରୀର ତୁଳନାରେ ସେଗୁଡ଼ିକ ଅଧିକ ଉତ୍ତପ୍ତ ହୋଇ ଶରୀରରେ ଫୋଟକା ସୃଷ୍ଟି କରିପାରନ୍ତି। ତେଣୁ ଏହାର ପ୍ରୟୋଗ ସବୁବେଳେ ସୁରକ୍ଷିତ ବୋଲି କୁହାଯାଇ ପାରିବ ନାହିଁ।

-ଓ.ଇ.ଏସ୍. (ପଦାର୍ଥ ବିଜ୍ଞାନ),
ପରୀକ୍ଷା ନିୟନ୍ତ୍ରକ, ଫକୀର ମୋହନ
ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
ମୋ: ୯୪୩୯୫୦୧୬୫୧

## ପାଟି ଇନ୍‌ଫେକ୍‌ଶନରୁ ହୋଇପାରେ ହୃଦ୍‌ଘାତ



ଆମେ ଖାଇସାରିବା ପରେ ଭଲ ଭାବରେ ପାଟି ସଫା ନ କଲେ ଦାନ୍ତ ମୂଳରେ ଖାଇଥିବା ଖାଦ୍ୟର ଅବଶିଷ୍ଟାଂଶ ରହି ପାଟି ଇନ୍‌ଫେକଶନ ସୃଷ୍ଟି କରିବାର ଆଶଙ୍କା ରହିଛି। ଏଥିଯୋଗୁଁ ଦାନ୍ତଜନିତ ସମସ୍ୟା ଦେଖାଦେଇପାରେ। ନିକଟରେ ଏକ ସଦ୍ୟ ଗବେଷଣାରୁ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ କଥା ଜାଣିପାରିଛନ୍ତି। ଯଦି ଜଣେ ବ୍ୟକ୍ତିଙ୍କର ପାଟି ଇନଫେକଶନ ଦୀର୍ଘଦିନ ଧରି ଲାଗି ରହିଲା, ତେବେ ପରବର୍ତ୍ତୀ ସମୟରେ ଏହା ହୃଦ୍‌ଘାତ ଭଳି ସମସ୍ୟା ସୃଷ୍ଟି କରିପାରେ। ବିଶେଷଭାବରେ ପେରିୟୋଡୋଣ୍ଟିସ୍ ଯୋଗୁ ଏହି ଆଶଙ୍କା ଅଧିକ ଥାଏ ବୋଲି ସେମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଦୀର୍ଘଦିନ ଧରି ପାଟି ଇନ୍‌ଫେକଶନ ଲାଗି ରହିଲେ ତାହା ଦାନ୍ତମୂଳକୁ ଧୀରେ ଧୀରେ ଦୁର୍ବଳ କରେ। ତେଣୁ ସକାଳେ ଏବଂ ରାତ୍ର ଭୋଜନ ପରେ ଆମେ ଭଲ ଭାବରେ ଦାନ୍ତ ଘଷିବା ଦରକାର।



## ଜାଣି ରଖନ୍ତୁ

ବ୍ୟାୟାମ କରିବା ପୂର୍ବରୁ ଆମକୁ କେତୋଟି ଦିଗ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ବ୍ୟାୟାମ କରିବା ପୂର୍ବରୁ ଯଦି ହାଲିଆ ଲାଗୁଛି ତେବେ କିଛି ସମୟ ବିଶ୍ରାମ ନିଅନ୍ତୁ। ବ୍ୟାୟାମ କରିବା ପୂର୍ବରୁ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦଭାବରେ ଆଲୋଚନା କରନ୍ତୁ। ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ମଧ୍ୟ ଭୁଲନ୍ତୁ ନାହିଁ। କେଉଁ ପ୍ରକାର ବ୍ୟାୟାମ କଲେ ତାହାର ସୁପ୍ରଭାବ ଶରୀର ଉପରେ ପଡିବ ତାହା ବି ଭଲ ଭାବରେ ଜାଣି ନିଅନ୍ତୁ। ସକାଳ କିମ୍ବା ସନ୍ଧ୍ୟାର କେଉଁ ସମୟରେ ବ୍ୟାୟାମ କରିବେ ତାହା ସ୍ଥିର କରନ୍ତୁ। ଆଉ ସେହି ଅନୁସାରେ ପ୍ରତିଦିନ ସେହି ସମୟରେ ହିଁ ବ୍ୟାୟାମ ଆରମ୍ଭ କରିବା ଭଲ। ସବୁବେଳେ ନିଜ ସାମର୍ଥ୍ୟ ଅନୁସାରେ ଯୋଗ, ବ୍ୟାୟାମ କରନ୍ତୁ ଏବଂ ଏହା କରିବା ପୂର୍ବରୁ ପାଣି ଆଦୌ ପିଅନ୍ତୁ ନାହିଁ। ସବୁଠାରୁ ଖାସ୍ କଥା ହେଲା, ବ୍ୟାୟାମ କରିବା ପୂର୍ବରୁ ନିଜର ନିତ୍ୟକର୍ମ ଶେଷ କରିବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା ବ୍ୟାୟାମ କରିବାକୁ ଆରାମ ଲାଗିଥାଏ। ସବୁବେଳେ ଏକ ପ୍ରଦୂଷଣମୁକ୍ତ ସ୍ଥାନରେ ବ୍ୟାୟାମ କରନ୍ତୁ। ବିଶେଷଭାବରେ ପାର୍କ କିମ୍ବା ଖୋଲା ପଡିଆକୁ ଏଥିଲାଗି ଚୟନ କରନ୍ତୁ।

## ଚାପଗ୍ରସ୍ତ ହୋଇଥିଲେ...



ଚାପଗ୍ରସ୍ତ ହୋଇଥିଲେ ସେଥିରୁ ମୁକ୍ତି ପାଇବା ଲାଗି ଏକ ସହଜ ଉପାୟ ରହିଛି। ତେବେ ଏଥିରୁ ରକ୍ଷା ପାଇବା ଲାଗି ଜଣେ ନିଜର ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ଉଚିତ ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ପ୍ରକାଶ କରିଛନ୍ତି। 'ଚାପ ସମସ୍ୟା ଏବଂ ଦୈନନ୍ଦିନ ଜୀବନଶୈଳୀ' ଶୀର୍ଷକ ବିଷୟ ଉପରେ ଏମାନେ ଏକ ସର୍ଭେ କରିଥିଲେ। ଅଧିକାଂଶ ସମୟ ଚାପଗ୍ରସ୍ତ ରହୁଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ଏହି ସମୟରେ ସେମାନଙ୍କୁ ନିଜର ଦୈନନ୍ଦିନ ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ସେମାନେ ଚାପରୁ କେତେ ମୁକ୍ତି ହେଉଛନ୍ତି ତାହାକୁ ତନ୍ନ ତନ୍ନ କରି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ତର୍ଜମା କରିଥିଲେ। ଶେଷରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତି କେତେକାଂଶରେ ନିଜକୁ ଚାପଠାରୁ ଦୂରେଇ ନେବାରେ ସକ୍ଷମ ହୋଇଥିଲେ ବୋଲି ରିପୋର୍ଟରେ ଦର୍ଶାଯାଇଛି।

## ଅନ୍ତ୍ରରେ...



- ଆଜିକାଲି କେତେକ ବ୍ୟକ୍ତି ସଂକ୍ରମଣ ବା ଇନଫେକଶନ ଦ୍ୱାରା ଆକ୍ରାନ୍ତ ହୋଇଥାଆନ୍ତି। ଏଥିରୁ ନିଜକୁ କେତେକାଂଶରେ ରକ୍ଷା କରିବା ଲାଗି ଭିଟାମିନ୍-ସି'ଯୁକ୍ତ ଖାଦ୍ୟ ଖାଆନ୍ତୁ। ଏହାବ୍ୟତୀତ ସବୁଜ ପନିପରିବାରୁ ପ୍ରସ୍ତୁତ ଖାଦ୍ୟ ଏବଂ ତଟକା ଫଳମୂଳ ଆଦି ଖାଆନ୍ତୁ।
- ଯଦି କୌଣସି ରୋଗରେ ଆପଣ ପୀଡ଼ିତ, ତେବେ ମନଇଚ୍ଛା ଔଷଧ ଖାଆନ୍ତୁ ନାହିଁ। ଅଭିଜ୍ଞ ଡାକ୍ତରଙ୍କ ସହ ଦେଖା କରନ୍ତୁ ଏବଂ ରୋଗ ବିଷୟରେ ଆଲୋଚନା କରି ତାଙ୍କ ପରାମର୍ଶକ୍ରମେ ମେଡ଼ିସିନ୍ ଖାଆନ୍ତୁ।
- ଅଧିକ ଲୁଣ କିମ୍ବା ଚର୍ବି ଜତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଶରୀରରେ କୋଲେଷ୍ଟରଲ୍‌ର ସ୍ତରକୁ ବଢ଼ାଇଥାଏ।
- ଖାଇବାରେ ସବୁଦିନ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇବ।
- ପ୍ରତିଦିନ ରାତିରେ ପ୍ରାୟ ୭-୮ଘଣ୍ଟା ଶୋଇବା ଦ୍ୱାରା ମୁଣ୍ଡବ୍ୟଥାରୁ ରକ୍ଷା ମିଳିଥାଏ। କାରଣ ଶୋଇବା ଦ୍ୱାରା ଆମ ମସ୍ତିଷ୍କ ଶାନ୍ତ ହୋଇଥାଏ ଓ ଆମକୁ ଆରାମ ଲାଗେ। ଏହି ସମୟରେ ମୁଣ୍ଡକୁ ମସାଜ୍ ମଧ୍ୟ କରିପାରିବେ।
- ଯଦି କୌଣସି ଔଷଧ ଖାଇଲେ ଆପଣଙ୍କର ଆଲର୍ଜି ସମସ୍ୟା ରହିଛି ତେବେ ପରାମର୍ଶ ସମୟରେ ଡାକ୍ତରଙ୍କୁ ସେ ବିଷୟରେ ଅବଗତ କରାଇବାକୁ ଭୁଲନ୍ତୁ ନାହିଁ।

## ରୋଗ ପ୍ରତିରୋଧକ ଶକ୍ତି ଓ ସକାରାତ୍ମକ ମାନସିକତା



ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ରହିବା ନିହାତି ଦରକାର। ନ ହେଲେ ଆମ ଶରୀର ଅଧିକାଂଶ ସମୟ ରୋଗାକ୍ରାନ୍ତ ରହିବାର ଆଶଙ୍କା ରହିଛି। ତେବେ ଏହାକୁ ସନ୍ତୁଳିତ ରଖିବାର ଏକ ସହଜ ତଥା ସରଳ ଉପାୟ ରହିଛି। ଯଦି ଆପଣଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହିଲା, ତେବେ ତାହାର ସୁପ୍ରଭାବ ରୋଗ ପ୍ରତିରୋଧକ ଶକ୍ତି ଉପରେ ପଡ଼ିଥାଏ। ଆଉ କେତୋଟି ବିଷୟ ପ୍ରତି ଯଦି ଜଣେ ସଚେତନ ରୁହନ୍ତି, ତେବେ ଏହା ମଧ୍ୟ ଦୃଢ଼ ରହିଥାଏ। ପ୍ରଥମ କଥା ହେଲା ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଭାତ, ଡାଲି, କ୍ଷୀର, ଛେନା, ଚିନାବାଦାମ, ସୋୟାବିନ, ଶାଗ, ସବୁଜ ପନିପରିବା, ଫଳମୂଳ, ମାଛ, ମାଂସ ଏବଂ ଅଣ୍ଡା ଖାଆନ୍ତୁ। ଆଉ ଏକ କଥା ହେଲା ବ୍ୟାୟାମ। ଏହାକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ। ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

- ଘରେ ଫାଷ୍ଟଏଡ୍ ବକ୍ସ ରଖିଥିଲେ ସେଥିରେ ଥିବା ଜିନିଷଗୁଡିକୁ ନିୟମିତ ସମୟ ବ୍ୟବଧାନରେ ଚେକ୍ କରିନିଅନ୍ତୁ। ଏହାକୁ ଏଭଳି ସ୍ଥାନରେ ରଖନ୍ତୁ ଯେମିତି ଖୋଜିବା ମାତ୍ରେ ସାଙ୍ଗେ ସାଙ୍ଗେ ପାଇପାରିବ।
- ବର୍ତ୍ତମାନ ଖରାଦିନ ଆରମ୍ଭ ହୋଇଗଲାଣି। ତେଣୁ ସବୁବେଳେ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ।
- ଖାଇ ସାରିବା ପରେ ପରେ କଦାପି ଥଣ୍ଡାଜାତୀୟ ପାନୀୟ ପିଅନ୍ତୁ ନାହିଁ। ତା'ପରେ ଏହାପରେ ନିଶାଦ୍ରବ୍ୟ ସେବନ ମଧ୍ୟ କରନ୍ତୁ ନାହିଁ।
- ଗ୍ରୀଷ୍ମ ଋତୁରେ ଏଭଳି ଖାଦ୍ୟ ଖାଆନ୍ତୁ ତାହା ଯେମିତି ସହଜରେ ହଜମ ହେବ। ଅଧିକ ତେଲମସଲା କିମ୍ବା ଗରିଷ୍ଠ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ, ତେବେ ଡାକ୍ତରଙ୍କ ସହ ପରାମର୍ଶ କରିବା ବେଳେ ନିଜର ସମସ୍ତ ସମସ୍ୟା ବିଷୟରେ ସୂଚନା ଦିଅନ୍ତୁ। ଯଦି ପୂର୍ବରୁ କାହା ପାଖରେ ଚିକିତ୍ସିତ ହେଉଥିଲେ, ତେବେ ପୁରୁଣା ପ୍ରେସକ୍ରିପଶନ ଏବଂ ପ୍ୟାଥୋଲୋଜିକାଲ ଟେଷ୍ଟ ରିପୋର୍ଟ ସାଙ୍ଗରେ ନିଅନ୍ତୁ।
- ଯଦି ଆପଣଙ୍କର ଡାଇବେଟିସ୍ ସମସ୍ୟା ରହିଛି ଏବଂ ବ୍ଲଡପ୍ରେସର ମଧ୍ୟ ଅଛି,ତେବେ ଅଧିକ ସତର୍କ ରହିବା ନିହାତି ଦରକାର। କାରଣ ଏହି ଦୁଇଟି ସ୍ୱାସ୍ଥ୍ୟ ସମସ୍ୟା ଯଦି ସବୁବେଳେ ଅସନ୍ତୁଳିତ ରହିଲା, ତେବେ ତାହା ହୃଦ୍‌ରୋଗ, କିଡ୍‌ନୀ ସମସ୍ୟା ଏବଂ ଷ୍ଟ୍ରୋକ୍ ପରି ମାରାତ୍ମକ ରୋଗକୁ ପରୋକ୍ଷରେ ଡାକିଆଣିଥାଏ।



# ଚିନ୍ତା ବଢ଼ାଇଲାଣି ମୁଖଗହ୍ୱର କର୍କଟ



ଡା. ସନ୍ଦୀପ କୁମାର ବାରିକ

''ପାଟିରେ ଘା' ହେବା, ଖାଦ୍ୟ ଗ୍ରହଣରେ କଷ୍ଟ ଅନୁଭବ ଏବଂ ବିଭିନ୍ନ ସମୟରେ ପାଟିରୁ ରକ୍ତସ୍ରାବ ହେଉଥିଲେ ଏହା ମୁଖଗହ୍ୱର କର୍କଟର ଲକ୍ଷଣ ବୋଲି ବିବେଚନା କରାଯାଏ। ତୁରନ୍ତ ଏଭଳି ପରିସ୍ଥିତିକୁ ସାମ୍ନା କରୁଥିବା ଲୋକ ଡାକ୍ତରଙ୍କ ସହ ପରାମର୍ଶ କରିବା ନିହାତି ଜରୁରୀ। ବର୍ତ୍ତମାନ ବିଜ୍ଞାନ ଆଗେଇବା ସହିତ ମୁଖଗହ୍ୱର କର୍କଟର ଅୟମାରମ୍ଭରେ ରୋଗୀ ଯଦି ଉପଯୁକ୍ତ ଚିକିତ୍ସା ପାଇଥାଏ ତେବେ ନିଶ୍ଚିତ ଭାବେ ସେ ସୁସ୍ଥ ହୋଇଯାଏ।''

ବିଭିନ୍ନ କାରଣରୁ ଏବେ ଅନେକ ପ୍ରକାର କର୍କଟ ରୋଗ ସୃଷ୍ଟି ହେଲାଣି ସତ ହେଲେ ବର୍ତ୍ତମାନ ପରିସ୍ଥିତିରେ ମୁଖଗହ୍ୱର କର୍କଟ ଅତ୍ୟଧିକ ମାତ୍ରାରେ କାୟା ବିସ୍ତାର କରୁଥିବା ଜଣାପଡିଛି। ଅତ୍ୟଧିକ ନିଶାଦ୍ରବ୍ୟ ସେବନ ସାଙ୍ଗକୁ ଜୀବନଶୈଳୀରେ ପରିବର୍ତ୍ତନ ଏବଂ ଆଧୁନିକତାର ଛାପ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଭାରତରେ ପ୍ରତି ୫ଜଣରେ ୩ଜଣ, ଆମେରିକାରେ ପ୍ରତି ୪ଜଣରେ ଜଣେ କର୍କଟ ରୋଗୀ ମୃତ୍ୟୁବରଣ କରୁଥିବା ବେଳେ ଚାଇନାରେ ପ୍ରତି ୨ଜଣରେ ଜଣେ କର୍କଟ ରୋଗୀ ଆଖି ବୁଜି ଦେଉଛନ୍ତି। ଲାନ୍‌ସେଟ ରିଜିଓନାଲ ହେଲ୍‌ଥ ସାଉଥଇଷ୍ଟ ଏସିଆ ପତ୍ରିକାରେ ଏଭଳି ଅନେକ ତଥ୍ୟ ପ୍ରକାଶ ପାଇଛି। ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦ ବା ଆଇସିଏମ୍ଆର୍ ଅଧ୍ୟୟନରୁ ଜଣାପଡେ ଯେ, ସମଗ୍ର ବିଶ୍ୱରେ ଏବେ ସର୍ବାଧିକ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି। ଏମିତିକି ଦେଶ ଅନୁସାରେ କର୍କଟ ରୋଗୀଙ୍କ ସଂଖ୍ୟା ନେଇ ଯେଉଁ ତାଲିକା କରାଯାଇଛି ସେଥିରେ ତୃତୀୟ ସ୍ଥାନରେ ରହିଛି ଭାରତ। ବିଶ୍ୱର କର୍କଟ ଜନିତ ମୃତ୍ୟୁର ୧୦ପ୍ରତିଶତ କେବଳ ଭାରତରେ ହେଉଛି। ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ ଭାରତ କର୍କଟଜନିତ ମୃତ୍ୟୁ ପରିଚାଳନା କରିବାରେ ସବୁଠୁ ଚ୍ୟାଲେଞ୍ଜକୁ ସାମ୍ନା କରିବ। କାରଣ ଗ୍ଲୋବାଲ୍ କ୍ୟାନ୍ସର ଅବଜରଭେଟୋରି-୨୦୨୨ ଏବଂ ଗ୍ଲୋବାଲ ହେଲ୍‌ଥ ଅବଜରଭେଟୋରି ତଥ୍ୟ ଆଧାରରେ ୨୦ବର୍ଷ ମଧ୍ୟରେ ୩୬ ପ୍ରକାର କର୍କଟ ରୋଗ ଉପରେ ପରୀକ୍ଷଣ ହୋଇଥିଲା ଏବଂ କର୍କଟ ରୋଗଜନିତ ମୃତ୍ୟୁ ପ୍ରତିବର୍ଷ ବୃଦ୍ଧି ପାଉଥିବା ଏହି ପରୀକ୍ଷଣ ବେଳେ ବିଶେଷଜ୍ଞ ଟିମ୍ ଜାଣି ପାରିଥିଲେ। କେବଳ ଏତିକି ନୁହେଁ ପରୀକ୍ଷଣରୁ ଆଉ କିଛି ଚିତ୍ର ମଧ୍ୟ ସାମ୍ନାକୁ ଆସିଛି।

ଉଭୟ ପୁରୁଷ ଓ ମହିଳାଙ୍କୁ ପ୍ରଭାବିତ କରୁଥିବା ୫ଟି ସାଧାରଣ କର୍କଟ ରୋଗ ସମୂହ ଭାରତରେ କର୍କଟ ମାତ୍ରା ହେଉଛି ପ୍ରାୟ ୪୪ ପ୍ରତିଶତ। ପୁରୁଷଙ୍କ ଅପେକ୍ଷା ମହିଳାମାନେ ଏ କ୍ଷେତ୍ରରେ ଅଧିକ ଜଟିଳ ସ୍ଥିତିକୁ ସାମ୍ନା କରୁଛନ୍ତି। ମହିଳାଙ୍କ ପାଇଁ ଏବେ ସବୁଠୁ ବଡ଼ କାଳ ସାଜିଛି ସ୍ତନ କର୍କଟ। ଯଦିଓ ଏହି ଏହି କର୍କଟ ଉଭୟ ପୁରୁଷ ଓ ମହିଳାଙ୍କୁ ହୋଇଥାଏ ମାତ୍ର ଏଥିରେ ଅଧିକ ଆକ୍ରାନ୍ତ ହେଉଛନ୍ତି ମହିଳା। ସ୍ତନ କର୍କଟ ସାଙ୍ଗକୁ ତାଳ ଦେଇ ବଢ଼ି ଚାଲିଛି ମୁଖଗହ୍ୱର କର୍କଟ। ପ୍ରତିବର୍ଷ ଯେତେ ପ୍ରକାର କର୍କଟ ରୋଗୀ (ପୁରୁଷ) ଚିହ୍ନଟ ହେଉଛନ୍ତି ସେଥିରେ ୯ପ୍ରତିଶତ ଶ୍ୱାସନଳୀ ଜନିତ ଏବଂ ୭ ପ୍ରତିଶତ ଖାଦ୍ୟନଳୀ ବା ପାକସ୍ଥଳୀଜନିତ ରହିଛି। ପ୍ରାୟତଃ ବୟସ୍କ ଲୋକମାନେ ସର୍ବାଧିକ ଏହି ତିନି ପ୍ରକାର କର୍କଟ ରୋଗରେ ପୀଡ଼ିତ ହେଉଛନ୍ତି। ଏହି ତିନୋଟି ମୁଖଗହ୍ୱର, ଶ୍ୱାସନଳୀ ଏବଂ



ଏହି କର୍କଟ ରୋଗ ବଢ଼ିବାରେ ନିର୍ଦ୍ଦିଷ୍ଟ କାରଣ ସମ୍ପର୍କରେ ରିପୋର୍ଟରେ କିଛି ଉଲ୍ଲେଖ ନ ଥିବା ବେଳେ ଅତ୍ୟାଧୁନିକ ଜୀବନଶୈଳୀ ସାଙ୍ଗକୁ ବିପୁଳ ପରିମାଣରେ ଗୁଟ୍‌ଖା, ତମାଖୁ, ମାଦକ ଦ୍ରବ୍ୟ ବା କେମିକାଲ ମିଶ୍ରିତ ଜର୍ଦ୍ଦାର ବ୍ୟବହାର ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଭାରତରେ ଯେତେକ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି ସେଥିରେ ଅଧିକାଂଶ ମୁଖଗହ୍ୱର କର୍କଟରେ ପୀଡ଼ିତ ଥିବା ସର୍ବେକ୍ଷଣରୁ ଜଣାପଡ଼ିଛି। ଏହା ପଛକୁ ଅଛି ଶ୍ୱାସନଳୀଜନିତ କର୍କଟ। ଖାଦ୍ୟନଳୀ ଜନିତ କର୍କଟର କାରଣ ମଧ୍ୟ ସ୍ପଷ୍ଟ ବାରି ହୋଇପଡୁଛି। ଧୂମପାନ ଓ ନିଶାସେବନ ସାଙ୍ଗକୁ ପାନ, ଗୁଟ୍‌ଖାର ବ୍ୟବହାର ଏବଂ ଏହା ସାଙ୍ଗକୁ ବାୟୁମଣ୍ଡଳ ପ୍ରଦୂଷଣ ମଧ୍ୟ ଗୋଟିଏ ଗୋଟିଏ କାରଣ ଭାବେ ଉଭା ହୋଇଛି।

ପାଟିରେ ଘା ହେବା, ଖାଦ୍ୟ ଗ୍ରହଣରେ କଷ୍ଟ ଅନୁଭବ ଏବଂ ବିଭିନ୍ନ ସମୟରେ ପାଟିରୁ ରକ୍ତସ୍ରାବ ହେଉଥିଲେ ଏହା ମୁଖଗହ୍ୱର କର୍କଟର ଲକ୍ଷଣ ବୋଲି ବିବେଚନା କରାଯାଏ। ତୁରନ୍ତ ଏଭଳି ଲକ୍ଷଣ ବିଷୟରେ ଜାଣିପାରିଲେ ଡାକ୍ତରଙ୍କ ସହ ପରାମର୍ଶ କରିବା ନିହାତି ଜରୁରୀ। ବର୍ତ୍ତମାନ ବିଜ୍ଞାନ ଆଗେଇବା ସହିତ ମୁଖଗହ୍ୱର କର୍କଟର ଅୟମାରମ୍ଭରେ ରୋଗୀ ଯଦି ଉପଯୁକ୍ତ ଚିକିତ୍ସା ପାଇଥାଏ ତେବେ ନିଶ୍ଚିତ ଭାବେ ସେ ସୁସ୍ଥ ହୋଇଯାଏ। ରେଡିଏସନ୍ ଥେରାପି ଓ କେମୋ ଥେରାପି ସହିତ ଛୋଟମୋଟ ସର୍ଜରୀର ଆବଶ୍ୟକତା ଏ କ୍ଷେତ୍ରରେ ପଡିଥାଏ। ତେଣୁ ବର୍ତ୍ତମାନ ପରିସ୍ଥିତିରେ ଏବେ ଆମ୍ଭମାନଙ୍କୁ ଅଧିକ ସଚେତନ ରହିବାର ଆବଶ୍ୟକତା ରହିଛି। ଖାଦ୍ୟପେୟଠାରୁ ଆରମ୍ଭ କରି ଅତ୍ୟାଧୁନିକ ଜୀବନଶୈଳୀ ସବୁ କ୍ଷେତ୍ରରେ ସଜାଗ ରହିବାର ସମୟ ଆସିଯାଇଛି। ନିଶା ଦ୍ରବ୍ୟଠାରୁ ଦୂରେଇ ରହିବା ସହିତ ଲକ୍ଷଣ ଦେଖିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ, ରୋଗ ଆରମ୍ଭରୁ ଉପଚାର ଏବଂ କର୍କଟରୋଗୀଙ୍କୁ ହତାଦର କରା ନ ଯିବା ଆମ ସମାଜର ମୁଖ୍ୟ କର୍ତ୍ତବ୍ୟ ପାଲଟିଯାଇଛି।

-ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ
ଭୁବନେଶ୍ୱର


ଭାରତ ରବିବାର ଟି୨୦ ବିଶ୍ୱକପ୍ ଜିତିବା ପରେ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଆତସବାଜି କାର୍ଯ୍ୟକ୍ରମ।

# ଭାରତୀୟ ଦଳକୁ ଅଭିନନ୍ଦନର ସୁଅ

**ଟି୨୦ ବିଶ୍ୱକପ୍ ଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇ ଚାମ୍ପିୟନ ହେବା ପରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ନିକଟକୁ ଦେଶର ବିଭିନ୍ନ କୋଣଅନୁକୋଣରୁ ଅଭିନନ୍ଦନର ସୁଅ ଛୁଟିଛି। ରାଷ୍ଟ୍ରପତିଙ୍କଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପୂର୍ବତନ କ୍ରିକେଟର, ବଲିଉଡ ଅଭିନେତା ସୋସିଆଲ ମିଡିଆ ଜରିଆରେ ଅଭିନନ୍ଦନ ଜଣାଇଛନ୍ତି।**

“ଆଇସିସି ଟି୨୦ ବିଶ୍ୱକପ୍ ଜିତି ଅନେକ ଉପଲବ୍ଧି ହାସଲ କରିଥିବା ଭାରତୀୟ ଦଳକୁ ହୃଦୟରୁ ଅଭିନନ୍ଦନ। ଭାରତ ଏକମାତ୍ର ଦେଶ ଭାବେ ତୃତୀୟ ଥର ଓ ଲଗାତର ଦ୍ୱିତୀୟ ଥର ପାଇଁ ଟ୍ରଫି ଜିତିଛି। ଏହା ଆମ କ୍ରିକେଟ ପାଗଳ ଦେଶବାସୀଙ୍କ ପାଇଁ ଖୁବ ଆନନ୍ଦ ଓ ଗର୍ବ ଆଣିଛି। ଦଳର ପ୍ରତ୍ୟେକ ଖେଳାଳି, ପୂରା ମ୍ୟାନେଜମେଣ୍ଟ ଓ ସପୋର୍ଟ ଷ୍ଟାଫ ଏହି ସାମୂହିକ ଉପଲବ୍ଧି ଲାଗି ସର୍ବାଧିକ ପ୍ରଶଂସାର ଅଧିକାରୀ। ଆମ କ୍ରିକେଟ ଦଳ ଭବିଷ୍ୟତରେ ମଧ୍ୟ ଲଗାତର ଗୌରବ ହାସଲ କରୁ ବୋଲି ମୁଁ କାମନା କରୁଛି।

**– ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**

“ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ଜିତିବା ପାଇଁ ଭାରତୀୟ ଦଳକୁ ଅଭିନନ୍ଦନ। ଏହି ଉଲ୍ଲେଖନୀୟ ଉପଲବ୍ଧି ଆମ ଖେଳାଳିଙ୍କ ଅସାଧାରଣ ଦକ୍ଷତା, ନିଷ୍ଠା ଓ ଟିମୱର୍କକୁ ଦର୍ଶାଉଛି। ସେମାନେ ପୂରା ଟୁର୍ନାମେଣ୍ଟରେ ଜବରଦସ୍ତ ଧୈର୍ଯ୍ୟ ପ୍ରଦର୍ଶିତ କରିଛନ୍ତି। ଏହି ବିଜୟ ପ୍ରତ୍ୟେକ ଭାରତୀୟଙ୍କ ହୃଦୟକୁ ଗର୍ବ ଓ ଆନନ୍ଦରେ ଭରି ଦେଇଛି। ୱେଲ ଡନ, ଟିମ୍ ଇଣ୍ଡିଆ।

**– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

“ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ଜିତିବା ପାଇଁ ଭାରତୀୟ ଦଳକୁ ଅଭିନନ୍ଦନ। ଏହି ଜବରଦସ୍ତ ବିଜୟ ପ୍ରତ୍ୟେକ ଭାରତୀୟଙ୍କ ହୃଦୟକୁ ଗର୍ବ ଓ ଆନନ୍ଦରେ ଭରି ଦେଇଛି। ଖୁବ ଭଲ ଖେଳିଲ, ଚାମ୍ପିଅନ୍ସ।

**– ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ**

“ଟି୨୦ ବିଶ୍ୱକପ୍‌ରେ ଭାରତ ପ୍ରାଧାନ୍ୟ ବିସ୍ତାର କରିଛି। ଅଧିନାୟକ ସୂର୍ଯ୍ୟକୁମାର ଓ ଖେଳାଳିଙ୍କ ପ୍ରଦର୍ଶନରେ ଆନନ୍ଦିତ। ସଞ୍ଜୁ ସାମସନ, ଅଭିଷେକ ଶର୍ମା, ଇଶାନ କିଶନ ଓ ଶିବମ ଦୁବେଙ୍କ ବିସ୍ଫୋରକ ବ୍ୟାଟିଂଠାରୁ ଆରମ୍ଭ କରି ଯଶପ୍ରୀତ ବୁମରା ଓ ଅକ୍ଷର ପଟେଲଙ୍କ ଚମତ୍କାର ବୋଲିଂ ଦେଶକୁ ଗର୍ବିତ କରିଛି।

**–ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ କ୍ରୀଡ଼ା ମନ୍ତ୍ରୀ**


ଟିଭିରେ ମ୍ୟାଚ୍ ଉପଭୋଗ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

“ଭାରତ ପ୍ରଥମ ଦଳ ଭାବେ ଲଗାତର ଦ୍ୱିତୀୟଥର ପାଇଁ ଟି୨୦ ବିଶ୍ୱକପ୍ ଜିତିଛି। ଭାରତୀୟ ଦଳ ସମ୍ପୂର୍ଣ୍ଣ ରୂପେ ଏହି ଟ୍ରଫି ଉଠାଇବା ଲାଗି ହକଦାର। ଆମ ଦଳ ପୂରା ଟୁର୍ନାମେଣ୍ଟରେ ଜବରଦସ୍ତ ପ୍ରଦର୍ଶନ କରିବା ସହ ସ୍ୱତନ୍ତ୍ର ବ୍ରାଣ୍ଡର କ୍ରିକେଟ ପ୍ରଦର୍ଶିତ କରିଥିଲା। ୱେଲ ଡନ, ଟିମ୍ ଇଣ୍ଡିଆ।

**–ସଚିନ ତେନ୍ଦୁଲକର, କ୍ରିକେଟ ଆଇକନ**

“ଅହମଦାବାଦରେ ଟିମ ଇଣ୍ଡିଆର ଅବିଶ୍ୱସନୀୟ ବିଜୟ। ପୂରା ଟୁର୍ନାମେଣ୍ଟରେ ଆମ ଦଳ ଯେଉଁଭଳି କ୍ରିକେଟ ଖେଳିଥିଲା, ତାହାର କୌଣସି ତୁଳନା ନାହିଁ। କଷ୍ଟକର ପରିସ୍ଥିତିରେ ଆମ ଖେଳାଳିମାନେ ଧୈର୍ଯ୍ୟର ସହ ଖେଳି ପୁଣି ଥରେ ଚାମ୍ପିୟନ ହୋଇଛନ୍ତି। ସମସ୍ତ ଖେଳାଳି ଓ ଟିମ ମ୍ୟାନେଜମେଣ୍ଟଙ୍କୁ ଅଭିନନ୍ଦନ।

**–ବିରାଟ କୋହଲି, ମହାନ କ୍ରିକେଟର**

# ସ୍ୱପ୍ନ ସାକାର ହୋଇଛି: ସଞ୍ଜୁ ସାମସନ


କୋଚ୍ ଗୌତମ ଗମ୍ଭୀରଙ୍କ ସହ ସଞ୍ଜୁ ସାମ୍‌ସନ।

ପ୍ଲେୟର ଅଫ ଦି ଟୁର୍ନାମେଣ୍ଟ ବିବେଚିତ ସଞ୍ଜୁ ସାମ୍‌ସନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ପ୍ରକୃତରେ ତାଙ୍କୁ ସ୍ୱପ୍ନ ଭଳି ଲାଗୁଛି। ବର୍ତ୍ତମାନ ସେ ଏତେ ଖୁସି ଯେ, ତାହା ବର୍ଣ୍ଣନା କରିବା ଲାଗି ତାଙ୍କ ମୁହଁରେ ଭାଷା ନାହିଁ। ସେ ୱେଷ୍ଟଇଣ୍ଡିଜରେ ୨୦୨୪ ବିଶ୍ୱକପ୍ ବିଜୟୀ ଦଳ ସହିତ ଥିଲେ। ମାତ୍ର ତାଙ୍କୁ ଗୋଟିଏ ହେଲେ ମ୍ୟାଚ୍‌ରେ ଖେଳିବା ଲାଗି ସୁଯୋଗ ମିଳି ନ ଥିଲା। ସେହିଦିନଠାରୁ ସେ ସ୍ୱପ୍ନ ଦେଖିବାରେ ଲାଗିଲେ ଏବଂ କଳ୍ପନା କରି ଚାଲିଲେ। ସ୍ୱପ୍ନକୁ କିପରି ସାକାର କରିବେ ସେ ଦିଗରେ କାର୍ଯ୍ୟ କରି ଚାଲିଲେ। ଭଗବାନଙ୍କ ଆଶୀର୍ବାଦରୁ ତାଙ୍କ ସ୍ୱପ୍ନ ଏବେ ସାକାର ହୋଇଛି। ନ୍ୟୁଜିଲାଣ୍ଡ ସିରିଜ ପରେ ମୁଁ ଖୁବ୍ ଭାଙ୍ଗି ପଡ଼ିଥିଲି। ଭଗବାନ ବୋଧହୁଏ ମୋ ପାଇଁ ଭିନ୍ନ ଯୋଜନା ରଖିଥିଲେ। ମୋ ଖରାପ ସମୟରେ ଗତ କିଛି ମାସ୍ ହେଲା ମୁଁ ସଚିନ (ତେନ୍ଦୁଲକର)ଙ୍କ ସହ ନିୟମିତ ଯୋଗାଯୋଗରେ ଥିଲି। ଏଥିରୁ ମୁକୁଳିବା ପାଇଁ ସେ ମୋତେ ଗାଇଡ୍ କରି ଆସୁଥିଲେ। ତାଙ୍କ ସହିତ ମୋର ବହୁ ବାର୍ତ୍ତାଳାପ ମଧ୍ୟ ହୋଇଛି। ଯେଉଁମାନେ ମୋତେ ସାହାଯ୍ୟ କରିଥିଲେ। ସେମମାନଙ୍କ ନିକଟରେ ଆମେ କୃତଜ୍ଞ।

## ଟ୍ରଫି ଆଣିଲେ ଧୋନୀ-ରୋହିତ

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଟି୨୦ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ଖେଳାଯିବା ପୂର୍ବରୁ ଭାରତର ଦୁଇ ପୂର୍ବତନ ଅଧିନାୟକ ରୋହିତ ଶର୍ମା ଓ ମହେନ୍ଦ୍ର ସିଂ ଧୋନୀ ବିଶ୍ୱକପ୍ ଟ୍ରଫି ସହ ପ୍ରଥମେ ଗ୍ରାଉଣ୍ଡରେ ପ୍ରବେଶ କରିଥିଲେ। ତାଙ୍କ ସହିତ ଏହି ଅବସରରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମୁଖ୍ୟ ଜୟ ଶାହା ଓ ଚଳିତ ବିଶ୍ୱକପ୍‌ର ମୁଖ୍ୟ ପ୍ରସାରଣକାରୀ ସଂସ୍ଥା ଜିଓଷ୍ଟାର ଭାଇସ୍ ଚେୟାରମ୍ୟାନ ଉଦୟ ଶଙ୍କର ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୨୦୦୭ରେ ଧୋନୀ ଓ ୨୦୨୪ରେ ରୋହିତଙ୍କ ନେତୃତ୍ୱରେ ଭାରତ ଟି୨୦ ବିଶ୍ୱକପ୍ ଜିତିଥିଲା।


ଆଇସିସି ଚେୟାରମ୍ୟାନ ଜୟ ଶାହା, ଭାରତର ଦୁଇ ପୂର୍ବତନ ଅଧିନାୟକ ରୋହିତ ଶର୍ମା ଓ ମହେନ୍ଦ୍ର ସିଂ ଧୋନୀ ଏବଂ ଜିଓଷ୍ଟାର ଭାଇସ୍ ଚେୟାରମ୍ୟାନ ଉଦୟ ଶଙ୍କର ପଡ଼ିଆ ମଧ୍ୟକୁ ବିଶ୍ୱକପ୍ ଟ୍ରଫି ଆଣୁଛନ୍ତି।



ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ନାଲ୍‌କୋ ସିଏମ୍‌ଡି ବ୍ରଜେନ୍ଦ୍ର ପ୍ରତାପ ସିଂ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସମ୍ବର୍ଦ୍ଧିତ କରୁଛନ୍ତି। କ୍ରୀଡ଼ାରେ ଉତ୍କର୍ଷତା ଲାଗି ଶ୍ରଦ୍ଧାଞ୍ଜଳି ନିକଟରେ ଡକ୍ଟରେଟ ଉପାଧି ଲାଭ କରିଥିଲେ।

# ଏଫ୍‌ଆଇଭିବି ବିଚ୍ ଭଲିବଲ: ଆମେରିକା, ବେଲଜିୟମକୁ ସ୍ୱର୍ଣ୍ଣ

ଭୁବନେଶ୍ୱର,୮।୩(ଅନାଦି କର)

କିଟ୍ ୟୁନିଭର୍ସିଟିସ୍ଥିତ ଦୂତୀଚାନ୍ଦ ଆଥଲେଟିକ୍ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଭିବି ବିଚ୍ ଭଲିବଲ ପ୍ରୋ ଟୁର ଚ୍ୟାଲେଞ୍ଜ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ପୁରୁଷ ବିଭାଗରେ ବେଲଜିୟମ ଓ ମହିଳା ବିଭାଗରେ ଆମେରିକା ଚାମ୍ପିୟନ ହୋଇଛନ୍ତି।

ପ୍ରଥମେ ଖେଳାଯାଇଥିବା ମହିଳା ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଆମେରିକାର ହ୍ୟୁଜେସ ଓ ବାଟେନହୋର୍ଷ୍ଟ ୨-୧ (୧୯-୨୧, ୨୧-୧୫, ୨୧-୧୨) ଗେମ୍‌ରେ ନିଜ ଦେଶର ମାଇସଜକୋସ୍କି ଓ କାନଙ୍କୁ ହରାଇଥିଲେ। ଫାଇନାଲ ମ୍ୟାଚ୍‌ରେ ଆମେରିକାର ଡୁରିଶ ଓ କୋଏନିଗଙ୍କ ଯୋଡ଼ି ୨-୦ (୨୧-୧୮, ୨୧-୧୬) ଗେମ୍‌ରେ ଜାପାନର ଶିବା ଓ ରେଇକାଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଥିଲା। ସେହିଭଳି ପୁରୁଷ ବ୍ରୋଞ୍ଜ ମେଡାଲ ମ୍ୟାଚ୍‌ରେ ଇସ୍ରାଏଲର ଏଲଜାର ଓ ସୁଜମିସିଓଭ ୨-୦ (୨୧-୧୯, ୨୧-୮) ଗେମ୍‌ରେ ଡେନମାର୍କର ବ୍ରିନକ ଓ ହଉମ୍ୟାନଙ୍କୁ ପରାସ୍ତ କରିଥିଲା। ପୁରୁଷ ଫାଇନାଲରେ ବେଲଜିୟମର ଭରକାଉଟରେନ ଓ ଭାନ ଲାଙ୍ଗେନଡଙ୍କ ୨-୦ (୨୧-୧୦, ୨୨-୨୦) ଗେମ୍‌ରେ ଚେକ୍ ଗଣରାଜ୍ୟର ସେପକା ଓ ଡିଜାଭୋରୋନୋକଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ କିଟ ଓ କିସ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଏବଂ କେନ୍ଦ୍ରୀ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡଭ୍ୟଙ୍କ ଭିଡିଓ ବାର୍ତ୍ତା ପ୍ରଦର୍ଶିତ କରାଯାଇଥିଲା। ସେ ଓଡ଼ିଶା ଭଲିବଲ ଆସୋସିଏଶନ ସଭାପତି ଓ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆର ଚିଫ ପାଟ୍ରନ ମଧ୍ୟ ଅଛନ୍ତି। ପୁରସ୍କାର ବିତରଣ ଉତ୍ସବରେ କିଟ ୟୁନିଭର୍ସିଟି ରେଜିଷ୍ଟ୍ରାର ଡ. ଜ୍ଞାନ ରଞ୍ଜନ ମହାନ୍ତି, କ୍ରୀଡ଼ା ଉପଦେଷ୍ଟା ଉପେନ୍ଦ୍ର କୁମାର ମହାନ୍ତି, ଭିସି ଡ. ସରଞ୍ଜିତ ସିଂ, ଓଲିଉଡ ଅଭିନେତା ଦେବାଶିଷ ପାତ୍ର, ଭାରତୀୟ ବେସବଲ ଆସୋସିଏଶନର ସଭାପତି ପଙ୍କଜ ଲୋଚନ ମହାନ୍ତି ଯୋଗ ଦେଇଥିଲେ।


ଉଦ୍‌ଯାପନୀ ଉତ୍ସବରେ କୃତୀ ଖେଳାଳିଙ୍କ ସହ ଅତିଥିବୃନ୍ଦ।

## ଭାରତର ଆଇସିସି ଟ୍ରଫି

| ବର୍ଷ | ଟୁର୍ନାମେଣ୍ଟ | ଅଧିନାୟକ |
|---|---|---|
| ୧୯୮୩ | ଆଇସିସି ଦିନିକିଆ ବିଶ୍ୱକପ୍ | କପିଳ ଦେବ |
| ୨୦୦୭ | ଟି୨୦ ବିଶ୍ୱକପ୍ | ମହେନ୍ଦ୍ର ସିଂ ଧୋନୀ |
| ୨୦୧୧ | ଆଇସିସି ଦିନିକିଆ ବିଶ୍ୱକପ୍ | ମହେନ୍ଦ୍ର ସିଂ ଧୋନୀ |
| ୨୦୧୩ | ଆଇସିସି ଚାମ୍ପିୟନ୍ସ ଟ୍ରଫି | ମହେନ୍ଦ୍ର ସିଂ ଧୋନୀ |
| ୨୦୨୪ | ଟି୨୦ ବିଶ୍ୱକପ୍ | ରୋହିତ ଶର୍ମା |
| ୨୦୨୫ | ଆଇସିସି ଚାମ୍ପିୟନ୍ସ ଟ୍ରଫି | ରୋହିତ ଶର୍ମା |
| ୨୦୨୫ | ମହିଳା ଦିନିକିଆ ବିଶ୍ୱକପ୍ | ହରମନପ୍ରୀତ କୌର |
| ୨୦୨୬ | ଟି୨୦ ବିଶ୍ୱକପ୍ | ସୂର୍ଯ୍ୟକୁମାର ଯାଦବ |

## ଟି୨୦ ବିଶ୍ୱକପ ବିଜେତା

| ବର୍ଷ | ଚାମ୍ପିୟନ | ରନରଅପ୍ |
|---|---|---|
| ୨୦୦୭ | **ଭାରତ** | ପାକିସ୍ତାନ |
| ୨୦୦୯ | ପାକିସ୍ତାନ | ଶ୍ରୀଲଙ୍କା |
| ୨୦୧୦ | ଇଂଲଣ୍ଡ | ଅଷ୍ଟ୍ରେଲିଆ |
| ୨୦୧୨ | ୱେଷ୍ଟଇଣ୍ଡିଜ | ଶ୍ରୀଲଙ୍କା |
| ୨୦୧୪ | ଶ୍ରୀଲଙ୍କା | ଭାରତ |
| ୨୦୧୬ | ୱେଷ୍ଟଇଣ୍ଡିଜ | ଇଂଲଣ୍ଡ |
| ୨୦୨୧ | ଅଷ୍ଟ୍ରେଲିଆ | ନ୍ୟୁଜିଲାଣ୍ଡ |
| ୨୦୨୨ | ଇଂଲଣ୍ଡ | ପାକିସ୍ତାନ |
| ୨୦୨୪ | **ଭାରତ** | ଦକ୍ଷିଣ ଆଫ୍ରିକା |
| ୨୦୨୬ | **ଭାରତ** | ନ୍ୟୁଜିଲାଣ୍ଡ |

# ଜର୍ଜ ରସେଲ ଜିତିଲେ ଅଷ୍ଟ୍ରେଲିଆନ ଗ୍ରାଁପ୍ରି

ମେଲବୋର୍ନ, ୮।୩ (ଏପି)

ମର୍ସିଡିଜର ଜର୍ଜ ରସେଲ ସିଜନ ଆରମ୍ଭ ଅଷ୍ଟ୍ରେଲିଆନ ଓପନ ଫର୍ମୁଲା-୧ ଗ୍ରାଁ ପ୍ରି ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ରୋମାଞ୍ଚକ ମୁକାବିଲାରେ ତାଙ୍କ ଟିମ୍‌ମେଟ କିମି ଆଣ୍ଟୋନେଲି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ମର୍ସିଡିଜର ଏହାଥିଲା ୬୧ତମ ପ୍ରଥମ-ଦ୍ୱିତୀୟ ଫଳାଫଳ ଏବଂ ୨୦୨୪ ଲାସଭେଗାସ ଗ୍ରାଁ ପ୍ରି ପରେ ପ୍ରଥମ। ରସେଲ କହିଛନ୍ତି, ଏହି ରେସ ଚ୍ୟାଲେଞ୍ଜପୂର୍ଣ୍ଣ ହେବ ବୋଲି ଆମେ ପୂର୍ବରୁ ଆଶା କରିଥିଲୁ। ରେସ୍‌ରେ ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ଓ ଲୁଇସ୍ ହାମିଲଟନ ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଥିବା ବେଳେ ମ୍ୟାକଲରେନର ଲାଣ୍ଡୋ ନୋରିସ ଓ ରେଡବୁଲର ମାକ୍ସ ଭର୍ଷ୍ଟାପେନ୍ ଯଥାକ୍ରମେ ୫ମ ଓ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ରେସ୍‌ରେ ୭ମରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ଯଥାକ୍ରମେ ହେଲେ ଅଲିଭର ବିଅରମ୍ୟାନ(ହାସ୍), ଅର୍ଭିଡ ଲିଣ୍ଡବ୍ଲଡ (ରେସିଂ ବୁଲ୍ସ), ଗାବ୍ରିଏଲ, ବୋର୍ଟୋଲେଟ୍ (ଅଡି) ଏବଂ ପିଏରେ ଗାସ୍‌ଲି (ଅଲ୍‌ପାଇନ)।



ଟ୍ରଫି ସହ ଜର୍ଜ ରସେଲ।

# ମୁକ୍ତେଶ୍ୱର କପ୍ ସିନିୟର କ୍ରିକେଟ୍‌ରେ ଭାଗନେବେ ୧୦ ଦଳ

ଭୁବନେଶ୍ୱର, ୮।୩ (ତପନ ସ୍ୱାଇଁ)

ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଦୀର୍ଘ ୮ ବର୍ଷ ବ୍ୟବଧାନରେ ପୁଣି ହେବାକୁ ଯାଉଛି ଅଲ୍ ଓଡ଼ିଶା ସିନିୟର କ୍ରିକେଟ ଟୁର୍ନାମେଣ୍ଟ। ବିସିସିଆଇ ମ୍ୟାଚ୍ ରେଫରି ତଥା ପୂର୍ବତନ ରଣ୍‌ଜୀ ଟ୍ରଫି ଅଧିନାୟକ ପ୍ରଶାନ୍ତ ମହାପାତ୍ର, ପୂର୍ବତନ ରଣ୍‌ଜୀ ଖେଳାଳି ଏବଂ ଓସିଏର ସିନିୟର ଚୟନ କମିଟି ସଦସ୍ୟ ଶୁଭାଶିଷ ଭୂୟାଁଙ୍କ ସ୍ମୃତିରେ ଏହି ପ୍ରତିଯୋଗିତାର ୧୫ଶ ସଂସ୍କରଣ ଚଳିତ ମାସ ୧୩ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମ୍ୟାଚଗୁଡ଼ିକ ବିଜେବି କଲେଜ ଗ୍ରାଉଣ୍ଡରେ ପୂର୍ବାହ୍ନ ୯ଟାରୁ ଆରମ୍ଭ ହେବ। ନକ୍‌ଆଉଟ ଭିତ୍ତିରେ ହେବାକୁଥିବା ପ୍ରତିଯୋଗିତାରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିବେ। ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ ‘ଏ’ରେ ଆୟୋଜକ ମୁକ୍ତେଶ୍ୱର କ୍ରିକେଟ କ୍ଲବ, ପାରାମାଉଣ୍ଟ ସ୍ପୋର୍ଟିଂ, ସହିଦ ସ୍ପୋର୍ଟିଂ, ନିମପୁର ସ୍ପୋର୍ଟିଂ ଓ କିଶୋର ସ୍ପୋର୍ଟିଂ ରହିଥିବାବେଳେ ଗ୍ରୁପ୍ ‘ବି’ରେ ରାମେଶ୍ୱର ସ୍ପୋର୍ଟିଂ, ରାଉରକେଲା ୟୁଥ୍ କ୍ରିକେଟ କ୍ଲବ, ପ୍ରଗତି ସ୍ପୋର୍ଟିଂ, ଟାଉନ୍ କ୍ଲବ ଓ ପୁରୀର ପାୟୋନିୟର କ୍ଲବ ସ୍ଥାନ ପାଇଛି। ୧୩ ତାରିଖରେ ନିମପୁର ସ୍ପୋର୍ଟିଂ ଓ କିଶୋର ସ୍ପୋର୍ଟିଂ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ ବୋଲି ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମୁକ୍ତେଶ୍ୱର କ୍ଲବ କାର୍ଯ୍ୟକାରୀ ସଭାପତି ଗୁରଜିତ ସିଂ ଚୌହାନ ଓ ସମ୍ପାଦକ ଗୌର ପ୍ରସାଦ ନନ୍ଦ ପ୍ରକାଶ କରିଛନ୍ତି। ଶେଷଥର ପାଇଁ ୨୦୧୮ରେ ଟୁର୍ନାମେଣ୍ଟ ଆୟୋଜନ ହୋଇଥିଲା। ଏହାପରେ କୋଭିଡ ମହାମାରୀ, କ୍ଲବର କେତେଜଣ ପ୍ରମୁଖ ସଦସ୍ୟଙ୍କ ପରଲୋକ ଏବଂ ଅନ୍ୟ କେତେକ ସମସ୍ୟା ଯୋଗୁ ଟୁର୍ନାମେଣ୍ଟ ଆୟୋଜନ ସମ୍ଭବ ହୋଇ ନ ଥିଲା ବୋଲି ସୂଚନା ଦିଆଯାଇଛି। ମ୍ୟାଟିଂ ପିଚ୍‌ରେ ହେବାକୁଥିବା ପ୍ରତିଯୋଗିତାର ମ୍ୟାଚଗୁଡ଼ିକ ୪୦ ଓଭର ବିଶିଷ୍ଟ ହେବ। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କ୍ଲବର ଉପସଭାପତି ଶରଣଜିତ ସିଂ, ପ୍ରଦୋଶ ମହାନ୍ତି, ସଞ୍ଜୀବ ହଂସ, ଅଜିତ କୁମାର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ଆଞ୍ଜେଲ ରୋମି ମିଶ୍ର, କୋଷାଧ୍ୟକ୍ଷ ଦତ୍ତାତ୍ରେୟ ମିଶ୍ର, ଯୁଗ୍ମ କୋଷାଧ୍ୟକ୍ଷ ସୁନୀଲ ସାହୁ ଏବଂ ଆୟୋଜକ କମିଟି ସଦସ୍ୟ ଅନୁରାଗ ଷଡ଼ଙ୍ଗୀ, ରାହୁଲ ହୋତା, ରାଜେଶ ବେଉରିଆ ଓ ଭରତ ପ୍ରକାଶ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ମୁକ୍ତେଶ୍ୱର କ୍ରିକେଟ କ୍ଲବର କର୍ମକର୍ତ୍ତା ଓ ଅନ୍ୟମାନେ।

# ବଡ଼ ସଫଳତା, ଅବିସ୍ମରଣୀୟ

ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଫାଇନାଲରେ ନ୍ୟୁଜିଲାଣ୍ଡକୁ ୯୬ ରନରେ ପରାସ୍ତ କରି ଟି୨୦ ବିଶ୍ୱକପ ଚାମ୍ପିୟନ ହୋଇଛି ଭାରତ। ଟି୨୦ କ୍ରିକେଟ ବିଶ୍ୱକପ ଇତିହାସରେ ଏହାଥିଲା ଭାରତ ପାଇଁ ସବୁଠୁ ବଡ଼ ସଫଳତା ଏବଂ ଅବିସ୍ମରଣୀୟ। ମାତ୍ର ୧୮ ବଲ୍‌ରୁ ଅର୍ଦ୍ଧଶତକ (ବିଶ୍ୱକପ ନକ୍‌ଆଉଟରେ ଦ୍ରୁତତମ) ହାସଲ କରି ଅଭିଷେକ ଯେଉଁ ଅଭିଯାନ ଆରମ୍ଭ କରିଥିଲେ ୧୯ତମ ଓଭରରେ ତାଙ୍କର ବଲ୍‌ରେ ଜ୍ୟାକବ ଡୁଫି ଆଉଟ ହେବାସହ ତାହାର ପରିସମାପ୍ତି ଘଟିଥିଲା। ପୂର୍ବରୁ ଘରୋଇ ମାଟିରେ କୌଣସି ଦଳ କେବେହେଲେ ଏହି ବିଶ୍ୱକପ ଜିତିପାରି ନ ଥିଲା। ସେହି ଧାରା ଏବେ ଭାଙ୍ଗିଲା। ସେହିପରି କ୍ରମାଗତ ଟାଇଟଲ ଜିତି ଅନ୍ତର୍ଜାତୀୟ ଟି୨୦ରେ ନିଜ ଦକ୍ଷତା ପ୍ରତିପାଦନ କଲା ଟିମ୍ ଇଣ୍ଡିଆ। ୧୯ତମ ଓଭରରେ ନ୍ୟୁଜିଲାଣ୍ଡ ଅଲ୍‌ଆଉଟ ହେବାସହ ଆରମ୍ଭ ହୋଇଥିଲା ଭାରତର ବିଜୟ ଉତ୍ସବ। ଜାତୀୟ ପତାକା ସହ ଖେଳାଳିମାନେ ପଡ଼ିଆରେ ଉତ୍ସବ ମନାଇଥିଲେ। ଆତସବାଜି କାର୍ଯ୍ୟକ୍ରମ ମନ ମୋହିଥିଲା। ଖରାପ ଫର୍ମ ଯୋଗୁ ଏକାଧିକ ମ୍ୟାଚରେ ଦଳରୁ ବାଦ୍ ପଡ଼ିଥିବା ସଞ୍ଜୁ ସାମ୍‌ସନ ଶେଷ ୩ଟି ମ୍ୟାଚରେ ଚମତ୍କାର ପ୍ରଦର୍ଶନ କରି ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ୧୫ ରନରେ ୪ ଉଇକେଟ ନେଇଥିବା ଯଶପ୍ରୀତ୍ ବୁମ୍‌ରା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଛନ୍ତି।

## ବୁମ୍‌ରାଙ୍କ ରେକର୍ଡ

ଟି୨୦ କ୍ରିକେଟ ବିଶ୍ୱକପରେ ସର୍ବାଧିକ ଉଇକେଟ ହାସଲକାରୀ ହେବାର ରେକର୍ଡ କରିଛନ୍ତି ଭାରତର ଯଶପ୍ରୀତ୍ ବୁମ୍‌ରା। ରବିବାର ୪ ଉଇକେଟ ସଫଳତା ସହ ସେ ବିଶ୍ୱକପରେ ନିଜ ଉଇକେଟ ସଂଖ୍ୟାକୁ ୪୦ରେ ପହଞ୍ଚାଇଛନ୍ତି। ପୂର୍ବରୁ ଅର୍ଶଦୀପ ସିଂ ୩୬ ଉଇକେଟ ସହ ରେକର୍ଡର ଅଧିକାରୀ ଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷରେ ୯୬ ରନରେ ବିଜୟ ଟି୨୦ ବିଶ୍ୱକପରେ ଭାରତର ରନ ଦୃଷ୍ଟିରୁ ସର୍ବବୃହତ୍। ପୂର୍ବରୁ ଗ୍ରୁପ୍ ପର୍ଯ୍ୟାୟରେ ନାମ୍ବିୟାକୁ ୯୩ ରନରେ ପରାସ୍ତ କରିଥିଲା।

## ପାୱାର ପ୍ଲେରେ ରେକର୍ଡ

ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ଭାରତୀୟ ଦଳ ପାୱାରପ୍ଲେର ୬ ଓଭରରେ ବିନା କ୍ଷତିରେ ୯୨ ରନ କରିଥିଲା। ଏହା ଟି୨୦ ବିଶ୍ୱକପ୍ ଇତିହାସରେ ସର୍ବାଧିକ। ଏଥିପୂର୍ବରୁ ୨୦୨୪ ସଂସ୍କରଣରେ ଆଫଗାନିସ୍ତାନ ବିପକ୍ଷରେ ୱେଷ୍ଟଇଣ୍ଡିଜ୍ ୧ ଉଇକେଟ ହରାଇ ୯୨ ରନ କରିଥିଲା, ଯାହାକି ପୂର୍ବରୁ ରେକର୍ଡ ଥିଲା। ସେହିଭଳି ୨୦୧୪ ସଂସ୍କରଣରେ ଆୟର୍ଲାଣ୍ଡ ବିପକ୍ଷରେ ନେଦରଲାଣ୍ଡ ୯୧/୧ ସ୍କୋର କରିଥିଲା। ଚଳିତ ବିଶ୍ୱକପ୍‌ରେ ନାମ୍ବିୟା ବିପକ୍ଷ ମ୍ୟାଚ୍‌ରେ ଭାରତ ୮୬/୧ ସ୍କୋର କରିଥିଲା, ଯାହାକି ପୂର୍ବରୁ ଭାରତ ପାଇଁ ପାୱାରପ୍ଲେରେ ସବୁଠୁ ବଡ଼ ସ୍କୋର ଥିଲା।





ଭାରତର ବିଶ୍ୱକପ ବିଜୟ ପରେ ଗର୍ଲଫ୍ରେଣ୍ଡ ମାହିକା ଶର୍ମାଙ୍କ ସହ ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ସ୍ତ୍ରୀ ସଞ୍ଜନା ଗଣେଶନଙ୍କ ସହିତ ଯଶପ୍ରୀତ୍ ବୁମ୍‌ରା।

## ୩ ବର୍ଷରେ ଚତୁର୍ଥ ଆଇସିସି ଟ୍ରଫି

ଭାରତୀୟ ଦଳ ରବିବାର ନ୍ୟୁଜିଲାଣ୍ଡକୁ ଫାଇନାଲରେ ହରାଇ ଟି୨୦ ବିଶ୍ୱକପ୍ ଟ୍ରଫି ଜିତିଛି। ଗତ ୩ ବର୍ଷ ମଧ୍ୟରେ ଏହା ଭାରତ ପାଇଁ ଚତୁର୍ଥ ଆଇସିସି ଟ୍ରଫି। ଏଥିପୂର୍ବରୁ ଭାରତୀୟ ପୁରୁଷ ଦଳ ୨୦୨୪ରେ ଟି୨୦ ବିଶ୍ୱକପ୍ ଓ ୨୦୨୫ରେ ଆଇସିସି ଚାମ୍ପିୟନ୍ସ ଟ୍ରଫି ଜିତିଥିଲା। ସେହିଭଳି ମହିଳା ଦଳ ୨୦୧୫ରେ ଆଇସିସି ଦିନିକିଆ ବିଶ୍ୱକପ୍ ଜିତିଥିଲା। ମୋଟ ଉପରେ ଭାରତ ଅଷ୍ଟମ ଥର ପାଇଁ ଆଇସିସି ଟ୍ରଫି ଜିତିଛି।

## ସପ୍ତମ ଥର ପାଇଁ ୨୫୦ରୁ ଊର୍ଦ୍ଧ୍ୱ ସ୍କୋର

ଭାରତୀୟ ଦଳ ରବିବାର ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ୨୦ ଓଭରରେ ୫ ଉଇକେଟ ହରାଇ ୨୫୫ ରନ କରିଥିଲା। ଏହାକୁ ମିଶାଇ ଭାରତ ସପ୍ତମ ଥର ପାଇଁ ଟି୨୦ କ୍ରିକେଟରେ ୨୫୦ରୁ ଊର୍ଦ୍ଧ୍ୱ ସ୍କୋର କରିଛି। ଫାଇନାଲ ପୂର୍ବରୁ ଭାରତ ଇଂଲଣ୍ଡ ବିପକ୍ଷ ସେମିଫାଇନାଲ ଓ ଜିମ୍ବାୱେ ବିପକ୍ଷ ସୁପର-୮ ମ୍ୟାଚ୍‌ରେ ୨୫୦ରୁ ଊର୍ଦ୍ଧ୍ୱ ସ୍କୋର କରିଥିଲା। ତେବେ ସର୍ବାଧିକ ଥର ୨୫୦ରୁ ଊର୍ଦ୍ଧ୍ୱ ସ୍କୋର କରିଥିବା ଦଳମାନଙ୍କ ତାଲିକାରେ ସନରାଇଜର୍ସ ହାଇଦ୍ରାବାଦ୍ (୫ ଥର), ୱେଷ୍ଟଇଣ୍ଡିଜ୍, ଜିମ୍ବାୱେ ଓ ସରେ (୩ ଥର ଲେଖାଏ) ରହିଛନ୍ତି।




# ଉଦ୍‌ଯାପନୀରେ ରିକି ମାର୍ଟିନ ମୁଖ୍ୟ ଆକର୍ଷଣ



ପପ୍ ଆଇକନ୍ ତଥା ଦୁଇଥର ଗ୍ରାମି ପୁରସ୍କାର ବିଜେତା ରିକି ମାର୍ଟିନଙ୍କ ସଙ୍ଗୀତ ପରିବେଷଣ।

**ଅହମଦାବାଦ, ୮।୩ (ପି.ଟି.)**

ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ରବିବାର ଭାରତ ଓ ନ୍ୟୁଜିଲାଣ୍ଡ ଟି୨୦ କ୍ରିକେଟ ବିଶ୍ୱକପ୍ ପୂର୍ବରୁ ଆୟୋଜିତ ସ୍ୱଳ୍ପକାଳୀନ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ

**ଟି୨୦ ବିଶ୍ୱକପ୍**

ଆକର୍ଷଣ ଥିଲେ ପପ୍ ଆଇକନ୍ ତଥା ଦୁଇଥର ଗ୍ରାମି ପୁରସ୍କାର ବିଜେତା ରିକି ମାର୍ଟିନ। ସେ ତାଙ୍କର କେତୋଟି ଲୋକପ୍ରିୟ ସଙ୍ଗୀତ ପରିବେଷଣ କରିଥିଲେ। ତନ୍ମଧ୍ୟରେ 'ଲିଭିନ ଲା ଭିଡା ଲୋକୋ' ଓ 'ଦି କପ୍ ଅଫ୍ ଲାଇଫ୍' ଅନ୍ୟତମ। ତାଙ୍କ ସହିତ ଯୋଗ ଦେଇଥିଲେ ଭାରତୀୟ ସଙ୍ଗୀତଜ୍ଞ ସୁଖବୀର ସିଂ ଓ ଫାଲ୍‌ଗୁନୀ ପାଠକ। 'ପ୍ରିନ୍ସ ଅଫ୍ ଭାଙ୍ଗ୍‌ରା' ରୂପେ ପରିଚିତ ସୁଖବୀର ତାଙ୍କର ଏକ ବଡ଼ ଡ୍ୟାନ୍ସ ଗ୍ରୁପ୍ ସହ ଲୋକପ୍ରିୟ ପଞ୍ଜାବୀ ହିଟ୍ 'ଓହ୍ ହୋ ହୋ ହୋ' ପରିବେଷଣ କରିଥିବାବେଳେ 'ଦାଣ୍ଡିଆ କୁଇନ୍' ପାଠକ ପ୍ରାୟ ୫୦ ନୃତ୍ୟଶିଳ୍ପୀଙ୍କ ସହ ଗୁଜରାଟ ଲୋକ ସଙ୍ଗୀତ ଏବଂ ବଲିଉଡ୍‌ର କେତୋଟି ହିଟ୍ ଗୀତ ପରିବେଷଣ କରି ଇଭେଣ୍ଟର ଶୁଭାରମ୍ଭ କରିଥିଲେ। ଷ୍ଟାଡିୟମରେ ଭରପୂର ଦର୍ଶକଙ୍କ ଉପସ୍ଥିତିରେ ଲାଟିନୋ କଣ୍ଠଶିଳ୍ପୀ ତଥା ଗୀତିକାର କେତୋଟି ଲୋକପ୍ରିୟ ଗୀତ ଯଥା 'ମାରିଆ' ଓ 'ଲା କୋପା ଡି' ଲା ଭିଡା' ଦର୍ଶକଙ୍କ ମନ ମୋହିଥିଲା।




ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ରବିବାର ଟି୨୦ କ୍ରିକେଟ ବିଶ୍ୱକପର ଉଦ୍‌ଯାପନୀ ସମାରୋହ।

## ଭାରତ-ନ୍ୟୁଜିଲାଣ୍ଡ ଫାଇନାଲ ସ୍କୋର ବୋର୍ଡ

**ଭାରତ ଇନିଂସ**

ସଞ୍ଜୁ ସାମସନ-କ- ମ୍ୟାକ୍‌କୋଞ୍ଚି (ବଦଳ)-ବୋ-ଜେମ୍ସ ନିଶାମ-୮୯
ଅଭିଷେକ ଶର୍ମା-କ-ଟିମ୍ ଶିଫର୍ଟ-ବୋ-ରାଚିନ ରବୀନ୍ଦ୍ର-୫୨
ଇଶାନ କିଶନ-କ-ମାର୍କ ଚାପମ୍ୟାନ-ବୋ-ଜେମ୍ସ ନିଶାମ-୫୪
ହାର୍ଦ୍ଦିକ ପାଣ୍ଡ୍ୟା-କ-ସାଣ୍ଟନର-ବୋ-ହେନ୍‌ରୀ-୧୮
ସୂର୍ଯ୍ୟକୁମାର ଯାଦବ-କ-ରାଚିନ ରବିନ୍ଦ୍ର-ବୋ-ଜେମ୍ସ ନିଶାମ-୦
ତିଳକ ବର୍ମା- ନଟଆଉଟ-୮
ଶିବମ ଦୁବେ-ନଟଆଉଟ-୨୬
**ଅତିରିକ୍ତ:** ୮
**ମୋଟ:** (୨୦ ଓଭର/୫ଉଇକେଟ) ୨୫୫
**ଉଇକେଟ ପତନ:** ୧/୯୮, ୨/୨୦୩, ୩/୨୦୪, ୪/୨୦୪, ୫/୨୨୬

**ବୋଲିଂ (ନ୍ୟୁଜିଲାଣ୍ଡ)**

ମ୍ୟାଟ୍ ହେନ୍‌ରୀ ୪-୦-୪୯-୧
ଗ୍ଲେନ ଫିଲିପ୍ସ ୧-୦-୫-୦
ଜାକବ ଡୁଫି ୩-୦-୪୨-୦
ଲୋକି ଫର୍ଗୁସନ ୨-୦-୪୮-୦
ମିଚେଲ ସାଣ୍ଟନର ୪-୦-୩୩-୦
ରାଚିନ ରବୀନ୍ଦ୍ର ୨-୦-୩୨-୧
ଜେମ୍ସ ନିଶାମ ୪-୦-୪୬-୩

**ନ୍ୟୁଜିଲାଣ୍ଡ ଇନିଂସ**

ଟିମ୍ ସିଫର୍ଟ-କ-ଇଶାନ କିଶନ-ବୋ-ବରୁଣ ଚକ୍ରବର୍ତ୍ତୀ-୫୨
ଫିନ୍ ଆଲେନ୍-କ-ତିଳକ ବର୍ମା-ବୋ-ଅକ୍ଷର ପଟେଲ-୯
ରାଚିନ ରବୀନ୍ଦ୍ର-କ-ଇଶାନ କିଶାନ-ବୋ-ଯଶପ୍ରୀତ୍ ବୁମ୍‌ରା-୧
ଗ୍ଲେନ ଫିଲିପ୍ସ-ବୋ-ଅକ୍ଷର ପଟେଲ-୫
ମାର୍କ ଚାପମ୍ୟାନ-ବୋ-ହାର୍ଦ୍ଦିକ ପାଣ୍ଡ୍ୟା-୩
ଡେରିଲ ମିଚେଲ-କ-ଇଶାନ କିଶନ-ବୋ-ଅକ୍ଷର ପଟେଲ-୧୭
ମିଚେଲ ସାଣ୍ଟନର-ବୋ-ଯଶପ୍ରୀତ୍ ବୁମ୍‌ରା-୪୩
ଜେମ୍ସ ନିଶାମ-ବୋ-ଯଶପ୍ରୀତ୍ ବୁମ୍‌ରା-୮
ମ୍ୟାଟ୍ ହେନ୍‌ରୀ-ବୋ- ଯଶପ୍ରୀତ୍ ବୁମ୍‌ରା-୦
ଲୋକି ଫର୍ଗୁସନ-ନଟଆଉଟ-୬
ଜାକବ ଡୁଫି-କ-ତିଳକ ବର୍ମା-ବୋ-ଅଭିଷେକ ଶର୍ମା-୩
**ଅତିରିକ୍ତ:** ୧୨
**ମୋଟ:** (୧୯ ଓଭର/ଅଲଆଉଟ) ୧୫୯
**ଉଇକେଟ ପତନ:** ୧/୩୧, ୨/୩୨, ୩/୪୭, ୪/୭୦, ୫/୭୨, ୬/୧୨୪, ୭/୧୪୧, ୮/୧୪୧, ୯/୧୫୨, ୧୦/୧୫୯।

**ବୋଲିଂ (ଭାରତ)**

ଅର୍ଶଦୀପ ସିଂ ୪-୦-୩୨-୦
ହାର୍ଦ୍ଦିକ ପାଣ୍ଡ୍ୟା ୪-୦-୩୬-୧
ଅକ୍ଷର ପଟେଲ ୩-୦-୨୭-୩
ଯଶପ୍ରୀତ୍ ବୁମ୍‌ରା ୪-୦-୧୫-୪
ବରୁଣ ଚକ୍ରବର୍ତ୍ତୀ ୩-୦-୩୯-୧
ଅଭିଷେକ ଶର୍ମା ୧-୦-୫-୧

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ




**SHOWROOMS: ODISHA:** RENAULT **BHUBANESWAR CENTRAL** Ph: 7428190232. RENAULT **CUTTACK** Ph: 9311772648. RENAULT **BHUBANESWAR** Ph: 8860076082. RENAULT **BHAWANIPATNA** Ph: 9311733963. RENAULT **SAMBALPUR** Ph: 8448890323. RENAULT **JEYPORE** Ph: 9311596618.